ଧରିତ୍ରୀ 52 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୪/୨୦୨୬ (୧୬ ପୃଷ୍ଠା) | Bhubaneswar, Wednesday, February 4/2026 | Page 16 | ₹ 7.00

୫୨ଶ ଭାଗ ୭୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 72 | ମୂଲ୍ୟ ₹୭/-


# ଲୋକଙ୍କ ଡାଟା ସହ ଖେଳ ନାହିଁ

## ପ୍ରିଭେସି ପଲିସି ନେଇ ମେଟା ଓ ହ୍ୱାଟ୍ସଆପ୍‌କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ମେଟା ପ୍ଲାଟଫର୍ମ୍ସ ଓ ହ୍ୱାଟ୍ସଆପ୍ ଏଲ୍‌ସିସି ଲୋକଙ୍କ ଡାଟା ସହ ଖେଳିପାରବେ ନାହିଁ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର ଭର୍ତ୍ସନା କରିଛନ୍ତି। ମେଟା କମ୍ପାନୀର ପ୍ରିଭେସି ପଲିସି ବିରୋଧରେ ସର୍ବୋଚ୍ଚ ଅଦାଲତ କଡ଼ା ଟିପ୍ପଣୀ ଦେଇ କହିଛନ୍ତି, ସେମାନଙ୍କୁ ଭାରତୀୟମାନଙ୍କ ବ୍ୟକ୍ତିଗତ ତଥ୍ୟର ଦୁରୁପଯୋଗ କରିବାକୁ ଦିଆଯିବ ନାହିଁ। ହ୍ୱାଟ୍ସଆପ୍‌ର ଡାଟା ଶେୟାରିଂ ପଲିସି 'ଶୋଷଣକାରୀ' ଓ ଅନେକ ୟୁଜରଙ୍କ ପାଇଁ ଅବୁଝା। ତେଣୁ ଏହି ମେସେଜିଂ ଆପ୍ ଏପରି ପଲିସି ଆଣିବା କଥା, ଯାହାକୁ ଦେଶର ଅନେକ ନିୟୁତ ଗରିବ ଓ ଅଶିକ୍ଷିତ ଲୋକ ବୁଝିପାରିବେ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ତାଗିଦ କରିଛନ୍ତି। କମ୍ପାନୀ ଏଥିରେ ବିଫଳ ହେଲେ ଭାରତ ଛାଡ଼ି ଚାଲିଯିବା ଉଚିତ କହି ଅଦାଲତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।**

ନୂଆଦିଲ୍ଲୀ,୩।୨(ପି.ଟି./ଲାଇଭ୍ ଲ)

ହ୍ୱାଟ୍ସଆପ୍‌ର ପ୍ରିଭେସି ପଲିସିକୁ ନେଇ କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆ (ସିସିଆଇ) ୨୦୨୧ ନଭେମ୍ବର ୮ରେ ଏହା ଉପରେ ୨୧୩.୧୪ କୋଟି ଟଙ୍କା ଜରିମାନା କରିଥିଲେ। ହ୍ୱାଟ୍ସଆପ୍ ଏହାକୁ ନ୍ୟାଶନାଲ କମ୍ପାନୀ ଲ' ଅପିଲେଟ୍ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଏଟି)ରେ ଚ୍ୟାଲେଞ୍ଜ କରିଥିଲା। ଟ୍ରିବ୍ୟୁନାଲ ସିସିଆଇଙ୍କ ଜରିମାନା ଆଦେଶକୁ ବଳବତ୍ତର ରଖିବା ପରେ ହ୍ୱାଟ୍ସଆପ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସିଜେଆଇ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜୟମାଲା ବାଗ୍‌ଚୀ ଓ ଭିପୁଲ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ଏହି ପ୍ରସଙ୍ଗରେ ଶୁଣାଣି କରିଛନ୍ତି। ଶୁଣାଣିବେଳେ ସିଜେଆଇ କହିଛନ୍ତି, ଆମେରିକୀୟ କମ୍ପାନୀ, ତୁମେ ପ୍ରିଭେସି ସହ ଖେଳିପାରିବ ନାହିଁ। ତୁମକୁ ଆମ ଡାଟାର ଗୋଟିଏ ବି ସଂଖ୍ୟା ଶେୟାର କରିବାକୁ ଅନୁମତି ଦିଆଯିବ ନାହିଁ। ଏହାକୁ ଭାରତୀୟଙ୍କୁ ଶୋଷଣ ☞ପୃଷ୍ଠା-୨







# ଟାରିଫ୍‌କୁ ନେଇ କଂଗ୍ରେସ-ଭାଜପା ମୁହାଁମୁହିଁ

## ଚାପରେ ପ୍ରଧାନମନ୍ତ୍ରୀ ଦେଶକୁ ବିକିଦେଇଛନ୍ତି: ରାହୁଲ

ନୂଆଦିଲ୍ଲୀ,୩।୨

ଆମେରିକା ଭାରତ ଉପରୁ ଟାରିଫ୍ ହ୍ରାସ କରିବା ପ୍ରସଙ୍ଗକୁ ନେଇ କଂଗ୍ରେସ ଏବଂ ଭାଜପା ମୁହାଁମୁହିଁ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାପରେ ଦେଶକୁ ବିକି ଦେଇଛନ୍ତି ବୋଲି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିବା ସହିତ ଟାରିଫ୍ ସହିତ ଆଦାନୀ ଏବଂ ଏପ୍ଷ୍ଟିନ୍ ଫାଇଲ୍ ପ୍ରସଙ୍ଗକୁ ଯୋଡ଼ିଛନ୍ତି। ମଙ୍ଗଳବାର ସଂସଦ ବାହାରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନିଜର ପ୍ରତିକ୍ରିୟା ଦେଇ ରାହୁଲ କହିଛନ୍ତି, ବର୍ତ୍ତମାନ ଆମେରିକୀୟ ଅଦାଲତରେ ଶିଳ୍ପପତି ଗୌତମ ଆଦାନୀଙ୍କ ମାମଲା ବିଚାରାଧୀନ ରହିଛି। କିନ୍ତୁ ସେମାନେ ଆଦାନୀଙ୍କୁ ଟାର୍ଗେଟ ନ କରି ପ୍ରଧାନମନ୍ତ୍ରୀ ମୋଦି ଏବଂ ଭାଜପାକୁ ଟାର୍ଗେଟ କରୁଛନ୍ତି। କାରଣ ଆଦାନୀଙ୍କ ଆର୍ଥିକ ସାମ୍ରାଜ୍ୟ ମୋଦି ଏବଂ ଭାଜପା ଉପରେ ନିର୍ଭର କରୁଛି। ଏହାଛଡ଼ା ମୋଦିଙ୍କୁ ନେଇ ଏପ୍ଷ୍ଟିନ୍ ଫାଇଲରେ ଆହୁରି ଅନେକ ତଥ୍ୟ ଆସି ନାହିଁ। ଏହି ଦୁଇଟି ବିଷୟକୁ



ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସଂସଦ ବାହାରେ ଟାରିଫ୍‌କୁ ନେଇ ପ୍ରତିକ୍ରିୟା ଦେଉଛନ୍ତି।

ନେଇ ମୋଦି ଚାପଗ୍ରସ୍ତ ହୋଇଥିବାରୁ ଭାରତ-ଆମେରିକା ବାଣିଜ୍ୟିକ ଚୁକ୍ତିରେ ସାଲିସ୍ କରିଛନ୍ତି ଯଦ୍ୱାରା ଟାରିଫ୍‌କୁ ନେଇ ବୁଝାମଣା ହୋଇଛି। ଉଭୟ ଦେଶ ମଧ୍ୟରେ ବାଣିଜ୍ୟିକ ଚୁକ୍ତି ବୁଝାମଣା ପାଇଁ ମାସ ମାସ ବିତିଯାଇଥିଲା ବେଳେ ଅଚାନକ ଟାରିଫ୍ ହ୍ରାସ ଘୋଷଣା କେମିତି ହେଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। କିନ୍ତୁ ମୋଦି ସାଲିସ୍ କରି ଦେଶକୁ ବିକି ଦେଇଛନ୍ତି ବୋଲି ରାହୁଲ କହିଛନ୍ତି।



ପୀୟୂଷ ଗୋଏଲ

### ବାଣିଜ୍ୟ ଚୁକ୍ତି ଐତିହାସିକ : ପୀୟୂଷ ଗୋଏଲ

ଭାରତ-ଆମେରିକା ଟାରିଫ୍ ବୁଝାମଣାକୁ ନେଇ କଂଗ୍ରେସ ଉଠାଇଥିବା ଅଭିଯୋଗ ଉପରେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋଏଲ ଉତ୍ତର ରଖିବା ସହିତ ଏହାକୁ ଐତିହାସିକ ବୋଲି କହିଛନ୍ତି। ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ପୀୟୂଷ କହିଛନ୍ତି, କୌଣସି ସାଲିସ୍ ନୁହେଁ,ଆମେରିକା ସହ ସମ୍ମାନର ସହିତ ଟାରିଫ୍ ବୁଝାମଣା ହୋଇଛି। ଏଥିରେ କୌଣସିସ୍ତରରେ ଜାତୀୟ ସ୍ୱାର୍ଥକୁ ଅଣଦେଖା କରାଯାଇ ନାହିଁ। ବରଂ ଏହି ବୁଝାମଣା ଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ ଭାରତର ଅର୍ଥନୀତି ଆହୁରି ସୁଦୃଢ଼ ହେବା ସହିତ ଦେଶର ବର୍ଦ୍ଧିତ ଅର୍ଥନୈତିକ ଧାରା ଆହୁରି ସଶକ୍ତ ହେବ। ଚାଷୀଙ୍କଠାରୁ ଆରମ୍ଭ କରି ମତ୍ସ୍ୟଜୀବୀ, ମହିଳା ଉଦ୍ୟୋଗୀ, ଯୁବପିଢ଼ି ଏବଂ ଏମ୍ଏସ୍ଏମ୍ଇ କ୍ଷେତ୍ର ପାଇଁ ଅଧିକ ସୁଯୋଗ ମିଳିବ ବୋଲି ସେ କହିଛନ୍ତି। ଏହାପୂର୍ବରୁ ସେ ବିରୋଧୀଙ୍କୁ ଟାର୍ଗେଟ କରି କହିଥିଲେ, ରାହୁଲ ଗାନ୍ଧୀ ଜଣେ ନକାରାତ୍ମକ ମାନସିକତାର ମଣିଷ। ଡିଏମ୍‌କେ ହେଉ କି ଟିଏମ୍‌ସି, ଯେଉଁ ଦଳ ରାହୁଲଙ୍କ ସହ ହାତ ମିଳାଇଛନ୍ତି, ସେମାନେ ମଧ୍ୟ ସବୁକିଛିକୁ ନକାରାତ୍ମକ ଢଙ୍ଗରେ ଦେଖୁଛନ୍ତି। ଟାରିଫ୍ ବୁଝାମଣା ଦ୍ୱାରା ଭାରତରେ ଯେଉଁସବୁ କ୍ଷେତ୍ରରେ ଅପୂର୍ବ ସୁଯୋଗ ସୃଷ୍ଟି ହେବ ତାହାକୁ ସେମାନେ ଗ୍ରହଣ କରିବାକୁ ପ୍ରସ୍ତୁତ ନାହାନ୍ତି।

## ଲୋକ ସଭାରେ ବିରୋଧୀଙ୍କ ହଙ୍ଗାମା: ୮ ସାଂସଦ ନିଲମ୍ବିତ

ନୂଆଦିଲ୍ଲୀ,୩।୨

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ଲୋକ ସଭାରେ ଉଠାଇଥିବା ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟମାନେ ମଙ୍ଗଳବାର ପୁଣି ହଙ୍ଗାମା କରିଛନ୍ତି। ହଙ୍ଗାମା ଯୋଗୁ ଗୃହକୁ ବାରମ୍ବାର ମୁଲତବୀ ରଖାଯାଇଥିଲା ବେଳେ ବିଶୃଙ୍ଖଳିତ ଆଚରଣ ପାଇଁ କଂଗ୍ରେସର ୭ ସାଂସଦଙ୍କ ସମେତ ୮ ସଦସ୍ୟଙ୍କୁ ଗୃହରୁ ନିଲମ୍ବନ କରାଯାଇଛି। ୨୦୨୦ ଡୋକଲାମ୍ ଏବଂ ଗଲୱାନ୍ ସଂଘର୍ଷ ସମ୍ପର୍କରେ ପୂର୍ବତନ ସେନାମୁଖ୍ୟ ଏମ୍. ଏମ୍. ନରୱଣେଙ୍କ ଦ୍ୱାରା ଲିଖିତ ପୁସ୍ତକର ଅଂଶକୁ ନେଇ ରାହୁଲ ଗାନ୍ଧୀ ସୋମବାର ସରକାରଙ୍କୁ ଘେରିଥିଲେ। ମଙ୍ଗଳବାର ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ନେଇ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ଚାଲିଥିଲାବେଳେ ରାହୁଲ ପୁଣି ଉକ୍ତ ପ୍ରସଙ୍ଗ ଉଠାଇଥିଲେ। କିନ୍ତୁ ସୋମବାର ଏହି ପ୍ରସଙ୍ଗରେ ଗୃହ ଅଧ୍ୟକ୍ଷ ରୁଲିଂ ଦେଇ ସାରିଥିବାରୁ ଏହା ଉପରେ ଆଉ ଆଲୋଚନା କରିବା ଆବଶ୍ୟକ ନାହିଁ ବୋଲି ଅଧ୍ୟକ୍ଷ କହିଥିଲେ। ଏହାପରେ ରାହୁଲ ଯୁକ୍ତି ରଖି କହିଥିଲେ, ସେ ଯାହା କହିବାକୁ ଚାହୁଁଛନ୍ତି ତାହା ରାଷ୍ଟ୍ରପତିଙ୍କ ଅଭିଭାଷଣ ସହ ଜଡ଼ିତ ରହିଛି। ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ ଜାତୀୟ ସୁରକ୍ଷା କଥା ରଖିଥିଲାବେଳେ ସେ ମଧ୍ୟ ସେହି ବିଷୟରେ କହିବାକୁ ଚାହୁଁଛନ୍ତି। କିନ୍ତୁ ଗୃହରେ ଜଣେ ବିରୋଧୀ ଦଳର ନେତାଙ୍କୁ ଜାଣିଶୁଣି କହିବାକୁ ଦିଆଯାଉ ନାହିଁ ବୋଲି ରାହୁଲ କହିବା ପରେ ବିରୋଧୀ ସଦସ୍ୟମାନେ ହଙ୍ଗାମା କରିବା ସହିତ ଟେବୁଲ ଉପରେ ଚଢ଼ି କାଗଜ ଚିରିଥିଲେ। ବିଶୃଙ୍ଖଳିତ ଆଚରଣ ପାଇଁ ୮ ସଦସ୍ୟଙ୍କୁ ନିଲମ୍ବନ କରାଗଲା ବୋଲି ଗୃହରେ ଅଧ୍ୟକ୍ଷତା କରୁଥିବା କ୍ରିଷ୍ଣପ୍ରସାଦ ତେନେଟି ଘୋଷଣା କରିଥିଲେ। ନିଲମ୍ବିତ ସାଂସଦ ହେଲେ କଂଗ୍ରେସର ଅମରିନ୍ଦର ସିଂ ରାଜା,ହିବି ଏଡେନ, ଡିନ୍ କୋରିଆକୋଜ୍,ଗୁରୁଜିତ୍ ସିଂ ଅଜଲା,ସି. କିରନ୍ କୁମାର ରେଡ୍ଡୀ, ମନିକମ୍ ଟାଗୋର୍ ଏବଂ ପ୍ରଶାନ୍ତ ପାଦୋଲେ ଏବଂ ସିପିଆଇ(ଏମ୍)ର ଏସ୍. ଭେଙ୍କଟେଶନ୍। ଅଧିବେଶନ ଶେଷ ପର୍ଯ୍ୟନ୍ତ ସେମାନଙ୍କୁ ନିଲମ୍ବନ କରାଯାଇଛି।

## ଖେମ୍‌ଚାନ୍ଦ ସିଂ ହେବେ ମଣିପୁର ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୩।୨



ଯୁମ୍‌ନାମ ଖେମ୍‌ଚାନ୍ଦ ସିଂ ମଣିପୁରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ମଙ୍ଗଳବାର ଭାଜପା ବିଧାୟକ ଦଳ ବୈଠକ ବସି ଖେମ୍‌ଚାନ୍ଦଙ୍କୁ ଦଳର ନେତା ନିର୍ବାଚନ କରାଯିବା ପରେ ଏନ୍‌ଡିଏ ବିଧାୟକ ଦଳ ବୈଠକରେ ମଧ୍ୟ ସେ ନେତା ନିର୍ବାଚିତ ହୋଇଛନ୍ତି। ଫଳରେ ମଣିପୁରରେ ପାଖାପାଖି ଗୋଟିଏ ବର୍ଷର ରାଷ୍ଟ୍ରପତି ଶାସନ ପରେ ସରକାର ଗଠନ ହେବାକୁ ଯାଉଛି। କୁକି ନେତ୍ରୀ ନେମଚା କିପ୍‌ଜେନ୍ ନୂଆ ମଣିପୁର ସରକାରରେ ଉପମୁଖ୍ୟମନ୍ତ୍ରୀ ହୋଇପାରନ୍ତି ବୋଲି ସୂତ୍ରରୁ ଜଣାପଡ଼ିଛି। ଗତବର୍ଷ ଫେବୃଆରୀରେ ବିଧାନସଭାରେ ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହେବା ପୂର୍ବରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବୀରେନ୍ ସିଂ ଇସ୍ତଫା ଦେଇଥିଲେ। ଫେବୃଆରୀ ୧୩ରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲା ଓ ବିଧାନସଭାକୁ ସ୍ଥଗିତ ରଖାଯାଇଥିଲା। ଗତ ଅଗଷ୍ଟ ୧୩ରେ ରାଷ୍ଟ୍ରପତି ଶାସନ ସମୟସୀମା ବଢ଼ାଯାଇଥିବାବେଳେ ଫେବୃଆରୀ ୧୩ରେ ଏହା ଶେଷ ହେବାକୁ ଯାଉଛି।

## ୟୁକ୍ରେନ୍ ଉପରେ ୭୦ ମିଶାଇଲ, ୪୫୦ ଡ୍ରୋନ୍ ମାଡ଼କଲା ରୁଷିଆ

ମସ୍କୋ,୩।୨

ୟୁକ୍ରେନ୍‌ର ଶକ୍ତି ଭିତ୍ତିଭୂମିକୁ ଟାର୍ଗେଟକରି ରୁଷିଆ ସୋମବାର ବିଳମ୍ବିତ ରାତିରେ ଜୋରଦାର ଆକ୍ରମଣ କରିଛି। ମସ୍କୋ ୭୦ରୁ ଊର୍ଦ୍ଧ୍ୱ ମିଶାଇଲ୍ ଏବଂ ୪୫୦ ଡ୍ରୋନ୍‌ରେ ଆକ୍ରମଣ କରିଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍‌ସ୍କି କହିଛନ୍ତି। ଶିତରେ ତାପମାତ୍ରା ମାଇନସ୍ ୨୦ ଡିଗ୍ରୀ ସେଲ୍‌ସିୟସ୍ ଥିବାବେଳେ ରୁଷିଆ ଆକ୍ରମଣରେ ବିଶେଷ କ୍ଷୟକ୍ଷତି ହୋଇନାହିଁ। ତେବେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଉପରେ ସୋଭିଏତ୍ ଅମଳର ସ୍ମାରକୀ ଏବଂ ମଦରଲ୍ୟାଣ୍ଡ କାର୍ଯ୍ୟାଳୟ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ୟୁକ୍ରେନ୍ ସଂସ୍କୃତି ମନ୍ତ୍ରୀ କହିଛନ୍ତି।ଆକ୍ରମଣ ପରେ ବିଭିନ୍ନ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।ରୁଷିଆ ଜାଣିଶୁଣି ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ କରୁଥିବା ଜେଲେନ୍‌ସ୍କି କହିଛନ୍ତି। ସୁମି, ଖରକିଭ୍ ଅଞ୍ଚଳ, କିଭ୍ ଅଞ୍ଚଳ ଏବଂ ରାଜଧାନୀ ସମେତ ନିପ୍ରୋ, ଓଡେସା ଏବଂ ଭିନ୍ନିସିଆ ଅଞ୍ଚଳରେ ଆକ୍ରମଣ ହୋଇଥିଲା।

## ମଳାଶୟରୁ ବାହାରିଲା ପ୍ରଥମ ବିଶ୍ୱଯୁଦ୍ଧ ସମୟର ଜୀବନ୍ତ ବିସ୍ଫୋରକ

ପ୍ୟାରିସ୍,୩।୨



ଦକ୍ଷିଣ ଫ୍ରାନ୍ସର ଟୋଲୁଜ୍ ସହରରେ ଜଣେ ୨୪ ବର୍ଷୀୟ ଯୁବକଙ୍କ ମଳାଶୟରୁ ଡାକ୍ତରମାନେ ଏକ ଜୀବନ୍ତ ବିସ୍ଫୋରକ (ଆର୍ଟିଲାରି ସେଲ୍) କାଢ଼ିବା ଘଟଣା ବିଭିନ୍ନ ମହଲରେ ବିସ୍ମୟ ସୃଷ୍ଟି କରିଛି। ଫ୍ରାନ୍ସର ଡେଲି ମେଲ୍ ରିପୋର୍ଟ ଅନୁସାରେ ଏହି ସହରର ଜଣେ ଯୁବକ ପେଟରେ ଯନ୍ତ୍ରଣା ଭୋଗିବା ଯୋଗୁ ନିକଟସ୍ଥ ହସ୍ପିଟାଲକୁ ଯାଇଥିଲେ। ଡାକ୍ତରମାନେ ଯୁବକଙ୍କ ଶରୀର ପରୀକ୍ଷାନିରୀକ୍ଷା କରିବା ପରେ ତାଙ୍କ ମଳାଶୟରେ କିଛି ବଡ଼ ବସ୍ତୁ ରହିଥିବା ଜାଣିବାକୁ ପାଇଥିଲେ। ପରେ ସେମାନେ ତାହାକୁ ବାହାର କରିବାକୁ ଅସ୍ତ୍ରୋପଚାର କରିଥିଲା ବେଳେ ଯୁବକଙ୍କ ମଳାଶୟରୁ ୮ ଇଞ୍ଚର ଏକ ଜୀବନ୍ତ ରାସାୟନିକ ବିସ୍ଫୋରକ ମିଳିଥିଲା। ଏହାକୁ ଦେଖି ସାରା ହସ୍ପିଟାଲରେ ଭୟର ବାତାବରଣ ଖେଳି ଯାଇଥିଲା। ତୁରନ୍ତ ହସ୍ପିଟାଲ କର୍ତ୍ତୃପକ୍ଷ ବୋମା ନିଷ୍କ୍ରିୟକାରୀ ଟିମ୍ ଡକାଇବା ସହିତ ହସ୍ପିଟାଲକୁ ଖାଲି କରିଦେଇଥିଲେ। କାରଣ ଏହି ବିସ୍ଫୋରକ ଜୀବନ୍ତ ଏବଂ ଏହାର ବିସ୍ଫୋରଣ କ୍ଷମତା ଏତେ ଅଧିକ ଥିଲା ଯେ, ଏହା ଉକ୍ତ ହସ୍ପିଟାଲ ସମେତ ସ୍ଥାନୀୟ ଅଞ୍ଚଳକୁ କ୍ଷତିଗ୍ରସ୍ତ କରିଦେଇଥାଆନ୍ତା। ବଡ଼ କଥା ହେଲା, ବିସ୍ଫୋରକଟି ପ୍ରଥମ ବିଶ୍ୱଯୁଦ୍ଧ ସମୟର। ତେବେ ଯୁବକ ଜଣକ ଏହାକୁ କେମିତି ପାଇଲେ ଏବଂ ତାଙ୍କ ମଳାଶୟକୁ ଏହା କେମିତି ଗଲା ସେ ସମ୍ପର୍କରେ ପୋଲିସ ଅନୁସନ୍ଧାନ ଆରମ୍ଭ କରିଛି।



# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୪/୨୦୨୬ | Bhubaneswar, Wednesday, February 4/2026 | ପୃଷ୍ଠା-୧




**ନମ୍ବର ୧ ରହିଲେ ସାବାଲେଙ୍କା**

ସଦ୍ୟ ପ୍ରକାଶିତ ମହିଳା ସିଙ୍ଗଲ୍ସ ଟେନିସ ର୍ୟାଙ୍କିଙ୍ଗ ତାଲିକାରେ ନମ୍ବର ୧ ସ୍ଥାନ ବଜାୟ ରଖିଛନ୍ତି ବେଲାରୁଷର ଆରିନା ସାବାଲେଙ୍କା।

୧୪ ୦୨

**'କଳ୍କି'ସିକ୍ୱେଲରେ ସାଇ ପଲ୍ଲବୀ**

ବହୁଚର୍ଚ୍ଚିତ ସାଇନ୍ସ-ଫିକ୍ସନ ଚଳଚ୍ଚିତ୍ର 'କଳ୍କି ୨୮୯୮ ଏଡି'ର ସିକ୍ୱେଲର ମୁଖ୍ୟ ନାୟିକା ଭୂମିକାରେ ଦକ୍ଷିଣ ଭାରତୀୟ ଅଭିନେତ୍ରୀ ସାଇ ପଲ୍ଲବୀ ଅଭିନୟ କରିବେ ଚର୍ଚ୍ଚା ଚାଲିଛି।



## ଆହୁରି ୫ଦିନ କୁହୁଡ଼ି

**ଭୁବନେଶ୍ୱର,୩।୨(ବନ୍ଦନା ସେଠୀ)**

ରାଜ୍ୟରେ ଶୀତ ପ୍ରକୋପ ସାମାନ୍ୟ ହ୍ରାସ ପାଇଥିଲେ ହେଁ କୁହୁଡ଼ିର ମାତ୍ରା ଅଧିକ ରହୁଛି। ପ୍ରବଳ କୁହୁଡ଼ି କାରଣରୁ ସକାଳୁ ରାସ୍ତାଘାଟ ଠିକ୍ ଭାବେ ଦେଖାଯାଉନାହିଁ। ଗାଡ଼ି ମୋଟର ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହେଉଛି। ତେବେ ଏଭଳି ସ୍ଥିତି ଆହୁରି ୫ଦିନ ପର୍ଯ୍ୟନ୍ତ ଲାଗିରହିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, କଟକ, ଖୋର୍ଦ୍ଧା ଏବଂ ସୁନ୍ଦରଗଡ଼ ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖାଦେବ। ସେହିପରି ଆସନ୍ତା ୪ଦିନ ପର୍ଯ୍ୟନ୍ତ ରାଜ୍ୟରେ ସର୍ବନିମ୍ନ ରାତି ତାପମାତ୍ରାରେ ସେଭଳି କିଛି ବଡ଼ ପରିବର୍ତ୍ତନ ହେବ ନାହିଁ। ମାତ୍ର ଏହାପରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇବ। ଗତ ୨୪ଘଣ୍ଟା ମଧ୍ୟରେ ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୮.୨ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ସମ୍ବଲପୁରରେ ସର୍ବାଧିକ ୩୧.୭ ଡିଗ୍ରୀ ରହିଥିଲା।

**ଆଜିର ସମ୍ପାଦକୀୟ**

**ତଥ୍ୟ ଅସୁରକ୍ଷିତ**



ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲା ଅନ୍ତର୍ଗତ ପହଲଗାମ୍‌ରେ ତୁଷାରପାତ ଯୋଗୁ ମଙ୍ଗଳବାର ପାର୍କିଂରେ ଥିବା ଗାଡ଼ିଗୁଡ଼ିକ ବରଫାବୃତ ହୋଇଯାଇଛି।

## ୯ମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର କଲେ ସହପାଠୀ

- ଗଣବଳାତ୍କାରର ଭିଡିଓ ଉତ୍ତୋଳନ କରି ଭାଇରାଲ କଲେ
- ପୀଡ଼ିତା ପରିବାର ପକ୍ଷରୁ ଅଭିଯୋଗ ପରେ ୬ ଅଟକ
- ସମ୍ବେଦନଶୀଳ ଘଟଣାର ଯାଞ୍ଚ କରାଯାଉଛି: ଏସ୍‌ପି

**ବଲାଙ୍ଗୀର/କଣ୍ଟାବାଞ୍ଜି, ୩।୨(ବୀରେନ୍ଦ୍ର କୁମାର ଝାଙ୍କର/ଗୁରୁଦୟାଲ ହଂସ)**

ଜଣେ ୯ମ ଶ୍ରେଣୀର ଛାତ୍ରୀ (୧୫ବର୍ଷ)ଙ୍କୁ ତାଙ୍କର ୪ ଜଣ ସହପାଠୀ, ଜଣେ ନାବାଳକ ଏବଂ ଅନ୍ୟ ଜଣେ ସାବାଳକ ସ୍କୁଲର ଏକ ନିର୍ମାଣାଧୀନ ଘରେ ଗଣବଳାତ୍କାର କରି ସାମାଜିକ ଗଣମାଧ୍ୟମରେ ଏହାର ଭିଡିଓ ଭାଇରାଲ କରିଛନ୍ତି। ଏଭଳି ଏକ ସାଂଘାତିକ ଏବଂ ଚିନ୍ତା ଉଦ୍ରେକକାରୀ ଘଟଣା ବଲାଙ୍ଗୀର ଜିଲା ତୁରେକେଲା ଅଞ୍ଚଳରେ ଦେଢ଼ମାସ ତଳେ ଘଟିଥିବାବେଳେ ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏହା ଲୋକଲୋଚନକୁ ଆସିଛି। ଘଟଣା ଜଣାପଡ଼ିବା ପରେ ବଲାଙ୍ଗୀର ଏସ୍‌ପି ଅଭିଲାଷ ଜିଙ୍କ ନିର୍ଦ୍ଦେଶରେ ସମସ୍ତ ୬ ଜଣ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଘଟଣାଟି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ବଲାଙ୍ଗୀର ଏସ୍‌ପି ଅଭିଲାଷ, ଜିଲାପାଳ ଗୌରବ ଶିବାଜୀ ଇସ୍‌ଲୱାର, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ, ଲିଗାଲ ପ୍ରୋବେଶନର ଅଫିସର, ସାମାଜିକ କର୍ମୀ ଏବଂ ଜିଲା ଶିଶୁ କଲ୍ୟାଣ ସମିତି ସଦସ୍ୟାଙ୍କ ସହ ଆଲୋଚନା କରି ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ଡିସେମ୍ବର ୨୫ ତାରିଖ ସନ୍ଧ୍ୟାରେ ତୁରେକେଲା ଥାନା ଅନ୍ତର୍ଗତ ଏକ ଗାଁର ୯ମ ଶ୍ରେଣୀ ସ୍କୁଲ ଛାତ୍ରୀଙ୍କୁ ତାଙ୍କର ସହପାଠୀ ଓ ଅନ୍ୟ ୨ ଜଣ ଗଣବଳାତ୍କାର କରିବା ସହ ଏହାର ଦୃଶ୍ୟକୁ ମୋବାଇଲ ଭିଡିଓରେ ରେକର୍ଡିଂ କରି ନେଇଥିଲେ। ମଙ୍ଗଳବାର ଉକ୍ତ ଗଣବଳାତ୍କାର ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ☞ପୃଷ୍ଠା-୨

# ମାଟିର ଗରିମା ବଢ଼ାଇଛି ନାରୀ ନେତୃତ୍ୱ

### ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି

**ବାଲେଶ୍ୱର/ରେମୁଣା,୩।୨ (ବାଞ୍ଛାନିଧି ଦେ/ରବୀନ୍ଦ୍ର ମହାକୁଡ଼)**

ସାହିତ୍ୟ ଓ ସଂଗ୍ରାମ ପାଇଁ ବାଲେଶ୍ୱର ଓ ଭଦ୍ରକ ମାଟି ସୁପ୍ରସିଦ୍ଧ। ଅନେକ ବରପୁତ୍ରଙ୍କୁ ଜନ୍ମଦେଇ ଏ ମାଟି ଭାରତମାତାର ମୁଖ ଉଜ୍ଜ୍ୱଳ କରିଛି। ଏ ମାଟି କେବଳ ରତ୍ନଗର୍ଭା ନୁହେଁ, ବରଂ ଏ ମାଟିର ମା'ମାନେ ମଧ୍ୟ ରତ୍ନଗର୍ଭା। ଆଦି ଟିକାକାର ଜଗଦ୍‌ଗୁରୁ ଶ୍ରୀଧର ସ୍ୱାମୀ, ଭକ୍ତକବି ଦୀନବନ୍ଧୁ ଦାସଙ୍କ ଠାରୁ ବ୍ୟାସକବି ଫକୀରମୋହନ ସେନାପତି, କବିବର ରାଧାନାଥ ରାୟ, ଉତ୍କଳକେଶରୀ ହରେକୃଷ୍ଣ ମହତାବ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ପର୍ଯ୍ୟନ୍ତ ଅନେକ କବି ଓ କର୍ଣ୍ଣଧାର ଭାରତର ଉତ୍ତରପିଢ଼ି ପାଇଁ ଆଦର୍ଶ ପ୍ରତିଷ୍ଠା କରିଛନ୍ତି। ସ୍ୱାଧୀନତା ସଂଗ୍ରାମରେ ବାଲେଶ୍ୱର ଓ ଭଦ୍ରକର ମହିଳାମାନଙ୍କ ଅଂଶଗ୍ରହଣ ଗୁରୁତ୍ୱପୂର୍ଣ୍ଣ ଥିଲା। ସରୋଜିନୀ ନାଇଡୁ, ଜାହ୍ନବୀ ଦେବୀ, କୋକିଳା ଦେବୀ, ସୁଭଦ୍ରା ମହତାବ ଓ ଗୋଦାବରୀ ଦେବୀ ସଂଗ୍ରାମର ଅଗ୍ରଭାଗରେ ରହି ନାରୀ ନେତୃତ୍ୱର ଗରିମା ବଢ଼ାଇଛନ୍ତି। ଏମାଟି ଲବଣ ସତ୍ୟାଗ୍ରହ ଓ ଭାରତଛାଡ଼ ଆନ୍ଦୋଳନ ତୀବ୍ରତା ତଥା ଦେଶୀୟ ରାଜ୍ୟ ମିଶ୍ରଣର ଜୀବନ୍ତ ସାକ୍ଷୀ ବୋଲି ମଙ୍ଗଳବାର ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ଏହି ସମାବର୍ତ୍ତନ ଉତ୍ସବରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପ୍ରାରମ୍ଭିକ ସୂଚନା ଓ ବିଶ୍ୱବିଦ୍ୟାଳୟର ବିବରଣୀ ଉପସ୍ଥାପନ କରିଥିଲେ। ରାଷ୍ଟ୍ରପତି ଫକୀରମୋହନ ସେନାପତିଙ୍କ ସାହିତ୍ୟିକ ଅବଦାନ ☞ପୃଷ୍ଠା-୨



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

## ନାଭିଗୟାରେ ପିଣ୍ଡଦାନ କଲେ ରାଷ୍ଟ୍ରପତି

**ଯାଜପୁର,୩।୨(ହର୍ଷବର୍ଦ୍ଧନ ବେହେରା)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ପ୍ରଥମେ ପୂର୍ବାହ୍ନ ସାଢ଼େ ୯ଟାରେ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଯାଜପୁର ଆସିଥିଲେ। ହେଲିପ୍ୟାଡ୍‌ରୁ ତାଙ୍କୁ ସ୍ୱତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ମନ୍ଦିରକୁ ନିଆଯାଇଥିଲା। ବିରଜା ମନ୍ଦିରରେ ପ୍ରଥମେ ରାଷ୍ଟ୍ରପତି ମୁର୍ମୁ ନାଭିଗୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିଥିଲେ। ମନ୍ଦିରର ସେବାୟତ ସତ୍ୟରଞ୍ଜନ ପାଣି, ଅବିନାଶ ପାଣି ଓ କଲ୍ୟାଣ ପାଣି ପିଣ୍ଡଦାନ କାର୍ଯ୍ୟ ସମ୍ପାଦନ କରିଥିଲେ। ସେବାୟତ ବିଜୟ ପାଣି, ଦୁର୍ଗାମାଧବ ପାଣି ଓ ସତ୍ୟବ୍ରତ ପାଣି ପୂଜା କାର୍ଯ୍ୟ କରିଥିବାବେଳେ ଦେବୀ ପ୍ରସାଦ ପାଣି ରାଷ୍ଟ୍ରପତିଙ୍କୁ ମନ୍ଦିର ବେଢ଼ା ପରିକ୍ରମା କରାଇଥିଲେ। ଏହି ଅବସରରେ ମୁକ୍ତିମଣ୍ଡପ ସେବାୟତ ପରିଷଦ ପକ୍ଷରୁ ରାଷ୍ଟ୍ରପତିଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ରାଷ୍ଟ୍ରପତି ମୁର୍ମୁ ସେବାୟତମାନଙ୍କୁ ରାଷ୍ଟ୍ରପତି ଭବନ ବୁଲି ଆସିବାକୁ ନିମନ୍ତ୍ରଣ କରିଥିଲେ। ପିଣ୍ଡଦାନ ସରିବା ପରେ ରାଷ୍ଟ୍ରପତି ମା' ବିରଜାଙ୍କୁ ଦର୍ଶନ କରିଥିଲେ ଏବଂ ଏହା ପରେ ବେଢ଼ା ପରିକ୍ରମା କରି ଗଙ୍ଗେଶ୍ୱର, ମୁକ୍ତେଶର, ସଂହାର ଭୈରବ, ୧୦୮ ଶିବ ଲିଙ୍ଗ ପାର୍ଶ୍ୱ ଦେବଦେବୀ ଦର୍ଶନ କରିଥିଲେ। ଏହାପରେ ମୁକ୍ତି ମଣ୍ଡପ ସଭାରେ ଆଶୀର୍ବାଦ ଗ୍ରହଣ କରିଥିଲେ। ରାଷ୍ଟ୍ରପତିଙ୍କ ମନ୍ଦିର ପରିଦର୍ଶନ ସମୟରେ ଚତୁର୍ଦ୍ଦିଗ ବେଦ ମନ୍ତ୍ର ଉଚ୍ଚାରଣ ଓ ହୁଳହୁଳି ନାଦରେ ଗୁଞ୍ଜରିତ ହେଉଥିଲା। ଜିଲା ପ୍ରଶାସନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ବୌଦ୍ଧ ମୂର୍ତ୍ତି ଏବଂ ଟସର ଶାଢ଼ି ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ରାଷ୍ଟ୍ରପତିଙ୍କ ଏହା ପ୍ରଥମ ଯାଜପୁର ଗସ୍ତ ଥିଲା। ☞ପୃଷ୍ଠା-୨

## ଶିଶୁବାଟିକା ପିଲାଙ୍କୁ ପୋଷାକ ପାଇଁ ମିଳିବ ଟଙ୍କା

**ଭୁବନେଶ୍ୱର,୩।୨(ସୁଚିସ୍ମିତା ସାହୁ)**

ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପଢୁଥିବା ଶିଶୁବାଟିକା ଛାତ୍ରୀଛାତ୍ରଙ୍କୁ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ମାଗଣା ବିଦ୍ୟାଳୟ ପୋଷାକ ଯୋଗାଇ ଦିଆଯିବ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ପୋଷାକ ପାଇଁ ୧,୦୦୦ ଟଙ୍କା ପ୍ରଦାନ କରାଯିବ। ଏନେଇ ବିଭାଗ ପକ୍ଷରୁ ସମସ୍ତ ଜିଲା କାର୍ଯ୍ୟାଳୟକୁ ଅର୍ଥ ଦିଆଯାଇଛି। ଆସନ୍ତା ୧୫ ତାରିଖ ସୁଦ୍ଧା ସମସ୍ତ ଶିଶୁବାଟିକା ପିଲାଙ୍କୁ ପୋଷାକ ବଣ୍ଟନ କରିବାକୁ ନିର୍ଦ୍ଦେଶ ରହିଛି। ଏହାକୁ ପ୍ରାଥମିକତା ଦେଇ ସମସ୍ତ ଡିଇଓ-କମ୍-ଡିପିସିଏସ୍‌ମାନେ ନିଜେ ନିରୀକ୍ଷଣ କରିବାକୁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ଅତିରିକ୍ତ ନିର୍ଦ୍ଦେଶିକା ସଙ୍ଗୀତା ବେହେରା ମଙ୍ଗଳବାର ସମସ୍ତ ଡିଇଓ-କମ୍-ଡିପିସିଏସ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମାର୍ଗଦର୍ଶିକା ଅନୁଯାୟୀ, ଶିଶୁବାଟିକା ଛାତ୍ରୀଛାତ୍ରଙ୍କୁ ବଣ୍ଟନ କରାଯିବାକୁ ଥିବା ୟୁନିଫର୍ମ 'ମାନଦଣ୍ଡ' ଶ୍ରେଣୀ-୧ ଛାତ୍ରଙ୍କ ପାଇଁ ପ୍ରଯୁଜ୍ୟ ନିୟମାବଳୀ ସହିତ କଡ଼ାକଡ଼ି ପାଳନ କରାଯିବ। ସେମାନଙ୍କ ପୋଷାକର ରଙ୍ଗ, ଗୁଣମାନ, ଲୋଗୋ ସବୁ ପ୍ରଥମଶ୍ରେଣୀ ପିଲାଙ୍କ ପୋଷାକ ଭଳି ରହିବ। ପ୍ରଥମରୁ ଅଷ୍ଟମଶ୍ରେଣୀ ପିଲାଙ୍କ ପୋଷାକ ବଣ୍ଟନ ବେଳେ ଯେପରି ପ୍ରଯୁଜ୍ୟ ଆର୍ଥିକ, କ୍ରୟ ଭଳି ମାନଦଣ୍ଡକୁ କଡ଼ାକଡ଼ି ପାଳନ କରାଯାଉଥିଲା, ସେହିପରି ଶିଶୁବାଟିକା ପୋଷାକ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳ-କମ୍-ଚେୟାରମ୍ୟାନଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ କମିଟି ଦ୍ୱାରା ଅନୁମୋଦିତ ଏସ୍‌ଏଜି/ଏସ୍‌ଏମ୍‌ସି ମାଧ୍ୟମରେ ପୋଷାକ ବଣ୍ଟନ କରାଯିବ। ଚଳିତ ଶିକ୍ଷାବର୍ଷରେ ଏନେଇ କୌଣସି ନୂତନ ଟେଣ୍ଡରର ଆବଶ୍ୟକତା ନାହିଁ।

# ଝିଅ ବୋଝ ନୁହନ୍ତି, ଆଶୀର୍ବାଦ: ମୁଖ୍ୟମନ୍ତ୍ରୀ




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନବଦମ୍ପତିଙ୍କୁ ସହାୟତା ଚେକ୍ ପ୍ରଦାନ କରୁଛନ୍ତି।

**ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଶୁଭାରମ୍ଭ**

- ଯୋଗ୍ୟ କନ୍ୟାଙ୍କ ବିବାହକୁ ସରକାର ଦେବେ ୬୦ ହଜାର ଟଙ୍କା
- ତାରାତାରିଣୀ ପୀଠରେ ୨୦୧ ବରକନ୍ୟାଙ୍କ ବିବାହ

**ପୁରୁଷୋତ୍ତମପୁର,୩।୨(ସବିତା ମିଶ୍ର)**

ଝିଅମାନେ ପିତାମାତାଙ୍କ ପାଇଁ ବୋଝ ନୁହନ୍ତି, ସେମାନେ ଭଗବାନ୍‌ଙ୍କ ଆଶୀର୍ବାଦ। ଆମେ ଏପରି ଓଡ଼ିଶା ଗଢ଼ିବା, ଯେଉଁଠି କୌଣସି ଝିଅ ଆର୍ଥିକ ଅନଟନ କିମ୍ବା ସାମାଜିକ ଚାପ ହେତୁ ବୟସ ନ ହେଉଣୁ ବିବାହ କରିବାକୁ ବାଧ୍ୟ ହେବେ ନାହିଁ। ଯୋଗ୍ୟା କନ୍ୟାଙ୍କ ବିବାହ ପାଇଁ ସରକାର ସହାୟତା ପ୍ରଦାନ କରିବେ ବୋଲି ଗଞ୍ଜାମ ଜିଲାର ଆରାଧ୍ୟା ମା' ତାରାତାରିଣୀଙ୍କ ପୀଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ଶୁଭାରମ୍ଭ କରିବା ଅବସରରେ କହିଛନ୍ତି। ସେଠାରେ ଏକା ସଙ୍ଗେ ୨୦୧ ବରକନ୍ୟାଙ୍କ ସାମୂହିକ ବିବାହ ସମ୍ପନ୍ନ ହୋଇଛି। ମୁଖ୍ୟମନ୍ତ୍ରୀ କନ୍ୟାଦାନ କରିବା ସହ ନବଦମ୍ପତିଙ୍କୁ ଆଶୀର୍ବାଦ କରି ଯୋଜନା ସମ୍ପର୍କରେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସାମିଲହେବା ପାଇଁ କନ୍ୟାଙ୍କ ବୟସ ୧୮ରୁ ୩୫ ବର୍ଷ ଏବଂ ବରଙ୍କ ବୟସ ୨୧ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ସେମାନେ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ। ଯୋଗ୍ୟ କନ୍ୟାଙ୍କୁ ସରକାରଙ୍କ ପକ୍ଷରୁ ୬୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଉଛି। ☞ପୃଷ୍ଠା-୨




## ସାମାଜିକ କଟକଣାରୁ ମୃତଦେହ ଛୁଇଁଲେନି

ପାଲଲହଡ଼ା,୩।୨ (ଦିବ୍ୟଜ୍ୟୋତି ଦାଶ): ସାମାଜିକ କଟକଣା ପାଇଁ ମୃତଦେହକୁ ଛୁଇଁଲେନି ସାହି ବାସିନ୍ଦା। ପରେ ସ୍ଥାନୀୟ ସରପଞ୍ଚଙ୍କ ସହାୟତାରେ ଶେଷକୃତ୍ୟ କରାଯାଇଥିଲା। ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ପେଚାମୁଣ୍ଡି ପଞ୍ଚାୟତ ଶିମିଳିପାଳ ଗ୍ରାମରେ ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଶିମିଳିପାଳ ଗ୍ରାମର ଖଗେଶ୍ୱର ଗୁରୁ ଦୀର୍ଘ ଦିନରୁ ଶଯ୍ୟାଶାୟୀ ଥିବାବେଳେ ମଙ୍ଗଳବାର ତାଙ୍କର ମୃତ୍ୟୁ ହୋଇଥିଲା। ସାମାଜିକ କଟକଣା ପାଇଁ ତାଙ୍କ ମୃତଦେହକୁ ସାହି ବାସିନ୍ଦା ଛୁଇଁ ନ ଥିଲେ। ଫଳରେ ଖଗେଶ୍ୱରଙ୍କ ରୋଗଗ୍ରସ୍ତ ପୁଅ ସୁବ୍ରତ ଗୁରୁ ଓ ଝିଅ ସନ୍ଧ୍ୟାରାଣୀ ଗୁରୁ ଅସହାୟ ହୋଇପଡ଼ିଥିଲେ।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ମାଲ୍ୟାର୍ପଣ/ମଧୁବାବୁ ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ରାଜଭବନ ଛକ/ଲୋକସମ୍ପର୍କ ଭବନ, ସମ୍ମିଳନୀ କକ୍ଷ, ସମୟ: ସକାଳ ୮ଟା ୩୦/ସନ୍ଧ୍ୟା ୫ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସ ପାଳନ, ସ୍ଥାନ: ରାଜଭବନ ଛକ, ସମୟ: ସକାଳ ୯ଟା।
- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧବାର୍ଷିକରେ ମାଲ୍ୟାର୍ପଣ, ସ୍ଥାନ: ବିଧାନସଭା ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସୁରକ୍ଷା ପକ୍ଷରୁ ବନ୍‌ଡେଡ୍ ଲେବର୍ ସିଷ୍ଟମ ଆକ୍ଟ ୧୯୭୬ର ସ୍ୱର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଖବରଦାତା ସମ୍ମିଳନୀ, ସ୍ଥାନ: କେଶରୀ ହୋଟେଲ, ଷ୍ଟେଶନ୍ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଶ୍ୱ କର୍କଟ ଦିବସ ପାଳନ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମହାତ୍ମା ଗାନ୍ଧୀ ମାର୍ଗ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ କର୍କଟ ଦିବସ ପାଳନ, ସ୍ଥାନ: ସ୍ପେସିଆଲ୍ ସର୍କିଟ ହାଉସ, ସମୟ: ସନ୍ଧ୍ୟା ୬ଟା ୩୦।
- ଆଇଟି ପକ୍ଷରୁ ୫୧ତମ ନ୍ୟାଶନାଲ ଥିଏଟର୍ ଫେଷ୍ଟିଭାଲ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ୩୦ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବାଲିଅନ୍ତା ବ୍ଲକର ଭିଙ୍ଗାରପୁରସ୍ଥିତ ଦୁର୍ଗାମଣ୍ଡପ ପରିସର, ସମୟ: ସନ୍ଧ୍ୟା ୭ଟା।
- ଟ୍ରାଇଟୁନ୍ ଏକାଡେମୀ ପକ୍ଷରୁ ବିଶ୍ୱ କର୍କଟ ଦିବସ ପାଳନ ଉପଲକ୍ଷେ ସଚେତନତା ରାଲି, ସ୍ଥାନ: ପାଣ୍ଡରା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା।
- ମିରର୍ ଗ୍ରୁପ୍ ପକ୍ଷରୁ ନାଟକ 'ରାଜାଙ୍କ ଭୂତ' ମଞ୍ଚସ୍ଥ, ସ୍ଥାନ: ଭଞ୍ଜ କଳାମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

**କଟକ**
- ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ପକ୍ଷରୁ ମଧୁସୂଦନ ଦାସଙ୍କ ୯୨ତମ ଶ୍ରାଦ୍ଧବାର୍ଷିକୀ ଓ ଜାତୀୟ ତ୍ୟାଗ ଦିବସ ପାଳନ, ସ୍ଥାନ : ମଧୁସୂଦନଙ୍କ ସମାଧି ପୀଠ, ଗୋରାକବର, ସମୟ: ସକାଳ ୭ଟା ୧୫।
- ଜିଲା ପ୍ରଶାସନ ପକ୍ଷରୁ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସରେ ଶ୍ରଦ୍ଧାସୁମନ ଅର୍ପଣ, ସ୍ଥାନ: ମଧୁସୂଦନଙ୍କ ସମାଧି ପୀଠ, ଗୋରାକବର, ସମୟ: ସକାଳ୯ଟା।
- ବୃଣାକାରମାନଙ୍କ ନିମନ୍ତେ ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ବୁଦ୍ଧବିହାର, ମାଣିଆବନ୍ଧ, ସମୟ: ସକାଳ ୯ଟା ୩୦।
- ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ନିଜିଗଡ, ଟିଗିରିଆ, ସମୟ: ପୂର୍ବାହ୍ନ ୧୧ଟା।
- ଅଷ୍ଟଶମ୍ଭୁ ପର୍ଯ୍ୟଟନ କରିଡର ଓ ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳୀର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଅଟିନା ଖେଳପଡ଼ିଆ, ନିଆଳି ବ୍ଲକ ଅଫିସ ନିକଟ, ସମୟ: ମଧ୍ୟାହ୍ନ ୧୨ଟା।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପାଲା ମହୋତ୍ସବର ଉଦ୍‌ଘାଟନ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

**ପୁରୀ**
- ରାଷ୍ଟ୍ରପତିଙ୍କ ଶ୍ରୀମନ୍ଦିର ଦର୍ଶନ ଓ ଶ୍ୱେତଗଙ୍ଗା ପରିଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ସିଂହଦ୍ୱାର, ସମୟ: ସକାଳ ୭ଟା।
- ଜିଲା ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ପକ୍ଷରୁ ଜିଲାସ୍ତରୀୟ କ୍ୟାମ୍ପୋରି, ସ୍ଥାନ: ଭୋଳାନାଥ ବିଦ୍ୟାପୀଠ, ସମୟ: ଅପରାହ୍ନ ୪ଟା।

**ଖୋର୍ଦ୍ଧା**
- ଜନଗଣନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଜୟୀ ରଜଗୁରୁ ଭବନ, ସମୟ: ପୂର୍ବାହ୍ନ ୧୦ଟା।

**ବାଲେଶ୍ୱର**
- ଜିଲାସ୍ତରୀୟ ଆଶା, ଜିକେଏସ୍, ଜେଏଏସ୍ ସମ୍ମିଳନୀ, ସ୍ଥାନ: ଆୟୁଷ୍ମାନ୍ ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ମହାପରାୟଣ ଦିବସ, ସ୍ଥାନ: ଷ୍ଟେସନ କ୍ଲବ ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ପୁରୁଣା କୋର୍ଟ ପରିସର, ଭଦ୍ରକ, ସମୟ: ସକାଳ ୯ଟା।
- ନଟରାଜ ସାଂସ୍କୃତିକ ଅନୁଷ୍ଠାନର ନାଟ୍ୟ ମହୋତ୍ସବ, ସ୍ଥାନ: ଟାଉନହଲ୍, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

**ମୟୂରଭଞ୍ଜ**
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରାଇରଙ୍ଗପୁର ଗସ୍ତ, ସ୍ଥାନ: ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।
- ମୋରଡ଼ା ବ୍ଲକ୍ ସାମ୍ବାଦିକ ସଂଘର ବୈଠକ, ସ୍ଥାନ: ଚିତ୍ରଡ଼ା, ସାମ୍ବାଦିକ ଭବନ, ମୋରଡ଼ା, ସମୟ:ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ବିଶ୍ୱ କର୍କଟ ଦିବସରେ ୱାକାଥନ, ସ୍ଥାନ: ଖଲ୍ଲିକୋର୍ଟ କଲେଜ ପଡ଼ିଆ, ସମୟ: ସକାଳ ୬ଟା ୩୦।
- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ତିରୋଧାନ ଦିବସ, ସ୍ଥାନ: ଗାନ୍ଧୀନଗର ଛକ, ସମୟ: ସକାଳ ୮ଟା।

**ଢେଙ୍କାନାଳ**
- ପିଏମ୍‌ଶ୍ରୀ ବ୍ରଜନାଥ ବଡ଼େଜେନା ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବ୍ରଜନାଥ ବଡ଼ଜେନା ହାଇସ୍କୁଲ ପରିସର, ସମୟ: ସକାଳ ୯ଟା।

**ଜଗତ୍‌ସିଂହପୁର**
- ପାରାଦୀପ ବନ୍ଦରର ନୂତନ ଜେପିପିଏଲ୍ ବର୍ଥରେ ପ୍ରଥମ କରି ଜାହାଜ ଲାଗିବ, ସ୍ଥାନ: ବନ୍ଦର ପୋତାଶ୍ରୟ, ପାରାଦୀପ, ସମୟ: ସକାଳ ୯ଟା।
- ଅନ୍ତର୍ଜାତୀୟ ନାଟ୍ୟ ମହୋତ୍ସବ ଭାରତ ରଙ୍ଗ ମହୋତ୍ସବ ତୃତୀୟ ସନ୍ଧ୍ୟାରେ ଉର୍ଦ୍ଦୁ ନାଟକ ଚାକ୍ ପରିବେଷଣ, ସ୍ଥାନ: ଜୟଦେବ ଭବନ, ବଡ଼ପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ସ୍ୱାମୀ ମୁକୁନ୍ଦାନନ୍ଦଜୀଙ୍କ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ଉଦୟ ନଗର, ଡେରାବିଶ, ସମୟ: ଅପରାହ୍ନ ୫ଟା।
- ଡେରାବିଶ ଯୁବ ମହୋତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, କୁରୁଜଙ୍ଗା, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଭୀମଭୋଇ ଭିନ୍ନକ୍ଷମ ଶିବିର, ସ୍ଥାନ: ବରୀ ଓ ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଯାଜପୁର ଜିଲା ବିଦ୍ୟୁତ ଉପଭୋକ୍ତା କମିଟି ପକ୍ଷରୁ ଗଣ ସମ୍ମିଳନୀ, ସ୍ଥାନ : ଯାଜପୁର ରୋଡ ହୋଟେଲ ରୟାଲ କଳିଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।

**ନୟାଗଡ଼**
- ଭୈମୀ ଏକାଦଶୀ ମେଳାର ସପ୍ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା।
- ଜାମାଲାଗି ବେଶର ତ୍ରୟୋଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା।

**ରାୟଗଡ଼ା**
- ନୂତନ ବ୍ଲକ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ ଏସ୍‌ଏସ୍‌ଡି ହାଇସ୍କୁଲ ବାର୍ଷିକୋତ୍ସବ, ସ୍ଥାନ: ଡାଙ୍ଗସୋରଡା ସ୍କୁଲ ପରିସର, ଚନ୍ଦ୍ରପୁର, ସମୟ: ଅପରାହ୍ନ ୩ଟା ୩୦।

**ନବରଙ୍ଗପୁର**
- ମାଣ୍ଡିଆ ମଣ୍ଡି ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ତେନ୍ତୁଲିଖୁଣ୍ଟି ବ୍ଲକ ଗୌଡ଼ଗୁଡ଼ାସ୍ଥିତ ଅଗ୍ରଗାମୀ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସମ୍ପୂର୍ଣ୍ଣତା ଅଭିଯାନ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ଉତ୍କଳ ଗୌରବ ମଧୁସୁଧନ ଦାସଙ୍କ ଶ୍ରାଦ୍ଧ ଦିବସ, ସ୍ଥାନ: ଗୋପବନ୍ଧୁ ପାର୍କ, କୋରାପୁଟ, ସମୟ: ସକାଳ ୯ଟା ୩୦।
- ସମ୍ପୂର୍ଣ୍ଣତା ଅଭିଯାନ, ସ୍ଥାନ: ପଞ୍ଚାୟତ ସମିତି ପରିସର, ଲମତାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ସେନସସ ନେଇ କର୍ମଚାରୀଙ୍କୁ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପିଏମ୍‌ଶ୍ରୀ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ପିଏମ୍‌ଶ୍ରୀ ହାଇସ୍କୁଲ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।

**ସମ୍ବଲପୁର**
- ଅଙ୍ଗନୱାଡ଼ି ଓ ଆଶା କର୍ମୀଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନମନ୍ତ୍ରୀ ଜନୌଷଧି କେନ୍ଦ୍ରର ଶୁଭାରମ୍ଭ, ସ୍ଥାନ : ଫାଟକ, ସମୟ : ମଧ୍ୟାହ୍ନ ୧୨ଟା।

**ବଲାଙ୍ଗୀର**
- ଅଭ୍ୟୁଦୟ: ବିକାଶ, ସମୃଦ୍ଧି ଓ ନୂତନ ଆରମ୍ଭର ଉତ୍ସବ,ସ୍ଥାନ: କେ.ଭି.ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ/କେ.ଭି.ଡିଗ୍ରୀ କଲେଜ, କଣ୍ଟାବାଞ୍ଜି ବ୍ଲକ, ସମୟ: ପୂର୍ବାହ୍ନ୧୦ଟାରୁ ଅପରାହ୍ନ ୫ଟା।

**ରାଉରକେଲା**
- ଆନ୍ତଃ ଶ୍ରେଣୀୟ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୧୪ ଡିପିଏସ୍, ସମୟ: ପୂର୍ବାହ୍ନ ୧୦ଟା।
- ଆଦିବାସୀଙ୍କ ଧାର୍ମିକ ଶୋଭାଯାତ୍ରା, ସ୍ଥାନ: ଏଡ଼ିଏମ୍ ଅଫିସ୍, ସମୟ: ପୂର୍ବାହ୍ନ ୧୧ଟା।

**ସୁନ୍ଦରଗଡ଼**
- ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ୬୮ତମ ବାର୍ଷିକ ଉତ୍ସବ,ସ୍ଥାନ:ମହାବିଦ୍ୟାଳୟ ପରିସର,ସମୟ: ସକାଳ ୯ଟା।
- ଗ୍ରାମ୍ୟ ଜଳ ଅର୍ପଣ ଦିବସ କାର୍ଯ୍ୟକ୍ରମ,ସ୍ଥାନ: ଜଲଙ୍ଗବିରା ଗ୍ରାମର ପାଣି ଟାଙ୍କି ନିକଟସ୍ଥ ପଡିଆ, ଜଲଙ୍ଗବିରା ଗ୍ରାମପଞ୍ଚାୟତ,କୁଆଁରମୁଣ୍ଡା ବ୍ଲକ,ସମୟ: ସକାଳ ୧୦ଟା।
- ସୁନ୍ଦରଗଡ ଘରୋଇ ବସ ମାଲିକ ସଂଘ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ଲୁହୁରାଡିପା ନୂଆ ବସଷ୍ଟାଣ୍ଡ ସ୍ଥିତ ଘରୋଇ ବସ ମାଲିକ ସଂଘ କାର୍ଯ୍ୟାଳୟ,ସମୟ: ସକାଳ୯ଟାରୁ୨ଟା।

**ବରଗଡ଼**
- ଧନୁଯାତ୍ରା ନନ୍ଦରାଜାଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: କୀର୍ତ୍ତନ ମଣ୍ଡପ, ଅମ୍ବାପାଲି, ବରଗଡ଼, ସମୟ:ସନ୍ଧ୍ୟା ୬ଟା।

**କଳାହାଣ୍ଡି**
- ଜନଗଣନା ଉପରେ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ କପ ଭଲିବଲ ପାଇଁ ବାଳିକା ଚୟନ ଶିବିର, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ବାବା କପ୍ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ, ସ୍ଥାନ: ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।

**ଦେବଗଡ଼**
- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ଦେବଗଡ଼ ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ: ସକାଳ ୯ଟା ୩୦।
- ବିଜେଡି ପକ୍ଷରୁ ସରକାରଙ୍କ ଚାଷୀମାରଣ ନୀତି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ପ୍ରତିଶ୍ରୁତି ଖିଲାପ ବିରୋଧରେ ବିକ୍ଷୋଭ ପଦଯାତ୍ରା, ସ୍ଥାନ: ଗୋପାଳଜୀ ମନ୍ଦିରଠାରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ସୁବର୍ଣ୍ଣପୁର**
- ସୁଭଦ୍ରା ଶକ୍ତି ମେଳାର ଚତୁର୍ଥ ସନ୍ଧ୍ୟା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ରାମେଶ୍ୱର ଷ୍ଟାଡିୟମ ପରିସର, ସମୟ: ସନ୍ଧ୍ୟା ୫ଟା ୩୦।
- ଉଲୁଣ୍ଡା ବ୍ଲକ ଭଙ୍ଗାମୁଣ୍ଡା ଧନୁଯାତ୍ରା ଶୁଭାରମ୍ଭ, ସ୍ଥାନ: ମନ୍ଦିର ସମ୍ମୁଖସ୍ଥ ଦରବାର, ସମୟ: ସନ୍ଧ୍ୟା ୮ଟା।

**ନୂଆପଡ଼ା**
- ଖଡିଆଳ ମହୋତ୍ସବ ୨୦୨୬ ଉଦ୍‌ଘାଟନ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆ, ସମୟ: ସନ୍ଧ୍ୟା ୭ଟା।
- ଖଡିଆଳ ମହୋତ୍ସବ ପାଇଁ ମଶାଲ ଯାତ୍ରା, ସ୍ଥାନ: ଯୋଗୀମଠଠାରୁ ଠାକୁରାଣୀ ମନ୍ଦିର ଦେଇ ମହୋତ୍ସବ ପଡିଆ, ସମୟ: ଅପରାହ୍ନ ୩ଟା।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟନ, ସ୍ଥାନ: ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ତରବୋଡ ବସ୍ତିପଡା, ସମୟ: ଅପରାହ୍ନ ୩ଟା ୪୬।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୬ତମ ବାର୍ଷିକ ଉତ୍ସବ, ସ୍ଥାନ: ଶିଶୁ ଭାରତୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନୂଆପଡ଼ା, ସମୟ: ଅପରାହ୍ନ ୫ଟା।

## 'କଳ୍କି' ସ୍ୱିକେଲରେ ସାଇ ପଲ୍ଲବୀ



**ହାଇଦ୍ରାବାଦ:** ନାଗ ଅଶ୍ୱିନଙ୍କ ନିର୍ଦ୍ଦେଶିତ ସାଇନ୍ସ-ଫିକ୍ସନ ଚଳଚ୍ଚିତ୍ର 'କଳ୍କି ୨୮୯୮ ଏଡି'ର ସିକ୍ୱେଲକୁ ନେଇ ଚର୍ଚ୍ଚା ଜୋର ଧରିଛି। ଫିଲ୍ମର ମୁଖ୍ୟ ନାୟିକା 'ସୁମତି' ଭୂମିକାରେ ଅଭିନୟ କରୁଥିବା ବଲିଉଡ ଅଭିନେତ୍ରୀ ଦୀପିକା ପାଦୁକୋନ ଏହି ପ୍ରୋଜେକ୍ଟରୁ ଓହରି ଯାଇଥିବା ବେଳେ ତାଙ୍କ ସ୍ଥାନରେ ଦକ୍ଷିଣ ଭାରତୀୟ ଅଭିନେତ୍ରୀ ସାଇ ପଲ୍ଲବୀଙ୍କୁ ନେବା ପାଇଁ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି। ଚଳଚ୍ଚିତ୍ର ପ୍ରଯୋଜନା ସଂସ୍ଥାର ଜଣେ ପ୍ରତିନିଧି ସ୍ପଷ୍ଟ କରିଛନ୍ତି ଯେ, ସାଇ ପଲ୍ଲବୀଙ୍କ ନାମ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ଦୀପିକାଙ୍କ ବିଦାୟ ପରେ ନିର୍ମାତାମାନେ 'ସୁମତି' ଚରିତ୍ର ପାଇଁ ସାଇ ପଲ୍ଲବୀଙ୍କ ନାମ ଉପରେ ବିଚାର କରୁଛନ୍ତି। ସେ ଏହି ଭୂମିକା ପାଇଁ ଉପଯୁକ୍ତ ବୋଲି ସେମାନେ ଭାବୁଛନ୍ତି। ଦୀପିକା ପ୍ରାୟ ୨୦ ଦିନର ଶୁଟିଂ ଶେଷ କରିସାରିଥିଲେ। କିନ୍ତୁ ପାରିଶ୍ରମିକ ବୃଦ୍ଧିକୁ ନେଇ ନିର୍ମାତାଙ୍କ ସହ ବୁଝାମଣା ନ ହେବାରୁ ସେ ଏହି ଚଳଚ୍ଚିତ୍ରରୁ ଓହରି ଯାଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅକାର ଉକାର ମକାର ତିନି,**
**ଓଁକାର ଅକ୍ଷୟ ବେଦର ଧ୍ୱନି।**

ଅକାର, ଉକାର ଓ ମକାର ଯଥାକ୍ରମେ ସୂର୍ଯ୍ୟବୀଜ, ଚନ୍ଦ୍ରବୀଜ ଓ ଅଗ୍ନିବୀଜ ଭାବେ ପରିଗଣିତ। ଏହାର ମୂଳ ତିନୋଟି ଅକ୍ଷର 'ଅ', 'ଉ' ଓ 'ମ'ର ସଂଯୋଗରେ 'ଓଁ'ର ଉତ୍ପତ୍ତି ହୋଇଥାଏ। ଏହାକୁ ପ୍ରଥମେ ଉଚ୍ଚାରଣ କରି ମନ୍ତ୍ରପାଠ କଲେ ମନ୍ତ୍ର ସିଦ୍ଧ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଅଳପ ଜାଣେ, ବହୁ ବଖାଣେ**
**ମରିବା ବଞ୍ଚିବା ଦୁଇ ନ ଜାଣେ।**

ସାଧାରଣତଃ ଜ୍ୟୋତିଷ ଓ ନାହାକ ଭଳି ବ୍ୟକ୍ତି ଲୋକର ହାତ ବା ଜାତକ ଦେଖି ତାଙ୍କ ଆଗତ ଭବିଷ୍ୟତ କଥା କହିଥାନ୍ତି। ଏଭଳି ବ୍ୟକ୍ତି ଯେତିକି ଜାଣିଥାନ୍ତି ତା'ଠାରୁ କାହିଁ କେତେ ଅଧିକ କଥା ଲୋକଙ୍କୁ ଶୁଣାଇଥାନ୍ତି। ତେବେ ସେମାନେ ଲୋକର ଜନ୍ମ ଓ ମୃତ୍ୟୁ ଭଳି ଏହି ଦୁଇଟି କଥାକୁ କେବେ ସଠିକ ବା ନିର୍ଭୁଲ ଭାବେ ଆକଳନ କରିପାରନ୍ତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଲୋକଙ୍କ ଡାଟା...

କରିବା ଉଦ୍ଦେଶ୍ୟରେ ବ୍ୟବହାର କରିବାକୁ ଦିଆଯିବ ନାହିଁ। ଅନ୍ୟପକ୍ଷେ ବିଜ୍ଞାପନ ଉଦ୍ଦେଶ୍ୟରେ ୟୁଜର ଡାଟା ଶେୟାରିଂ ପ୍ରସଙ୍ଗରେ ଟ୍ରିବ୍ୟୁନାଲ କମ୍ପାନୀ ଦ୍ୱାରା କ୍ଷମତାର ଦୁରୁପଯୋଗ ହେଉ ନ ଥିବା କହି ମେଟାକୁ ଅନୁମତି ଦେଇଥିବାରୁ ସିସିଆଇ ମଧ୍ୟ ଏହା ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ବ୍ୟବସାୟିକ ଉଦ୍ଦେଶ୍ୟରେ କମ୍ପାନୀର ଶୋଷଣକାରୀ ନୀତିକୁ ସମାଲୋଚନା କରିଥିଲେ।

ସିଜେଆଇ କହିଥିଲେ, ତୁମେ ଯଦି ଭାରତୀୟ ସମ୍ବିଧାନକୁ ମାନି ଚଳିପାରିବ ନାହିଁ ତେବେ ଦେଶ ଛାଡ଼ି ଚାଲିଯାଅ। ଆମେ ନାଗରିକଙ୍କ ପ୍ରିଭେସିରେ ସାଲିସ ହେବାକୁ ଅନୁମତି ଦେଇପାରିବୁ ନାହିଁ।

### ମାଟିର ଗରିମା...

ଓ କନ୍ୟା ଶିକ୍ଷା ପ୍ରଚାରରେ ତାଙ୍କର ଅଗ୍ରଣୀ ଭୂମିକାକୁ ସ୍ମରଣ କରିଥିଲେ। ସେ ଫକୀରମୋହନଙ୍କ ଅମରକୃତି 'ରେବତୀ'ର ଗୁରୁତ୍ୱକୁ ଉଲ୍ଲେଖ କରି, ରେବତୀ କିପରି ଅନେକ ଅସୁବିଧା ସତ୍ତ୍ୱେ ଶିକ୍ଷା ପାଇଁ ସଂଘର୍ଷ କରିଥିଲେ ତାହା ବର୍ଣ୍ଣନା କରିଥିଲେ। ଫକୀର ମୋହନ ବିଶ୍ୱବିଦ୍ୟାଳୟର ଶିକ୍ଷା, ଗବେଷଣା, ସାମାଜିକ ସେବା ଓ ସମୁଦାୟ ସଂଲଗ୍ନତାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ପ୍ରଶଂସା କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ନୀତି, ସତ୍ୟ ନିଷ୍ଠତା ଓ ସାମାଜିକ ଦାୟିତ୍ୱବୋଧ ଅତୁଟ ରଖିବାକୁ ଆହ୍ୱାନ କରିଥିଲେ। କୁଳାଧିପତି ତଥା ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ଯୋଗଦେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ସମ୍ବନ୍ଧୀୟ ଉଲ୍ଲେଖନୀୟ ଭବିଷ୍ୟମୂଳକ ଯୋଜନା ଓ ଭିଜନ ସମ୍ପର୍କରେ କହିଥିଲେ। ଶିକ୍ଷା ସମାଜ ଉନ୍ନତିର ଶକ୍ତିଶାଳୀ ଉପକରଣ। ଛାତ୍ରୀଛାତ୍ରମାନଙ୍କୁ ଆଜୀବନ ଶିକ୍ଷାର୍ଥୀ ହୋଇ ରହିବା ଆବଶ୍ୟକ ବୋଲି ବକ୍ତବ୍ୟରେ କହିଥିଲେ। ଉଚ୍ଚଶିକ୍ଷା ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ରାଜ୍ୟରେ ଉଚ୍ଚଶିକ୍ଷାକୁ ସୁଦୃଢ଼ କରିବା ପାଇଁ ନୂତନ ପଦକ୍ଷେପ ଓ ନୀତି ସଂଶୋଧନ ବିଷୟରେ ଆଲୋକପାତ କରିଥିଲେ। ସମାରୋହରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ ମଞ୍ଚାସୀନ ଥିଲେ। ଏହି ଅବସରରେ ୧,୮୩୧ ଜଣ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ଓ ପଦକ ପ୍ରଦାନ କରାଯାଇଥିଲା। ୧୦୧ଜଣଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିବା ବେଳେ ୮୯ ଜଣ ପି.ଏଚ୍‌ଡି. ଡିଗ୍ରୀଧାରୀଙ୍କୁ ସମ୍ମାନିତ କରାଯାଇଥିଲା। କ୍ରୀଡ଼ା କ୍ଷେତ୍ରରେ ଉତ୍କୃଷ୍ଟତା ପାଇଁ ଅନୁରାଧା ବିଶ୍ୱାଳ, ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ଶାନ୍ତନୁ କୁମାର ଆଚାର୍ଯ୍ୟ, ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ଅବଦାନ ପାଇଁ ଗୁରୁ ଗୋପାଳ ଚନ୍ଦ୍ର ପାଣ୍ଡାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା।

### ନାଭିଗୟାରେ ପିଣ୍ଡଦାନ...

ଯାଜପୁରବାସୀ ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହୋଇଥିଲେ। ଯାଜପୁରର ପ୍ରଶାସନିକ ଭବନ ପଡ଼ିଆ ହେଲିପ୍ୟାଡ୍‌ରେ ରାଷ୍ଟ୍ରପତି ଅବତରଣ କରିଥିଲେ। ସେଠାରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର ନାୟକ, ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ପୋଲିସ ଡିଆଇଜି ଚରଣ ସିଂ ମୀନା, ପୋଲିସ ଅତିରିକ୍ତ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର, ଜିଲାପାଳ ଅମ୍ବର କୁମାର କର, ଯାଜପୁର ଆରକ୍ଷୀ ଅଧୀକ୍ଷକ ଯଶ ପ୍ରତାପ ଶ୍ରୀମାଲ ପ୍ରମୁଖ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ। ପୂର୍ବାହ୍ନ ୧୧ ଟା ୪୦ ମିନିଟରେ ବିମାନ ଯୋଗେ ରାଷ୍ଟ୍ରପତି ବାଲେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ।

### ଝିଅ ବୋଝ ନୁହନ୍ତି...

ସେଥିରୁ ୪୫ ହଜାର ସିଧାସଳଖ କନ୍ୟାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏବଂ ୧୫ ହଜାର ଟଙ୍କା ବିବାହ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ କରାଯାଉଛି। ଏହି ଯୋଜନା ମୁଖ୍ୟତଃ ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାର ଉପରେ ପଡୁଥିବା ବିବାହର ଆର୍ଥିକ ଭାର ଲାଘବ କରିବା, ମହିଳାଙ୍କ ସମ୍ମାନ, ସାମାଜିକ ସୁରକ୍ଷା, ବିଧବା ପୁନର୍ବିବାହକୁ ଉତ୍ସାହିତ କରିବା, ଯୌତୁକ ପ୍ରଥା ବନ୍ଦ କରିବାକୁ ସହାୟକ ହେବ। ୨୦୨୫-୨୬ରୁ ୨୦୨୯-୩୦ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲାରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ। ଏଥିପାଇଁ ବଜେଟରେ ୫୯ କୋଟିରୁ ଅଧିକ ଟଙ୍କାର ବ୍ୟବସ୍ଥା କରାଯାଇଛି। ସୁଭଦ୍ରା ଯୋଜନା ଓ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ରାଜ୍ୟର ମହିଳାମାନଙ୍କୁ ସମସ୍ତ ଦିଗରୁ ସୁରକ୍ଷା ଓ ଆତ୍ମସମ୍ମାନ ପ୍ରଦାନ କରିବାରେ ନିଶ୍ଚିତ ରୂପରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବାଣିଜ୍ୟ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଆସିକା ଏମ୍‌ପି ଅନିତା ପ୍ରିୟଦର୍ଶିନୀ, ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ପୂର୍ଣ୍ଣଚନ୍ଦ୍ର ସେଠୀ, କୃଷ୍ଣଚନ୍ଦ୍ର ନାୟକ, ସିଦ୍ଧାନ୍ତ ମହାପାତ୍ର, ସରୋଜ ପାଢ଼ୀ, କେ.ଅନିଲ, ନୀଳମଣି ବିଷୋୟୀ, ମନୋରଞ୍ଜନ ଦ୍ୟାନ ସାମନ୍ତରା, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ମହିଳା ଶିଶୁ ବିକାଶ ନିର୍ଦ୍ଦେଶିକା ମନୀଷା ବାନାର୍ଜୀ, ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନ, ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର, ଛତ୍ରପୁର ଉପ ଜିଲାପାଳ ଶୁଭାଶିଷ ବରାଳ, ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ବିଡିଓ ଶରତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ନାବାଳିକା ଗଣବଳାତ୍କାର ଘଟଣାରେ ଆଲୋଚନା ପାଇଁ ବଲାଙ୍ଗୀର ଏସ୍‌ପି ଅଫିସକୁ ସିଡବ୍ଲ୍ୟୁସି ଏବଂ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଟିମ୍ ଆସିଛନ୍ତି।

### ୯ମ ଶ୍ରେଣୀ ଛାତ୍ରୀଙ୍କୁ...

ପୀଡ଼ିତାଙ୍କ ଜଣେ ସମ୍ପର୍କୀୟ ବଲାଙ୍ଗୀର ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଏସ୍‌ପି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତୁରେକେଲା ପୋଲିସ ଟିମ୍ ତଦନ୍ତ ଆରମ୍ଭ କରିବା ସହ ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଅଟକ ରଖିଛି। ଏହି ଘଟଣାରେ ସମ୍ପୃକ୍ତ ଜଣେ ୨୨ ବର୍ଷୀୟ ଯୁବକ ଯାହାଙ୍କୁ ଘଟଣାର ମାଷ୍ଟର ମାଇଣ୍ଡ କୁହାଯାଉଛି ତାଙ୍କୁ ମଧ୍ୟ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଇତିମଧ୍ୟରେ ପୀଡ଼ିତାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ମଙ୍ଗଳବାର ସନ୍ଧ୍ୟାରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିକ୍ରମ ପଣ୍ଡା, ସାମାଜିକ କର୍ମୀ ଅରୁଣ ଖୁଆସ, ସିଡବ୍ଲୁସି ଇନ୍‌ଚାର୍ଜ ଅଧ୍ୟକ୍ଷା ଲୀନା ବାବୁ, ସଦସ୍ୟା ଏସ୍. ଲତାଶ୍ରୀ ଏସ୍‌ପି କାର୍ଯ୍ୟାଳୟକୁ ଯାଇ ଏସ୍‌ପି ଅଭିଲାଷଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ରାତିରେ ପୀଡ଼ିତା ନାବାଳିକା ଛାତ୍ରୀଙ୍କୁ ପ୍ରଥମେ ତୁରେକେଲାରୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଅଣାଯାଇ ସିଡବ୍ଲୁସିରେ ପ୍ରଡ୍ୟୁସ୍ କରାଯିବ ବୋଲି ଇନ୍‌ଚାର୍ଜ ଅଧ୍ୟକ୍ଷା ଲୀନା କହିଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ପଣ୍ଡା କହିଛନ୍ତି, ପୀଡ଼ିତା ଛାତ୍ରୀଙ୍କୁ ସୁରକ୍ଷା ଦେବା ସହ ଅନ୍ୟାନ୍ୟ ପଦକ୍ଷେପ ନିଆଯିବ। ବଲାଙ୍ଗୀର ଏସ୍‌ପି ଅଭିଲାଷଙ୍କୁ ପଚରାଯିବାରେ ଭିଡିଓ ଭାଇରାଲ ପରେ ଘଟଣା ଜଣାପଡ଼ିଛି। ଗତ ଡିସେମ୍ବର ୨୫ ତାରିଖରେ ଏଭଳି ଘଟଣା ଘଟିଥିବା ପରିବାର ଲୋକେ କହିଛନ୍ତି। ପୀଡ଼ିତା ଛାତ୍ରୀ ଓ ତାଙ୍କ ପରିବାରକୁ ସବୁ ପ୍ରକାର ସହଯୋଗ ଦିଆଯିବ। ଅଭିଯୁକ୍ତମାନଙ୍କୁ ଅଟକ ରଖାଯାଇଛି। ବୁଧବାର ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ଦିଆଯିବ ବୋଲି ସେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଚତୁଃଗ୍ରହ କର୍ମସ୍ଥାନରେ କାର୍ଯ୍ୟସିଦ୍ଧି, ଅର୍ଥ ଓ ସମ୍ମାନ ଲାଭ କରାଇବେ। କିନ୍ତୁ ନିକିତି ତଉଲ ପରି ପାରିବାରିକ ଜୀବନର ପଲା ନିମ୍ନାଭିମୁଖୀ ହେତୁ ମନାନ୍ତର ଓ ଭୁଲ୍ ବୁଝାମଣାରୁ ଅଶାନ୍ତ ସ୍ଥିତି ମଧ୍ୟ ଉପୁଜିପାରେ। କିନ୍ତୁ ଅଶ୍ୱିନୀ ନକ୍ଷତ୍ର ସକାଶେ ଲୋକ ସମ୍ପର୍କ, ସଭାସମିତି, ଆଲୋଚନାଚକ୍ର, ସାହିତ୍ୟସଭା ପ୍ରୀତିପ୍ରଦ ରହିବ।

**ବୃଷ** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆନନ୍ଦ ଅନୁଭବ କରିବେ । ଆନୁଷ୍ଠାନିକ କାର୍ଯ୍ୟ କିମ୍ବା ସାଂସ୍କୃତିକ କାର୍ଯ୍ୟ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଆଜିର ପ୍ରତ୍ୟୁଷ ଯାତ୍ରା, ଧର୍ମକାର୍ଯ୍ୟ, ଭ୍ରାତୃ ସମ୍ପର୍କ କ୍ଷେତ୍ରରେ ସଫଳତା ପାଇପାରିବେ। ପଡ଼ୋଶୀଙ୍କ ସହ ସାଧାରଣ କଥାରେ ଉତ୍ତେଜିତ ହୋଇ ଭୁଲ୍ କରିପାରନ୍ତି।

**ମିଥୁନ** ଅର୍ଥନୈତିକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲରେ ଅତିବାହିତ ହେବାର ସମ୍ଭାବନା ରହିଛି। ବନ୍ଧୁଙ୍କ ସହାୟତାରେ ପାରିବାରିକ ସମସ୍ୟାକୁ ସହଜରେ ସମାଧାନ କରିବାରେ ସଫଳ ହେବେ। କର୍ମକ୍ଷେତ୍ରରେ କାର୍ଯ୍ୟକୁ ଏକାଗ୍ରତା ସହ ତୁଲାଇ ପ୍ରଶଂସିତ ହୋଇପାରନ୍ତି। ପୂର୍ବ ଶତ୍ରୁତାକୁ ନେଇ ବନ୍ଧୁଙ୍କ ସହ ସମ୍ପର୍କ ହାନି ଘଟିପାରେ।

**କର୍କଟ** ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟଦକ୍ଷତା ଓ ସାଂଗଠନିକ ପ୍ରବୃତ୍ତିର ପ୍ରଶଂସା ମିଳିବ। କିନ୍ତୁ ସପ୍ତମସ୍ଥ ଗ୍ରହ ବିବାଦରେ ପରାଜୟ ଓ ମାମଲାମକଦ୍ଦମାରେ ବିଫଳତା ପ୍ରଦାନ କରିପାରେ। ଆର୍ଥିକ ଅନଟନ ହେତୁ ଆଶା ପୂରଣ ହୋଇପାରିବ ନାହିଁ। ନିଜର ଫାଇଦା ହାସଲ ପାଇଁ ବନ୍ଧୁମାନେ ଫନ୍ଦିଫିକର କରିବା ଲାଗି ଯୋଜନା କରିପାରନ୍ତି।

**ସିଂହ** ସମସ୍ୟା ଆସିଲେ ମଧ ଷଷ୍ଠଭାବସ୍ଥ ରବି ପ୍ରତ୍ୟେକ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବେ। ଭଲ ସମ୍ପର୍କ ନ ଥିବା କାରଣରୁ ଆତ୍ମୀୟମାନେ ସମସ୍ୟା ସୃଷ୍ଟି କରିପାରନ୍ତି। ସାହିତ୍ୟ, ବୈଷୟିକ କ୍ଷେତ୍ରରୁ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହେବେ। ଧାର୍ମିକ କାର୍ଯ୍ୟ, ବ୍ୟବସାୟିକ ସ୍ଥିତି ଓ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବାର ଆଶା ରହିଛି।

**କନ୍ୟା** କର୍ମସ୍ଥ ବୃହସ୍ପତିଙ୍କ ଶୁଭଦୃଷ୍ଟି ହେତୁ ପାରିବାରିକ ସମର୍ଥନ, ବାହାର ଲୋକଙ୍କ ସାହାଯ୍ୟ ଆପଣଙ୍କ ପଛରେ ରହିବ। ପରିବହନ, ଜମିଜମା ସମ୍ବନ୍ଧୀୟ ସମସ୍ୟା ଆସିପାରେ। ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ। ନିର୍ମାଣ, ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇପାରନ୍ତି।

**ତୁଳା** କୌଣସି ଆନୁଷ୍ଠାନିକ କାମ, ସ୍ଥଗିତ ଧାର୍ମିକକାର୍ଯ୍ୟ ପାଇଁ ନିୟୋଜିତ ରହିବେ। ବିଜାତୀୟ ବ୍ୟକ୍ତିଙ୍କ ସହ ମିତ୍ରତା ପ୍ରତି ପାରିବାରିକ ସମର୍ଥନ ରହିବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ କିନ୍ତୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିବ। ଶିଳ୍ପ, ବାଣିଜ୍ୟ, ପରିବହନ, କଳା, ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ।

**ବିଛା** ଭାଗ୍ୟାଧିପତି କର୍ମଭାବସ୍ଥ ଯୋଗୁ କର୍ମକ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ମନୋରଞ୍ଜନ, ଯାତ୍ରା, ଯାନ୍ତ୍ରିକ ଜିନିଷ କ୍ରୟ, ଦୂରଯାତ୍ରା ପାଇଁ ଦିନଟି ଅନୁକୂଳ। ଚନ୍ଦ୍ର ସହ କେତୁଜନିତ ପାରିବାରିକ କ୍ଷେତ୍ରରେ ଟେନ୍‌ସନ ବଢ଼ିବ। ନିଜର ଭଳି ବ୍ୟବହାର ଦେଖାଉଥିବା ବ୍ୟକ୍ତିମାନେ ପଛରେ ଅପପ୍ରଚାର ଚଳାଇପାରନ୍ତି।

**ଧନୁ** ସମ୍ପର୍କୀୟଙ୍କ ସହାନୁଭୂତି ଆପଣଙ୍କୁ ନୂତନ ଗୃହ, ଯାନ କ୍ରୟ ଓ କାର୍ଯ୍ୟସିଦ୍ଧି ସକାଶେ ସାହାଯ୍ୟ କରିବ। ବିବାଦୀୟ ଘଟଣା ସକାଶେ ଯେଉଁ ଆଶଙ୍କା କରୁଛନ୍ତି ସେମିତି କିଛି ହେବ ନାହିଁ। ବନ୍ଧୁଙ୍କ ସହ ସାକ୍ଷାତ୍‌କାର ସାଙ୍ଗକୁ ଦେବ ଦର୍ଶନ ଏବଂ ଭ୍ରମଣ ସୁଯୋଗ ପାଇବେ। ପରୀକ୍ଷା, ସାହିତ୍ୟ, ସଙ୍ଗୀତ ଓ ପ୍ରତିଯୋଗିତାରେ ସଫଳତା ହାସଲ କରିବେ।

**ମକର** ବନ୍ଧୁଙ୍କ ଭୁଲ୍ ବୁଝାମଣା ସାଙ୍ଗକୁ ମିଥ୍ୟା ଅଭିଯୋଗ ବ୍ୟଥିତ କରିବ। ଫଳତଃ ମାନସିକ ସ୍ଥିରତା ହରାଇବା ସଙ୍ଗକୁ ସ୍ୱାସ୍ଥ୍ୟ ସମସ୍ୟାରେ ମଧ ପୀଡ଼ିତ ହୋଇପାରନ୍ତି। ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ତୁଲାଇ ନେବେ। ଯାତ୍ରା, ନିର୍ମାଣ, ଆନୁଷ୍ଠାନିକ କାର୍ଯ୍ୟ ଏବଂ କଚେରି ମାମଲା କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**କୁମ୍ଭ** ସ୍ୱାସ୍ଥ୍ୟରେ ଉନ୍ନତି ସଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ଲକ୍ଷ୍ୟ ହାସଲରେ ସହାୟକ ହେବ। ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ, ଅନ୍ୟଥା ମନସ୍ତାପ କରିବା ବ୍ୟତୀତ କିଛି ଲାଭ ହେବନି। ଶିଳ୍ପ,ନୂତନ ଉଦ୍ୟୋଗ, ପରିବହନ, ବାଣିଜ୍ୟ, କାରଖାନା ଦିଗରୁ ଉପକୃତ ହୋଇପାରନ୍ତି।

**ମୀନ** ପ୍ରତ୍ୟେକ ଦିଗରୁ ଗ୍ରହସମ୍ପର୍କର ଅନୁକୂଳତା ଜୀବନଚର୍ଯ୍ୟା ପାଇଁ ଲାଭଦାୟକ ରହିବ। ସ୍ଥଗିତ କାମରେ, ସ୍ୱାସ୍ଥ୍ୟ ସମସ୍ୟାରେ, ବାଣିଜ୍ୟରେ ସମସ୍ୟା ସମାଧାନ ହେବ। କିନ୍ତୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ପୁରୁଣା ସମ୍ପର୍କକୁ ଯୋଡିବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ।

ଆଜି ଫେବୃୟାରୀ ୪ ତାରିଖ। ବିଶ୍ୱ କର୍କଟ ଦିବସ, ଉତ୍କଳ ଗୌରବ ମଧୁସୂଦନଙ୍କ ତିରୋଧାନ ଦିବସ। ଫାଲ୍‌ଗୁନ କୃଷ୍ଣ ତୃତୀୟା ବୁଧବାର। ରାଶିନକ୍ଷତ୍ର-ପୂର୍ବଫାଲ୍‌ଗୁନୀ/ସିଂହ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୨୪ମି. ଗତେ ଘ.୦୭।୫୪ମି. ମଧ୍ୟେ, ଘ.୧୦।୩୬ମି. ଗତେ ଘ.୧୧।୩୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୨।୦୦ମି. ଗତେ ଘ.୦୧।୨୪ମି. ମଧ୍ୟେ ରାହୁ କାଳ।

# ଆଦାନୀ ଗ୍ରୁପ୍ ବିରୋଧରେ ପୋର୍ଟ କର୍ମଚାରୀଙ୍କ ଆନ୍ଦୋଳନ

**ଛତ୍ରପୁର, ୩।୨ (ଦିଲୀପ ସାମଲ)**

ଗଞ୍ଜାମ ଜିଲା ଛତ୍ରପୁର ଉପକଣ୍ଠ ଗୋପାଳପୁର ବନ୍ଦରର ଉନ୍ନତି ଦାୟିତ୍ୱ ନେଇଥିବା ଆଦାନି ଗ୍ରୁପ୍ ଏହାର ପରିଚାଳନା ଦାୟିତ୍ୱ ସ୍ୱୀକୃତିପ୍ରାପ୍ତ ଭେଣ୍ଡର ଓ କଣ୍ଟ୍ରାକ୍ଟରଙ୍କୁ ଦେଇଛି। ଏମାନଙ୍କ ଅଧୀନରେ ଦୀର୍ଘଦିନ ଧରି କାମ କରୁଥିବା ଅପରେଟର, ଡ୍ରାଇଭର ଓ ଅନ୍ୟ ଶ୍ରମିକମାନେ ସେମାନଙ୍କ ଉଚିତ୍ ପ୍ରାପ୍ୟ ନ ପାଇ ମଙ୍ଗଳବାର ବିଭିନ୍ନ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନେ ଦାବିପୂରଣ ନେଇ ଗୋପାଳପୁର ବନ୍ଦର ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣାରେ ବସିଥିଲେ। ଗଞ୍ଜାମ ଅପରେଟର ଆଣ୍ଡ ଡ୍ରାଇଭର ମଜଦୁର ସଂଘ ମାଧ୍ୟମରେ ଆନ୍ଦୋଳନ ଆରମ୍ଭ କରିଥିବା ଏହି ବର୍ଗର କର୍ମଚାରୀ ସେମାନଙ୍କ ନ୍ୟାଯ୍ୟ ଦାବି ପୂରଣ ହେଉ ନ ଥିବା ଅଭିଯୋଗ କରିଛନ୍ତି।



ଗୋପାଳପୁର ବନ୍ଦର ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା କର୍ମଚାରୀ।

ସରକାରୀ ନିୟମ ଅନୁସାରେ ପ୍ରତ୍ୟେକ ଶ୍ରମିକଙ୍କୁ ସେମାନଙ୍କ ହକ୍ ମିଳିବାରେ ଏଠାରେ ବ୍ୟତିକ୍ରମ ହେଉଥିବା ଦେଖିବାକୁ ମିଳିଛି। ଶ୍ରମ ଆଇନ ଉଲ୍ଲଂଘନ ବନ୍ଦ କରିବା, ସମାନ କାମକୁ ସମାନ ଦରମା, ଶ୍ରମିକଙ୍କୁ ପାନୀୟଜଳ, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ସବୁ ସୁବିଧା ଯୋଗାଇବା, ଇପିଏଫ୍ ଓ ଇନ୍‌କ୍ରିମେଣ୍ଟ ନିୟମିତ ଭାବେ

### ସମାନ କାମକୁ ସମାନ ଦରମା ଦାବି

ପ୍ରଦାନ କରିବା ଆଦି ଦାବି ସଂଘ ପକ୍ଷରୁ ରଖାଯାଇଛି। ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଏପରି ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ କହିଛି। ଗଞ୍ଜାମ ଅପରେଟର ଆଣ୍ଡ ଡ୍ରାଇଭର ମଜଦୁର ସଂଘ ସଭାପତି ଏସ୍. କ୍ରିଷ୍ଣା ରେଡ୍ଡୀ, ଉପସଭାପତି ଏସ୍. ପ୍ରଭାକର ରେଡ୍ଡୀ, ସାଧାରଣ ସମ୍ପାଦକ କାହ୍ନୁ ଚରଣ ନାହାକ, ସହ ସମ୍ପାଦକ ପି.ଭେଙ୍କଟ ରେଡ୍ଡୀ, କୋଷାଧ୍ୟକ୍ଷ ହେମନ୍ତ ବେହେରା, ଆଇନ ପରାମର୍ଶଦାତା ଜ୍ୟୋତିରଞ୍ଜନ ମିଶ୍ରଙ୍କ ସହ ସଂଘର ଶତାଧିକ ସଭ୍ୟ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

# ରାଜ୍ୟକୁ ବିଏସ୍ଏନ୍ଏଲ୍ ବକେୟା ମାଗିଲା କେନ୍ଦ୍ର | ବାକି ଟଙ୍କା ତୁରନ୍ତ ଫେରାଅ

**ଭୁବନେଶ୍ୱର, ୩।୨ (ରବିନାରାୟଣ ଜେନା)**

ରାଜ୍ୟର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଉପରେ ବକେୟା ଥିବା ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସ୍ଏନ୍ଏଲ୍)ର ପ୍ରାୟ ୨୮.୫୪ କୋଟି ଟଙ୍କା ତୁରନ୍ତ ପଇଠ କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟକୁ କୁହାଯାଇଛି। ଏ ସଂକ୍ରାନ୍ତରେ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ୍. ସିନ୍ଧିଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ପତ୍ରକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସଂପୃକ୍ତ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଭାଗ ପ୍ରମୁଖ ସଚିବ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବାକୁ ସରକାରଙ୍କ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଯୋଗାଯୋଗ ମନ୍ତ୍ରାଳୟ ପକ୍ଷରୁ ଏନେଇ ପୂର୍ବରୁ ଦୁଇଥର ପତ୍ର ଲେଖି ଅନୁରୋଧ କରାଯାଇଥିଲା। ବିଏସ୍ଏନ୍ଏଲ ଅଧ୍ୟକ୍ଷ ଏ. ରବର୍ଟ ଜେ ରବି ୨୦୨୪ ଅକ୍ଟୋବର ୧୦ରେ ପ୍ରଥମେ ପତ୍ର ଲେଖି ଅବଗତ କରାଇଥିବାବେଳେ ବିଭାଗୀୟ ସଚିବ ଡ. ନିରଜ ମିତ୍ତଲ ୨୦୨୫ ମେ’୧୪ରେ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖିଥିଲେ। ଏହାପରେ କେନ୍ଦ୍ରମନ୍ତ୍ରୀ ସିନ୍ଧିଆ ୨୦୨୫ ସେପ୍ଟେମ୍ବର ପହିଲା ଓ ନଭେମ୍ବର ୨୫ରେ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖି ବକେୟା ଅର୍ଥ ମାଗିଥିଲେ। ହେଲେ ଅଦ୍ୟାବଧି ସମ୍ପୂର୍ଣ୍ଣ ବକେୟା ବିଏସ୍ଏନ୍ଏଲ୍ ପାଇନାହିଁ। ଏହାକୁ ନେଇ କେନ୍ଦ୍ରମନ୍ତ୍ରୀ ପ୍ରଦାନ କରିଥିବା ପତ୍ରରେ ପୂର୍ବପତ୍ର ସଂଖ୍ୟା ଦର୍ଶାଇ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଯେ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ବିଏସ୍ଏନ୍ଏଲ୍ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିର୍ବାହରେ ସହାୟକ ହେଉଛି। ଏହାସହିତ ପଦାତିକ ବାହିନୀ ଏବଂ ବ୍ୟାଙ୍କିଙ୍ଗ୍ ସେବା କ୍ଷେତ୍ରରେ ବିଶ୍ୱାସଯୋଗ୍ୟ ସେବା ଯୋଗାଇଆସୁଛି। ବିଏସ୍ଏନ୍ଏଲ୍ ଆର୍ଥିକ ଚାପରେ ରହିଥିବାରୁ ଏଥିରୁ ମୁକୁଳିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୯, ୨୦୨୨ ଏବଂ ୨୦୨୩ରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହାସତ୍ତ୍ୱେ ବିଏସ୍ଏନ୍ଏଲ୍ ଆଗକୁ ବଢ଼ିପାରୁନାହିଁ। ଏକ୍ଷେତ୍ରରେ ରାଜ୍ୟର ସହାୟତା ନିହାତି ଆବଶ୍ୟକ। ବିଏସ୍ଏନ୍ଏଲ୍‌ର ପରିସ୍ଥିତିକୁ ଦୃଷ୍ଟିରେ ରଖି ସଂପୃକ୍ତ ବିଭାଗକୁ ବକେୟା ଅର୍ଥ ଦେବା ଦିଗରେ ଏକ ନିର୍ଦ୍ଦେଶନାମା ଜାରି କରିବାକୁ କେନ୍ଦ୍ରମନ୍ତ୍ରୀ ପତ୍ରରେ ଅନୁରୋଧ କରିଛନ୍ତି।




# କ୍ଷତିଗ୍ରସ୍ତଙ୍କ ଭିତରେ ଫାଟ ସୃଷ୍ଟି ପାଇଁ ଚକ୍ରାନ୍ତ ଅଭିଯୋଗ

### ନାଲ୍‌କୋ ବ୍ରାଉନଫିଲ୍ଡ ସମ୍ପ୍ରସାରଣ ପ୍ରସଙ୍ଗ

- **ଉଚିତ କ୍ଷତିପୂରଣ, ସ୍ଥାୟୀ ଚାକିରି ନେଇ ଲିଖିତ ପ୍ରତିଶ୍ରୁତି ନ ମିଳିଲେ ଆନ୍ଦୋଳନ**
- **ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କଲେ କେତେଜଣ କ୍ଷତିଗ୍ରସ୍ତ**

**ଅନୁଗୋଳ, ୩।୨ (ମାନସ ବିଶ୍ୱାଳ)**

ଅନୁଗୋଳ ସହର ଉପକଣ୍ଠରେ ଅବସ୍ଥିତ ନବରତ୍ନ କମ୍ପାନୀ ନାଲ୍‌କୋ ନିଜର ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ସ୍ମେଲଟର କାରଖାନା ସମ୍ପ୍ରସାରଣ ନିମନ୍ତେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିଛି। ହେଲେ ପୂର୍ବରୁ କମ୍ପାନୀ ସ୍ଥାପନ ବେଳେ ଜମି ହରାଇଥିବା ଲୋକଙ୍କ ମଧ୍ୟରୁ ଅନେକଙ୍କୁ ଏଯାଏ ନାଲ୍‌କୋ ଚାକିରି ଦେଇ ନ ଥିବା ଅଭିଯୋଗ କରି ମଙ୍ଗଳବାର କାଙ୍ଗୁଲା, ଗୋପୀନାଥପୁର ଓ କୁଲାଡ଼ ମୌଜାର ଜମି ହରାଉଥିବା କେତେଜଣ କ୍ଷତିଗ୍ରସ୍ତ ପରିବାର ଜିଲାପାଳ ଅବଦଲ ମୁହମ୍ମଦ ଅଖତାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବ୍ରାଉନଫିଲ୍ଡ ସମ୍ପ୍ରସାରଣ ପାଇଁ ଜମିହରାଙ୍କୁ ଉଚିତ ମୂଲ୍ୟ ଓ ସ୍ଥାୟୀ ଚାକିରି ନେଇ ଲିଖିତ ପ୍ରତିଶ୍ରୁତି ନ ମିଳିଲେ ନାଲ୍‌କୋକୁ କୌଣସି କାର୍ଯ୍ୟ କରାଇ ଦିଆଯିବ ନାହିଁ ବୋଲି ସମ୍ପୃକ୍ତ ଅଭିଯୋଗକାରୀମାନେ ଚେତାବନୀ ଦେଇଛନ୍ତି। ଏଥିସହ ପ୍ରଶାସନ ବାରମ୍ବାର ନିଜ କଥା ବଦଳାଉଥିବାବେଳେ ନାଲ୍‌କୋ ସହ ମିଶି ଜମିହରାଙ୍କ ଭିତରେ ଫାଟ ସୃଷ୍ଟି ପାଇଁ ଉଦ୍ୟମ କରୁଥିବା ଅଭିଯୋଗ କରିଛନ୍ତି।


ଅନୁଗୋଳ ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିବାକୁ ଆସିଥିବା କେତେଜଣ କ୍ଷତିଗ୍ରସ୍ତ।

କ୍ଷତିଗ୍ରସ୍ତ ପ୍ରତାପ ନାଥ, ସୁରଥ ବେହେରା, ରାଜେଶ ତ୍ରିପାଠୀ, ସନ୍ତୋଷ ଖୁଣ୍ଟିଆ, ଶ୍ରୀପତି ଭୋଇ ପ୍ରମୁଖ ଅଭିଯୋଗ କରିଛନ୍ତି, ନାଲ୍‌କୋ ସ୍ମେଲଟର କାରଖାନା ସମ୍ପ୍ରସାରଣ କରିବା ପାଇଁ ହେବାକୁ ଥିବା ଜମି ଅଧିଗ୍ରହଣ ନିମନ୍ତେ ପ୍ରଶାସନ ପକ୍ଷରୁ ସର୍ଭେ କାର୍ଯ୍ୟ ଶେଷ କରାଯାଇଛି। ଗତ ଜାନୁଆରୀ ୨୮ ତାରିଖରେ ପରିବେଶ ମଞ୍ଜୁରୀ ଜନଶୁଣାଣି ହେବାର ଥିଲା। ପରେ ତାହାକୁ ଫେବୃଆରୀ ୧୮କୁ ଘୁଞ୍ଚାଇ ଦିଆଯାଇଛି। ତେବେ ନାଲ୍‌କୋ ପାଇଁ ଜମି ହରାଉଥିବା ଲୋକମାନେ ଉଚିତ ମୂଲ୍ୟ ସହ ସ୍ଥାୟୀ ନିଯୁକ୍ତି ନିମନ୍ତେ ଦାବି କରିଆସୁଛନ୍ତି। ସ୍ଥାୟୀ ଚାକିରିର ସ୍ୱପ୍ନ ଦେଖାଇ ନାଲ୍‌କୋ ଓ ଭୂ-ଅର୍ଜନ କାର୍ଯ୍ୟାଳୟ ସର୍ଭେ ସମ୍ପୂର୍ଣ୍ଣ କରାଇଥିଲା। ଏହି ସମୟରେ ଲୋକେ ନିଜର ଜମି ଦେବାକୁ ଆଦୌ ସହାମତି ପ୍ରକାଶ କରି ନ ଥିଲେ। ପ୍ରଶାସନ ଓ ନାଲ୍‌କୋ ଅଧିକାରୀଙ୍କ ଉପସ୍ଥିତିରେ ପ୍ରତି କ୍ଷତିଗ୍ରସ୍ତ ପରିବାରକୁ ସ୍ଥାୟୀ ନିଯୁକ୍ତି ଦେବା ନେଇ ଏକ ବୈଠକରେ ଆଲୋଚନା ହୋଇଥିଲା। ସର୍ଭେ ପରବର୍ତ୍ତୀ ସମୟରେ ସ୍ଥାୟୀ ନିଯୁକ୍ତି ନେଇ ଲିଖିତ ପ୍ରତିଶ୍ରୁତି ଦିଆଯିବ ବୋଲି କୁହାଯାଇଥିଲା। କିନ୍ତୁ ବର୍ତ୍ତମାନ ପ୍ରଶାସନ ନିଜ ମତ ବଦଳାଉଛି। ସର୍ଭେ ପରବର୍ତ୍ତୀ ସମୟରେ କୌଣସି ତଥ୍ୟ ଗ୍ରାମବାସୀଙ୍କୁ ଦିଆଯାଉ ନାହିଁ। ଇତିମଧ୍ୟରେ ନାଲ୍‌କୋ ଭୂ-ଅର୍ଜନ କାର୍ଯ୍ୟାଳୟ ପକ୍ଷରୁ ଶିକ୍ଷାଗତ ଯୋଗ୍ୟତା ସର୍ଭେ ସମ୍ପୂର୍ଣ୍ଣ ହୋଇଛି। ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଦଶମ ପାସ କରିଥିବା ସମସ୍ତ ୧୮ ବର୍ଷରୁ ଊର୍ଦ୍ଧ୍ୱ ପ୍ରାୟ ୬୩୫ ପ୍ରାର୍ଥୀ ଆବଶ୍ୟକ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ସେଥିମଧ୍ୟରୁ ପ୍ରାୟ ଟେକ୍ନିକାଲ ପ୍ରାର୍ଥୀ ଭାବେ ବି-ଟେକ୍‌ରେ ୭୦ ଜଣ, ଡିପ୍ଲୋମାରେ ୪୭ ଓ ଆଇଟିଆଇରେ ୭୬ ଜଣଙ୍କୁ ମିଶାଇ ମୋଟ ୧୯୩ ଜଣ ଟେକ୍ନିକାଲ ଥିବାବେଳେ ଅନ୍ୟ ସମସ୍ତେ ହେଉଛନ୍ତି ନନ୍‌ଟେକ୍ନିକାଲ। ହେଲେ ବର୍ତ୍ତମାନ ପ୍ରଶାସନ କହୁଛି କେବଳ କ୍ଷତିଗ୍ରସ୍ତ ଟେକ୍ନିକାଲ ପ୍ରାର୍ଥୀଙ୍କୁ ନାଲ୍‌କୋ ପକ୍ଷରୁ ଚାକିରି ଦିଆଯିବ। ନନ୍‌ଟେକ୍ନିକାଲ ପ୍ରାର୍ଥୀମାନଙ୍କୁ କୌଣସି ଚାକିରି ଦିଆଯିବ ନାହିଁ। ପ୍ରଶାସନ ନାଲ୍‌କୋର ହାତବାରିସୀ ହୋଇ କାର୍ଯ୍ୟ କରୁଥିବା ବେଳେ କ୍ଷତିଗ୍ରସ୍ତ ଜନସାଧାରଣଙ୍କ କଥା ଶୁଣୁ ନାହିଁ। ପ୍ରତିଦିନ ପ୍ରଶାସନ ମତ ବଦଳାଇ ଜମିହରାଙ୍କ ମଧ୍ୟରେ ଫାଟ ସୃଷ୍ଟି କରିବାକୁ ନାଲ୍‌କୋ ସହ ମିଶି ଚକ୍ରାନ୍ତ ଚଳାଇଥିବା ଅଭିଯୋଗକାରଙ୍କ ସମେତ ୩ ମୌଜାର ଲୋକେ ଅଭିଯୋଗ ଆଣିଛନ୍ତି।




## ୨ ମାସ ରହିଲା, ବଜେଟ ଅର୍ଥର ଖର୍ଚ୍ଚ ବଢ଼ାଅ: ମୁଖ୍ୟ ସଚିବ

**ଭୁବନେଶ୍ୱର, ୩।୨ (ସୁନିତ୍ ମିଶ୍ର)**

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯିବା ସହ ସେସବୁ ଉପରେ କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ ଓ ପରାମର୍ଶ ଦିଆଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷର ରାଜ୍ୟ ବଜେଟ ଅନୁସାରେ ୨୦୨୬ ଜାନୁଆରୀ ୩୧ ସୁଦ୍ଧା ହୋଇଥିବା ଖର୍ଚ୍ଚ ଓ ରାଜସ୍ୱ ଆଦାୟ ସ୍ଥିତିର ସମୀକ୍ଷା କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରୱାରି ସମୀକ୍ଷା କରାଯାଇଛି। କୃଷି, ମତ୍ସ୍ୟ ଓ ପ୍ରାଣିପାଳନ, ସମବାୟ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଶକ୍ତି ଓ ସାମାଜିକ କ୍ଷେତ୍ରରେ ଗତବର୍ଷ ଏହି ସମୟ ମଧ୍ୟରେ ହୋଇଥିବା ଖର୍ଚ୍ଚ ତୁଳନାରେ ଚଳିତ ବର୍ଷ ଖର୍ଚ୍ଚ ହାର ଅଧିକ ବୃଦ୍ଧି ପାଇଛି। ଅଧିକ ବ୍ୟୟ ବରାଦ ହୋଇଥିବା ବିଭିନ୍ନ ବିଭାଗ ସହ ଅନ୍ୟ ସମସ୍ତ ବିଭାଗର ଖର୍ଚ୍ଚ ସମୀକ୍ଷା କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ହେବାକୁ ୨ ମାସ ରହିଛି। ତେଣୁ ଏହା ଭିତରେ କାର୍ଯ୍ୟକୁ ତ୍ୱରାନ୍ୱିତକରି ବଜେଟ ଅର୍ଥର ଖର୍ଚ୍ଚ ବୃଦ୍ଧିକରିବା ସହ ସମ୍ପୃକ୍ତ ବିଭାଗଗୁଡ଼ିକୁ ଧାର୍ଯ୍ୟ ଅନୁସାରେ ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ପୂରଣ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ୧୫ କାର୍ଯ୍ୟସୂଚୀ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରାଯିବା ସମ୍ପର୍କରେ ଆଲୋଚନା ହୋଇଛି। ବିଭିନ୍ନ ବିଭାଗ ଏ ସମ୍ପର୍କରେ ନିଜର ବିବରଣୀ ପ୍ରଦାନ କରିଛନ୍ତି। କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ କରୁ ନ ଥିବା ତଥା ଦୁର୍ନୀତିଗ୍ରସ୍ତ, ଅପାରଗ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବା ସମ୍ପର୍କିତ ବିବରଣୀ ଆସନ୍ତା ମାସରେ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



ଅନ୍ୟମାନେ ତୁମ ସମ୍ବନ୍ଧେ କ'ଣ କହୁଛନ୍ତି, କରୁଛନ୍ତି ଓ ଭାବୁଛନ୍ତି- ସେକଥାକୁ ନେଇ ଯଦି ତୁମେ ଆଘାତ ପାଉଥାଅ ବା ବ୍ୟଥିତ ହେଉଥାଅ- ତା'ହେଲେ ତୁମେ ଜଣେ ଦୁର୍ବଳ ମଣିଷ ଏବଂ ତୁମେ କେବେ ଏକାନ୍ତ ଭାବେ ଭଗବାନଙ୍କ ପ୍ରଭାବର ଅଧୀନ ହୋଇ ବଞ୍ଚୁ ନାହଁ।-ଶ୍ରୀମା

-ସବେ-ବରାତ (ପୂର୍ବ ରାତ୍ରି), ମଧୁସୂଦନ ଦାସଙ୍କ ତିରୋଧାନ ଦିବସ

# ତଥ୍ୟ ଅସୁରକ୍ଷିତ

ନାଗରିକଙ୍କ ବ୍ୟକ୍ତିଗତ ତଥ୍ୟକୁ ବାରମ୍ବାର ଅପବ୍ୟବହାର କରାଯାଉଥିବାରୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଅଭିଯୋଗ ହୋଇଆସୁଛି। ବିଶେଷକରି ସାମାଜିକ ଗଣମାଧ୍ୟମର ପ୍ରାବଲ୍ୟତା ବଢ଼ିଥିବାରୁ ତଥ୍ୟକୁ ନେଇ ସର୍ବଦା ଆଲୋଚନା ହେଉଛି। ନାଗରିକର ପ୍ରିଭେସି ବା ଅନ୍ତରଙ୍ଗ ତଥ୍ୟ ଆଦାନପ୍ରଦାନରେ ସୁରକ୍ଷା ରହିବା ଜରୁରୀ। ମେସେଜିଂ ଆପ୍ ହ୍ୱାଟ୍ସଆପ୍ ଓ ତାହାର ମୂଳ କମ୍ପାନୀ ମେଟା, ଯାହା ଅଧୀନରେ ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ୍ ଅଛି, ତାହା ବ୍ୟବହାରକାରୀଙ୍କ ତଥ୍ୟରୁ ଲାଭ ପାଇଁ ଡାଟା ଶେୟାର କରିଦେଉଥିବାରୁ ସୁପ୍ରିମକୋର୍ଟ ୩ ଫେବୃଆରୀରେ ଏହାକୁ ନେଇ କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି। ସର୍ବୋଚ୍ଚ ଅଦାଲତ ନାଗରିକଙ୍କ ବ୍ୟକ୍ତିଗତ ତଥ୍ୟକୁ ଅପବ୍ୟବହାର କରିବାକୁ ଅନୁମତି ଦେବେ ନାହିଁ ବୋଲି କହିଛନ୍ତି। ନ୍ୟାଶନାଲ କମ୍ପାନୀ ଲ' ଆପିଲେଟ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଏଟି)ଙ୍କ ରାୟକୁ ଚ୍ୟାଲେଞ୍ଜ କରି ହ୍ୱାଟ୍ସଆପ୍ ଓ ମେଟା ସର୍ବୋଚ୍ଚ ଅଦାଲତରେ ଦାଏର କରିଥିବା ଆବେଦନ ଉପରେ ଶୁଣାଣି କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ସୂଚନାଯୋଗ୍ୟ, ହ୍ୱାଟ୍ସଆପ୍‌ର ୨୦୨୧ ଗୋପନୀୟତା ନୀତିକୁ ନେଇ କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆ(ସିସିଆଇ) ହ୍ୱାଟ୍ସଆପ୍ ଉପରେ ୨୧୩.୧୪ କୋଟି ଟଙ୍କାର ଜରିମାନା ଲଗାଇଥିଲେ। ପରେ ଏନ୍‌ସିଏଲ୍‌ଏଟି ୪ ନଭେମ୍ବର ୨୦୨୫ରେ ଉକ୍ତ ଆଦେଶକୁ ବଳବତ୍ତର ରଖିଥିଲେ। ଏହା ପରେ ମେଟା ସୁପ୍ରିମକୋର୍ଟ ଯିବା ସହ ଉପରୋକ୍ତ ଅର୍ଥ ମଧ୍ୟ ଦାଖଲ କରିଥିବା କୋର୍ଟରେ ଦର୍ଶାଇଛି। ହେଲେ ସର୍ବୋଚ୍ଚ ଅଦାଲତ କହିଛନ୍ତି, କେବଳ ଅର୍ଥ ପଇଠ କରିଦେଲେ ହେବ ନାହିଁ, ବରଂ ନାଗରିକଙ୍କ ଅଧିକାର ସୁରକ୍ଷିତ ଓ ସୁନିଶ୍ଚିତ ରହିବା ଦରକାର।

ତଥ୍ୟ ସୁରକ୍ଷା ଉପରେ ଶୀର୍ଷ ଅଦାଲତଙ୍କ ଟିପ୍ପଣୀ ନିଶ୍ଚିତ ଭାବେ ଚିନ୍ତା ଉଦ୍ରେକକାରୀ। କାରଣ ଆଜିର ଡିଜିଟାଲ ଯୁଗରେ ତଥ୍ୟ ସବୁଠାରୁ ମୂଲ୍ୟବାନ ପଦାର୍ଥ ହୋଇଗଲାଣି। ଏଭଳି କମ୍ପାନୀଗୁଡ଼ିକ ବିଭିନ୍ନ ସମୟରେ ଲାଭ ପାଇଁ ଲୋକଙ୍କ ତଥ୍ୟ ବିକ୍ରି କରିଦେଉଛନ୍ତି। ତେଣୁ ପ୍ରିଭେସି ସୁରକ୍ଷା ନେଇ ସ୍ୱତନ୍ତ୍ର ନିୟନ୍ତ୍ରଣ ଅଣାଯିବା ଉପରେ ବାରମ୍ବାର ଆଲୋଚନା ହେଉଥିଲେ ମଧ୍ୟ ତାହାର ସୁଫଳ ମିଳିପାରୁ ନାହିଁ। ଅନ୍ୟପଟେ ଭାରତ ସରକାରଙ୍କ ପାଖରେ ମଧ୍ୟ ନାଗରିକଙ୍କ ତଥ୍ୟ ସୁରକ୍ଷିତ ରହିପାରୁନାହିଁ। ଉଦାହରଣ ସ୍ୱରୂପ, ବିଭିନ୍ନ ସମୟରେ ସରକାରୀ ୱେବ୍‌ସାଇଟ୍ ଏବଂ ଡିଜିଟାଲ ପ୍ଲାଟଫର୍ମରୁ ତଥ୍ୟ ଚୋରି କଥା ଶୁଣିବାକୁ ମିଳିଛି। ସରକାର ବାରମ୍ବାର ଜୋର ଦେବା ଯୋଗୁ ପ୍ରାୟ ସବୁ ନାଗରିକ ନିଜ ଆଧାର ସହ ବ୍ୟାଙ୍କ, ପାନ୍‌କାର୍ଡ ଏବଂ ଅନ୍ୟସବୁ ସମ୍ବେଦନଶୀଳ ତଥ୍ୟ ଯୋଡ଼ି ସାରିଲେଣି। ବିଡ଼ମ୍ବନାର ବିଷୟ ହେଲା, ଆଧାର ତଥ୍ୟ ଲିକ୍ ହେବା ଘଟଣା ନୂଆ ନୁହେଁ। ଥରକୁ ଥର ଆଧାର ତଥ୍ୟ ଲିକ୍ ହେଉଛି ଓ ଲୋକଙ୍କ ପ୍ରିଭେସି ଉପରେ ଆଞ୍ଚ୍ ଆସୁଛି। ଏହା ଉପରେ ମଧ୍ୟ ସୁପ୍ରିମକୋର୍ଟ ନିଜଆଡ଼ୁ ଟିପ୍ପଣୀ ଦେବା ଦରକାର। ନିକଟରେ ଭାରତ ସରକାର ପ୍ରତି ମୋବାଇଲରେ 'ସଞ୍ଚାର ସାଥୀ' ନାମକ ଏକ ଆପ୍ ବିକ୍ରି ପୂର୍ବରୁ ଇନ୍‌ଷ୍ଟଲ କରିବାକୁ ମୋବାଇଲ ଉତ୍ପାଦନକାରୀ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ଆପଲ୍ ସମେତ ଅଧିକାଂଶ କମ୍ପାନୀ ସରକାରଙ୍କ ଏଭଳି ନିର୍ଦ୍ଦେଶ ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ତଥ୍ୟକୁ ବିପଦରେ ପକାଇବ ବୋଲି ଦର୍ଶାଇ ବିରୋଧ କରିଥିଲେ। ଏହି ବିରୋଧ ଯୋଗୁ କଥାଟି ଲୋକଲୋଚନକୁ ଆସିଲା ଓ ସାଧାରଣ ନାଗରିକଙ୍କ ଘୋର ସମାଲୋଚନା ଏବଂ ଚାପ ପଡ଼ିବା ପରେ ସରକାର ପଛଘୁଞ୍ଚା ଦେଇଥିଲେ। ଏଭଳି ସ୍ଥଳେ ଅନ୍ତର୍ଜାତୀୟ କମ୍ପାନୀ ଉପରେ କଟକଣା ଲଗାଇବା ସହଜ ହେଉ ନାହିଁ। ଅଷ୍ଟ୍ରେଲିଆ ସମେତ କେତେକ ୟୁରୋପୀୟ ଦେଶରେ ପିଲାମାନଙ୍କୁ ସୋସିଆଲ ମିଡିଆରୁ ବାରଣ କରିବା ଲାଗି ପଦକ୍ଷେପ ନିଆଯାଉଛି। ସେଥିପାଇଁ ଭାରତରେ ଅନୁରୂପ ବ୍ୟବସ୍ଥା କରାଯିବା ଉପରେ ଅନେକେ ଗୁରୁତ୍ୱ ଦେଉଛନ୍ତି। ହେଲେ ସାମାଜିକ ଗଣମାଧ୍ୟମର ପରିସର ଏତେ ବ୍ୟାପକ ହୋଇଛି ଯେ, ତାହାକୁ ଅତି ସହଜରେ ନିୟନ୍ତ୍ରଣ କରାଯାଇପାରୁ ନାହିଁ। ଦିନ ଥିଲା ସୋସିଆଲ ମିଡିଆ ବ୍ୟବହାର କରି ରାଜନୈତିକ ଦଳଗୁଡ଼ିକ ଅନେକ ଫାଇଦା ପାଉଥିଲେ। ଏବେ ଏହାର ପରିସର ବୃଦ୍ଧି ପାଉଥିବାରୁ ପ୍ରଶଂସା ସହ ସମାଲୋଚନା ମଧ୍ୟ ଘୋର ହେଉଛି। ସେଥିପାଇଁ ସାମାଜିକ ଗଣମାଧ୍ୟମ ଉପରେ ଅଙ୍କୁଶ ଲଗାଇବା ଯେକୌଣସି ସରକାର ପାଇଁ କ୍ରମାଗତ କଷ୍ଟକର ହୋଇପଡ଼ିଲାଣି। ଚାଇନା ଭଳି ଭାରତର ନିଜସ୍ୱ ସୋସିଆଲ ମିଡିଆ ପ୍ଲାଟଫର୍ମ ନ ଥିବାରୁ ଆମେରିକାର ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ହ୍ୱାଟ୍ସଆପ୍, 'X' ଏବଂ ରୁଷିଆର ଟେଲିଗ୍ରାମ୍ ଉପରେ ନିର୍ଭର କରିବାକୁ ପଡୁଛି।

ଏବେ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଯୁଗରେ କେବଳ ବ୍ୟବହାରକାରୀଙ୍କ ଅନ୍ତରଙ୍ଗ ତଥ୍ୟ ନୁହେଁ, କପିରାଇଟ୍ ଓ ପରିଚୟ ଚୋରି କଥା ମଧ୍ୟ ଆଲୋଚନାକୁ ଆସିଲାଣି। କୋର୍ଟ କିମ୍ବା ସରକାରଙ୍କୁ ଆଗକୁ ଏ ସବୁ ଉପରେ ନିୟନ୍ତ୍ରଣ କରିବା ଆହୁରି କଷ୍ଟକର ହୋଇପଡ଼ିବ।

ଏବେ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଯୁଗରେ କେବଳ ବ୍ୟବହାରକାରୀଙ୍କ ଅନ୍ତରଙ୍ଗ ତଥ୍ୟ ନୁହେଁ, କପିରାଇଟ୍ ଓ ପରିଚୟ ଚୋରି କଥା ମଧ୍ୟ ଆଲୋଚନାକୁ ଆସିଲାଣି। କୋର୍ଟ କିମ୍ବା ସରକାରଙ୍କୁ ଆଗକୁ ଏ ସବୁ ଉପରେ ନିୟନ୍ତ୍ରଣ କରିବା ଆହୁରି କଷ୍ଟକର ହୋଇପଡ଼ିବ।

# ମଣିଷର ବିସର୍ଜନ



ସହଦେବ ସାହୁ

ତୁମେ ଭାବୁଛ ତୁମେ ଗୋଟିଏ ସ୍ୱଚ୍ଛ ପରିଷ୍କୃତ ବହୁ ଉଚ୍ଚ ସ୍ତରର ସୃଷ୍ଟି।ଭୁଲିଯାଅନି ମଣିଷ ଗୋଟିଏ ଛାଞ୍ଚ ଯହିଁରେ ଅନ୍ୟତ୍ର ବର୍ଜ୍ୟ ହୋଇଥିବା ବସ୍ତୁ (ମଇଳା) ବା ପୁନର୍ବାର ବ୍ୟବହାର ହେଉଥିବା (ରିସାଇକ୍ଲଡ୍) ଏଲିମେଣ୍ଟ(ମୌଳିକ ପଦାର୍ଥ) ଭର୍ତ୍ତି ହୋଇଛି। ଦୁନିଆର ସବୁ ଜିନିଷ ଏଇମିତି ହେଲେ ବି ମଣିଷ କଥା ନିଆରା, କାରଣ ମଣିଷ ହିଁ ମଇଳାକୁ କଣ୍ଟ୍ରୋଲ କରିପାରିବ।

ନଖଗୁଡ଼ିକୁ ଚାହିଁ କେଡ଼େ ସୁନ୍ଦର ବୋଲି କହୁଥିଲା ବେଳେ ଭାବିଛ କି ଏହାର ଅଧାଅଧି ଅଙ୍ଗାର, ଯାହା ରୋଷେଇଘର ଧୂଆଁରୁ ବା ଗାଡ଼ିର ଧୂଆଁନଳୀରୁ ବାହାରୁଥିବା ପ୍ରତି ଆଠ ଅଙ୍ଗାର ଅଣୁରୁ ଗୋଟିଏ ଲେଖାଏ ଆସିଛି! ତା' ସାଙ୍ଗରେ ଅଛି ଦୁଇଟି ଲେଖାଏ ଅମ୍ଳଜାନ ଅଣୁ! ଜୀବାଶ୍ମ (ଫସିଲ୍)ରୁ ବାହାରୁଥିବା ଅଙ୍ଗାରକାମ୍ଳ ଅଣୁରୁ ଯାହା କିଛି ସମୁଦ୍ର ବା ବାୟୁମଣ୍ଡଳ ଶୋଷିନେଇନାହିଁ ତାହା ଗଛଲତାମାନେ ଶୋଷିନିଅନ୍ତି, ଶର୍କରା ଓ ମଣ୍ଡ ତିଆରିରେ ଲଗାଇଦିଅନ୍ତି, ଯହିଁରୁ ମଣିଷ ରୁଟି, ପାଉରୁଟି, ମିଠେଇ ଆଦି କରିଥାଏ ବା ପରିବାପତ୍ର ଭାବେ ବ୍ୟଞ୍ଜନ କରିଥାଏ।ବହୁତ ଅଙ୍ଗାର ଅଣୁରୁ କିଛି କିଛି ପ୍ରାଣୀଙ୍କର ତନ୍ତୁ ହୁଏ ତ ଆଉ କିଛି ମାଂସ ଓ ଦୁଧ ଜାତୀୟ ଉପାଦାନ ତିଆରି କରେ।ଆଗ୍ନେୟଗିରି ଉଦ୍‌ଗିରଣ, ବନାଗ୍ନିର ପ୍ରଶସ୍ତି ଓ ପ୍ରାଣୀମାନଙ୍କ ଶ୍ୱାସକ୍ରିୟା ଦ୍ୱାରା ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଭର୍ତ୍ତି ହୁଏ।ଆଜିକାଲି ବାୟୁମଣ୍ଡଳରେ ଥିବା ଅଙ୍ଗାରକାମ୍ଳ ପରିମାଣର ଏକ ଚତୁର୍ଥାଂଶ କେବଳ ଖଣିଜ ତୈଳ ଜାଳେଣିରୁ ଆସୁଛି। ସମୁଦ୍ରଗର୍ଭରୁ ଉତ୍ତୋଳନ ବେଳେ ବି ଅଙ୍ଗାରକାମ୍ଳ ବାୟୁମଣ୍ଡଳକୁ ଆସିଥାଏ।କିଛି କିଛି ସମୁଦ୍ର ଜଳରେ ଦ୍ରବୀଭୂତ ହୋଇଯାଏ ତ ତାହା ପ୍ରାକୃତିକ ଉପାୟରେ ଦ୍ରବୀଭୂତ ହୋଇଥିବା ଅଙ୍ଗାରକାମ୍ଳକୁ ତଡ଼ିଦିଏ।ତୁମ ଦେହର ସବୁ ଅଙ୍ଗାର ଜୈବିକ ଖାଦ୍ୟରୁ ଆସିଥାଏ, ଭୋଜ୍ୟ ପ୍ରାଣୀ ଯେଉଁ ଉଦ୍ଭିଜ୍ଜ ପଦାର୍ଥ ଉପରେ ନିର୍ଭର କରନ୍ତି ସେସବୁ ବାୟୁମଣ୍ଡଳରୁ ଅଙ୍ଗାର ନେଇ ସୂର୍ଯ୍ୟରଶ୍ମିରେ ରାନ୍ଧି ତିଆରି କରିଥାନ୍ତି।ସେଠୁ ଗଛଲତାମାନେ ଅମ୍ଳଜାନକୁ ଛାଡ଼ିଦେଇ କେବଳ ଅଙ୍ଗାରକୁ ଶୋଷିନିଅନ୍ତି, ତହିଁରୁ ଶର୍କରା, ମଣ୍ଡ ଆଦି ତିଆରି କରନ୍ତି, ଯହିଁରୁ ଆମେ ରୁଟି, ବ୍ରେଡ୍, ଭାତ, ତରକାରି ଆଉ ମିଠା ପିଠା ଆଦି ତିଆରି କରୁ।ଆମେ ଆମିଷ ବୋଲି ଖାଉଥିବା ପ୍ରାଣୀମାନଙ୍କ (ଆମର ବି) ମାଂସ ଚମ ଆଦି ଅଙ୍ଗାରରେ ତିଆରି।ନିରାମିଷରେ ଗଣା କ୍ଷୀର ବି।ଏବେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ପରିମାଣ ପ୍ରତି ଲକ୍ଷେ ଭାଗରେ ୪୨ରୁ ୪୩ ଭାଗ (ପିପିଏମ୍ ୪୨୦ରୁ ୪୩୦)। ବାୟୁମଣ୍ଡଳର ଅଙ୍ଗାରକାମ୍ଳ ମୁଖ୍ୟତଃ ଆଗ୍ନେୟଗିରି ଉଦ୍‌ଗିରଣରୁ, ବନାଗ୍ନିରୁ ଓ ପ୍ରାଣିଜଗତର ଶ୍ୱାସକ୍ରିୟାରୁ ଆସେ।ଆମେ ଖାଉଥିବା ଜୈବିକ ପଦାର୍ଥରୁ ଆମ ଦେହର ସବୁ ଅଙ୍ଗାର ତିଆରି।ସବୁର ମୂଳ ବାୟୁ ନିର୍ଗମନ ବା ଏମିସନ୍।

ତୁମ ମୁକ୍ତା ଭଳି ଚିକ୍ ଚିକ୍ ମାରୁଥିବା ଦାନ୍ତ ତ ତେଜଷ୍କ୍ରିୟ ଫୋପଡ଼ା ଜିନିଷରୁ ତିଆରି ହୋଇଛି।୧୯୫୦ରୁ ୧୯୬୦ ଭିତରେ ବାୟୁମଣ୍ଡଳରେ ତାପଜ ପରମାଣବିକ ଅସ୍ତ୍ରର ପରୀକ୍ଷା ଏତେ ବେଶି ହେଲା ଯେ ବହୁ ପରିମାଣରେ ଅଙ୍ଗାର-୧୪ ବାୟୁମଣ୍ଡଳରେ ପଶିଲା, ପ୍ରାୟ ସବୁ ପ୍ରକାର ପରିବେଶକୁ ମାଡିଗଲା, ମଣିଷର ପରିବେଶକୁ ବି।ଏ ଗୁଡ଼ିକ ଅସ୍ଥିର ତେଜଷ୍କ୍ରିୟ ଅଙ୍ଗାର (ରେଡିଓ କାର୍ବନ) ଅଣୁ: ଆମ କୋଷଗୁଡ଼ିକରେ ପ୍ରତି ସେକେଣ୍ଡରେ ହଜାର ହଜାର ସଂଖ୍ୟାରେ ରେଡିଓ କାର୍ବନ ପରମାଣୁ ପିଟିହେଉଛି।ଉଦ୍ଭିଦ ଓ ଅଣୁଜୀବମାନେ ଯେଉଁ ଆବର୍ଜନା ଛାଡ଼ନ୍ତି, ତାହା ବହୁ ପରିମାଣରେ ପ୍ରତିକ୍ରିୟାଶୀଳ (ରିଆକ୍ଟିଭ୍) ଅମ୍ଳଜାନ।ଗଛଲତା, ଗୁଳ୍ମ, ଶିଉଳି(ଆଲ୍‌ଜି) ଆଉ ନୀଳ-ସବୁଜ ବାକ୍ଟେରିଆ ଭାଶ୍ଳେଷଣ (ଫଟୋସିନ୍ଥେସିସ୍) ପ୍ରକ୍ରିୟାରେ ଜଳକଣିକାରୁ ଅମ୍ଳଜାନ କାଢ଼ିଦିଅନ୍ତି; ରହିଯାଉଥିବା ଗ୍ୟାସ୍‌ରୁ ଅଧିକ ଅଂଶ ସେମାନେ ନିଜ କାମରେ ଲଗାନ୍ତି।ସୁଖର କଥା ଲିକ୍ କରିଥିବା (ଗଳି ପଡ଼ିଥିବା) ଅମ୍ଳଜାନ ମଣିଷକୁ ବଞ୍ଚାଇ ରଖିଛି।ଆମ ଶ୍ୱାସରେ ଯାଉଥିବା ପବନର ମାତ୍ର ୨୦% ଅମ୍ଳଜାନ।ଆମ ଦେହର କୋଷଗୁଡ଼ିକ ଅମ୍ଳଜାନ ବ୍ୟବହାରକରି ଖାଦ୍ୟକଣିକାରେ ଥିବା ରାସାୟନିକ ବନ୍ଧନକୁ ଛିନ୍ନକରି ଅମ୍ଳଜାନ ଇଲେକ୍ଟ୍ରନ୍ ବାହାରକରନ୍ତି ଯାହା ଉଦ୍‌ଜାନ ଆୟନ୍ ସହ ମିଶି ଜଳକଣିକା ତିଆରିକରେ - ଏ ଜଳ ମଣିଷ ଦେହର ବର୍ଜ୍ୟବସ୍ତୁ: ଦେହର ଯେତେ ତରଳ ପଦାର୍ଥ ଅଛି ତାହାର ୧୦%।ସାଧାରଣ ମଣିଷ ଦେହରେ ୩.୬ କିଲୋରୁ ୪ କିଲୋ ଜଳ ଥାଏ।ଶ୍ୱାସକ୍ରିୟା ଓ ପାଚନକ୍ରିୟାରୁ ମେଟାବୋଲିକ୍ ଜଳ ଆସିଥାଏ।ଆଖିଲୁହର ୧୦% ଟୋପା ବି ମେଟାବୋଲିକ୍ ଜଳ।



ଆମ କେଶ କେଡ଼େ କୁଞ୍ଚୁକୁଞ୍ଚିଆ! ତା' ଯବକ୍ଷାରଜାନର କାମ। ବାୟୁରେ ଯବକ୍ଷାରଜାନ ତ ନିଷ୍କ୍ରିୟ, ତେବେ କେଶର କେରାଟିନ୍ କିପରି ତିଆରି କଲା, ତାକୁ ବଢ଼େଇଲା? ଶିମ୍ବ, ମଟର ତଥା ଡାଲିଜାତୀୟ ଫସଲରେ ବୁଦାମୂଳ ଗଣ୍ଠିରେ ଥିବା ଏକ ପ୍ରକାର ବାକ୍ଟେରିଆ ଯବକ୍ଷାରଜାନକୁ ସକ୍ରିୟକରେ, ସେମାନେ ବାୟୁର ଯବକ୍ଷାରଜାନକୁ ହଜମକରି ମଳ ଭାବେ ଆମୋନିଆ (ଆମ ଖତ) ଛାଡ଼ନ୍ତି।ବିଜୁଳି ମାରିଲେ ବା କାର୍ ଏଗ୍‌ଜଷ୍ଟ ନଳୀରୁ ବାୟୁ ବାହାରିଲେ ତାତିରେ ଯବକ୍ଷାରଜାନ ଅମ୍ଳ (ନାଇଟ୍ରିକ୍ ଅକ୍ସାଇଡ୍) ତିଆରି ହୁଏ, ବୃଷ୍ଟିଜଳରେ ମିଳେଇଯାଇ ଭୂଇଁରେ ସାର ରୂପରେ ପଡ଼େ।ସାର କାରଖାନାରେ ଯବକ୍ଷାରଜାନ ବାଷ୍ପରୁ ୟୁରିଆ, ଆମୋନିଅମ୍ ନାଇଟ୍ରେଟ୍ ଆଦି ତିଆରିକଲା ପରେ ସକ୍ରିୟ ଯବକ୍ଷାରଜାନ ମିଳିଲା।

ଆମ ରକ୍ତରେ ଯେଉଁ ଲୌହ ଅଣୁ ଅଛି ତାହା ଏକ ଧ୍ୱଂସପ୍ରାପ୍ତ ତାରକାରୁ ଆସିଛି।ଭୟଙ୍କର ବିସ୍ଫୋରଣ ସହ ଜଳିଯାଉଥିବା ତାରକା ତା'ପରେ କ୍ଷୁଦ୍ର କ୍ଷୁଦ୍ର ଏଲିମେଣ୍ଟକୁ ମିଶାଇ ବଡ଼ ବଡ଼ ଏଲିମେଣ୍ଟ ତିଆରିକରେ।ତାରକାର ବୟସ ବଢ଼ିବା ସଙ୍ଗେ ସଙ୍ଗେ ବୃହତ୍ତର ଏଲିମେଣ୍ଟ ତିଆରି ହୁଏ, ଯଥା ସିଲିକନ୍, ସଲ୍‌ଫର ଆଉ କାଲ୍‌ସିଅମ୍।ଶେଷରେ ଲୌହ।ଲୁହା ଅଣୁ ତିଆରିର ମିଶ୍ରଣ-ପ୍ରକ୍ରିୟାରେ ଯେତିକି ଶକ୍ତି ବ୍ୟୟ ହୁଏ ଲୌହ ଅଣୁ ସେତିକି ଶକ୍ତି ହିଁ ତିଆରି କରେ - ଅର୍ଥାତ୍ ତାରକାଟି ଦୁର୍ବଳ ହୋଇଯାଏ।ତାରକାଟି ବହୁ ବଡ଼ ହୋଇଥିଲେ ନିଜ କେନ୍ଦ୍ର ଉପରେ ଲଦିହୋଇଯାଏ, ଭୁଶୁଡ଼ି ପଡ଼େ - ଏକ ସୁପରନୋଭା ବିସ୍ଫୋରଣ ହୁଏ, ସୁପରସୋନିକ୍ ଗତିରେ ଲୌହ ଅଣୁଗୁଡିକ ବିଚ୍ଛୁରିହୋଇଯାଏ, ଯାହା ନୂଆ ସୌରମଣ୍ଡଳ (ସୋଲାର ସିଷ୍ଟମ) ତିଆରିକରେ।ତୁମ କଡ଼େଇରେ, ତୁମ ତାଉଆରେ, ତୁମ ଚାବିକାଠିରେ ଆଉ ତୁମ ରକ୍ତରେ ଯେଉଁ ଲୁହା ଅଛି ସେସବୁ ଏହି ମହାକାଶୀୟ ସ୍ଫୋଟକର ଟିକି ଟିକି ଟୁକୁରା।ସେହି ସ୍ଫୋଟକ ବି ଅଙ୍ଗାର, ଯବକ୍ଷାରଜାନ, ଅମ୍ଳଜାନ ଆଦି ଜୀବନର ବିଭିନ୍ନ ଉପାଦାନ ତିଆରିକରେ, ଯାହା ସୂର୍ଯ୍ୟ, ପୃଥିବୀ ଓ ପରିଶେଷରେ ତୁମକୁ ତିଆରିକରେ।

ଏବେ ତୁମର ସୌଖୀନ ଜୀବନ ତୁମକୁ ଧ୍ୱଂସକରିପାରେ।କାମ ଗୋଟିଏ ଦିଗରେ ଭଲ ଫଳ ଦେଖାଉଥିଲେ ବି ଅନ୍ୟ କୌଣସି ଅଜଣା ଦିଗରେ ଖରାପ ହୋଇପାରେ- ଏହାକୁ ଅନିଚ୍ଛାକୃତ ପରିଣାମ କୁହାଯାଏ।ରଙ୍ଗ, ନମନୀୟତା, ଟାଣପଣିଆ ଆଉ ସୂର୍ଯ୍ୟାଲୋକରେ ନଷ୍ଟ ନ ହେବାର ଗୁଣ ମଣିଷକୁ ପ୍ଲାଷ୍ଟିକ୍‌ପ୍ରିୟ କରିଦେଇଛି।ପ୍ଲାଷ୍ଟିକ୍ ପ୍ରାୟ ୧୬୦୦୦ କେମିକାଲରେ ତିଆରି - ତହିଁରୁ ୪୨୦୦ କେମିକାଲ କର୍କଟ, ହୃଦ୍‌ରୋଗ, ହରମୋନ୍ କ୍ଷରଣରେ ବ୍ୟତିକ୍ରମ ଆଣେ।କାଚ ଆଉ ଆଲୁମିନିୟମ ଯେପରି ନୂଆ ନୂଆ ରୂପରେ ବ୍ୟବହାର ହୋଇପାରେ, ପ୍ଲାଷ୍ଟିକ୍ ସେପରି ହୋଇପାରେନାହିଁ, ପ୍ଲାଷ୍ଟିକ୍ ହୋଇରହେ।ପ୍ଲାଷ୍ଟିକ୍‌ର ପରିମାଣ ବଢ଼ିଚାଲେ - ଦୁଇ ତିନି ଥର ବ୍ୟବହାର ପରେ କନା ପରି ହୋଇଯାଏ, ଶେଷରେ ପୋଡ଼ାଯାଏ ବା ଖାଲରେ ପୋତାଯାଏ, ହେଲେ ବି ପ୍ଲାଷ୍ଟିକ୍ ନଷ୍ଟ ହୁଏ ନାହିଁ, ବରଂ ପରିବେଶରେ ମିଶେ।ପ୍ଲାଷ୍ଟିକ୍ ଜିନିଷରୁ ଟିକି ଟିକି ଝଡୁଥିବା ପ୍ଲାଷ୍ଟିକ୍, ମାଇକ୍ରୋପ୍ଲାଷ୍ଟିକ୍ ଅଦୃଶ୍ୟ କଣିକା ରୂପେ ମଣିଷର ସବୁ ଅଙ୍ଗରେ ପଶିଲାଣି, କେବଳ ଫୁସ୍‌ଫୁସ୍, ରକ୍ତ, ମସ୍ତିଷ୍କ ନୁହେଁ, ପୁରୁଷର ଶୁକ୍ର ଓ ନାରୀର ଅଣ୍ଡକୋଷରେ ପଶିଲାଣି, ମାଆର ସ୍ତନ-କ୍ଷୀରରେ ବି।ଦ୍ୱାରକାରେ ଯଦୁବଂଶକୁ ଧ୍ୱଂସ କରିଥିବା ମୂଷଳ ଭଳି ଏ ପ୍ଲାଷ୍ଟିକ୍ ନୁହେଁ ତ! ଆମେ ଯେଉଁ ଲୋକଙ୍କୁ ନିର୍ବାଚିତ କରିଛୁ ସେହିମାନଙ୍କ ହାତରେ ଅଛି ଏ ମୂଷଳକୁ ନଷ୍ଟ କରିବାର କ୍ଷମତା, ସେମାନେ ହିଁ ଆଇନ ପ୍ରଣୟନକରି ପ୍ଲାଷ୍ଟିକ୍ ତିଆରି ବନ୍ଦ କରିପାରିବେ, ମହଜୁଦ ଥିବା ପ୍ଲାଷ୍ଟିକ୍‌କୁ ଗଭୀର ଗର୍ତ୍ତରେ ପୋତିଦେବାର ବନ୍ଦୋବସ୍ତ କରିପାରିବେ।ନ ହେଲେ ମଣିଷ ବଂଶ ବିକଳାଙ୍ଗ ହୋଇ ଏକ ନୂତନ ପ୍ରଜାତି ହୋଇଯିବନି ତ!

sahadevas@yahoo.com

# ଚାଷଜମିରେ ନଡ଼ାପୋଡ଼ି



ଡି. ଶୁଭମ୍

ସମୟ ଥିଲା ନଡ଼ା ବିଭିନ୍ନ କାର୍ଯ୍ୟରେ ବ୍ୟବହାର ହେଉଥିଲା। ସମୟକ୍ରମେ ଏହା ଅଦରକାରୀ ହୋଇଗଲା ଏବଂ ଲୋକେ ନଡ଼ାପୋଡ଼ିବା ଆରମ୍ଭକଲେ। ପ୍ରଦୂଷଣର ମାୟାଜାଲରେ ନଡ଼ାପୋଡ଼ି ଏକ ପ୍ରମୁଖ ଅଙ୍ଗ। ଖାଦ୍ୟ ଓ କୃଷିସଂସ୍ଥାର ରିପୋର୍ଟ ଅନୁସାରେ ସାରା ବିଶ୍ୱରେ ବାର୍ଷିକ ୪୫୦ ମିଲିୟନ ଟନ୍‌ର ଫସଲ ଅବଶେଷ ପୋଡ଼ାଯାଉଛି, ଯାହାର ୪୦-୫୦ ପ୍ରତିଶତ କେବଳ ଧାନ ଫସଲ; ଯାହାକି ୧.୨ ମିଲିୟନ ଟନ ମିଥେନ ଗ୍ୟାସ ନିର୍ଗତକରି ବାୟୁମଣ୍ଡଳରେ ମିଶାଉଛି।

ସବୁଜ ବିପ୍ଲବର ପରେ ପରେ ଯେବେ ଯନ୍ତ୍ର ସଭ୍ୟତା ଆମ ଅର୍ଥନୀତିରେ ମୁଣ୍ଡଟେକିଲା ସେବେ ଖାଦ୍ୟ ଖାଇବାର ଆବଶ୍ୟକତା ସେତିକି ବଢ଼ିଚାଲିଲା। ୨୦୫୦ ସୁଦ୍ଧା ସାରା ବିଶ୍ୱରେ ୯ ବିଲିୟନ ଲୋକଙ୍କୁ ଖାଦ୍ୟ ଯୋଗାଇବା ପାଇଁ ପାଖପାଖି ୭୦ ପ୍ରତିଶତରୁ ଅଧିକ ଉତ୍ପାଦନ କରିବାର ଆବଶ୍ୟକତା ରହିଛି। ଓଡ଼ିଶାରେ ଧାନଚାଷ ମୋଟ ଖରିଫ କ୍ଷେତ୍ରର ପ୍ରାୟ ୬୦ ପ୍ରତିଶତ। ୨୦୧୯ -୨୦ ରେ ଧାନର ମୋଟ କ୍ଷେତ୍ର ୩୯.୪ ଲକ୍ଷ ହେକ୍ଟର ଥିବାବେଳେ ୨୦୨୩-୨୪ରେ ଏହା ୪୦.୯ ଲକ୍ଷ ହେକ୍ଟରରେ ପହଞ୍ଚିଛି। ଆମ ରାଜ୍ୟର ପ୍ରମୁଖ ଫସଲ ଭାବରେ ଧାନ ଯେତିକି ଆଦୃତ ହୋଇଛି, ଧାନ ଅମଳ ପରେ ନଡ଼ା ସେତିକି ପରିମାଣରେ ଆଦୃତି ଲାଭ କରିପାରୁନାହିଁ। ଭାରତରେ ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ଓଡ଼ିଶା ତଥା ପୂର୍ବଭାରତର ଅନେକ ରାଜ୍ୟରେ ଏମିତି ନଡ଼ାପୋଡ଼ି ଅଧିକ ଦେଖାଯାଏ। ବର୍ତ୍ତମାନ ସମୟରେ ଚାଷକରିବା ଯେତିକି କଷ୍ଟ ଚାଷ ପରେ ବିକିଲାବେଳକୁ ଦି ଗୁଣା କଷ୍ଟ। ବୋଝ ଉପରେ ନଳିତାବିଡ଼ା। ଚାଷ ବେଳେ ସାର, କୀଟନାଶକ ଆଉ ଫସଲ ଅମଳ ପରେ ଅଧିକ ମଜୁରି, ପରବର୍ତ୍ତୀ ଫସଲ ପାଇଁ ସମୟ କମ୍ ତଥା ସଚେତନତା ଅଭାବରୁ ଚାଷୀମାନେ ବିକଳ୍ପ ସ୍ୱରୂପ ନଡ଼ାପୋଡ଼ିକୁ ଗ୍ରହଣ କରିଥାନ୍ତି। କିନ୍ତୁ ଏହା ପ୍ରଭାବରେ ଭାରତର ବାର୍ଷିକ ବାୟୁ ପ୍ରଦୂଷଣର ମାତ୍ରା ୧୫-୨୦ ପ୍ରତିଶତ ବଢ଼ିଥାଏ। ମାଟିର ଉପରଭାଗରେ ଉପକାରୀ ଅଣୁଜୀବମାନେ ରହି ମାଟିକୁ ହାଲୁକା କରନ୍ତି, ମାନ ବଢ଼ାନ୍ତି। କିନ୍ତୁ ନଡ଼ାପୋଡ଼ି ପ୍ରଭାବରେ ଯେଉଁ ଉତ୍ତପ୍ତ ତାପମାତ୍ରା ସୃଷ୍ଟିହୁଏ, ତାହା ଏହି ଅଣୁଜୀବଙ୍କ ବିନାଶର କାରଣ ସାଜେ। ଏହାର ପ୍ରଭାବରେ ଅଙ୍ଗାରକାମ୍ଳ, ମିଥେନ୍, ନାଇଟ୍ରସ୍ ଅକ୍ସାଇଡ୍ ପ୍ରଭୃତି ଗ୍ୟାସ ନିର୍ଗତହୁଏ ଯାହାକି ସବୁଜଗୃହ ଗ୍ୟାସ ଭାବେ ପରିଚିତ। ଏହା ପୃଥିବୀ ପୃଷ୍ଠର ତାପମାତ୍ରା ବୃଦ୍ଧିକରେ। ଏବେ ଋତୁଚକ୍ରରେ ଜଳବାୟୁ ପରିବର୍ତ୍ତନର ସଙ୍କଟ ଅନୁଭବ କରୁଛେ। ଜୈବ ବିବିଧତା ଆଜି ବିପର୍ଯ୍ୟସ୍ତ। ଏହି ନଡ଼ାପୋଡ଼ି ମାଟିର ପୋଷକତତ୍ତ୍ୱ ସନ୍ତୁଳନକୁ ବିଗାଡ଼ିଦିଏ। ଫଳସ୍ୱରୂପ ନାଇଟ୍ରୋଜେନ୍ ୮୦-୮୫ ପ୍ରତିଶତ, ଫସ୍‌ଫରସ୍ ୨୫-୩୦ ପ୍ରତିଶତ, ପୋଟାସିୟମ ୨୦-୨୫ ପ୍ରତିଶତ ତଥା ସଲ୍‌ଫର ୫୦ ପ୍ରତିଶତ ପାଖାପାଖି ନଷ୍ଟହୁଏ। ମାଟିର ଜୈବିକ ଅଙ୍ଗାରକର ମାତ୍ରା ମଧ୍ୟ ହ୍ରାସହୁଏ। ଏହା ପ୍ରଭାବରେ ନିର୍ଗତ ହେଉଥିବା ମିଥେନ ଓ ନାଇଟ୍ରସ୍ ଅକ୍ସାଇଡ୍ ଅଙ୍ଗାରକାମ୍ଳଠାରୁ ୨୫-୨୫୦ ଗୁଣ ଅଧିକ କ୍ଷତିକାରକ। ଜୈବିକଚାଷ ଓ ଜୈବିକ ପ୍ରମାଣନ ଦିଗରେ ଏ ନଡ଼ା ପୋଡ଼ିକୁ କୌଣସି ପ୍ରକାରରେ ଅନୁମତି ଦିଆଯାଏ ନାହିଁ।



ମାଟିର ସ୍ୱାସ୍ଥ୍ୟର ଅବନତିଠାରୁ ଆରମ୍ଭକରି ମଣିଷର ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ମଧ୍ୟ ପଡ଼ିଥାଏ। ସମ୍ପ୍ରତି ଆପଣମାନେ ଦେଖୁଥିବେ ଗଣମାଧ୍ୟମରେ ପ୍ରତିଦିନ ବାୟୁ ଗୁଣବତ୍ତାର ମାତ୍ରା ଉପରେ ଅନେକ ଖବର ପରିବେଷଣ ହେଉଛି। କେବଳ ଦିଲ୍ଲୀ ନୁହେଁ, ଆମ ରାଜ୍ୟର ଭୁବନେଶ୍ୱର, ତାଳଚେର,ଅନୁଗୋଳ ପରି ଅଞ୍ଚଳରେ ମଧ୍ୟ ବାୟୁର ଗୁଣବତ୍ତା ଖରାପ ହେବାରେ ଲାଗିଲାଣି। ଏହି ପ୍ରଦୂଷଣର ପ୍ରଭାବରେ ସହରାଞ୍ଚଳରେ ଘନ କୁହୁଡ଼ି ଅନୁଭୂତ ହେଉଛି ଯାହା ମଧ୍ୟରେ କ୍ଷତିକାରକ ଗ୍ୟାସ୍ ମଧ୍ୟ ରହିଥାଏ। ଯେହେତୁ ଅଧିକ ମାତ୍ରାରେ ନଡ଼ାପୋଡ଼ି ହେଉଛି, ମାଟିର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡୁଛି, ମାଟି ଅଧିକ ଖାଦ୍ୟ ଆବଶ୍ୟକ କରୁଛି। ଏଥିପାଇଁ ଫସଲ ଉତ୍ପାଦନ ସମୟରେ ଅଧିକ ସାରର ପ୍ରୟୋଗ ହେଉଛି। ଚାଷୀମାନେ ଏବେ ଧାନକଟା ମେଶିନ ପାଇଁ ଘଣ୍ଟାକୁ ୨୫୦୦ ରୁ ୨୬୦୦ ଟଙ୍କା ଦେଉଛନ୍ତି। ମେଶିନରେ ଧାନ କଟା କମ୍ ସମୟ ଲାଗୁଛି, କିନ୍ତୁ ନଡ଼ା ଅଧିକ ରହୁଛି। ସମୟ କମ୍ ଲାଗିବା ପାଇଁ ଏହାକୁ ଅନେକ ଚାଷୀ ଆପଣାଉଛନ୍ତି। ଫଳସ୍ୱରୂପ ନଡ଼ା ଅବ୍ୟବହୃତ ହୋଇ ପଡ଼ିରହୁଛି। ଆଉ ଏହି ମେଶିନ ପ୍ରଭାବରେ ସେହି ନଡ଼ାଗୁଡ଼ିକରୁ ଆସୁଥିବା ଡିଜେଲ ବାସ୍ନା ପାଇଁ ଗୋରୁ ମଧ୍ୟ ଖାଇବାକୁ ପସନ୍ଦ କରୁନାହାନ୍ତି।

ଏହାର ବିକଳ୍ପ ସ୍ୱରୂପ ପ୍ରଥମରେ ଚାଷୀମାନେ ଏ ଦିଗରେ ସଚେତନ ହେବା ଆବଶ୍ୟକ। ଜମିରେ ରହୁଥିବା ନଡ଼ାକୁ ଆଚ୍ଛାଦନ ଭାବରେ ବ୍ୟବହାର କରିବା ଓ ରୋଟାଭୋଟର ମାଧ୍ୟମରେ ତାହାକୁ ମାଟିରେ ମିଶାଇ ଦେଇପାରିବେ। ଯାହା ମାଟିର ଜଳୀୟ ଅଂଶ ବଢ଼ାଇବା ସହ ଜୈବିକ ଅଙ୍ଗାରକ ନିୟନ୍ତ୍ରଣରେ ସାହାଯ୍ୟ କରିବ। ଦ୍ୱିତୀୟରେ ହାପିସିଡର ବ୍ୟବହାର ଦିଗରେ ଯତ୍ନବାନ୍ ହେବା ସହ ଶୂନ୍ୟକର୍ଷଣ ବା ଜିରୋଟିଲେଜ ଉପରେ ଚାଷୀମାନେ ଗୁରୁତ୍ୱ ଦେଇପାରିବେ। ଏକକ ଫସଲ ଉପରେ ଗୁରୁତ୍ୱ ନ ଦେଇ ଆମେ ଫସଲ ବିବିଧିକରଣକୁ ପ୍ରାଧାନ୍ୟ ଦେବା। ଅତ୍ୟଧିକ ଧାନ ପଛରେ ପାଗଳ ନ ହେଇ ଅନ୍ୟ ତୈଳବୀଜ ଓ ଡାଲିଜାତୀୟ ଫସଲ ଉପରେ ମଧ୍ୟ ଧ୍ୟାନ ଦେଇପାରିବା। ତୃତୀୟରେ ନଡ଼ାକୁ ଛତୁଭିତ୍ତିକ ଉଦ୍ୟୋଗରେ ବ୍ୟବହାର କରିପାରିବେ। ଚତୁର୍ଥରେ ଏ ନଡ଼ାଗୁଡ଼ିକୁ କମ୍ପୋଷ୍ଟ ତଥା ଅନ୍ୟ ଜୈବିକ ଖତ ତିଆରିରେ ବ୍ୟବହାର କରାଯାଇପାରିବ। ଚାଷୀମାନେ ନିଜେ ପ୍ୟାକେଜିଂକରି ଏହାକୁ ବିପଣନ କରିପାରିବେ। ପଞ୍ଚମରେ ଗୋରୁଙ୍କ ଖାଦ୍ୟ ଭାବରେ ଏହାକୁ ଆମେ ବ୍ୟବହାର କରିପାରିବା ସହ ବାୟୋଗ୍ୟାସ୍‌ରେ ମଧ୍ୟ ଏହାକୁ ଭାଗୀଦାରି କରିପାରିବା। ଷଷ୍ଠରେ କୃଷକ ଉତ୍ପାଦକ ସଂଗଠନଗୁଡ଼ିକ ଏ ଦିଗରେ କର୍ମଶାଳା ଆୟୋଜନକରି ନଡ଼ାପୋଡ଼ିର କୁପ୍ରଭାବ ଉପରେ ଚାଷୀମାନଙ୍କୁ ଭିଡିଓଭିତ୍ତିକ ତଥ୍ୟ ଉପସ୍ଥାପନ କରିପାରିବେ।

**ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର**
**ମୋ: ୯୪୩୮୪୬୭୦୭୯**

## ଏଇ ଭାରତରେ

ଅରୁଣାଚଳ ପ୍ରଦେଶ ପାକ୍କେ ବ୍ୟାଘ୍ର ସଂରକ୍ଷଣ ଜଙ୍ଗଲରେ ରହୁଥିବା ବିଭିନ୍ନ ରଙ୍ଗ ତଥା ପ୍ରଜାତିର ହର୍ନବିଲ ପକ୍ଷୀର ବ୍ୟାପକ ଶିକାର ହେତୁ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ବିଲୁପ୍ତିର ଦ୍ୱାରଦେଶରେ ପହଞ୍ଚିଗଲା। ବିଶେଷକରି ମାଂସ ଓ ଅଣ୍ଟ ପାଇଁ ସ୍ଥାନୀୟ ଅଞ୍ଚଳର ନାଇଶି ସମ୍ପ୍ରଦାୟର ଆଦିବାସୀ ଏହି ଜାତୀୟ ପକ୍ଷୀଙ୍କୁ ଶିକାର କରିଥାନ୍ତି। ତେବେ ଏହି ପକ୍ଷୀଙ୍କ ଜୀବନ ରକ୍ଷା ଲାଗି ଘୋରା ଆଭେ ସୋସାଇଟି ଏନ୍‌ଜିଓ, ନେଚର କଞ୍ଜରଭେଶନ ଫାଉଣ୍ଡେଶନ ତଥା ଅରୁଣାଚଳପ୍ରଦେଶ ଜଙ୍ଗଲ ବିଭାଗ ପ୍ରଥମେ ହର୍ନବିଲଙ୍କ ଜୀବନ ରକ୍ଷା ପାଇଁ ପଦକ୍ଷେପ ନେଇଥିଲେ। ପରେ ଏମାନଙ୍କ ସହ ପାକ୍କେ ପଗା ହର୍ନବିଲ ଫେଷ୍ଟିଭାଲ କମିଟି ସାମିଲ ହୋଇଛନ୍ତି। ଏହା ସହ ସ୍ଥାନୀୟ ଆଦିବାସୀମାନେ ପକ୍ଷୀ ବାସସ୍ଥଳୀ ସଂରକ୍ଷକ ଭାବେ କାମ କରୁଛନ୍ତି। ଏମାନେ ହର୍ନବିଲ ଶିକାର ସମ୍ପୂର୍ଣ୍ଣ ବନ୍ଦ କରିବା ସହ ସେମାନଙ୍କ ଛୁଆକୁ ବସାରୁ ଉଦ୍ଧାର କରି ଯତ୍ନ ନେଉଛନ୍ତି। ଏବେ ସୁଦ୍ଧା ୨୩୮ଟି ହର୍ନବିଲ ଛୁଆକୁ ବଡ଼ କରି ଜଙ୍ଗଲରେ ଛାଡ଼ି ସାରିଲେଣି। କେବଳ ଏତିକି ନୁହେଁ ଏହି ପକ୍ଷୀଙ୍କ ସୁରକ୍ଷିତ ବାସସ୍ଥଳୀ ସକାଶେ ବନ ବିଭାଗ ଓ ଆଦିବାସୀମାନେ ଗଛ ଲଗାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୪ ଫେବୃଆରୀ ୧୯୭୭**

- ଭାରତ ସରକାର ୯୧ କୋଟି ଟଙ୍କା ଖର୍ଚ୍ଚରେ ସ୍ଥାପନ ହେବାକୁ ଯାଉଥିବା ମାଲାଞ୍ଜଖଣ୍ଡ ତମ୍ବା ପରିକଳ୍ପନାକୁ ମଞ୍ଜୁରୀ ଦେଇଛନ୍ତି।
- ଦୁର୍ନୀତି ଅଭିଯୋଗରେ ଦଣ୍ଡିତ ବ୍ୟକ୍ତିମାନେ ୬ ବର୍ଷ ପାଇଁ ନିର୍ବାଚନରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ରାଷ୍ଟ୍ରପତି ଏକ ଅର୍ଡିନାନ୍ସ ଜାରି କରିଛନ୍ତି।

## ଚିରନ୍ତନୀ

ଚିରନ୍ତନ କୁହୁ ଆଜି
ଜାଗେ ମମ ପ୍ରାଣେ
ମୂକର ଫିଟଇ ମୁଖ
ନବ ନବ ଗାନେ।
-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku | ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | 6 | 1 | | | 5 | | 3 |
| 2 | | | | | 5 | | 7 | |
| 9 | | 3 | | 7 | | | 1 | |
| 5 | | 7 | | | 1 | 3 | | |
| 3 | | | | | 9 | | 6 | 4 |
| | 9 | 2 | | | 8 | 7 | 5 | |
| | | | | | 7 | | 4 | |
| | | 9 | 5 | 8 | | 6 | 3 | 7 |
| | | 5 | 6 | | 3 | 1 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 1 | 9 | 2 | 8 | 6 | 5 | 3 |
| 9 | 6 | 8 | 5 | 3 | 1 | 2 | 4 | 7 |
| 3 | 5 | 2 | 6 | 4 | 7 | 8 | 1 | 9 |
| 5 | 1 | 4 | 7 | 8 | 6 | 3 | 9 | 2 |
| 8 | 2 | 9 | 4 | 5 | 3 | 1 | 7 | 6 |
| 7 | 3 | 6 | 1 | 9 | 2 | 4 | 8 | 5 |
| 2 | 8 | 5 | 3 | 7 | 4 | 9 | 6 | 1 |
| 1 | 4 | 7 | 2 | 6 | 9 | 5 | 3 | 8 |
| 6 | 9 | 3 | 8 | 1 | 5 | 7 | 2 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବୁଲା କୁକୁରଙ୍କୁ ପୋଷ୍ୟ ଗ୍ରହଣ

ମହାଶୟ,

ଏବେ ଲୋକମାନେ ରାସ୍ତାଘାଟରେ ବୁଲା କୁକୁରଙ୍କୁ ଖାଦ୍ୟ ଦେଉଛନ୍ତି। ସେମାନେ ଏବଂ ଅନ୍ୟମାନେ ସ୍ୱେଚ୍ଛାକୃତ ଭାବେ ବୁଲା କୁକୁରମାନଙ୍କୁ ପୋଷ୍ୟ ଗ୍ରହଣ କରିବାକୁ ଅଦାଲତଙ୍କ ପ୍ରସ୍ତାବ ସ୍ୱାଗତଯୋଗ୍ୟ ହେଲେ ମଧ୍ୟ ଏଥିରେ ଦାୟିତ୍ୱ ରହିଛି। ଦ୍ୱିତୀୟତଃ ବୁଲା କୁକୁରଙ୍କୁ ଯେଉଁମାନେ ପୋଷ୍ୟ କରନ୍ତି ସେମାନେ ଛୁଆ କୁକୁର ପ୍ରତି ଆଗ୍ରହ ରଖି ତାକୁ ପୋଷନ୍ତି। ତେବେ ବନ୍ଧ୍ୟାକରଣ ବ୍ୟବସ୍ଥା ହେଲେ ଆଉ କୁକୁର ବଂଶ ରହିବ ତ? ଗୋଶାଳା ଭଳି ପଞ୍ଜୀକୃତ ବୁଲା କୁକୁର ଆଶ୍ରୟସ୍ଥଳ ପାଇଁ ଆର୍ଥିକ ପ୍ରୋତ୍ସାହନ ଅଛି ବୋଲି କୁହାଗଲା ବେଳେ ଗୋଟିକିଆ ବୁଲାକୁକୁର ରଖିବା ଲୋକଙ୍କୁ ଅର୍ଥ ମିଳିବ କି? ତୃତୀୟତଃ ରୋବୋଟିକ୍ କୁକୁର ଆଧୁନିକ ଜ୍ଞାନକୌଶଳ ଉପଯୋଗୀ ହେବା ବେଳେ ବୁଲା କୁକୁର ପାଳି ତା'ର ମଳମୂତ୍ରରେ ଘାଣ୍ଟିହେବାକୁ କେତେ ଜଣ ବା ପସନ୍ଦ କରିବେ। ଉପଦେଶ ଓ ପ୍ରସ୍ତାବ ଉପସ୍ଥାପନ ସହଜ, କିନ୍ତୁ ତା'ର ପରିପାଳନ ଭାରି କଷ୍ଟ।

**-ଡି. ପି. ତ୍ରିପାଠୀ, ଶ୍ରୀନିବାସ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଉପାନ୍ତ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଛି: ମନ୍ତ୍ରୀ ଗଣ୍ଡ



ଜେପି ଶିକ୍ଷାନୁଷ୍ଠାନ ଓ ସାଂସ୍କୃତିକ ଟ୍ରଷ୍ଟର ବାର୍ଷିକ ଉତ୍ସବରେ ଅତିଥିମାନେ 'ଅଦମ୍ୟ ଅମ୍ଳାନ ଜୟଦେବ' ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ଜେପି ଶିକ୍ଷାନୁଷ୍ଠାନ ଓ ସାଂସ୍କୃତିକ ଟ୍ରଷ୍ଟର ବାର୍ଷିକ ଉତ୍ସବ

ଉମରକୋଟ, ୩।୨ (ସନ୍ତୋଷ ଶତପଥୀ)

ଉପାନ୍ତ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷା ଉପରେ ବିଶେଷ ଭାବେ ଗୁରୁତ୍ୱ ଦିଆଯାଉଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ନବରଙ୍ଗପୁର ଜିଲା ଉମରକୋଟ ଡିଏନ୍‌କେସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ପବ୍ଲିକ ସ୍କୁଲ ସମ୍ମୁଖ ଖେଳପଡ଼ିଆରେ ମଙ୍ଗଳବାର ସନ୍ଧ୍ୟାରେ ଜେପି ଶିକ୍ଷାନୁଷ୍ଠାନ ଓ ସାଂସ୍କୃତିକ ଟ୍ରଷ୍ଟର ବାର୍ଷିକ ଉତ୍ସବରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି, ଏହି ଅଞ୍ଚଳରେ ଇଂଲିଶ୍ ଶିକ୍ଷାର ପ୍ରଚାର ଓ ପ୍ରସାର ଦିଗରେ ବିଦ୍ୟାଳୟ ପ୍ରତିଷ୍ଠାତା ସଭାପତି ଜୟଦେବ ପରିଡ଼ାଙ୍କ ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ।

ବିଦ୍ୟାଳୟ ପ୍ରତିଷ୍ଠାତା ଜୟଦେବଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ କହିଛନ୍ତି, ପୃଥିବୀରେ ଯେତେ ବଡ଼ ରାଜନେତା ଅଛନ୍ତି ଓ ସେମାନେ ଯାହା ଚିନ୍ତା କଲେ ମଧ ସାଧାରଣ ନାଗରିକଙ୍କ ସ୍ୱର ନିଶ୍ଚିତଭାବେ ଶୁଣାଯିବ। ଆଧୁନିକ ଯୁଗରେ ନିଜ ଦେଶକୁ ଓ ନିଜ ମାଟିକୁ କିଭଳି ଅଧିକ ଶକ୍ତିଶାଳୀ କରିହେବ, ତାହା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଦେଶ ପ୍ରେମ ପରିବର୍ତ୍ତେ ଆମେ ଯଦି ମାନବ ପ୍ରେମକୁ ବିଶ୍ୱାସ କରିବା ଓ ମଣିଷକୁ ଭଲପାଇବା ସହ ସମ୍ମାନ ଦେବା, ତା'ହାଲେ ଆମେ ଊର୍ଦ୍ଧ୍ୱକୁ ଉଠିପାରିବା ବୋଲି ତଥାଗତ କହିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପ୍ରତିଷ୍ଠାତା ଜୟଦେବ ପରିଡ଼ା କହିଥିଲେ, ଏହି ଅଞ୍ଚଳରେ ଗୁଣାତ୍ମକ ଶିକ୍ଷାର ବିକାଶ ନେଇ ସର୍ବଦା ଗୁରୁତ୍ୱ ଦିଆଯାଉଛି। ଆଗାମୀ ଦିନରେ ଏହି କାର୍ଯ୍ୟ ଜାରି ରହିବ ବୋଲି ସେ ଭାଷଣରେ କହିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ପରମା ପୂଜାରୀ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଆଇନଜୀବୀ ସୁବ୍ରତ ନନ୍ଦ, ଲେଖକ ବଲ୍ଲଭ ରାଉତ, ଅବସରପ୍ରାପ୍ତ ଶିକ୍ଷକ ଉମେଶ ଚନ୍ଦ୍ର ଭୁକ୍ତା, ବିଦ୍ୟାଳୟ ଉପସଭାପତି ରାଜଲକ୍ଷ୍ମୀ ପରିଡ଼ା, ନିର୍ଦ୍ଦେଶକ ରଶ୍ମିରଞ୍ଜନ ପରିଡ଼ା, ସଭ୍ୟ ଓଁପ୍ରଭା ସାହୁ, ସୁଜାତା ମହାନ୍ତି, ଡ. ଶେଷାନନ୍ଦ ମିଶ୍ର, ଡା. ସୁରେନ୍ଦ୍ରନାଥ ଦାଶ, ଟୁଟୁବାବୁ ପଟ୍ଟନାୟକ, ସମୀର କୁମାର ପ୍ରଧାନ ଏବଂ ମୀନାକ୍ଷୀ ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ।

କାର୍ଯ୍ୟକ୍ରମରେ ଅତିଥିମାନେ 'ଅଦମ୍ୟ ଅମ୍ଳାନ ଜୟଦେବ' ନାମକ ଏକ ପୁସ୍ତକ ଉନ୍ମୋଚନ କରିଥିଲେ। ଏଥିରେ ଜୟଦେବ ପରିଡ଼ାଙ୍କ ଜୀବନୀ, ରାଜନୈତିକ ପୃଷ୍ଠଭୂମି ଓ ଜରୁରିକାଳୀନ ପରିସ୍ଥିତିରେ ତାଙ୍କୁ ଦିଆଯାଇଥିବା ମାନସିକ ଯନ୍ତ୍ରଣା, ଜେଲଦଣ୍ଡ ଆଦି ସମ୍ପର୍କରେ ଲେଖାମାନ ରହିଛି। ବାର୍ଷିକ ଉତ୍ସବ ଅବସରରେ ବିଦ୍ୟାଳୟ ପକ୍ଷରୁ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟ ଅଧକ୍ଷା ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ଛାତ୍ରୀଛାତ୍ର, ଅଭିଭାବକ ଓ ସହରର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ରାଜ୍ୟ ସଭାରେ ଦାବି ଉଠାଇଲେ ଏମ୍‌ପି ଦେବାଶିଷ

କଟକ,୩।୨(କୁମାରଶ୍ରୀ)

### ଉପରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ଦେବାଶିଷଙ୍କୁ ଡକା ନ ଯିବା ଘଟଣା

ଜାନୁଆରୀ ୨୩ ତଥା ନେତାଜୀ ଜୟନ୍ତୀ ଅବସରରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ କଟକ ଗସ୍ତରେ ଆସିଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ଓ ସଂଗ୍ରହାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଯୋଗଦେଇଥିଲେ। ସେଠାରେ ନବନିର୍ମିତ ସଂସ୍କୃତି ଭବନକୁ ଉପରାଷ୍ଟ୍ରପତି ଉଦ୍‌ଘାଟନ କରିଥିଲେ। ତେବେ ଉକ୍ତ କାର୍ଯ୍ୟକ୍ରମକୁ ରାଜ୍ୟ ସଭା ଏମ୍‌ପି ଦେବାଶିଷ ସାମନ୍ତରାୟଙ୍କୁ ନିମନ୍ତ୍ରଣ କରା ନ ଯିବା ଏବଂ ଉଦ୍‌ଘାଟନୀ ଫଳକରେ ତାଙ୍କ ନାମ ଉଲ୍ଲେଖ କରାଯାଇ ନ ଥିଲା। ଏହି ଘଟଣା ସେତେବେଳେ ଆଲୋଚନାର ମୁଖ୍ୟ ବିଷୟ ପାଲଟିଥିଲା। ଏବେ ଏମ୍‌ପି ଦେବାଶିଷ ଏହି ପ୍ରସଙ୍ଗ ନେଇ ମଙ୍ଗଳବାର ରାଜ୍ୟ ସଭାରେ ଉଠାଇଛନ୍ତି। ରାଜ୍ୟ ସଭା ଅଧକ୍ଷ ତଥା ଉପରାଷ୍ଟ୍ରପତି ରାଧାକ୍ରିଷ୍ଣନଙ୍କୁ କ୍ଷୋଭ ଜଣାଇବା ସହିତ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଜାରି କରିବାକୁ ସେ ନିବେଦନ କରିଛନ୍ତି। ଦେବାଶିଷ କହିଥିଲେ, ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ଉପରାଷ୍ଟ୍ରପତି କିମ୍ବା କୌଣସି କ୍ୟାବିନେଟ ମନ୍ତ୍ରୀଙ୍କ ଗସ୍ତ ସମୟରେ ସମ୍ପୃକ୍ତ ସଂସଦୀୟ କ୍ଷେତ୍ରର ଏମ୍‌ପିଙ୍କୁ ନିମନ୍ତ୍ରଣ ଦିଆଯାଏ। ପୋଡିୟମ କିମ୍ବା ମଞ୍ଚରେ ବସିବାର ସୁଯୋଗ ମିଳେ। ହେଲେ ଉପରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ତାଙ୍କୁ ଅଣଦେଖା କରାଯାଇଥିଲା। ଏହା କେବଳ ଦେବାଶିଷଙ୍କ ପାଇଁ ନୁହେଁ, ବରଂ ରାଜ୍ୟ ସଭା ଗୃହ ପାଇଁ ନିନ୍ଦାଜନକ ଘଟଣା ବୋଲି ସେ କହିଥିଲେ। ଗୃହର ରକ୍ଷାକର୍ତ୍ତା ହିସାବରେ ଜିଲାପାଳଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଜାରି କରିବାକୁ ସେ ଉପରାଷ୍ଟ୍ରପତିଙ୍କୁ ନିବେଦନ କରିଛନ୍ତି।

# 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ମହିଳା ନେତୃତ୍ୱାଧୀନ ବିକାଶକୁ ଶକ୍ତି ଦେବ: ମନମୋହନ

ଭୁବନେଶ୍ୱର,୩।୨ (ସୁନିତ୍ ମିଶ୍ର)

ରାଜ୍ୟରେ କନ୍ୟା ବିବାହ ଯୋଜନାର ଶୁଭାରମ୍ଭକରି ୨୦୧ ଦମ୍ପତିଙ୍କ ସାମୂହିକ ବିବାହ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କନ୍ୟାଦାନ କରିଛନ୍ତି। ଏହି ଯୋଜନାରେ କନ୍ୟାମାନଙ୍କୁ ୬୦ ହଜାର ଟଙ୍କା ଲେଖା ପ୍ରଦାନ କରାଯିବ। ୪୫ ହଜାର ସିଧାସଳଖ କନ୍ୟାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏବଂ ୧୫ ହଜାର ଟଙ୍କା ବିବାହ କାର୍ଯ୍ୟ ସମ୍ପାଦନା ଲାଗି ଖର୍ଚ୍ଚ ହେବ। ଯୋଜନା ଅନୁଯାୟୀ କନ୍ୟାଙ୍କ ବୟସ ୧୮ରୁ ୩୫ ବର୍ଷ ହେବା ସହ ରାଜ୍ୟରେ ସ୍ଥାୟୀ ବାସିନ୍ଦା ହୋଇଥିବା ନିହାତି ଦରକାର। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଦ୍ୱାରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମହିଳା ସଶକ୍ତୀକରଣକୁ ସୁଦୃଢ଼ କରିବା ସହ ମହିଳା ନେତୃତ୍ୱାଧୀନ ବିକାଶକୁ ଶକ୍ତି ଯୋଗାଇବ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

Apollo Cancer Centres

Apollo Cancer Centres, Bhubaneswar

COMPREHENSIVE CANCER CARE CENTRE

Cancer treatment under one roof

- Medical Oncology
- Surgical Oncology
- Radiation Oncology
- Nuclear Medicine



Apollo Cancer Centres, Bhubaneswar
251, Sainik School Road, Bhubaneswar - 751 005
Appointment : 0674 666 1016 | Emergency 0674 666 0666

# ହାଇକୋର୍ଟରେ ସତ୍ୟପାଠ ଦାଖଲ କଲେ ଏସ୍‌ଟିଏ କମିଶନର

କଟକ,୩।୨(କାର୍ତ୍ତିକ ସାହୁ)

### ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ନ ଥିଲେ ଟାଙ୍କିରେ ତେଲ ନ ମିଳିବା ମାମଲା

ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ଜାରି ମୋଟରଯାନର ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ପ୍ରସଙ୍ଗକୁ ନେଇ ହାଇକୋର୍ଟରେ ମଙ୍ଗଳବାର ଶୁଣାଣି ହୋଇଛି। ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ମୁତାବକ ଏସ୍‌ଟିଏ କମିଶନର ସତ୍ୟପାଠ ଦାଖଲ କରିଛନ୍ତି। ବୈଧ ପିୟୁସିସି ନ ଥିଲେ ବି ମୋଟର ଯାନ ବ୍ୟବହାରକାରୀ ତେଲ ପାଇବାରେ ହଇରାଣ ହେବେ ନାହିଁ। ଏଥିସହ ଚାଲାଣ କଟିଥିଲେ ବି ପିୟୁସିସି ମିଳିବ। ଏନେଇ ଏସ୍‌ଟିଏ ପକ୍ଷରୁ କରାଯାଇଥିବା ବ୍ୟବସ୍ଥା ସଂକ୍ରାନ୍ତରେ କମିଶନର ସତ୍ୟପାଠ ଜରିଆରେ ହାଇକୋର୍ଟଙ୍କୁ ଅବଗତ କରିଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ୨ ସପ୍ତାହ ପରେ ପରବର୍ତ୍ତୀ ଶୁଣାଣି ନିମନ୍ତେ ଆଦେଶ ଦେଇଛନ୍ତି। ପୂର୍ବ ଶୁଣାଣିରେ ଚାଲାଣ ଥିଲେ ପିୟୁସିସି ପ୍ରମାଣପତ୍ର ନ ମିଳିବା ନେଇ ରାଜ୍ୟ ସରକାରଙ୍କ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଥିଲେ। ଏଥିସହ VA-HAN ପୋର୍ଟାଲରେ କୌଣସି ଚାଳକ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ତାହା ଉପରେ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

# ପୁଞ୍ଜି ନିବେଶର ଆଉଟ୍‌କମ୍ ସମୀକ୍ଷା ହେବ: ଓଇଆର୍‌ସି

ଭୁବନେଶ୍ୱର,୩।୨ (ରବିନାରାୟଣ ଜେନା)

ବିଦ୍ୟୁତ୍ ବିଭାଗରେ ଯନ୍ତ୍ରୀମାନଙ୍କର ଆବଶ୍ୟକ ଦକ୍ଷତା ଅଭାବ ଯୋଗୁ ଓଡ଼ିଶାର ବିଦ୍ୟୁତ୍ ସଞ୍ଚାରଣ ଯୋଜନା ଅନ୍ୟ ରାଜ୍ୟ ତୁଳନାରେ ଦୁର୍ବଳ ରହିଛି। ଏପରି ଗୁରୁତର ଅସଙ୍ଗତିକୁ ସୁଧାରିବା ପାଇଁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି)ଙ୍କ ପକ୍ଷରୁ ମଙ୍ଗଳବାର ଜନଶୁଣାଣି ବେଳେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଜନଶୁଣାଣିରେ ଓଇଆର୍‌ସି ଅଧକ୍ଷ ପ୍ରଦୀପ କୁମାର ଜେନା ଆଉଟ୍‌କମ୍ ଅଡିଟ୍ କରିବା ସହ ଏନ୍‌ପିଟିଆଇ ଶୈଳୀରେ ଏକ ବିଦ୍ୟୁତ୍ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ଜନଶୁଣାଣିରେ ଓପିଟିସିଏଲ୍ ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା ଏକ ତଥ୍ୟ ଉପସ୍ଥାପନ କରି ଆସନ୍ତା ବର୍ଷ(୨୦୨୬-୨୭)ରେ ୪୧,୮୫୦ ନିୟୁତ ୟୁନିଟ୍ ରାଜ୍ୟ ଗ୍ରୀଡ୍‌ରେ ସଞ୍ଚାରଣ ହେବ ବୋଲି କହିଥିଲେ। ସେଥିପାଇଁ ସମୁଦାୟ ୧୪୯୦ କୋଟି ଟଙ୍କା ଖର୍ଚ୍ଚ ହେବ। ଚଳିତ ବର୍ଷ ନିମନ୍ତେ ଧାର୍ଯ୍ୟ ହୋଇଥିବା ବିଦ୍ୟୁତ୍ ସଞ୍ଚାରଣ ଟାରିଫ୍ ୟୁନିଟ୍ ପିଛା ୨୫.୫୦ ପଇସା ଅନୁସାରେ ଓପିଟିସିଏଲ ମାତ୍ର ୧୦୬୭ କୋଟି ଟଙ୍କା ରାଜସ୍ୱ ପାଇବ। ତେଣୁ ନିଅଣ୍ଟ ହେଉଥିବା ୪୨୩ କୋଟି ଖର୍ଚ୍ଚକୁ ଭରଣା କରିବା ପାଇଁ ସଞ୍ଚାରଣ ଟାରିଫ୍‌କୁ ବୃଦ୍ଧି କରି ୟୁନିଟ୍ ପିଛା ୩୫.୬୧ ପଇସା ଧାର୍ଯ୍ୟ କରିବାକୁ ନିବେଦନ କରିଥିଲେ। ଆୟୋଗଙ୍କ ପକ୍ଷରୁ ନିଯୁକ୍ତି ପାଇଥିବା ଉପଭୋକ୍ତା ପରାମର୍ଶଦାତା ଡେଲୋଇଟ କମ୍ପାନୀ ଓପିଟିସିଏଲ୍ ରାଜସ୍ୱ ଆବଶ୍ୟକ ଦରଖାସ୍ତକୁ ସମୀକ୍ଷାକରି ମତାମତ ଉପସ୍ଥାପନ କରିଥିଲା। ଏହି ଶୁଣାଣି ବେଳେ ଆପତ୍ତିକାରୀ 'ଆମ ଜନତା ଅଧିକାର'ର ସଭାପତି ବାସୁଦେବ ଭଟ୍ଟ ଓପିଟିସିଏଲ ଗତବର୍ଷ ୨୩୮ କୋଟି ଟଙ୍କା ଲାଭ କରିଥିବା ଦର୍ଶାଇଥିଲେ। ତେଣୁ କର୍ପୋରେଟ୍ ସାମାଜିକ ଦାୟିତ୍ୱ ବାବଦକୁ କ'ଣ ଖର୍ଚ୍ଚ କରିଛନ୍ତି ତା'ର ହିସାବ ରଖିବା ପାଇଁ ନିବେଦନ କରିଥିଲେ। ଏହାସହିତ ଉପଭୋକ୍ତା ମହାସଂଘ ସଭାପତି ରମେଶ ଶତପଥୀ ସରକାରୀ ପୁଞ୍ଜି ନିବେଶର ଅପବ୍ୟବହାରକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ଓପିଟିସିଏଲ୍‌ର ସଞ୍ଚାରଣ କ୍ଷତି ଗତ ୫ରୁ ୬ ବର୍ଷ ଧରି ୩% ହିସାବରେ ଟାରିଫ୍ ନିର୍ଣ୍ଣୟ କରାଯାଉଥିବା ଦର୍ଶାଇଥିଲେ। ଅନେକ ରାଜ୍ୟରେ ସଞ୍ଚାରଣ କ୍ଷତି ଅତିବେଶିରେ ୨.୫% ରହିଛି। ମାତ୍ର ଗ୍ରୀଡ୍‌କୋ ତଥ୍ୟ ଅନୁସାରେ ୨.୫୯% ରହିଛି। ତେଣୁ ଏହାକୁ ୨.୬୦%ରେ ଅନୁମୋଦନ କରିବା ପାଇଁ ଆୟୋଗଙ୍କୁ ସେ ନିବେଦନ କରିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ST. XAVIERS PUBLIC SCHOOL
Mundeilo, Parjang, Dhenkanal, Odisha
A Day Boarding & Residential School
Walk-in-Interview for Following Staffs
01. Retired Principal/High School Head Teacher - 01 No.
02. Retired Lecturer/High School Teacher - (PCM & CBZ) 01 No. each
03. Retired Lecturer/High School Teacher - (English) 01 No.
Age limit should not exceed 65 years
Phone: 8260211012, 7477211012

ଆବଶ୍ୟକ
ପେଟ୍ରୋଲ ପମ୍ପରେ ସୁପରଭାଇଜର, Office Assistant, ତେଲ ପକାଇବା Staff ଏବଂ ତେଲ ଟ୍ୟାଙ୍କର ପାଇଁ ହେଲପର ଆବଶ୍ୟକ, ସ୍ଥାନ- ଭୁବନେଶ୍ୱର
9438569494, 9437415530

ଆବଶ୍ୟକ
ଭୁବନେଶ୍ୱରର ଏକ ସ୍ନାକ୍ସ ବିତରକ ପାଇଁ ଯୁବ Sales & Marketing କର୍ମଚାରୀ ଆବଶ୍ୟକ।
ଦରମା ଟ.12,000+ ଇନସେଣ୍ଟିଭ୍।
ନିଜସ୍ୱ ବାଇକ୍ ଆବଶ୍ୟକ।
ଫୋନ୍: 9886365677

URBAN YATRA - TOUR COMPANY
BHUBANESWAR, ODISHA
Positions Open:
- SUPERVISOR
- COOK
- OFFICE BOY
Experience required: 2 years & above
9938012124 | 9439534567
www.urbanyatra.com

APPOINTMENT
CCIE SCHOOL
Behind RTO-1 Office, Bhubaneswar-22
Required : TGT (All Subjects) & P.E.T
Qualification : Graduate with B.Ed
Interested candidates may send their C.V. to:
ccieprincipal@gmail.com or submit
application form in school office within 15 days.
CONTACT: 9861463006, 0674-2541372

TKIL Industries Pvt. Ltd., Pune
(formerly known as thyssenkrupp Industries India Pvt. Ltd.)
is hiring for Service-O&M Business for
Jharsuguda and sites across India
WALK-IN-INTERVIEW
TKIL Industries
POSITIONS:
ENGINEERs to HODs
Operation, Mechanical, Electrical, Instrumentation, Planning
Qualification:
Diploma 8 - 20+ years experience
Bachelor of engineering 5 -20 years experience
Experience:
- Role: Contractual/Permanent
- Mechanical, Instrumentation & Electrical Maintenance of Aluminum Smelter
- Operations & Maintenance of CFBC-based Power Plants
- Mechanical Maintenance of Steel Plant RMHS

Job Location: Jharsuguda, Odisha, Bharuch, Gujarat & Bina, Madhya Pradesh, Near Mumbai and Pan India
Interview Dates: 8 & 9 February 2026 | Timing:09:00am to 06:00pm
Interview Venue: Mehfil Marriage Palace, Motijhran Road near Gousiya Masjid, Motijharan, Sambalpur, Odisha, 768001
Please remember to carry all necessary documents, including your resume, academic certificates, and last 3 months salary slips along with any relevant work experience letters.
To Apply: Share your updated CV on: careers.tkil@tkil.com
Scan QR Code to fill the application form
Website: www.tkil.com

# ମାଓବାଦୀ ପ୍ରଭୁଙ୍କ ଆତ୍ମସମର୍ପଣ

ରାଉରକେଲା,୩।୨(ସଙ୍ଗୀତା ଜେନା)

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରେ ସକ୍ରିୟ ହାର୍ଡକୋର୍ ମାଓବାଦୀ ଅମ୍ୱେଲେନ୍ ହୋନହାଗା ଓରଫ୍ ପ୍ରଭୁ(୧୮) ମଙ୍ଗଳବାର ଆତ୍ମସମର୍ପଣ କରିଛନ୍ତି। ରାଉରକେଲା ପୋଲିସ ମୁଖ୍ୟାଳୟରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ଏବଂ ଏସ୍‌ପି ନିତେଶ ୱାଧୱାନୀଙ୍କ ଉପସ୍ଥିତିରେ ସେ ଆତ୍ମସମର୍ପଣ କରିଥିଲେ। ତାଙ୍କୁ ପୋଲିସ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯିବା ସହ 'ବି' ବର୍ଗରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ପ୍ରଭୁ ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମ ଛୋଟାନାଗରା ହାଲାମୁଲି ଗ୍ରାମର ବାସିନ୍ଦା ଏବଂ ଦକ୍ଷିଣ ଛୋଟାନାଗରା ଡିଭିଜନର ଲୋକାଲ ଗୁରିଲା ସ୍କ୍ୱାଡ୍ ମେମ୍ବର (ଏଲ୍‌ଜିଏସ୍‌ଏମ୍) ଥିଲେ। ତାଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ପାଇଁ ଆବଶ୍ୟକ ସହାୟତା ବାବଦରେ ପ୍ରାୟ ୨ ଲକ୍ଷ ୬୫ ହଜାର ଟଙ୍କାର ରାଶି ପ୍ରଦାନ କରାଯିବ ବୋଲି ଡିଆଇଜି କହିଛନ୍ତି।

# ମା' ହେଲେ ୭ମ ଶ୍ରେଣୀ ଛାତ୍ରୀ

ରସୁଲପୁର,୩।୨(ରଞ୍ଜିତ ରାଉତ)

### ଘଟଣା ଚପାଇ ଦେବାକୁ ଉଦ୍ୟମ

ଯାଜପୁର ଜିଲା କୁଆଖିଆ ଥାନା ଅଞ୍ଚଳରେ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ ମାତୃତ୍ୱଲାଭ କରିଛନ୍ତି। ଏହିଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଘଟଣାକୁ ନେଇ ଛକବଜାରରେ ଲୋକେ ଗୁପୁଗୁପୁ ଚାପର ହେଉଛନ୍ତି। ଘଟଣାକୁ ଦୁଇଦିନ ବିତିବାକୁ ବସିଲାଣି, ହେଲେ ଏଦିଗରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାଯାଇଛି। ଛାତ୍ରୀଙ୍କ ପରିବାର ଲୋକଲଜ୍ଜା ଯୋଗୁ ଘଟଣା ପ୍ରଘଟ କରିବାକୁ ଚାହୁଁନାହାନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଏହାକୁ ଚାପାଇ ଦେବାକୁ ଉଦ୍ୟମ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଦୁଇଦିନ ତଳେ ଛାତ୍ରୀ ପେଟ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଅଞ୍ଚଳର ଏକ ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ସ୍ୱାସ୍ଥ୍ୟ ପରୀକ୍ଷା କରିବାରୁ ସେ ଗର୍ଭବତୀ ଥିବା ଜଣାପଡ଼ିଥିଲା। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁ ଜନ୍ମ କରାଇବା ସୁବିଧା ନ ଥିବା, ଗର୍ଭବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଡାକ୍ତର ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। ଫଳରେ ପରିବାର ଲୋକେ ତାଙ୍କୁ ଯାଜପୁର ଜିଲାର ଏକ ସରକାରୀ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ସେଠାରେ ଛାତ୍ରୀ ଶିଶୁକନ୍ୟା ଜନ୍ମ ଦେଇଥିଲେ। ଛାତ୍ରୀ ଜଣକ ଡାକ୍ତରଖାନା ଚିକିତ୍ସିତ ହେଉଥିବା ସମୟରେ ଅନ୍ୟ ରୋଗୀ ଏ ସମ୍ପର୍କରେ ଅବଗତ ହୋଇଯିବାରୁ ଘଟଣାଟି ପ୍ରଘଟ ହୋଇଯାଇଥିଲା।

# ପବିତ୍ରନଗରଠାରେ ପାଳନ ହେବ ପବିତ୍ରମୋହନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ପବିତ୍ରନଗର,୩।୨ (ନିରୋଜ ପ୍ରଧାନ)

### ଯୋଗଦେବେ ରାଜ୍ୟପାଳ, କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଅନୁଗୋଳ ଜିଲା କଣିହାଁ ବ୍ଲକ ପବିତ୍ରନଗର ଠାରେ ଆଗାମୀ ୮ ତାରିଖରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ତାଳଚେର ଗଡ଼ଜାତ ଆନ୍ଦୋଳନର ମୁଖ୍ୟ ପୁରୋଧା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ କରାଯିବ। ଏହି ରାଜ୍ୟସ୍ତରୀୟ ଜୟନ୍ତୀରେ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ସହିତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦାନ କରିବେ ବୋଲି ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏଥିପାଇଁ ପ୍ରସ୍ତୁତି ତଦାରଖ କରିବାକୁ ଜିଲାପାଳ, ଏସ୍‌ପି, ଉପଜିଲାପାଳଙ୍କ ସମେତ ବିଭିନ୍ନ ପ୍ରଶାସନିକ ଅଧିକାରୀ ପବିତ୍ରନଗରକୁ ଘନ ଘନ ଗସ୍ତ କରୁଛନ୍ତି। ବିଧାୟକ ମହାନ୍ତି ମଧ ବାରମ୍ବାର ପବିତ୍ରନଗର ଆସି ବୈଠକ କରିବା ସହିତ ସ୍ଥିତି ଓ ପ୍ରସ୍ତୁତି ତଦାରଖ କରୁଥିବା ଦେଖାଯାଉଛି। ରାଜ୍ୟପାଳଙ୍କ ଏହି ଗସ୍ତ ସମୟରେ ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଶିଳାନ୍ୟାସ ମଧ କରାଯିବାର ସୂଚନା ମିଳିଛି। ବିଶେଷକରି ବହୁ ପ୍ରତୀକ୍ଷିତ ପବିତ୍ର ମୋହନ ସ୍ମୃତି ମଣ୍ଡପର ଉଦ୍‌ଘାଟନ ରାଜ୍ୟପାଳଙ୍କ ଦ୍ୱାରା କରାଯିବ। ଅପରାହ୍ନରେ କଣିହାଁ ବ୍ଲକ ସଦର ମହକୁମାସ୍ଥିତ ପିଏମ୍‌ଶ୍ରୀ ପବିତ୍ର ମୋହନ ହାଇସ୍କୁଲର ପ୍ଲାଟିନମ ଜୁବୁଲିରେ ରାଜ୍ୟପାଳଙ୍କ ଯୋଗଦାନ କାର୍ଯ୍ୟକ୍ରମ ରହିଛି।

15001/2/2526

ଓଡ଼ିଶା ସରକାର



ଉତ୍କଳଗୌରବ ମଧୁସୂଦନ ଦାସଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
୪ ଫେବୃଆରୀ, ୨୦୨୬
ସକାଳ ଘ. ୮ .୩୦ମିନିଟ୍ ସମୟରେ ରାଜଭବନ ଛକ, ଭୁବନେଶ୍ୱରସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।
ସନ୍ଧ୍ୟା ୫ ଘଟିକା | ସ୍ଥାନ- ସମ୍ମିଳନୀ କକ୍ଷ, ଲୋକସମ୍ପର୍କ ଭବନ
ଆଲୋଚନା ଚକ୍ର : "ଓଡ଼ିଆ ଅସ୍ମିତା ଓ ମଧୁବାବୁ"
ମୁଖ୍ୟ ବକ୍ତା :- ଶ୍ରୀଯୁକ୍ତ ଗୁରୁକଲ୍ୟାଣ ମହାପାତ୍ର, ମୁଖ୍ୟ ସମ୍ପାଦକ, ଦୈନିକ ସମ୍ବାଦପତ୍ର 'ସମୟ'
ଅତିଥି ବକ୍ତା :- ଶ୍ରୀଯୁକ୍ତ ପ୍ରହ୍ଲାଦ କୁମାର ସିଂହ, ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଓ ସ୍ତମ୍ଭକାର
ସମ୍ମାନନୀୟ ବକ୍ତା :- ଡଃ ଭାରତୀ ପାଲ, ଅଧୀକ୍ଷକ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ
ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍କଳଗୌରବ ମଧୁସୂଦନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ବିନମ୍ର ଅନୁରୋଧ।
ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର
OIPR-15001/15001/2/25-26/0002

## ସଂକ୍ଷେପରେ

### ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

**ଟାଙ୍ଗୀ,୩।୨(ରଘୁନାଥ ସାହୁ):** ହାତୀ ଆକ୍ରମଣରେ ମଙ୍ଗଳବାର ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ରଣପୁର ରେଞ୍ଜ୍ ଅନ୍ତର୍ଗତ କୁକୁଡ଼ାଝରି ଗ୍ରାମର ଦୁଖିଶ୍ୟାମ ତାଡ଼ (୭୫)। ଚିକିତ୍ସା ପାଇଁ ତାଙ୍କୁ ଚାନ୍ଦପୁର ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଦୁଖିଶ୍ୟାମ ଶୌଚ ପରେ ଘରକୁ ଫେରୁଥିବା ବେଳେ ହଠାତ୍ ଏକ ହାତୀ ତାଙ୍କୁ ଆକ୍ରମଣ କରିବା ସହ ଶୁଣ୍ଢରେ ଟେକି ଫିଙ୍ଗି ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାରକରି ମେଡିକାଲରେ ଭର୍ତ୍ତି କରିଥିଲେ।

### ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ଯାଁଳା,୩।୨(ବୁଲା ବାରିକ):** ପାତ୍ରପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସଂଘମିତ୍ରା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କର୍ପୋରେଟର ରଶ୍ମିରଞ୍ଜନ ପାଟଶାଣୀ ଯୋଗଦେଇଥିବା ବେଳେ ମୁଖ୍ୟବ୍ୟକ୍ତା ରବୀନ୍ଦ୍ର ନାଥ ସାହୁ, ସମ୍ମାନିତ ଅତିଥି ପୂର୍ବତନ ପ୍ରଧାନଶିକ୍ଷକ ଜଗବନ୍ଧୁ ସାହୁ, ଟଙ୍କଧର ଚମ୍ପତି, ଗଗନ ବିହାରୀ ଦାଶ, ପଞ୍ଚସଖା ଶିକ୍ଷାସେତୁର ସଭାପତି ଜାନକୀ ବଲ୍ଲଭ ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୋନାଲି ଗୋଚ୍ଛାୟତ, ସିଆର୍‌ସିସି ପ୍ରସନ୍ନ କୁମାର ରାଉତ ଯୋଗଦେଇ ବାର୍ଷିକ କ୍ରୀଡ଼ାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅଭିନବ ବିନ୍ଦ୍ରା ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ମଧ୍ୟ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପ୍ରଜ୍ଞା ପାରମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଦ୍ୟାଳୟ ପାଠ୍ୟକ୍ରମ ରୂପରେଖ ସମ୍ପର୍କିତ ପ୍ରଶିକ୍ଷଣ ଶିବିର

**ବୋଲଗଡ଼,୩।୨(ଦେବବ୍ରତ ହୋତା):** ଓସେପା ନିର୍ଦ୍ଦେଶରେ ଜିଲା ଶିକ୍ଷା ଅଧିକାରୀ ତଥା ସର୍ବଶିକ୍ଷା ଜିଲା ପ୍ରକଳ୍ପ ସଂଯୋଜକଙ୍କ ପକ୍ଷରୁ ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସହଯୋଗରେ ଚାଲିଥିବା ବିଦ୍ୟାଳୟ ପାଠ୍ୟକ୍ରମ ରୂପରେଖ-୨୦୨୫ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଟାଙ୍ଗୀସାହିସ୍ଥିତ ରଘୁନାଥ ମଧୁସୂଦନ ଉଚ୍ଚ ବିଦ୍ୟାଳୟଠାରେ ପାଞ୍ଚଦିନ ଧରି ଚାଲିଥିବା ଏହି ପ୍ରଶିକ୍ଷଣ ଶିବିରର ଅନ୍ତିମ ଦିବସରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ଯୋଗଦେଇ ଏହି ପ୍ରଶିକ୍ଷଣ ଶିବିରର ଗୁରୁତ୍ୱ ଉପରେ ଆଲୋକପାତ କରି ନୂତନ ଭାବେ ସଂରଚିତ ହୋଇଥିବା ପାଠ୍ୟପୁସ୍ତକ ଓ ନୂତନ ଶିକ୍ଷାନିୟମ ପାଠ୍ୟକ୍ରମ ଅନୁସାରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିବା ପାଇଁ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ଶିବିରର ବିଭିନ୍ନ ଦିବସରେ ବରିଷ୍ଠ ପ୍ରଶିକ୍ଷକ ସାନନ୍ଦ କୁମାର ସାହୁ, ଚିନ୍ତାମଣି ସାହୁ, ଗଙ୍ଗାଧର ବେହେରା ପ୍ରମୁଖ ୯୦ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ କିଶୋର ସାହୁ, ପୂର୍ଣ୍ଣଚନ୍ଦ୍ର ନାୟକ, ଗୋଲାପ ମଞ୍ଜରୀ ବେହେରା, ଆର୍ତ୍ତବନ୍ଧୁ ବେହେରା, ପ୍ରତାପ ସାହ, ଶୈଳେନ ପଟ୍ଟନାୟକ ପ୍ରମୁଖ ମତବ୍ୟକ୍ତ କରିଥିଲେ। ଶିକ୍ଷକ ପ୍ରଫୁଲ୍ଲ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଧାନକିଣାରେ ସ୍ୱଚ୍ଛତା, କଟ୍‌ନି ଛଟ୍‌ନୀ ବନ୍ଦ କରାଯାଉ

**ଖୋର୍ଦ୍ଧା,୩।୨(ପ୍ରଭାତ ପାଣିଗ୍ରାହୀ)**

### ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦାବିପତ୍ର



ଦାବିପତ୍ର ଦେବାକୁ ଆସିଥିବା ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତା।

ଖୋର୍ଦ୍ଧା ଜିଲାରେ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଲାଗିରହିଛି। ଏଫ୍‌ଏକ୍ୟୁ ମାନର ଧାନ ରହିଥିବା ସତ୍ତ୍ୱେ କଟ୍‌ନି ଛଟ୍‌ନି ଚାଲିଛି। ଧାନମଣ୍ଡି ମିଲର୍ସଙ୍କ ମନମାନିରେ ଚାଲିଛି। ଏଭଳି ଅଭିଯୋଗ ଆଣିଛି ଖୋର୍ଦ୍ଧା ଜିଲା ନବ ନିର୍ମାଣ କୃଷକ ସଙ୍ଗଠନ। ମଙ୍ଗଳବାର କଟ୍‌ନି ଛଟ୍‌ନିକୁ ପ୍ରତିବାଦ କରି ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବିପତ୍ରରେ ଦର୍ଶାଯାଇଛି ଯେ, ଜିଲାର ସମସ୍ତ ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ)ରେ ଧାନକିଣା ଚାଲିଛି। ତେବେ ଧାନକିଣାରେ ସ୍ୱଚ୍ଛତା ଏବଂ କଟ୍‌ନି ଛଟ୍‌ନି କରାଯିବ ନାହିଁ ବୋଲି ସରକାର ସ୍ପଷ୍ଟ କରିଥିବା ସତ୍ତ୍ୱେ ସମସ୍ତ ମଣ୍ଡିରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। କୁଇଣ୍ଟାଲ ପିଛା ୫ରୁ ୭ କେଜି ପର୍ଯ୍ୟନ୍ତ ଧାନ କଟାଯାଉଛି। ଏହାର ପ୍ରତିବାଦ କଲେ ମିଲର୍ସମାନେ ଚାଷୀଙ୍କ ଧାନ ନ କିଣିବା ପାଇଁ ଧମକ ଦେଉଛନ୍ତି। ଏକାଧିକ ମଣ୍ଡିରେ ଚାଷୀଙ୍କ ଟୋକନ ଆସିବାରେ ବିଳମ୍ବ ଏବଂ ଟୋକନ ଅବଧି ସରି ଆସୁଥିବା ବେଳେ ଧାନକିଣାରେ ବିଳମ୍ବ ଯୋଗୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ୧୭ରୁ ୧୮ଶହ ଟଙ୍କାରେ ମିଲର୍ସ ଏବଂ ଆନ୍ଧ୍ର ବେପାରୀଙ୍କ ହାତକୁ ଟେକି ଦେଇଥିବା ଜଣାପଡ଼ିଛି। କୌଣସି ବିଭାଗୀୟ ଅଧିକାରୀ ମଣ୍ଡି ଯାଞ୍ଚ କରିବାକୁ ଯାଉନାହାନ୍ତି। ପ୍ୟାକ୍ସ ସମ୍ପାଦକ ଏବଂ ମିଲର୍ସ ଏବଂ କେତେଜଣ ଅସାଧୁ କର୍ମଚାରୀଙ୍କ ମଧୁଚନ୍ଦ୍ରିକାରେ ମଣ୍ଡି ଚାଲିଛି। ସେପଟେ ହାତୀ ଭୟ ରହିଥିବା ବେଳେ ଧାନକିଣାରେ ବିଳମ୍ବ ଯୋଗୁ ଚାଷୀ ଧାନବସ୍ତା ଧରି ମଣ୍ଡି ଆଗରେ ଜଗିରହୁଛି। ଚାଷୀମାନେ ହଇରାଣ ହେଉଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। କଟ୍‌ନି ଛଟ୍‌ନିକୁ ରୋକିବା ସହ ଧାନକିଣାରେ ସ୍ୱଚ୍ଛତା ଅବଲମ୍ବନ ପାଇଁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ନବନିର୍ମାଣ କୃଷକ ସଙ୍ଗଠନ ଜିଲା ସଂଯୋଜକ ସୁରେଶ କୁମାର ମାନସିଂହ, ଯଜ୍ଞେଶ୍ୱର ନାଟୁଆ, କାହ୍ନୁଚରଣ ବେହେରା, ସୁଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୬ରୁ ଧଉଳି-କଳିଙ୍ଗ ମହୋତ୍ସବ



**ଭୁବନେଶ୍ୱର, ୩।୨(ବନ୍ଦନା ସେଠୀ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ଡ୍ୟାନ୍ସ ଏକାଡେମୀର ମିଳିତ ଆନୁକୂଲ୍ୟରେ ଫେବୃଆରୀ ୬ରୁ ୯ ପର୍ଯ୍ୟନ୍ତ ୨୨ତମ ଧଉଳି-କଳିଙ୍ଗ ମହୋତ୍ସବ ଆୟୋଜନ ହେବ। ଏହି ଅବସରରେ ନୃତ୍ୟ ସଙ୍ଗୀତ କ୍ଷେତ୍ରରେ ପରିଚିତ ପାଇଥିବା କୃତବିଦ୍ୟ ବ୍ୟକ୍ତିବିଶେଷଙ୍କୁ 'ବୁଦ୍ଧ ସମ୍ମାନ' ଓ 'ଗୁରୁ ଗଙ୍ଗାଧର ସ୍ମୃତି ସମ୍ମାନ' ପ୍ରଦାନ କରାଯିବ। ଏନେଇ ମଙ୍ଗଳବାର ଏକାଡେମୀ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଚଳିତ ବର୍ଷ ନାଟ୍ୟକାର ଅନନ୍ତ ମହାପାତ୍ରଙ୍କୁ 'ବୁଦ୍ଧ ସମ୍ମାନ' ପ୍ରଦାନ କରାଯିବ। ପୁରସ୍କାର ବାବଦକୁ ୨ଲକ୍ଷ ଟଙ୍କା, ମାନପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯିବ। ସେହିପରି ଓଡ଼ିଶୀ ନୃତ୍ୟଶିଳ୍ପୀ ସିକତା ଦାସ, ଗାୟକ ଓ ସଙ୍ଗୀତକାର ଗୁରୁ କେଶବ ଚରଣ ରାଉତ, ସଂସ୍କୃତି ପୁନରୁଦ୍ଧାରକ ମନ୍ମଥ ଶତପଥୀ, ଗବେଷକ ଡ. ଚିତ୍ତରଞ୍ଜନ ମଲ୍ଲିଆଙ୍କୁ 'ଗୁରୁ ଗଙ୍ଗାଧର ସ୍ମୃତି ସମ୍ମାନ' ପ୍ରଦାନ କରାଯିବ। ସମ୍ମାନ ସ୍ୱରୂପ ପ୍ରତ୍ୟେକଙ୍କୁ ୧ ଲକ୍ଷ ଟଙ୍କା, ମାନପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯିବ। ଏଥିସହ ଚଳିତ ବର୍ଷ ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସୁବର୍ଣ୍ଣ ଜୟନ୍ତୀ ବର୍ଷ ଅବସରରେ ପୂର୍ବତନ ଭାରତୀୟ କୂଟନୀତିଜ୍ଞ ଲଳିତ ମାନସିଂହଙ୍କୁ ବିଶେଷ ଭାବେ 'ସ୍ୱର୍ଣ୍ଣ ସ୍ମାରକୀ ସମ୍ମାନ' ପ୍ରଦାନ କରାଯିବ ବୋଲି ସମ୍ମିଳନୀରେ ଏକାଡେମୀର ମୁଖ୍ୟ ଅରୁଣା ମହାନ୍ତି ଏବଂ ସଂସ୍କୃତି ବିଭାଗ ଉପନିର୍ଦ୍ଦେଶକ ସୁଚିସ୍ମିତା ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଲୋକିପୁରରେ ହିନ୍ଦୁ ସମ୍ମିଳନୀ



**ବାଣପୁର,୩।୨(ଦିଲୀପ କୁମାର ସ୍ୱାଇଁ)**

ବାଣପୁର ବ୍ଲକ ଅନ୍ତର୍ଗତ ଲୋକିପୁର ଗ୍ରାମର ବାଉରିବନ୍ଧୁ ହାଇସ୍କୁଲ ପଡ଼ିଆ(ଲୋକିପୁର-ଅମ୍ବଝର ଛକ)ରେ ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ସ୍ମୃତିରଞ୍ଜନ ମାନସିଂହଙ୍କ ସଭାପତିତ୍ୱରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୁରୀ ଧର୍ମଜାଗରଣ ବିଭାଗ ସଂଯୋଜକ ନବକୃଷ୍ଣ ମହାପାତ୍ର ଅତିଥି ଏବଂ ପୂର୍ବ ପ୍ରାନ୍ତ ସେବା ସହ-ପ୍ରମୁଖ ବେଲେଶ୍ୱର ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ବେଦପାଠ, ହୋମଯଜ୍ଞ, ଅନ୍ନଯଜ୍ଞ, ଗୋପୂଜନ, ସାତଥର ହନୁମାନ ଚାଳିଶା ଓ ସାତଥର ମହାଦୀପ ବୌଦ୍ଧିକ ଓ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ଭାରତବର୍ଷକୁ ପରମ ବୈଭବଶାଳୀ କରିବା ପାଇଁ ଏବଂ ହିନ୍ଦୁଧର୍ମର ସୁରକ୍ଷା ଲାଗି ହିନ୍ଦୁ ଏକତା ଆବଶ୍ୟକ ବୋଲି ବକ୍ତାମାନେ କହିଥିଲେ। ପାଇକଆଖଡ଼ା ପ୍ରଦର୍ଶନ, ଜଗନ୍ନାଥ ସଂସ୍କୃତି ପାଲା ଓ ଭଜନ ପରିବେଷଣ କରାଯିବା ସହିତ ଅଞ୍ଚଳର ଗୋସେବକ ଏବଂ ସମାଜସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବଜରଙ୍ଗ ଦଳ ବାଣପୁରର ସଂଯୋଜକ ସାଇ ଅମିତ ମହାପାତ୍ର ପରିଚାଳନା କରିଥିବା ବେଳେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ହରିପୁର ମଣ୍ଡଳ ପ୍ରମୁଖ ଦୀପକ କୁମାର ରଣା ସଂଯୋଜନା କରିଥିଲେ। ବିଶ୍ୱ ହିନ୍ଦୁ ପରିଷଦର ଚିଲିକା-ବାଣପୁର ପ୍ରଖଣ୍ଡ ସମ୍ପାଦକ ନିଶି ରଞ୍ଜନ ବଳବନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରାମ ବିକାଶ ଜିଲା ପ୍ରମୁଖ ସନ୍ତୋଷ କୁମାର ସାହୁ, ଜିଲା ଶାରୀରିକ ପ୍ରମୁଖ ଅଶୋକ କୁମାର ଭୋଇ, ବଜରଙ୍ଗ ଦଳର ସଂଯୋଜକ ଗଣେଶ ପ୍ରସାଦ ଜେନାଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

### ମୁମ୍ବାଇରେ ଓଡ଼ିଆ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

**ଭୁବନେଶ୍ୱର,୩।୨(ତ୍ରିନାଥ ମହାନ୍ତି):** ମୁମ୍ବାଇରେ ରହି ଏଲ୍‌ଏଲବି ପଢୁଥିବା ଓଡ଼ିଆ ଛାତ୍ରୀ ଶ୍ରେୟା ନରେନ୍ଦ୍ର ପତିଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଗତ ୩୧ ତାରିଖରେ ଲୋନାଭାଲାର ଟାଇଗର ପଏଣ୍ଟକୁ ଟ୍ରେକିଂ ପାଇଁ ଯାଇଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଦୀର୍ଘ ୩୬ ଘଣ୍ଟା ପରେ ଶ୍ରେୟାଙ୍କ ମୃତଦେହ ୪୦୦ ଫୁଟ ଗଭୀର ଖାଇରୁ ତାଙ୍କର ମୃତଦେହ ମିଳିଛି। ଘଟଣାଦିନ ଶ୍ରେୟା ଟ୍ରେକିଂରେ ଯାଇଥିଲେ। ସନ୍ଧ୍ୟା ସମୟ ପର୍ଯ୍ୟନ୍ତ ଘରକୁ ଫେରି ନ ଥିବାରୁ ପରିବାର ଲୋକେ ତାଙ୍କୁ କଲ୍ କରିଥିଲେ ତାଙ୍କ ଫୋନ ମଧ୍ୟ ବନ୍ଦ ଥିଲା। ସ୍ଥାନୀୟ ଜଣେ ଦୋକାନୀଙ୍କୁ ଶ୍ରେୟାଙ୍କ ବ୍ୟାଗ ମିଳିଥିଲା। ବ୍ୟାଗରେ ଥିବା ପରିଚୟ ପତ୍ର ଆଧାରରେ ତାଙ୍କ ପରିବାରକୁ ଖବର ଦେଇଥିଲେ ଦୋକାନୀ। ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଡଗ ସ୍କ୍ୱାଡ୍ ଏବଂ ଡ୍ରୋନ ସାହାଯ୍ୟରେ ଖୋଜାଖୋଜି କରିଥିଲେ। ଦୀର୍ଘ ୩୬ ଘଣ୍ଟା ପରେ ଶ୍ରେୟାଙ୍କ ମୃତଦେହ ଉଦ୍ଧାର କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ଛାତ୍ରୀ ମୃତ୍ୟୁ ଘଟଣାରେ ଓଡ଼ିଶା ପୋଲିସ ମୁମ୍ବାଇ ପୋଲିସ ସହ ଯୋଗାଯୋଗ କରିବା ସହ ଶ୍ୱେତାଙ୍କ ମୃତ୍ୟୁ ରହସ୍ୟ ଖୋଲିବା ଉପରେ ଗୁରୁତ୍ୱ ଦେଉଛି। ତୁରନ୍ତ ରହସ୍ୟ ଖୋଲି ଛାତ୍ରୀଙ୍କ ମୃତ୍ୟୁ ପାଇଁ ଦାୟୀ ବ୍ୟକ୍ତିଙ୍କୁ ଗିରଫ କରିବା ପାଇଁ ଓଡ଼ିଶା ପୋଲିସ ମୁମ୍ବାଇ ପୋଲିସକୁ କହିଛି।

# ବେଗୁନିଆ ବ୍ଲକ୍‌ରେ ନାହାନ୍ତି ବିଇଓ

**ବେଗୁନିଆ,୩।୨(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ)ଙ୍କ ବଦଳି ପରେ ତାଙ୍କ ସ୍ଥାନରେ କେହି ନିଯୁକ୍ତି ପାଇ ନ ଥିବା କିମ୍ବା ଉଚ୍ଚ କର୍ତ୍ତୃପକ୍ଷ କାହାରିକୁ ଦାୟିତ୍ୱ ଦେଇ ନ ଥିବାରୁ କୌଣସି କାର୍ଯ୍ୟ ଠିକ୍ ସମୟରେ ହୋଇପାରୁନାହିଁ। ଏପରିକି ଶିକ୍ଷୟିତ୍ରୀ ଶିକ୍ଷକମାନେ ଜାନୁଆରୀ ମାସର ଦରମା ପାଇବାରେ ବିଳମ୍ବ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ବ୍ଲକ୍‌ରେ ବିଇଓ ଭାବେ ଭାସ୍କର ଲେଙ୍କା ସାଢ଼େ ୩ ବର୍ଷ ହେବ କାର୍ଯ୍ୟ କରିଆସୁଥିବା ବେଳେ ସ୍କୁଲ ଆଣ୍ଡ ମାସ୍ ଏଜୁକେଶନ ବିଭାଗ ପକ୍ଷରୁ ୭।୧।୨୬ରେ ଚିଠି ନଂ.ଏସ୍‌ଏମ୍‌ଇ-ଏଫ୍‌ଇ-ଓଇଏସ୍/୩।୪।୨୦୨୫ରେ ତାଙ୍କର ବୌଦ୍ଧ ବଦଳି ହୋଇଥିଲା। ବିଭାଗ ପକ୍ଷରୁ ବଦଳି ନିର୍ଦ୍ଦେଶ ପାଇବା ପରେ ସେ ଏଠାରୁ ରିଲିଭ୍ ନ ହେବା ଯୋଗୁ ଜିଲା ଶିକ୍ଷା ଅଧିକାରୀ ୯।୧।୨୬ରେ ବିଇଓ କାର୍ଯ୍ୟାଳୟରେ କାର୍ଯ୍ୟରତ ବିଆର୍‌ସିସିଙ୍କୁ ଫୁଲ୍ ଆଣ୍ଡ ଡିଟେଲ୍‌ସ ଚାର୍ଜ ଦେଇ ରିଲିଭ୍ ହେବା ପାଇଁ ତାଙ୍କର ଚିଠି ନଂ.୩୪୯ରେ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପାଇବାର ଦୁଇଦିନ ପରେ ସେ ବିଆର୍‌ସିସିଙ୍କୁ ଦାୟିତ୍ୱ ଦେଇ ରିଲିଭ୍ ହୋଇଥିଲେ। କିନ୍ତୁ ତାଙ୍କ ସ୍ଥାନରେ କାହାରିକୁ ଦାୟିତ୍ୱ ଦିଆଯାଇ ନ ଥିବାରୁ କୌଣସି କାର୍ଯ୍ୟ ଠିକ୍ ସମୟରେ ହୋଇପାରୁନାହିଁ। ଏପରିକି ଶିକ୍ଷୟିତ୍ରୀ ଶିକ୍ଷକମାନେ ଦରମା ପାଇବାରେ ବିଳମ୍ବ ହେଉଛି। ତେବେ ଏ ସଂକ୍ରାନ୍ତରେ ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ କହିଛନ୍ତି, ଏଠାରେ ବିଇଓଙ୍କ ନିଯୁକ୍ତି ପାଇଁ ଡାଇରେକ୍ଟର ଏଲିମେଣ୍ଟାରିଙ୍କୁ ରିପୋର୍ଟ ଦେବା ସହ ଫଲୋ ମଧ୍ୟ କରୁଛି। ଖୁବ୍‌ଶୀଘ୍ର ବିଇଓ ନିଯୁକ୍ତ ହେବେ। ଜଣଙ୍କର ବଦଳି ହେବା ପରେ ଆଉ ଜଣକ ନାମ ରେକମେଣ୍ଡେଶନ ହୋଇ ଆସିବାକୁ ଟିକିଏ ସମୟ ଲାଗିବ ବୋଲି ସେ କହିଛନ୍ତି।

# ୮ରେ ସୁଧା ସର୍ଜନା ମହାମହୋତ୍ସବ




ମହାମହୋତ୍ସବ ସମ୍ପର୍କରେ କର୍ମକର୍ତ୍ତା ସୂଚନା ଦେଉଛନ୍ତି।

**ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)**

ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜନ୍ମ ମହୋତ୍ସବ ଏବଂ ସତ୍‌ସଙ୍ଗ ବିହାରସ୍ଥିତ ଶ୍ରୀମନ୍ଦିରର ପ୍ରତିଷ୍ଠା ବାର୍ଷିକୀ ଅବସରରେ ଚଳିତ ମାସ ୮ତାରିଖରେ 'ସୁଧା ସର୍ଜନା ମହାମହୋତ୍ସବ' ଅନୁଷ୍ଠିତ ହେବ। ଭୁବନେଶ୍ୱର ବାଲିଯାତ୍ରା ପଡ଼ିଆ ବରିମୁଣ୍ଡ ନିକଟରେ ହେବାକୁ ଥିବା ଏହି ରାଜ୍ୟସ୍ତରୀୟ ଉତ୍ସବରେ ଲକ୍ଷାଧିକ ସତ୍‌ସଙ୍ଗୀ ଓ ଶ୍ରଦ୍ଧାଳୁଙ୍କ ଆଗମନ ହେବ। ଉତ୍ସବ ଦିନ ପ୍ରତ୍ୟୁଷରେ ବେଦ ମାଙ୍ଗଳିକ, ନହବତ, ଉଷା କୀର୍ତ୍ତନ, ସମବେତ ବିନତି ପ୍ରାର୍ଥନା, ସଦ୍‌ଗ୍ରନ୍ଥ ପାଠ କରାଯିବ। ପରେ ସ୍ମରଣିକା 'ତର୍ପଣ' ଉନ୍ମୋଚନ, ଧର୍ମସଭା ସହ ଦିବସବ୍ୟାପୀ ମାତୃମଞ୍ଚ ଓ ଭ୍ରାତୃମଞ୍ଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ଓ କୀର୍ତ୍ତନ ସମେତ ବିଭିନ୍ନ ଲୋକନୃତ୍ୟ ପରିବେଷଣ କରାଯିବ। ଭ୍ରାତୃ ମଞ୍ଚରେ 'ଦଶାବତାର' ଫ୍ୟୁଜନ ମ୍ୟୁଜିକ, ଆଲୋକ ରଶ୍ମି ସହ ଏକ ବିଶେଷ କାର୍ଯ୍ୟକ୍ରମ ଏବଂ ମାତୃମଞ୍ଚରେ ନାଟକ 'ପରଶମଣି' ପରିବେଷଣ ହେବ। ସନ୍ଧ୍ୟାର ବିଶେଷ ଆକର୍ଷଣ ଦେଓଘରରୁ ଆସିଥିବା 'ହ୍ୱାଇଟ ବ୍ୟାଣ୍ଡ' ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଉତ୍ସବକୁ ଆଗତ ଶ୍ରଦ୍ଧାଳୁଙ୍କ ଲାଗି ଆନନ୍ଦବଜାରରେ ପ୍ରସାଦସେବନ ବ୍ୟବସ୍ଥା ହେବ। ସେହିପରି ଦିବସବ୍ୟାପୀ ସ୍ୱାସ୍ଥ୍ୟ ଶିବିର, ଆଇନ ପରାମର୍ଶ ଶିବିର ଆୟୋଜନ କରାଯିବ। ଏହି ଭବ୍ୟ ଉତ୍ସବରେ ସମସ୍ତ ଜନସାଧାରଣ ସପରିବାର ଯୋଗଦେବା ପାଇଁ ଉତ୍ସବ କମିଟି ପକ୍ଷରୁ ନିବେଦନ କରାଯାଇଛି। ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ପ୍ରଫେସର ହୃଷିକେଶ ସେନାପତି, କୃପାନିଧି ବିଶ୍ୱାଳ, ରଜନୀକାନ୍ତ ପାଣି, ବୀରଭଦ୍ର ବିଶ୍ୱାଳ, ରଘୁନାଥ ପାଣି, କିଶୋର ଦାଶ, ପ୍ରଭାତ ବଡ଼ିଆ ଏବଂ ସୁଶାନ୍ତ ବେହେରା ପ୍ରମୁଖ ଏହି ଉତ୍ସବ ସମ୍ପର୍କରେ ସୂଚନା ଦେଇଥିଲେ।

### କୃପାନେତ୍ରର ସ୍ୱନକ୍ଷତ୍ର ଉତ୍ସବ

**ବାଲିପାଟଣା,୩।୨(ଅଭିମନ୍ୟୁ ନାୟକ):** ବନମାଳିପୁର ନିକଟସ୍ଥ ତ୍ରିବେଣୀ ପୀଠରେ ତ୍ରୟମାସିକ ଶିଶୁ କିଶୋର ପତ୍ରିକା 'କୃପାନେତ୍ର'ର ସପ୍ତଦଶ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୃପାନେତ୍ରର ସଭାପତି ପ୍ରଫେସର ରାଧାକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଝିଲି ସାମନ୍ତରାୟ, ହଂସ ନାଥ ସାହୁ, ମୁରଲୀଧର ସାହୁ, ବିଜୟ କୁମାର ମିଶ୍ର, ରମେଶ ଚନ୍ଦ୍ର ସାହୁ, ପଣ୍ଡିତ ହରିହର ମହାପାତ୍ର, ମାଗୁଣି ଚରଣ ସେଠୀ, ପଣ୍ଡିତ ଲିଙ୍ଗରାଜ ଆଚାର୍ଯ୍ୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କୃପାନେତ୍ରର ସମ୍ପାଦକ ରବୀନ୍ଦ୍ରନାଥ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ସୁରେଶ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଭିଯୁକ୍ତଙ୍କୁ ୫ବର୍ଷ ଜେଲ

**ଭୁବନେଶ୍ୱର/ବାଲିପାଟଣା,୩।୨ (ତ୍ରିନାଥ ମହାନ୍ତି/ଅଭିମନ୍ୟୁ ନାୟକ):**

### ନାବାଳିକାଙ୍କୁ ଅସଦାଚରଣ ମାମଲା

ଜଣେ ନାବାଳିକାଙ୍କୁ ଅସଦାଚରଣ ମାମଲାରେ ମଙ୍ଗଳବାର ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ (ପୋକ୍‌ସୋ)ର ଆଡହକ ଆଡିଶନାଲ ସେସନ୍ସ ଜଜ୍ ଅଭିଯୁକ୍ତ ସାଜିତ ଖାଁଙ୍କୁ ୫ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ୯ ଜଣ ସାକ୍ଷୀଙ୍କ ଜମାନବନ୍ଦୀ ଏବଂ ୧୭ଟି ପ୍ରାସଙ୍ଗିକ ଦସ୍ତାବିଜ ଅଧ୍ୟୟନ କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। କୋର୍ଟ ତାଙ୍କ ରାୟରେ ଅଭିଯୁକ୍ତ ସାଜିତଙ୍କୁ ଭାରତୀୟ ନ୍ୟାୟ ସଂହିତାର ଧାରା-୭୫(୨) ଅନୁଯାୟୀ ୩ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧ହଜାର ଟଙ୍କା ଟଙ୍କା ଜରିମାନା ଦଣ୍ଡାଦେଶ କରିଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୧ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟରେ ଉଲ୍ଲେଖ ରହିଛି। ସେହିପରି ପୋକ୍‌ସୋ ଆଇନର ଧାରା-୧୦ ଅନୁଯାୟୀ ୫ବର୍ଷର ସଶ୍ରମ କାରାଦଣ୍ଡ ସହିତ ୩ ହଜାର ଟଙ୍କା ଜରିମାନା ଏବଂ ଏହା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୨ ମାସ କାରାଦଣ୍ଡ ଭୋଗିବାକୁ ଆଦେଶ ହୋଇଛି। ଉଭୟ ଦଣ୍ଡାଦେଶ ସମବର୍ତ୍ତୀ ଭାବେ ଲାଗୁହେବା ନେଇ ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ସୂଚନାଯୋଗ୍ୟ, ଅଭିଯୋଗକାରିଣୀ ପରିବାର ସହ ବାଲିପାଟଣା ଥାନା ଅଞ୍ଚଳରେ ରୁହନ୍ତି। ଅଭିଯୁକ୍ତ ସାଜିତ ତାଙ୍କ ଘର ନିକଟରେ ଭଡ଼ାସୂତ୍ରରେ ରହିଆସୁଥିଲେ। ୨୦୨୫ ମେ ୩୦ ତାରିଖ ରାତ୍ରି ପ୍ରାୟ ୮ଟାରେ ଅଭିଯୋଗକାରିଣୀ ପାଖ ପଡ଼ୋଶୀଙ୍କ ଛୋଟ ପିଲାକୁ ଟ୍ୟୁଶନ କରିସାରିବା ପରେ ତାଙ୍କ ଘରକୁ ଛାଡ଼ିବା ପାଇଁ ଯାଇଥିଲେ। ଏହି ସମୟରେ ଘରେ ନିଜର ନାବାଳିକା ଝିଅ (୯) ଥିଲେ। ଘର ନିକଟସ୍ଥ ଏକ ଅନ୍ଧାରୁଆ ସ୍ଥାନକୁ ତାଙ୍କୁ ସାଜିତ ଟେକିନେଇ ଅସଦାଚରଣ କରିଥିବା ଅଭିଯୋଗକାରିଣୀ ଜାଣିବା ପରେ ବାଲିପାଟଣା ଥାନାର ଦ୍ୱାରସ୍ଥ ହୋଇଥିଲେ।

# ପୂର୍ବଶତ୍ରୁତାରୁ ଯୁବକଙ୍କୁ ଗୋଡ଼ାଇ ହାଣିଲେ: ୩ ଗିରଫ

**ଭୁବନେଶ୍ୱର,୩।୨(ତ୍ରିନାଥ ମହାନ୍ତି)**

ଯୁବକଙ୍କୁ ଗୋଡ଼ାଇ ହାଣିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୋଲିସ। ଗିରଫ ଅଭିଯୁକ୍ତମାନେ ହେଲେ ସନ୍ତୋଷୀ ବିହାରର ପ୍ରିୟରଞ୍ଜନ ଦାସ, ରାଜେଶ କୁମାର ବେହେରା ଏବଂ ପ୍ରଶାନ୍ତ ନାୟକ। ଦେବେନ୍ଦ୍ର କୁମାର ଭୋଳଙ୍କ ଅଭିଯୋଗ ଭିତ୍ତିରେ ପୋଲିସ ଏକ ମାମଲା ରୁଜୁ କରି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ମରଣାନ୍ତକ ଆକ୍ରମଣ ହୋଇଥିଲା ବୋଲି ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି।

ଅଭିଯୋଗ ଅନୁଯାୟୀ, ଦେବେନ୍ଦ୍ର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଚିନ୍ତାମଣିଶ୍ୱର ଅଞ୍ଚଳର ପ୍ଲଟ ନମ୍ବର-୨୦୯୦ରେ ପରିବାର ସହ ରୁହନ୍ତି। ଗତ ୧ ତାରିଖ ଅପରାହ୍ନ ପ୍ରାୟ ୧ଟାରୁ ୧ଟା ୪୫ ଭିତରେ ଦେବେନ୍ଦ୍ର ଏକ ସ୍କୁଟି ଯୋଗେ ତାଙ୍କ ଘରକୁ ଫେରୁଥିଲେ। ଏହି ସମୟରେ ଗୁରୁକୁଳ ସ୍କୁଲ ନିକଟରେ ତିନିଜଣ ଦୁର୍ବୃତ୍ତ ଏକ ମୋଟରସାଇକେଲ ଯୋଗେ ସମ୍ମୁଖ ପଟୁ ଆସି ତାଙ୍କୁ ରାସ୍ତାରେ ଅଟକାଇଥିଲେ। ସେମାନେ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ପିନ୍ଧିଥିବା ସୁନାଚେନ ଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଦେବେନ୍ଦ୍ର ପ୍ରଶ୍ନ କରିବାରୁ, ସେମାନଙ୍କ ମଧ୍ୟରୁ ଜଣେ ହଠାତ ଏକ ଖଣ୍ଡା ବାହାର କରି ଆକ୍ରମଣ କରିଥିଲେ। ତେବେ ଦେବେନ୍ଦ୍ର ନିଜକୁ ବଞ୍ଚାଇବା ଲାଗି ହାତ ଦେଖାଇଦେଇଥିଲେ। ଫଳରେ ହାତରେ ଗଭୀର ଆଘାତ ଲାଗିଥିଲା। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଘଟଣାସ୍ଥଳକୁ ଦୌଡ଼ିଆସିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ପରେ ଦେବେନ୍ଦ୍ର ଏନେଇ ଥାନାରେ ଅଭିଯୋଗ କରିଥିଲେ।

# ଗୁଜରାଟରୁ ୨ଜଣଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

**କଟକ,୩।୨(କାର୍ତ୍ତିକ ସାହୁ)**



ଗୋୟାନି ମିଲନଭାଇ ଭୁପତଭାଇ



କୋଶିୟା ବୈଭବ ଜିତେନ୍ଦ୍ରଭାଇ

### ୫.୧୪ କୋଟି ଟଙ୍କା ସାଇବର ଠକେଇ ମାମଲା

### ଆଜି ଭୁବନେଶ୍ୱରର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯିବ

୧୨ କୋଟି ଟଙ୍କା ପାଇବା ଲୋଭ ଦେଖାଇ ୫.୧୪ କୋଟି ଟଙ୍କା ସାଇବର ଠକେଇ ମାମଲାରେ କ୍ରାଇମବ୍ରାଞ୍ଚ ଗୁଜରାଟରୁ ୨ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ମୋବାଇଲ ଫୋନ୍, ସିମ୍ କାର୍ଡ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ଗୁଜରାଟ ଭାବନଗର ଜିଲା ଅନ୍ତର୍ଗତ ଗରିୟାଧର ଥାନା ଅଞ୍ଚଳର ଗୋୟାନି ମିଲନଭାଇ ଭୁପତଭାଇ (୩୧) ଏବଂ କୋଶିୟା ବୈଭବ ଜିତେନ୍ଦ୍ରଭାଇ (୩୦)। ସେମାନଙ୍କୁ ଗୁଜରାଟର ଗରିୟାଧର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରାଇବା ପରେ ଟ୍ରାଞ୍ଜିଟ ରିମାଣ୍ଡରେ ଓଡ଼ିଶା ଅଣାଯାଉଛି। ସେମାନଙ୍କୁ ଭୁବନେଶ୍ୱରର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯିବ ବୋଲି କ୍ରାଇମବ୍ରାଞ୍ଚ ସୂଚନା ଦେଇଛି।

ସୂଚନାନୁସାରେ, ୨୦୨୫ ଏପ୍ରିଲ ୯ରେ କ୍ରାଇମବ୍ରାଞ୍ଚର ସାଇବର ଥାନାରେ ଏହି ଠକେଇ ସଂକ୍ରାନ୍ତରେ ମାମଲା ରୁଜୁ ହୋଇଥିଲା। ସାଇବର ଆପରାଧୀମାନେ ଠକେଇର ଶିକାର ହୋଇଥିବା ଅଭିଯୋଗକାରୀଙ୍କୁ ୨୦୨୫ ମାର୍ଚ୍ଚ ୧୭ରେ ହ୍ୱାଟ୍ସଆପ୍‌ରେ ଯୋଗାଯୋଗ କରିଥିଲେ। ପରେ ଅଭିଯୋଗକାରୀ ଆପେ ଇକ୍ୟୁଟି ହବ୍ ୪୧ ନାମକ ଗ୍ରୁପରେ ଯୋଡ଼ି ହୋଇଯାଇଥିଲେ। ଉକ୍ତ ଗ୍ରୁପ୍ ଜରିଆରେ ମାଗଣାରେ ଷ୍ଟକ ମାର୍କେଟ ସଂକ୍ରାନ୍ତୀୟ ପରାମର୍ଶ ଓ ନିଫ୍‌ଟିର ଦୈନିକ ବୈଷୟିକ ତର୍ଜମା ପ୍ରଦାନ କରାଯାଉଥିଲା। ସେହି ମାଧ୍ୟମରେ ସେ ନିବେଶକୁ ନେଇ ୩ଗୁଣା ଫେରସ୍ତ ପାଇବାର ଲୋଭନୀୟ ତଥ୍ୟ ପାଇଥିଲେ। ତେବେ ସେହି ମାର୍ଚ୍ଚ ୧୭ରୁ ଏପ୍ରିଲ ୯ ମଧ୍ୟରେ ଅଭିଯୋଗକାରୀ ୮ଟି ଭିନ୍ନ ଆକାଉଣ୍ଟକୁ ୫୪ଟି ଟ୍ରାଞ୍ଜାକଶନ ମାଧ୍ୟମରେ ୫.୧୪ କୋଟି ଟଙ୍କା ଟ୍ରାନ୍ସଫର କରିଥିଲେ। ତାଙ୍କୁ ୧୨ କୋଟି ଟଙ୍କା ଫେରସ୍ତ ମିଳିବା ଲୋଭ ଦେଖାଯାଇଥିଲା। ସେ ଯେତେବେଳେ ଟଙ୍କା ଉଠାଇବାକୁ ଚାହିଁଲେ ହ୍ୱାଟ୍ସଆପ ଗ୍ରୁପ୍‌ର କଣ୍ଟ୍ରୋଲ ଟିମ୍ ଟଙ୍କା ଉଠାଇ ହେବ ନାହିଁ ବୋଲି କହିଲେ। ପରେ ସେ ସାଇବର ଠକେଇର ଶିକାର ହୋଇଛନ୍ତି ବୋଲି ହୃଦବୋଧ କରି ସାଇବର ଥାନାରେ ଏତଲା ଦେଇଥିଲେ। କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ କରି ପୂର୍ବରୁ ଜଣେ ଅଭିଯୁକ୍ତଙ୍କୁ ଆସାମରୁ ଗିରଫ କରିଥିଲା।

### ସିଓଏଲ୍ ଭାବେ ରୋଟାରିଆନ୍ ଯଜ୍ଞାଶିଷ ମହାପାତ୍ର ନିର୍ବାଚିତ

**ଭୁବନେଶ୍ୱର,୩।୨(ବନ୍ଦନା ସେଠୀ)**

ରୋଟାରୀ ଆନ୍ତର୍ଜାତିକ ଅନୁଷ୍ଠାନକୁ କାଉନ୍‌ସିଲ ଅନ୍ ଲେଜିସଲେଶନ (ସିଓଏଲ୍) ଭାବେ ୩ବର୍ଷ ପାଇଁ ଯଜ୍ଞାଶିଷ ମହାପାତ୍ର ନିର୍ବାଚିତ ହୋଇଛନ୍ତି। ରୋଟାରୀ ଜିଲାର ସ୍ୱରକୁ ଶାଣିତ କରିବା ପାଇଁ ୨୦୨୪-୨୦୨୫ରେ ରୋଟାରିଆନ ମହାପାତ୍ର ପୂର୍ବତନ ପ୍ରାନ୍ତପାଳ ଭାବେ ଦାୟିତ୍ୱ ତୁଲାଇଥିଲେ। ରୋଟାରୀ ଜିଲା ୩୨୬୨ର ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ ଏବଂ ଅଧିକାର ଉପସ୍ଥାପନା କରିବାକୁ କାଉନ୍‌ସିଲ ଅଫ ଲେଜିସ୍‌ଲେଶନ ପଦ ପାଇଁ ସେ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବାବେଳେ ମହାପାତ୍ର ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ବହୁ ଭୋଟ ବ୍ୟବଧାନରେ ପରାଜିତ କରି ସିଓଏଲ୍ ପଦପାଇଁ ବିଜୟର ମୁକୁଟ ପିନ୍ଧିଛନ୍ତି। ପର୍ଯ୍ୟବେକ୍ଷକ ଭାବେ ସଞ୍ଜୀବ ରେସ୍ତୋଗୀ, ଜିଲା ୩୨୫୦ର ଅଶ୍ୱିନୀ କର ନିର୍ବାଚନ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବିଦ୍ୟାଳୟ ପାଚେରି ଭାଙ୍ଗିଲେ ହାତୀପଲ

ବାଙ୍କୀ,୩।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ଡମପଡ଼ା ବ୍ଲକ ବାଆଁରା ପଞ୍ଚାୟତ ବାଆଁରାସ୍ଥିତ ସୁବୁଦ୍ଧେଶ୍ୱର ମିଳିତ ବିଦ୍ୟାପୀଠ ପାଚେରିକୁ ସୋମବାର ହାତୀପଲ ଭାଙ୍ଗିଦେଇଛନ୍ତି। ଏନେଇ ବନ ବିଭାଗ ତରଫରୁ କ୍ଷତିପୂରଣ ଦେବାପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ବିଳମ୍ବିତ ରାତିରେ ଏକ ହାତୀପଲ ବାଆଁରା ମୌଜାର ଏକ ଫାର୍ମରେ ପଶି ଗଛ ଡାଳପତ୍ର ଭାଙ୍ଗି ଦେଇଥିଲେ। ଏହାପରେ ହାତୀପଲ ବାଆଁରା ସୁବୁଦ୍ଧେଶ୍ୱର ମିଳିତ ବିଦ୍ୟାପୀଠର ୧୫ ଫୁଟ୍‌ରୁ ଅଧିକ ଏକ ପାଚେରି ଭାଙ୍ଗି ଦେଇଛନ୍ତି। ଏହା ପୂର୍ବରୁ ହାତୀପଲ ଆଉ ୨ଟି ସ୍ଥାନରୁ ପାଚେରି ଭାଙ୍ଗିଥିଲେ।

### ବିରଳ ପେଚା ଉଦ୍ଧାର

ବାରଙ୍ଗ,୩।୨(ଲିଙ୍ଗରାଜ ରାଉତ): ଗୋଡ଼ିସାହି ଫାଣ୍ଡି ଅନ୍ତର୍ଗତ ମୁଣ୍ଡଳୀ ଜଗନ୍ନାଥ ମନ୍ଦିର ନିକଟରୁ ମଙ୍ଗଳବାର ଜାଲରେ ଛନ୍ଦି ହୋଇ ପଡ଼ିଥିବା ଏକ ବିରଳ ପେଚାକୁ ଉଦ୍ଧାର କରାଯାଇଛି। ଏହାପରେ ପେଚାଟିକୁ ଚିକିତ୍ସା କରାଯାଇ ଜଙ୍ଗଲରେ ଛାଡ଼ି ଦିଆଯାଇଛି। ମୁଣ୍ଡଳୀ ବ୍ୟାରେଜ ନିକଟସ୍ଥ ମହାନଦୀ କୂଳରେ ଥିବା ଜଗନ୍ନାଥ ମନ୍ଦିର ପଛପଟେ ଏକ ଛିଣ୍ଡାଜାଲରେ ଗୋଟିଏ ବିରଳ ପ୍ରଜାତିର ଧଳା ପେଚା ଗୁଡ଼େଇ ହୋଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେବା ସହ ପେଚାଟିକୁ ଜାଲରୁ ବାହାର କରିଥିଲେ। ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପେଚାଟିକୁ ପ୍ରାଥମିକ ଚିକିତ୍ସା କରାଇ ଜଙ୍ଗଲରେ ଛାଡ଼ିଦେଇଥିଲେ।

### ନରସିଂହପୁର ବାର୍ ଆସୋସିଏଶନର ଏକତ୍ରୀକରଣ

କଟକ,୩।୨(କାର୍ତ୍ତିକ ସାହୁ): ରାଜ୍ୟ ବାର୍ କାଉନସିଲର ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀଙ୍କ ଡାକରାକ୍ରମେ ନରସିଂହପୁର ବାର୍ ଆସୋସିଏଶନର ଏକତ୍ରୀକରଣ ହୋଇଛି। ଦୁଇପକ୍ଷର ସଦସ୍ୟମାନେ ରାଜ୍ୟ ବାର୍ କାଉନସିଲରେ ଉପସ୍ଥିତ ରହି ସର୍ବସମ୍ମତିକ୍ରମେ ସମସ୍ତ ବିରୋଧାଭାସ ଭୁଲି ଏକତ୍ରୀକରଣ ହେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଅଧ୍ୟକ୍ଷ ଦ୍ୱିବେଦୀ ଓ ରାଜ୍ୟ ବାର୍ କାଉନସିଲ ସେଣ୍ଟ୍ରାଲ କାଉନସିଲ କମିଟି ଅଧ୍ୟକ୍ଷ ଅରୂପାନନ୍ଦ ଦାସ ଓ ସଦସ୍ୟ ବିଭୁ ପ୍ରସାଦ ତ୍ରିପାଠୀ, ମାନସ କୁମାର ଚାନ୍ଦ, ବିଭୁ ପ୍ରସାଦ ଦାସ, ଧନଞ୍ଜୟ ମୁଣ୍ଡ ଉପସ୍ଥିତ ରହି ଆଇନଜୀବୀମାନଙ୍କର ପେସା, ଦକ୍ଷତା, ଏକତା ଓ ସଂଘବଦ୍ଧତାକୁ ବଜାୟ ରଖିବା ପାଇଁ ନରସିଂହପୁର ବାର୍ ଆସୋସିଏଶନର ଦୁଇ ଗୋଷ୍ଠୀର ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ। ନରସିଂହପୁର ବାର ଆସୋସିଏଶନର ସଭାପତି ନିର୍ମଳେନ୍ଦୁ ମିଶ୍ର ଓ ଅନ୍ୟ ସଦସ୍ୟମାନେ ଏହାକୁ ସ୍ୱାଗତ କରିଥିଲେ। ସମସ୍ତ ମନୋମାଳିନ୍ୟକୁ ଭୁଲି ବାର ଆସୋସିଏଶନର ଉନ୍ନତି କରିବା ପାଇଁ ଏକତ୍ରୀକରଣର ଆବଶ୍ୟକତାକୁ ଉପଲବ୍ଧି କରି ସର୍ବସମ୍ମତିକ୍ରମେ ଏହାକୁ ସ୍ୱାଗତ କରିଥିଲେ। ଆସନ୍ତା ମାର୍ଚ୍ଚ ବାର୍ ଆସୋସିଏଶନର ନିର୍ବାଚନ ଏକାଠି ଲଢ଼ିବା ପାଇଁ ସେମାନେ ନିଷ୍ପତ୍ତି ନେଇଛନ୍ତି।

# ଟ୍ରମା କାଜୁଆଲ୍‌ଟିରେ ସହାୟ କର୍ମଚାରୀଙ୍କ ମନମାନି

- ଗୁରୁତର ରୋଗୀଙ୍କୁ କ୍ୟାଥେଟର, ଇଞ୍ଜେକଶନ ଦେଉଛନ୍ତି ସହାୟ କର୍ମଚାରୀ
- ନିଜସ୍ୱ ଭାବେ ଲାମା ଲେଖି ଗୁରୁତର ରୋଗୀଙ୍କୁ ବିଦା କଲେ କର୍ମଚାରୀ
- ଏସ୍‌ସିବି ମେଡିକାଲ



କାଜୁଆଲ୍‌ଟିରେ ଗୁରୁତର ରୋଗୀଙ୍କୁ ସହାୟ କର୍ମୀ ଇଞ୍ଜେକଶନ ଦେଉଛନ୍ତି।

**କଟକ,୩।୨(ଶିଲ୍ପା ପ୍ରିୟଦର୍ଶିନୀ)**

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ର ଟ୍ରମା କାଜୁଆଲଟିରେ ନିୟମ ଉଲ୍ଲଂଘନ କରାଯାଇଛି। ଚିକିତ୍ସାଧୀନ ଗୁରୁତର ରୋଗୀଙ୍କୁ ଡାକ୍ତରଙ୍କ ଅନୁପସ୍ଥିତିରେ ସହାୟ କର୍ମଚାରୀମାନେ ଜୋରଜବରଦସ୍ତି କ୍ୟାଥେଟର ଲଗାଇବା ଓ ଇଞ୍ଜେକଶନ ଦେବା ସହ ରୋଗୀଙ୍କୁ ଧମକାଇ ନିଜସ୍ୱ ଭାବେ ଲାମା ଦେଇ ବିଦା କରିବା ଘଟଣା ମଙ୍ଗଳବାର ନଜରକୁ ଆସିଛି। ମେଡିକାଲରେ ପ୍ରେସ୍‌କ୍ରିପଶନ ଆଧାରରେ ଡାକ୍ତର ଚିକିତ୍ସା କରିବା ସହ ନର୍ସିଂ ଷ୍ଟାଫ କିମ୍ବା ଫାର୍ମାସିଷ୍ଟମାନେ ହିଁ କେବଳ ଇଞ୍ଜେକଶନଠାରୁ ଆରମ୍ଭ କରି ଅନ୍ୟାନ୍ୟ ଚିକିତ୍ସା କରିବା ବ୍ୟବସ୍ଥା ରହିଛି। ମାତ୍ର ଏସବୁ ନିୟମ ଏବଂ ବ୍ୟବସ୍ଥାକୁ କାଜୁଆଲଟିରେ ଉଲ୍ଲଂଘନ କରାଯାଇଛି। ଏହି ସହାୟ କର୍ମଚାରୀମାନଙ୍କୁ ଓଡ଼ିଶା ମାଇନିଂ କର୍ପୋରେଶନ (ଓଏମ୍‌ସି) ପକ୍ଷରୁ ନିୟୋଜିତ କରାଯାଇଥିବାବେଳେ ଏହି କର୍ମଚାରୀମାନେ ଗୁରୁତର ରୋଗୀଙ୍କୁ କ୍ୟାଥେଟର ଓ ଇଞ୍ଜେକଶନ ଦେବାକୁ କିଏ ଅନୁମତି ଦେଲା ତାକୁ ନେଇ ଏବେ ପ୍ରଶ୍ନ ଉଠିଛି।

ସୂଚନାଯୋଗ୍ୟ, ଏସ୍‌ସିବି ଆଶୁ ଚିକିତ୍ସା କେନ୍ଦ୍ରରେ ରୋଗୀଙ୍କୁ ଦେଖାଶୁଣା ଏବଂ ଷ୍ଟ୍ରେଚର ଆଦି ସୁବିଧା ଯୋଗାଇ ଦେବା ଯଥା ସମ୍ପର୍କୀୟ ନ ଥିବା ରୋଗୀଙ୍କୁ ଆଡ୍‌ମିଶନ କରାଇବା ଓ ୱାର୍ଡରେ ନେଇ ଛାଡ଼ିବା ଭଳି ସୁବିଧା ଯୋଗାଇ ଦେବା ପାଇଁ ଓଏମ୍‌ସି ପକ୍ଷରୁ ମେଡିକାଲରେ ପ୍ରାୟ ୬୦ ରୁ ୭୦ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା। ସେଥିମଧ୍ୟରୁ ୭ରୁ ୮ଜଣଙ୍କୁ ଟ୍ରମା କାଜୁଆଲଟିରେ ନିୟୋଜିତ କରାଯାଇଛି। ହେଲେ ଏହି ସହାୟ କର୍ମଚାରୀମାନେ ଚିକିତ୍ସାରେ ନିୟୋଜିତ ହୋଇଥିବା ଦେଖିବାକୁ ମିଳୁଛି। ଟ୍ରମା କାଜୁଆଲଟିକୁ ମଙ୍ଗଳବାର ସକାଳେ ନିର୍ଗୁଣ୍ଡି ଅଞ୍ଚଳର ଦୁର୍ଘଟଣାର ଶିକାର ଜଣେ ଗୁରୁତର ରୋଗୀ ଟ୍ରମା କାଜୁଆଲଟିକୁ ଆସିଥିଲେ। ତାଙ୍କୁ ଡାକ୍ତର ଭର୍ତ୍ତି କରିବା ପାଇଁ ପରାମର୍ଶ ଦେବା ସହ ପ୍ରାଥମିକ ଚିକିତ୍ସା ପରେ ୱାର୍ଡକୁ ସ୍ଥାନାନ୍ତର କରିବାକୁ କହିଥିଲେ। ହେଲେ ଗୁରୁତର ରୋଗୀ ଯନ୍ତ୍ରଣାରେ ଛାଟିପିଟି ହେବାରୁ ଦୁଇରୁ ତିନି ସହାୟ କର୍ମଚାରୀ ମିଶି କ୍ୟାଥେଟର ଲଗାଇବା ସହ ଇଞ୍ଜେକଶନ ଦେବା ସମୟରେ ରୋଗୀ ଜଣକ ପାଟି କରିବାରୁ ଜୋରଜବରଦସ୍ତି ତାଙ୍କ ଶାର୍ଟ ଓ ପ୍ୟାଣ୍ଟ ଚିରିଥିଲେ। ଏପରିକି ରୋଗୀ ଯନ୍ତ୍ରଣାରେ ପାଟି କରିବାରୁ ରକ୍ତାକ୍ତ ଥିବା ଅବସ୍ଥାରେ କର୍ମଚାରୀମାନେ ନିଜସ୍ୱ ଭାବେ ଲାମା ଲେଖାଇ ତାଙ୍କୁ ଡିସ୍‌ଚାର୍ଜ କରି ମେଡିକାଲରୁ ପଠାଇ ଦେଇଥିଲେ। ଏ ସମ୍ପର୍କରେ ଜଣେ ସହାୟ କର୍ମଚାରୀଙ୍କୁ ପଚାରିବାକୁ କହିଛନ୍ତି, ରୋଗୀ ଜଣକ ନିଶାସକ୍ତ ଅବସ୍ଥାରେ ଥିଲେ। କ୍ୟାଥେଟର ଓ ଇଞ୍ଜେକଶନ ନେବାକୁ ମନା କରିବାରୁ ତାଙ୍କୁ ଜୋରଜବରଦସ୍ତି ଆମେ ଦେଉଥିଲୁ। ରୋଗୀ ଜଣକ ଅତି ଅସ୍ତବ୍ୟସ୍ତ ହେବା ଓ ଅନ୍ୟ ରୋଗୀଙ୍କୁ ଚିକିତ୍ସା କରିବାରେ ଅବହେଳା ହେବା ନଜରରେ ରଖି ତାଙ୍କୁ ଲାମା ଲେଖାଇ ବିଦା କରି ଦେଇଛୁ ବୋଲି ସେ କହିଛନ୍ତି। ଏସମ୍ପର୍କରେ ମେଡିକାଲ ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଆଇଏମ୍‌ଏର ୭୫ତମ ବାର୍ଷିକ ସମ୍ମିଳନୀରେ ଯୋଗଦେବେ ୬୦୦ ଡାକ୍ତର




ବାର୍ଷିକ ଉତ୍ସବ ସମ୍ପର୍କରେ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**କଟକ,୩।୨(ଶିଳ୍ପା ପ୍ରିୟଦର୍ଶିନୀ):**

ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍‌ଏ)ର ୭୫ତମ ବାର୍ଷିକ ସମ୍ମିଳନୀ ଆସନ୍ତା ୬ରୁ ୮ ତାରିଖ ଯାଏ କଟକରେ ଆୟୋଜିତ ହେବ। ଆଇଏମ୍‌ଏ ହାଉସରେ ଆୟୋଜିତ ଏହି ସମ୍ମିଳନୀରେ ବରିଷ୍ଠ ଡାକ୍ତର, ମେଡିକାଲ ରିସର୍ଚ୍ଚର, ଏକାଡେମିସିଆନ୍ସ ପ୍ରମୁଖ ଉପସ୍ଥିତ ରହିବେ। ପାଖାପାଖି ୬୦୦ ଡାକ୍ତର ଏହି କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି ମଙ୍ଗଳବାର ଆଇଏମ୍‌ଏ ହାଉସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ୬ ତାରିଖରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ମାନିତ ଅତିଥି ଭାବେ ଆଇଏମ୍‌ଏର ଜାତୀୟ ସଭାପତି ଡାକ୍ତର ଦିଲ୍ଲୀପ ଭାନୁଶାଳୀ, ସଭାପତି ଡା. ହରେକୃଷ୍ଣ ନାୟକ, ସଙ୍ଗଠନ ସମ୍ପାଦକ ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା, ପୂର୍ବ ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲ ପ୍ରମୁଖ ସାମିଲ ହେବେ। ଏହି କାର୍ଯ୍ୟକ୍ରମରେ ଉଭୟ ସରକାରୀ ଓ ଘରୋଇ ଡାକ୍ତରମାନେ ଯୋଗଦେବେ। ମେଡିସିନ, କାର୍ଡିଓଲୋଜି, ସର୍ଜରି, ଡାଇବେଟିସ ଇତ୍ୟାଦି ବିଭାଗ ସମ୍ପର୍କରେ ଆଲୋଚନା କରାଯିବ ବୋଲି ସମ୍ମିଳନୀରେ ସୂଚନା ଦିଆଯାଇଛି। ସମ୍ମିଳନୀରେ ଆଇଏମ୍‌ଏର ସଙ୍ଗଠନ ସମ୍ପାଦକ ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା, ସଙ୍ଗଠନ ସମ୍ପାଦକ ଡା. ମୃତ୍ୟୁଞ୍ଜୟ ମହାପାତ୍ର, ସଭାପତି (ଇଲେକ୍ଟ) ଡା. ଜନ୍ମେଜୟ ମହାପାତ୍ର, କଟକ ଶାଖାର ସମ୍ପାଦକ ଡା. ଗୀତାଞ୍ଜଳି କର, ଡା. ଜ୍ୟୋତିର୍ମୟୀ ନାୟକ, ଜୟଶ୍ରୀ ସ୍ୱାଇଁ, ଡା. ସନ୍ଦିପ ଦେବାଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଡ୍ୟାନ୍ସ ଗ୍ରୁପ୍ କଳାକାରଙ୍କୁ ମାଡ଼, ଲୁଟ୍, ଅସଦାଚରଣ ଅଭିଯୋଗ



ଟିଗିରିଆ ଥାନାକୁ ଅଭିଯୋଗ କରିବାକୁ ଆସିଥିବା କଳାକାରମାନେ।

**ଟିଗିରିଆ,୩।୨(ଜାଫର ଖାଁ):**

ଟିଗିରିଆ ଥାନା ଅନ୍ତର୍ଗତ ବଡ଼ନାଉପୁଟଠାରେ ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନେ ରାତିରେ ଫେରୁଥିବା ସମୟରେ ସାମାନ୍ୟ କଥାକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଛି। ଏନେଇ କେତେଜଣ ଯୁବକ ସେମାନଙ୍କୁ ଅତର୍କିତ ଆକ୍ରମଣ କରି ଅସଦାଚରଣ କରିବା ସହ ଲୁଟ୍ କରିଥିବା ନେଇ ଟିଗିରିଆ ଥାନାରେ ଅଭିଯୋଗ ହୋଇଛି। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି।

ଖବର ଅନୁଯାୟୀ, ଟିଗିରିଆ ଥାନା ହାଟମାଳ ପଞ୍ଚାୟତର ସୁଣ୍ଡିପାଳ ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଦଧିବାମନ ଜୀଉଙ୍କ ବାର୍ଷିକ ଉତ୍ସବ ଅବସରରେ ଗ୍ରାମ କଳାକାରଙ୍କ ଦ୍ୱାରା ୨ ଦିନ ଧରି ସାମାଜିକ ନାଟକ ଅନୁଷ୍ଠିତ ହୋଇଥିଲା। ଏହି ଡ୍ରାମାରେ ଯୋଗଦେବା ପାଇଁ ଯାଜପୁର ଜିଲାର ଏକ ଡ୍ୟାନ୍ସ ଗ୍ରୁପ୍ ଆସିଥିଲା। ମଙ୍ଗଳବାର ଉକ୍ତ ଡ୍ୟାନ୍ସ ଗ୍ରୁପ୍‌ର ସଦସ୍ୟମାନେ ଡ୍ରାମା କାର୍ଯ୍ୟକ୍ରମ ଶେଷକରି ଏକ ବୋଲେରୋ ଗାଡ଼ିରେ ନିଜ ଅଞ୍ଚଳକୁ ଫେରୁଥିବା ବେଳେ ଏହି ଥାନା ଅନ୍ତର୍ଗତ ବଡ଼ନାଉପୁଟ ଗ୍ରାମ ନିକଟରେ ବାଙ୍କୀ ଥାନା ଅନ୍ତର୍ଗତ ପାଳପୁଟ ଗ୍ରାମର କେତେଜଣ ଯୁବକ ୩ଟି ବାଇକ୍‌ରେ ଆସି ଏହି ଗ୍ରୁପ୍‌ର ମ୍ୟାନେଜରଙ୍କ ସମେତ ମହିଳା କଳାକାରଙ୍କୁ ମାଡ଼ ମାରିବା ସହ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣରେ ଗ୍ରୁପ୍‌ର ମ୍ୟାନେଜରଙ୍କ ସମେତ ଜଣେ ମହିଳା ଆହତ ହୋଇଛନ୍ତି। ଡ୍ୟାନ୍ସ ଗ୍ରୁପ୍‌ର କଳାକାର ଜୟଶ୍ରୀ ଦାସ, ଜ୍ୟୋସ୍ନାରାଣୀ ଦାସ, ଅନିତା ପାତ୍ର, ସସ୍ମିତା ବାରିକ ପ୍ରମୁଖ ଟିଗିରିଆ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି ବୋଲି ଟିଗିରିଆ ଥାନା ଆଇଆଇସି ପ୍ରିୟଦର୍ଶିନୀ ଈପ୍ସିତା କହିଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ଡ୍ୟାନ୍ସ ଗ୍ରୁପ୍‌ର ସଦସ୍ୟମାନେ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିବା ଦିନ ବାଙ୍କୀ ଥାନା ଅନ୍ତର୍ଗତ ପାଳପୁଟ ଗ୍ରାମର କେତେଜଣ ଯୁବକ ଚିରୁଗୁଣି ନାଳଠାରେ ଗାଡ଼ି ଅଟକାଇବା ସହ ଚାଳକଙ୍କୁ ମାଡ଼ ମାରିଥିଲେ। ଏହାକୁ ଗାଡ଼ିରେ ଥିବା କଳାକାରମାନେ ପ୍ରତିବାଦ କରିଥିଲେ। ଏନେଇ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଆୟୋଜକଙ୍କ ଉପସ୍ଥିତିରେ ଘଟଣାର ସମାଧାନ ହୋଇଥିଲା।

# ଗୋ ଚାଲାଣବେଳେ ଚଢ଼ାଉ, ୨ ଗାଡ଼ି ଜବତ

**ଖୁଣ୍ଟୁଣୀ,୩।୨(ସଚ୍ଚିଦାନନ୍ଦ ପଣ୍ଡା):**

ଖୁଣ୍ଟୁଣୀ ଥାନା ମହାକାଳବସ୍ତ ପଞ୍ଚାୟତ ଅନ୍ତର୍ଗତ ଚମ୍ପାପୁର ଗ୍ରାମ ସନ୍ନିକଟ ଜଙ୍ଗଲରେ ବେଆଇନ ଗୋ ଚାଲାଣ କରାଯାଉଥିବା ବେଳେ ସୋମବାର ପୋଲିସ ଚଢ଼ାଉ କରି ଏଥିରେ ବ୍ୟବହୃତ ଏକ ମିନିଟ୍ରକ ସହ ଏକ ସ୍କର୍ପିଓକୁ ଜବତ କରିଛି। ଘଟଣାରେ ସମ୍ପୃକ୍ତ ଗୋ ମାଫିଆମାନେ ଘଟଣାସ୍ଥଳରୁ ଚମ୍ପଟ୍ ମାରିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ଆଇଆଇସି ଜହର ଆବେଦିନ, ଏସ୍‌ଆଇ ପ୍ରିୟଦର୍ଶନ ସେଠୀ, ଏଏସ୍‌ଆଇ ପ୍ରୀତିରଞ୍ଜନ ରାୟ ମିଳିତ ଭାବେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ପୁରୁଣା କଟକ-ସମ୍ବଲପୁର ରାସ୍ତା ପାର୍ଶ୍ୱ ଚମ୍ପାପୁର ଗ୍ରାମ ନିକଟସ୍ଥ ଜଙ୍ଗଲରେ କିଛି ଗାଡ଼ି ଲାଇଟକୁ ଦେଖି ସନ୍ଦେହ ହେବାରୁ ପୋଲିସ ସଦଳବଳ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ମାଫିଆମାନେ ଗୋରୁ ସହ ଦୁଇ ଗାଡ଼ିକୁ ଛାଡ଼ି ଦେଇ ଘଟଣାସ୍ଥଳରୁ ଚମ୍ପଟ୍ ମାରିଥିଲେ। ପୋଲିସ ସେମାନଙ୍କୁ କାବୁ କରିବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲା। ପୋଲିସ ଘଟଣାସ୍ଥଳରୁ ଗୋ କାରବାରରେ ବ୍ୟବହୃତ ସ୍କର୍ପିଓ ଓ ଏକ ମିନି ଟ୍ରକକୁ ଜବତ କରିଛି। ଏ ସଂକ୍ରାନ୍ତରେ ଖୁଣ୍ଟୁଣୀ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଆଇଆଇସି ଜହର ସୂଚନା ଦେଇଛନ୍ତି।

# ଓଳକଣା ମେଳଣ ପାଇଁ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ବିମାନ ସେବକମାନେ।

**ମାହାଙ୍ଗା,୩।୨(ଅଜୟ କୁମାର ମହାନ୍ତି):**

ପ୍ରସିଦ୍ଧ ଓଳକଣା ମେଳଣ ମାର୍ଚ୍ଚ ୨ରେ ଅନୁଷ୍ଠିତ ହେବ। ଏହି ମେଳଣ ପରଦିନ ପୂର୍ଣ୍ଣମୀ ତିଥିରେ ଚନ୍ଦ୍ରଗ୍ରହଣ ରହିଛି। ଏନେଇ ୨ତାରିଖ ରାତି ୩ଟା ୨୦ ମିନିଟ୍‌ରୁ ପାକତ୍ୟାଗ ଓ ଦେବନୀତି ନିଷିଦ୍ଧ ହେବ। ଏହାକୁ ଦୃଷ୍ଟିରେ ରଖି ମେଳଣ ପଡ଼ିଆକୁ ଦକ୍ଷିଣ ଦ୍ୱାର ଦେଇ ଆସୁଥିବା ସମସ୍ତ ବିମାନର ସେବକ ପ୍ରତିନିଧିଙ୍କ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ରବିବାର ମାହାଙ୍ଗା ବ୍ଲକ ଅଧୀନ ଅଚ୍ୟୁତପୁରସ୍ଥିତ ଶ୍ରୀରାଧା ମୋହନ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ପୋଡ଼ାମରାଇ ମଠ ମହନ୍ତ ସୁଧାକର ଦାସ ଏହି ବୈଠକରେ ଅଧ୍ୟକ୍ଷତା କରି ଦକ୍ଷିଣପଟ ଦ୍ୱାରରେ ଆସୁଥିବା ବିମାନଗୁଡ଼ିକ କିଭଳି ନିର୍ଦ୍ଧାରିତ ସମୟରେ ପହଞ୍ଚିବ, ସେନେଇ ଆଲୋଚନା କରିବାକୁ ପ୍ରସ୍ତାବ ରଖିଥିଲେ। ତେବେ ମେଳଣର ମୁଖ୍ୟ ଆକର୍ଷଣ ଶ୍ରୀଶ୍ରୀ ବୀରଭଦ୍ରେଶ୍ୱରଙ୍କ ବିମାନ ରାତି ୧୨ଟା ୩୦ରେ ପହଞ୍ଚିବ ବୋଲି ସମ୍ପୃକ୍ତ ଠାକୁରବାଡ଼ି ସେବକ ପ୍ରତିନିଧି ପ୍ରଭନ ପ୍ରଧାନ ଓ ବିଶ୍ୱରଞ୍ଜନ ପ୍ରଧାନ ମତ ରଖିଥିଲେ। ରାତି ୧୦ଟାରେ ସମସ୍ତ ବିମାନ ପହଞ୍ଚିବା ପରେ ପାରମ୍ପରିକ ଅବିର ଲାଗୁ କରିବା ସହ ମେଳଣ ପଡ଼ିଆକୁ ଯାତ୍ରା କରିବେ । ଏଥିସହିତ ରାତି ୧୨ଟା ୩୦ ସୁଦ୍ଧା ଶ୍ରୀଭଦ୍ରେଶ୍ୱରଙ୍କ ଆରତି କାର୍ଯ୍ୟ ସମାପନ କରିବା ପାଇଁ ସର୍ବସମ୍ମତିକ୍ରମେ ବୈଠକରେ ସ୍ଥିର ହୋଇଛି। ଏହି ବୈଠକରେ ପତିତପାବନ ପ୍ରଧାନ, ମକରଚନ୍ଦ୍ର ପ୍ରଧାନ, ପ୍ରବୋଧ ପ୍ରଧାନ, ଦେବେନ୍ଦ୍ର ପ୍ରଧାନ, କ୍ଷୀରୋଦ ଚନ୍ଦ୍ର ବିହାରୀ, ବିବେକାନନ୍ଦ ଦାଶ, ରମାକାନ୍ତ ଦାଶ, ଅଭୟ ପ୍ରଧାନ ପ୍ରମୁଖ ଦକ୍ଷିଣଦ୍ୱାର ଦାଣ୍ଡର ସମସ୍ତ ଠାକୁରବାଡ଼ି ସେବକ ପ୍ରତିନିଧି ଉପସ୍ଥିତ ରହି ଏହି ମେଳଣକୁ କିଭଳି ଶୃଙ୍ଖଳିତ ଭାବେ ସମାପନ କରାଯିବ, ସେନେଇ ଆଲୋଚନା କରିଥିଲେ ।

# ମା’ ଗଜଲକ୍ଷ୍ମୀ ପୂଜା ନାଟକ ପ୍ରତିଯୋଗିତା ଉଦ୍‌ଯାପିତ

**ବଡ଼ମ୍ବା,୩।୨(ମାୟାଧର ମଲ୍ଲିକ):**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ ଗ୍ରାମପଞ୍ଚାୟତର କନ୍ତପଡ଼ା ଲକ୍ଷ୍ମୀଛକଠାରେ ଦୀର୍ଘ ୬ ଦିନ ଧରି ଚାଲିଥିବା ମା’ ଗଜଲକ୍ଷ୍ମୀ ପୂଜା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କନ୍ତପଡ଼ା ଲକ୍ଷ୍ମୀପୂଜା କମିଟି ଓ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମା’ ଅନ୍ନଦାତ୍ରୀଙ୍କ ପୂଜା କାର୍ଯ୍ୟକ୍ରମ ଯଥାବିଧି ପାଳିତ ହେବା ସହିତ ବିଭିନ୍ନ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ଭାଗବତ, ସଂକୀର୍ତ୍ତନ ସହିତ ୩ ଦିନ ଧରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନାଟକ ମଞ୍ଚସ୍ଥ ହୋଇଥିଲା। ଏଥିରେ ମା’ ଭୈରବୀ ଡ୍ରାମାଟିକ୍ କ୍ଲବ, କନ୍ତପଡ଼ା ତରଫରୁ ସାମାଜିକ ନାଟକ ଏଇ ଫଗୁଣରେ ବାଜିବ ବାଜା, ନିଉ ଲାଇକ୍ ଡ୍ରାମାଟିକ କ୍ଲବ, କନ୍ତପଡ଼ା ତରଫରୁ କେହି ପାରିବେନି ଅଲଗାକରି ଓ ଶ୍ରୀଜଗନ୍ନାଥ ଡ୍ରାମାଟିକ୍ କ୍ଲବ, କନ୍ତପଡ଼ା ତରଫରୁ ‘ତୋ ବିନା ମୁଁ ଅଧାଅଧା’ ମଞ୍ଚସ୍ଥ ହୋଇଥିଲା। ପ୍ରଥମ ଦିବସ ନାଟକ ଉତ୍ସବରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ମାନସ ମୁଦୁଲି ଓ ସମ୍ମାନିତ ଅତିଥିଭାବେ ବୈଦେଶ୍ୱର ମହାବିଦ୍ୟାଳୟ ଅଧ୍ୟକ୍ଷ କୃପାସିନ୍ଧୁ ପଲାଉ, ସମୀର କୁମାର ସାମନ୍ତରାୟ, ଦିଲୀପ କୁମାର ପଙ୍ଗାରୀ ପ୍ରମୁଖ ଯୋଗଦେଇଥିଲେ।

ସେହିପରି ଦ୍ୱିତୀୟ ଦିବସ ନାଟକ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଡ଼ମ୍ବା ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ବ୍ଲକ ପୂର୍ବତନ ଅଧ୍ୟକ୍ଷ ପରମାନନ୍ଦ ସେଠୀ, ପୂର୍ବତନ ଉପାଧ୍ୟକ୍ଷା ଶାନ୍ତିଲତା ସେଠୀ, ବରିଷ୍ଠ ନେତା ପ୍ରଦୀପ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ତୃତୀୟ ଦିବସ ନାଟକରେ ମୁଖ୍ୟ ଅତିଥିଭାବେ ବାଣୀବିହାର ପୂର୍ବତନ ସଭାପତି ଆକାଶ ପାଣି, ମୁଖ୍ୟ ବକ୍ତାଭାବେ ବରିଷ୍ଠ କଂଗ୍ରେସ ନେତା ଶିଶିର କୁମାର ମିଶ୍ର, ବିଶିଷ୍ଟ ଅତିଥିଭାବେ ସାମାଜିକ କର୍ମୀ ଚିନ୍ତାମଣି ସାମଲ ଓ ସମ୍ମାନିତ ଅତିଥିଭାବେ ଯୁବନେତା ବଳଭଦ୍ର ପ୍ରହରାଜ ପ୍ରମୁଖ ଯୋଗଦେଇଥିଲେ। ଲକ୍ଷ୍ମୀପୂଜା କମିଟି ଆବାହକ ଝରି ସ୍ୱାଇଁ, କମିଟି ସଭାପତି କୃପାସିନ୍ଧୁ ମଲ୍ଲିକ, ସମ୍ପାଦକ ଶରତ ରାଉତ, କୋଷାଧ୍ୟକ୍ଷ ନାଥ ସାହୁ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଓ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରତ୍ୟହ କାର୍ଯ୍ୟକ୍ରମରେ ମନୋରଞ୍ଜନ ପଣ୍ଡା ସଂଯୋଜନା କରିଥିଲେ।



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# କଟ୍‌ନି ଛଟ୍‌ନିରୁ ବଢ଼ୁଛି ଚାଷୀ ଅସନ୍ତୋଷ

**ନିଜିଗଡ଼ ଧାନ ମଣ୍ଡିରେ ଅବ୍ୟବସ୍ଥା**
- ପ୍ରଥମ ପାଳିରେ ୪ କେଜି କଟନୀଛଟନୀରେ ଧାନ ଉଠିଥିଲା
- ଦ୍ୱିତୀୟ ପାଳିରେ ଅନୁରୂପ ଦାବି ପାଇଁ ମଣ୍ଡିରେ ଉତ୍ତେଜନା
- ଧାନ ଉଠାଇବା ପାଇଁ କୁଇଣ୍ଟାଲ ପିଛା ୧୦ ଟଙ୍କା ଦାବି



ନିଜିଗଡ଼ ମଣ୍ଡିରେ ରଖାଯାଇଥିବା ଧାନ।

**ଆଠଗଡ଼,୩।୨(ସତ୍ୟ ପ୍ରସାଦ ରଥ):**

ମିଲର ଏବଂ ଚାଷୀଙ୍କ ମଧ୍ୟରେ ବିବାଦ ଯୋଗୁ ଧାନକିଣାରେ ଅହେତୁକ ବିଳମ୍ବ ହେଉଛି। ଧାନକିଣା ବେଳେ କଟ୍‌ନି ଛଟ୍‌ନିକୁ ନେଇ ମିଲର ଅଡ଼ି ବସିବା ଯୋଗୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଧାନର ମାନକୁ ନେଇ ମିଲର ଅସନ୍ତୋଷ ପ୍ରକାଶ କରିବା ସହ କୁଇଣ୍ଟାଲ ପିଛା ୭ କେଜି କଟ୍‌ନି ଛଟ୍‌ନି କରିବା ପାଇଁ ଅଡ଼ିବସିଛି। ୨୦୨୫ରେ ଅଘୋଷିତ ଭାବେ ଧାନ କୁଇଣ୍ଟାଲ ପିଛା ୩ କେଜି କଟ୍‌ନି ଛଟ୍‌ନି ହେଉଥିବା ବେଳେ ଚଳିତ ବର୍ଷ ଏହା ୪ରୁ ୬ କେଜିକୁ ବୃଦ୍ଧି ପାଇଛି।

ଆଠଗଡ଼ ନିଜିଗଡ଼ ସେବା ସମବାୟ ସମିତି ମଣ୍ଡିରେ ଏଭଳି ଅବ୍ୟବସ୍ଥା ଆରମ୍ଭରୁ ଲାଗି ରହିଛି। ପ୍ରଥମ ପାଳିରେ ଏଠାରୁ ଧାନ କିଣୁଥିବା ମିଲର କୁଇଣ୍ଟାଲ ପିଛା ୭ କେଜି କଟ୍‌ନି ଛଟ୍‌ନି କରିବା ପାଇଁ ଅଡ଼ି ବସିଥିଲେ। କିନ୍ତୁ ବହୁ ବୁଝାଶୁଝା କରିବା ସହ ପ୍ରଶାସନିକ ହସ୍ତକ୍ଷେପ ପରେ ଅଘୋଷିତ ଭାବେ ୪ କେଜି କଟ୍‌ନି ଛଟ୍‌ନିରେ ଧାନ ଉଠିଥିଲା। ମଙ୍ଗଳବାର ଦ୍ୱିତୀୟ ପାଳି ଧାନକିଣା ବେଳେ ମଧ୍ୟ ସମାନ ଧରଣର ପରିସ୍ଥିତି ସୃଷ୍ଟି ହୋଇଛି। ଧାନର ମାନ ଠିକ୍ ନାହିଁ। ଏନେଇ ଧାନ କିଣିବୁ ନାହିଁ ବୋଲି ମିଲର ଅଡ଼ି ବସିବା ପରେ ମଣ୍ଡିରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଅପରାହ୍ନ ୩ଟା ସୁଦ୍ଧା ଧାନ ଉଠି ନ ଥିବା ବେଳେ ପ୍ରଶାସନ ପକ୍ଷରୁ ସହକାରୀ ଜିଲାପାଳ ମାନସ କୁମାର ବେହେରା, ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ରାମ ନାରାୟଣ ମଲ୍ଲିକଙ୍କ ସହ ସମବାୟ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳକୁ ଆସି ଚାଷୀମାନଙ୍କୁ ବୁଝାଶୁଝା କରିଥିଲେ। ଦ୍ୱିତୀୟ ପାଳିରେ ୧୩ ଜଣ ଚାଷୀଙ୍କଠାରୁ ୪୦୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ଅପରପକ୍ଷରେ ମଣ୍ଡିରେ ଶ୍ରମିକମାନେ ଧାନ ଉଠାଇବା ପାଇଁ ଚାଷୀମାନଙ୍କଠାରୁ କୁଇଣ୍ଟାଲ ପିଛା ୧୦ ଟଙ୍କା ଅଧିକ ଦେବାକୁ ଦାବି କରୁଥିବା ଚାଷୀ ସଞ୍ଜୟ ଜେନା, ଅକ୍ଷୟ ଜେନା, ଗୋପାଳ ପଣ୍ଡା ପ୍ରମୁଖ ଅଭିଯୋଗ କରିଛନ୍ତି। ଗତ କିଛିଦିନ ଧରି ମଣ୍ଡିରେ ଏଭଳି ଅବ୍ୟବସ୍ଥା ସମ୍ପର୍କରେ ଖବର ପାଇ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ନିଜେ ମଣ୍ଡି ପରିଦର୍ଶନ କରି ଚାଷୀମାନଙ୍କ ଅସୁବିଧା ସମ୍ପର୍କରେ ବୁଝି ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏବେ ପୁଣିଥରେ ମଣ୍ଡିରେ ଏଭଳି ଅବ୍ୟବସ୍ଥା ଲାଗିରହିଥିବାରୁ ପ୍ରଶାସନିକ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# କେନ୍ଦ୍ରୀୟ ରାଜସ୍ୱରେ ଓଡ଼ିଶାର ଭାଗ କମୁଛି

## ଷୋଡ଼ଶ ଅର୍ଥ କମିଶନଙ୍କ ସୁପାରିସ

ଭୁବନେଶ୍ୱର,୩।୨
(ରବିନାରାୟଣ ଜେନା)

ଓଡ଼ିଶାକୁ ୨୦୩୬ ସୁଦ୍ଧା ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜୋର୍‌ଦାର ଉଦ୍ୟମ ଆରମ୍ଭ ହୋଇଛି। ଭିତ୍ତିଭୂମି ବିକାଶଠାରୁ ଆରମ୍ଭକରି ଶିଳ୍ପ ଅଭିବୃଦ୍ଧି, ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ଏବଂ ବିଶ୍ୱସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବା ପର୍ଯ୍ୟନ୍ତ ସବୁକ୍ଷେତ୍ରକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଏହାସହିତ ଓଡ଼ିଶା ଏକ ବିପର୍ଯ୍ୟୟପ୍ରବଣ ରାଜ୍ୟ ହୋଇଥିବାରୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ତଥା 'ଫୋକସ୍ ଷ୍ଟେଟ୍'ର ଦାବି ମଧ୍ୟ ରଖୁଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ଭିତ୍ତିଭୂମି ସୁଦୃଢ଼ ହେବା ସହିତ ପଛୁଆ ରାଜ୍ୟ ଅପବାଦରୁ ମୁକୁଳିବା ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି। ହେଲେ ଓଡ଼ିଶା ପ୍ରତି କେନ୍ଦ୍ରୀୟ ଅର୍ଥ ଆୟୋଗଙ୍କ ସହାୟତା ଥରକୁ ଥର କମି କମି ଯାଉଛି। ୨୦୦୫-୧୦ ଆର୍ଥିକବର୍ଷ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାଦଶ ଅର୍ଥ କମିଶନ ଯେଉଁ ପ୍ରତିଶତ ଓଡ଼ିଶା ପାଇବାକୁ ଯୋଗ୍ୟ ବୋଲି ନିର୍ଦ୍ଧାରଣ କରିଥିଲେ ତାହା ଏବେ ବହୁ ପରିମାଣରେ ଖସିଆସିଛି। ଦ୍ୱାଦଶ ଅର୍ଥ କମିଶନ ତାଙ୍କ ସୁପାରିସ୍‌ରେ ଓଡ଼ିଶା ପାଇଁ ୫.୧୬ପ୍ରତିଶତ ଅର୍ଥର ବ୍ୟବସ୍ଥା କରିଥିବାବେଳେ ଏବେ କେନ୍ଦ୍ର ସରକାରଙ୍କ ଷୋଡ଼ଶ ଅର୍ଥ କମିଶନ ଏହି ପରିମାଣକୁ ୪.୪୨ପ୍ରତିଶତକୁ ହ୍ରାସ କରିଛନ୍ତି। ଏହାକୁ ନେଇ ଅର୍ଥନୀତି ବିଶାରଦମାନେ ପ୍ରଶ୍ନ ଉଠାଇଛନ୍ତି। ଗୋଟିଏପଟେ ଅର୍ଥ ସୁପରିଚାଳନା ନେଇ ନୀତି ଆୟୋଗଙ୍କ ପକ୍ଷରୁ ଓଡ଼ିଶାକୁ ପ୍ରଶଂସାପତ୍ର ମିଳୁଛି, ଅନ୍ୟପଟେ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ରହିଥିବାରୁ ଓଡ଼ିଶାକୁ ଅଧିକ ପରିମାଣର ଅର୍ଥ ଆୟୋଗ ବ୍ୟବସ୍ଥା କରିବେ ବୋଲି ଆଶା ରହୁଛି। ମାତ୍ର ଏହି ହାର କ୍ରମଶଃ କମିବା ଦ୍ୱାରା ରାଜ୍ୟ ପ୍ରଗତିରେ ଏହା ଅନ୍ତରାୟ ସୃଷ୍ଟି କରିବ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

ତଥ୍ୟ ଅନୁଯାୟୀ, ଷୋଡ଼ଶ ଅର୍ଥ ଆୟୋଗଙ୍କ ପକ୍ଷରୁ ନିକଟରେ ୨୦୨୬ରୁ ୨୦୩୧ ପର୍ଯ୍ୟନ୍ତ ତାଙ୍କ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯାଇଛି। ସେଥିରେ ଓଡ଼ିଶା ପାଇଁ ୪.୪୨% ଅର୍ଥ ବ୍ୟବସ୍ଥା ନେଇ ସୁପାରିସ୍ ରହିଛି। ତେବେ ୨୦୦୫ ପରଠାରୁ ଯେତେ ଅର୍ଥ ଆୟୋଗ ଓଡ଼ିଶାର ବିକାଶକୁ ଦୃଷ୍ଟିରେ ସୁପାରିସ କରିଛନ୍ତି ତାହା କ୍ରମଶଃ କମି କମି ଯାଉଛି। ପଞ୍ଚଦଶ ଅର୍ଥ କମିଶନ ଓଡ଼ିଶା ପାଇଁ ୪.୫୨% ବ୍ୟୟବରାଦ କରିଥିବାବେଳେ ଚତୁର୍ଦ୍ଦଶ ଅର୍ଥ କମିଶନ ୪.୬୪%, ତ୍ରୟୋଦଶ ଅର୍ଥ କମିଶନ ୪.୭୮ପ୍ରତିଶତ ଅର୍ଥ ବ୍ୟବସ୍ଥା କରିଥିଲେ। ତେବେ ଗତ ୨୦ ବର୍ଷ ମଧ୍ୟରେ ରାଜ୍ୟରେ ଜନସଂଖ୍ୟା ବଢ଼ିବା ସହିତ ଭିତ୍ତିଭୂମି ସୁଦୃଢ଼ ସାଙ୍ଗକୁ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ଅର୍ଥର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରୀୟ ଅର୍ଥ ଆୟୋଗଙ୍କ ସୁପାରିସ୍ କମିବାକୁ ନେଇ ଅର୍ଥନୀତି ବିଶେଷଜ୍ଞଙ୍କ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏନେଇ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ କହିଛନ୍ତି, ଓଡ଼ିଶା ହେଉଛି ପ୍ରାକୃତିକ ସମ୍ପଦଭରା ରାଜ୍ୟ। ହେଲେ ଓଡ଼ିଶାର ଲୋକେ ଗରିବ। ଓଡ଼ିଶା ଗୋଟିଏ ପଛୁଆ ରାଜ୍ୟ ଭାବେ ଜାତୀୟସ୍ତରରେ ପରିଗଣିତ ହେଉଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ପକ୍ଷରୁ ସହାୟତାର ହାତ ବଢ଼ାଯିବା କଥା। କେରଳ ଭଳି ଏକ ଅଗ୍ରଣୀ ରାଜ୍ୟକୁ ବହୁ ହାରରେ ଆୟୋଗ ଅର୍ଥର ବ୍ୟବସ୍ଥା କରୁଥିବାବେଳେ ଓଡ଼ିଶା ପ୍ରତି ଏଭଳି ଅବହେଳା ଆଦୌ ଠିକ୍ ହୋଇନାହିଁ।

ଏ ସଂକ୍ରାନ୍ତରେ ପୂର୍ବତନ ଅର୍ଥ ବିଭାଗ ସ୍ୱତନ୍ତ୍ର ସଚିବ ପ୍ରଦୀପ ବିଶ୍ୱାଳ କହିଛନ୍ତି, ଦ୍ୱାଦଶ ଅର୍ଥ କମିଶନଙ୍କଠାରୁ ଷୋଡ଼ଶ ଅର୍ଥ କମିଶନ ପର୍ଯ୍ୟନ୍ତ କେନ୍ଦ୍ରୀୟ ଟିକସରୁ ଓଡ଼ିଶାର ଭାଗ କ୍ରମଶଃ ହ୍ରାସ ପାଇବା ଚିନ୍ତାଜନକ। ଯଦିଓ ଓଡ଼ିଶା ବିତ୍ତୀୟ ଅନୁଶାସନ ଅନୁପାଳନରେ ଏକ ଅଗ୍ରଣୀ ରାଜ୍ୟ ତଥାପି କେନ୍ଦ୍ର ଅର୍ଥ କମିଶନଙ୍କ ଏପରି ସୁପାରିସ୍ ଆସନ୍ତା ୫ ବର୍ଷ ପାଇଁ ରାଜ୍ୟର ରାଜସ୍ୱ ଆୟକୁ ବଡ଼ ଆକାରରେ ପ୍ରଭାବିତ କରିବ। ଯଦି ଖଣି ରାଜସ୍ୱରେ ଆଗାମୀ ବର୍ଷମାନଙ୍କରେ କିଛି କ୍ଷତି ହୁଏ ତେବେ ରାଜ୍ୟ ସରକାର ବଡ଼ ବିପଦରେ ପଡ଼ିବେ।

# ୬ରୁ ଧଉଳି-କଳିଙ୍ଗ ମହୋତ୍ସବ



ଓଡ଼ିଶା ଡ୍ୟାନ୍ସ ଏକାଡେମୀର ମୁଖ୍ୟ ଅରୁଣା ମହାନ୍ତି ଏବଂ ସଂସ୍କୃତି ବିଭାଗ ଉପନିର୍ଦ୍ଦେଶକ ସୁଚିସ୍ମିତା ମନ୍ତ୍ରୀ ମହୋତ୍ସବ ସମ୍ପର୍କରେ ସୂଚନା ଦେଉଛନ୍ତି।

ଭୁବନେଶ୍ୱର, ୩।୨ (ବନ୍ଦନା ସେଠୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ଡ୍ୟାନ୍ସ ଏକାଡେମୀର ମିଳିତ ଆନୁକୂଲ୍ୟରେ ଫେବୃଆରୀ ୬ରୁ ୯ ପର୍ଯ୍ୟନ୍ତ ୨୨ତମ ଧଉଳି-କଳିଙ୍ଗ ମହୋତ୍ସବ ଆୟୋଜନ ହେବ। ଏହି ଅବସରରେ ନୃତ୍ୟ ସଙ୍ଗୀତ କ୍ଷେତ୍ରରେ ପରିଚିତ ପାଇଥିବା କୃତବିଦ୍ୟ ବ୍ୟକ୍ତିବିଶେଷଙ୍କୁ 'ବୁଦ୍ଧ ସମ୍ମାନ' ଓ 'ଗୁରୁ ଗଙ୍ଗାଧର ସ୍ମୃତି ସମ୍ମାନ' ପ୍ରଦାନ କରାଯିବ। ଏନେଇ ମଙ୍ଗଳବାର ଏକାଡେମୀ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଚଳିତ ବର୍ଷ ନାଟ୍ୟକାର ଅନନ୍ତ ମହାପାତ୍ରଙ୍କୁ 'ବୁଦ୍ଧ ସମ୍ମାନ' ପ୍ରଦାନ କରାଯିବ। ପୁରସ୍କାର ବାବଦକୁ ୨ଲକ୍ଷ ଟଙ୍କା, ମାନପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯିବ। ସେହିପରି ଓଡ଼ିଶୀ ନୃତ୍ୟଶିଳ୍ପୀ ସିକତା ଦାସ, ଗାୟକ ଓ ସଙ୍ଗୀତକାର ଗୁରୁ କେଶବ ଚରଣ ରାଉତ, ସଂସ୍କୃତି ପୁନରୁଦ୍ଧାରକ ମନ୍ମଥ ଶତପଥୀ, ଗବେଷକ ଡ. ଚିତ୍ତରଞ୍ଜନ ମଲ୍ଲିଆଙ୍କୁ 'ଗୁରୁ ଗଙ୍ଗାଧର ସ୍ମୃତି ସମ୍ମାନ' ପ୍ରଦାନ କରାଯିବ। ସମ୍ମାନ ସ୍ୱରୂପ ପ୍ରତ୍ୟେକଙ୍କୁ ୧ ଲକ୍ଷ ଟଙ୍କା, ମାନପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯିବ। ଏଥିସହ ଚଳିତ ବର୍ଷ ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସୁବର୍ଣ୍ଣ ଜୟନ୍ତୀ ବର୍ଷ ଅବସରରେ ପୂର୍ବତନ ଭାରତୀୟ କୂଟନୀତିଜ୍ଞ ଲଳିତ ମାନସିଂହଙ୍କୁ ବିଶେଷ ଭାବେ 'ସ୍ୱର୍ଣ୍ଣ ସ୍ମାରକୀ ସମ୍ମାନ' ପ୍ରଦାନ କରାଯିବ ବୋଲି ସମ୍ମିଳନୀରେ ଏକାଡେମୀର ମୁଖ୍ୟ ଅରୁଣା ମହାନ୍ତି ଏବଂ ସଂସ୍କୃତି ବିଭାଗ ଉପନିର୍ଦ୍ଦେଶକ ସୁଚିସ୍ମିତା ମନ୍ତ୍ରୀ ସୂଚନା ଦେଇଛନ୍ତି।

# କୁଞ୍ଜବିହାରୀ ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ବାରଙ୍ଗ,୩।୨ (ଲିଙ୍ଗରାଜ ରାଉତ)

କୁଞ୍ଜବିହାରୀ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ପକ୍ଷରୁ ସୋମବାର ରାଜ୍ୟସ୍ତରୀୟ ଆଲୋଚନାଚକ୍ର ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଯାଇଛି। ବିଭାଗ ମୁଖ୍ୟ ଶ୍ରୀକାନ୍ତ କୁମାର ସାହୁଙ୍କ ଦ୍ୱାରା ଆୟୋଜିତ ଓ ଅଧ୍ୟକ୍ଷ ଡ. ଶେଖ ନୈମୁଦ୍ଦିନଙ୍କ ପୌରୋହିତ୍ୟରେ ଏହି ସେମିନାର ଅନୁଷ୍ଠିତ ହୋଇଥିଲା। ପ୍ରଥମ ସୋପାନରେ ମୁଖ୍ୟ ଅତିଥିଭାବେ ପ୍ରଫେସର ଡ. ତୁଷାରକାନ୍ତ ପାଣି ଏବଂ ମୁଖ୍ୟବକ୍ତା ପ୍ରଫେସର ଡ. ପ୍ରତାପ ଚନ୍ଦ୍ର ସାହୁ ଅତିଥିଭାବେ ଯୋଗଦେଇ ଆଲୋଚ୍ୟ ବିଷୟ ନିବେଶକଙ୍କ ମନୋଭାବ ଏକ ବ୍ଲାକବକ୍ସ ହେଲେ ମଧ୍ୟ ବାଲାନ୍ସ ଶିଟ ବିଶ୍ଳେଷଣ ଷ୍ଟକ ମୂଲ୍ୟକୁ ବୁଝିବାରେ କିଭଳି ସହାୟକ ହୁଏ, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାର ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରବନ୍ଧପାଠ କରାଯାଇଥିଲା। ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦେଇ ସଂଗୀତ ଓ ନୃତ୍ୟ ପ୍ରଦର୍ଶନ କରିଥିଲେ।

# ଶୈଳେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ




ଶୈଳେନ୍ଦ୍ର ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇଥିବା ଅତିଥି।

ଭୁବନେଶ୍ୱର,୩।୨ (ସୁଚିସ୍ମିତା ସାହୁ)

ପଟିଆସ୍ଥିତ ଶୈଳେନ୍ଦ୍ର ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବନମାଳୀ ଶ୍ୟାମସୁନ୍ଦର ବେହେରାଙ୍କ ସଭାପତିତ୍ୱ ଏବଂ ବିଦ୍ୟାଳୟ ପଞ୍ଚସଖା ଶିକ୍ଷା ସେତୁ ସମିତିର ଆଲୁମ୍‌ନି ସଭାପତି ଅଞ୍ଜନ କୁମାର ଜେନାଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ୱାର୍ଡ ନଂ-୩ର କର୍ପୋରେଟର ଲକ୍ଷ୍ମୀପ୍ରିୟା ପରିଡ଼ା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତିର ଚେୟାରମ୍ୟାନ ଇତିଶ୍ରୀ ଚଇନି ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ବରାଳ ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ବରାଳ ଧନ୍ୟବାଦ ଦେଇଥିଲେ।

# ବିରଳ ପେଚା ଉଦ୍ଧାର

ବାରଙ୍ଗ,୩।୨ (ଲିଙ୍ଗରାଜ ରାଉତ)

ଗୋଡ଼ିସାହି ଫାଣ୍ଡି ଅନ୍ତର୍ଗତ ମୁଣ୍ଡଳୀ ଜଗନ୍ନାଥ ମନ୍ଦିର ନିକଟରୁ ମଙ୍ଗଳବାର ଜାଲରେ ଛନ୍ଦି ହୋଇ ପଡ଼ିଥିବା ଏକ ବିରଳ ପେଚାକୁ ଉଦ୍ଧାର କରାଯାଇଛି। ଏହାପରେ ପେଚାଟିକୁ ଚିକିତ୍ସା କରାଯାଇ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

ମୁଣ୍ଡଳୀ ବ୍ୟାରେଜ ନିକଟସ୍ଥ ମହାନଦୀ କୂଳରେ ଥିବା ଜଗନ୍ନାଥ ମନ୍ଦିର ପଛପଟେ ଏକ ଛିଣ୍ଡାଜାଲରେ ଗୋଟିଏ ବିରଳ ପ୍ରଜାତିର ଧଳା ପେଚା ଗୁଡ଼େଇ ହୋଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେବା ସହ ପେଚାଟିକୁ ଜାଲରୁ ବାହାର କରିଥିଲେ। ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପେଚାଟିକୁ ପ୍ରାଥମିକ ଚିକିତ୍ସା କରାଇ ଜଙ୍ଗଲରେ ଛାଡ଼ିଦେଇଥିଲେ।

# ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ଫାଇନାନ୍ସ ସର୍ଭିସ ଆସୋସିଏଶନର ବାର୍ଷିକ ସାଧାରଣ ସଭା

ଭୁବନେଶ୍ୱର,୩।୨ (ସୁଚିସ୍ମିତା ସାହୁ)

ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ଫାଇନାନ୍ସ ସର୍ଭିସ୍ ଆସୋସିଏଶନ୍ (ସିଫା)ର ବାର୍ଷିକ ସାଧାରଣ ଅଧିବେଶନ ସଭାପତି କେଦାରନାଥ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସଭାକୁ ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ସିଂ ପରିଚାଳନା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାରେ ନୂତନ କର୍ମକର୍ତ୍ତାମାନେ ନିର୍ବାଚିତ ହେବା ସହ ନୂତନ କାର୍ଯ୍ୟନିର୍ବାହୀ ସଦସ୍ୟମାନଙ୍କ ନାମ ସ୍ଥିରୀକୃତ ହୋଇଥିଲା। ସଭାପତି ଭାବେ ଚନ୍ଦ୍ରଜିତ ପରିଡ଼ା, ଉପସଭାପତି ରୂପେ ପ୍ରଶାନ୍ତ କୁମାର ପୁରୋହିତ, ସାଧାରଣ ସମ୍ପାଦକ ରୂପେ ରମେଶ ଚନ୍ଦ୍ର ବେହେରା, ସହସମ୍ପାଦକ ଭାବେ ପ୍ରତାପ ଚନ୍ଦ୍ର ମହାନ୍ତି ଓ କୋଷାଧ୍ୟକ୍ଷ ଭାବେ ପ୍ରଦୀପ କୁମାର ସର ନିର୍ବାଚିତ ହୋଇଥିଲେ। ଶେଷରେ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଟିପିସିଓଡିଏଲ୍ ଫାଇନାନ୍ସର ବରିଷ୍ଠ ଅଧିକାରୀ ଶିବପ୍ରସାଦ କର, ସୁଧାଂଶୁ କୁମାର ସାହୁ, ପ୍ରଶାନ୍ତ କୁମାର ପାତ୍ର, ପ୍ରଦୀପ୍ତ ବେହେରା, ପ୍ରଭୁଦତ୍ତ ମିଶ୍ର, ରବୀନ୍ଦ୍ର କୁମାର ମହାନ୍ତି, ସୁବ୍ରତ କୁମାର ସ୍ୱାଇଁ ଏବଂ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ।

# ୮ରେ ସୁଧା ସର୍ଜ୍ଜନା ମହାମହୋତ୍ସବ




ଖବରଦାତା ସମ୍ମିଳନୀରେ ମହାମହୋତ୍ସବ ସମ୍ପର୍କରେ କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ଭୁବନେଶ୍ୱର,୩।୨ (ଅନୁରାଧା ମହାରଣା)

ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜନ୍ମ ମହୋତ୍ସବ ଏବଂ ସତ୍‌ସଙ୍ଗ ବିହାରସ୍ଥିତ ଶ୍ରୀମନ୍ଦିରର ପ୍ରତିଷ୍ଠା ବାର୍ଷିକୀ ଅବସରରେ ଚଳିତ ମାସ ୮ତାରିଖରେ 'ସୁଧା ସର୍ଜ୍ଜନା ମହାମହୋତ୍ସବ' ଅନୁଷ୍ଠିତ ହେବ। ଭୁବନେଶ୍ୱର ବାଲିଯାତ୍ରା ପଡ଼ିଆ ବରିମୁଣ୍ଡ ନିକଟରେ ହେବାକୁଥିବା ଏହି ରାଜ୍ୟସ୍ତରୀୟ ଉତ୍ସବରେ ଲକ୍ଷାଧିକ ସତ୍‌ସଙ୍ଗୀ ଓ ଶ୍ରଦ୍ଧାଳୁଙ୍କ ଆଗମନ ହେବ। ଉତ୍ସବ ଦିନ ପ୍ରତ୍ୟୁଷରେ ବେଦ ମାଙ୍ଗଳିକ, ନହବତ, ଉଷା କୀର୍ତ୍ତନ, ସମବେତ ବିନତି ପ୍ରାର୍ଥନା, ସଦ୍‌ଗ୍ରନ୍ଥ ପାଠ କରାଯିବ। ପରେ ସ୍ମରଣିକା 'ତର୍ପଣ' ଉନ୍ମୋଚନ, ଧର୍ମସଭା ସହ ଦିବସବ୍ୟାପୀ ମାତୃମଞ୍ଚ ଓ ଭ୍ରାତୃମଞ୍ଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ଓ କୀର୍ତ୍ତନ ସମେତ ବିଭିନ୍ନ ଲୋକନୃତ୍ୟ ପରିବେଷଣ କରାଯିବ। ଭ୍ରାତୃ ମଞ୍ଚରେ 'ଦଶାବତାର' ଫ୍ୟୁଜନ ମ୍ୟୁଜିକ, ଆଲୋକ ରଶ୍ମି ସହ ଏକ ବିଶେଷ କାର୍ଯ୍ୟକ୍ରମ ଏବଂ ମାତୃମଞ୍ଚରେ ନାଟକ 'ପରଶମଣି' ପରିବେଷଣ ହେବ। ସନ୍ଧ୍ୟାର ବିଶେଷ ଆକର୍ଷଣ ଦେଓଘରରୁ ଆସିଥିବା 'ହ୍ୱାଇଟ ବ୍ୟାଣ୍ଡ' ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଉତ୍ସବକୁ ଆଗତ ଶ୍ରଦ୍ଧାଳୁଙ୍କ ଲାଗି ଆନନ୍ଦବଜାରରେ ପ୍ରସାଦସେବନ ବ୍ୟବସ୍ଥା ହେବ। ସେହିପରି ଦିବସବ୍ୟାପୀ ସ୍ୱାସ୍ଥ୍ୟ ଶିବିର, ଆଇନ ପରାମର୍ଶ ଶିବିର ଆୟୋଜନ କରାଯିବ। ଏହି ଭବ୍ୟ ଉତ୍ସବରେ ସମସ୍ତ ଜନସାଧାରଣ ସପରିବାର ଯୋଗଦେବା ପାଇଁ ଉତ୍ସବ କମିଟି ପକ୍ଷରୁ ନିବେଦନ କରାଯାଇଛି। ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ପ୍ରଫେସର ହୃଷିକେଶ ସେନାପତି, କୃପାନିଧି ବିଶ୍ୱାଳ, ରଜନୀକାନ୍ତ ପାଣି, ବୀରଭଦ୍ର ବିଶ୍ୱାଳ, ରଘୁନାଥ ପାଣୀ, କିଶୋର ଦାଶ, ପ୍ରଭାତ ବସ୍ତିଆ ଏବଂ ସୁଶାନ୍ତ ବେହେରା ପ୍ରମୁଖ ଏହି ଉତ୍ସବ ସମ୍ପର୍କରେ ସୂଚନା ଦେଇଥିଲେ।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ବାଲିଅନ୍ତା,୩।୨ (ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକ ଅଧୀନ ବାଲିଅନ୍ତା ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣିଜନିତ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ନିକୁଞ୍ଜ ବିହାରୀ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଏହି ଶିବିରରେ ବିଡିଓ ରଶ୍ମିତା ନାଥ, ଜିଲାପରିଷଦ ସଭ୍ୟ ମହେଶ୍ୱର ଦାସ, ସରପଞ୍ଚ କୃଷ୍ଣ କେଶବ ଆପଟ, ସମିତି ସଭ୍ୟା କୁନିଲତା ପ୍ରଧାନଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ଏଥିରେ ଗ୍ରାମୀଣ ଗୃହ ସମ୍ବନ୍ଧୀୟ, ଭତ୍ତା ଓ ଅନ୍ୟାନ୍ୟ ମୋଟ ୧୨ଟି ଲିଖିତ ଅଭିଯୋଗ ଗ୍ରହଣ କରାଯାଇଥିଲା। ଶିବିରରେ ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲମାନ ଖୋଲାଯାଇଥିଲା। ଶିବିରକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ କୁମାର ଜେନା, ଅନ୍ୟ କର୍ମଚାରୀ ଓ ବ୍ଲକର ଅଧିକାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

# 'ଜଳ ସୁରକ୍ଷା ପାଇଁ ଆର୍ଦ୍ରଭୂମି ସଂରକ୍ଷଣର ଆବଶ୍ୟକତା ରହିଛି'

ବାରଙ୍ଗ,୩।୨ (ଲିଙ୍ଗରାଜ ରାଉତ)

ନନ୍ଦନକାନନ ପକ୍ଷରୁ ଫୁଲପୋଖରୀ ସରକାରୀ ହାଇସ୍କୁଲରେ ସୋମବାର ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ ହୋଇଯାଇଛି। ଆର୍ଦ୍ରଭୂମିର ଗୁରୁତ୍ୱ ଏବଂ ପକ୍ଷୀ ସଂରକ୍ଷଣ ବିଷୟରେ ସଚେତନତା ସୃଷ୍ଟି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି

## ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳନ

କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କୁ ନେଇ ପଦଯାତ୍ରା, ସ୍ଲୋଗାନ ଲେଖା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଆୟୋଜିତ ହୋଇଥିବା ସଚେତନତା ରାଲି ମାଧ୍ୟମରେ ଜୈବ ବିବିଧତା, ଜଳବାୟୁ ନିୟନ୍ତ୍ରଣ ଏବଂ ଜଳ ସୁରକ୍ଷା ପାଇଁ ଆର୍ଦ୍ରଭୂମି ସଂରକ୍ଷଣର ଆବଶ୍ୟକତା ଉପରେ ବାର୍ତ୍ତା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ୨୫୦ ଜଣ ଛାତ୍ରୀଛାତ୍ର ଏବଂ ୧୫ ଜଣ ଶିକ୍ଷକ ସକ୍ରିୟ ଭାବରେ ସାମିଲ ହୋଇଥିଲେ। ଏହାସହ ୱେବସାଇଟରେ ଅନଲାଇନ ମାଧ୍ୟମରେ ଆର୍ଦ୍ରଭୂମି ସଚେତନତା ଉପରେ ଆୟୋଜିତ କୁଇଜ ପ୍ରତିଯୋଗିତାରେ ୨୦୦ ଜଣ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ।

# ମା' ମଙ୍ଗଳାଙ୍କ ଏକବିଂଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ



ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ଅତିଥି ଏବଂ କମିଟି ସଦସ୍ୟା ସଦସ୍ୟ।

ଭୁବନେଶ୍ୱର,୩।୨ (ବନ୍ଦନା ସେଠୀ)

ଜଳେଶ୍ୱର କଲୋନୀ ପାଇକନଗର ଭୁବନେଶ୍ୱରସ୍ଥିତ ମା' ମଙ୍ଗଳାଙ୍କ ଏକବିଂଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ପାଳିତ ହୋଇଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଏକାମ୍ର ବିଧାୟକ ବାବୁ ସିଂ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ୱାର୍ଡ ନଂ. ୪୮ର କର୍ପୋରେଟର ସୁଚିତ୍ରା ପାତ୍ର, ରମାକାନ୍ତ ମଲିକ, ଜଳେଶ୍ୱର କଲୋନୀର ଉପଦେଷ୍ଟା ଧୀରେନ କୁମାର ପାତ୍ର, ସଭାପତି ଭରତ ପ୍ରଧାନ, ସମ୍ପାଦକ ଗୋବର୍ଦ୍ଧନ ପାଳ, ଉପସଭାପତି ଗଦାଧର ମହାରଣା, ସହସମ୍ପାଦକ ପ୍ରମୋଦ କୁମାର ସାହୁ ଏବଂ କମିଟିର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ।




ରବୀନ୍ଦ୍ର ମଣ୍ଡପରେ ମଙ୍ଗଳବାର ଅନୁଷ୍ଠିତ 'ଆଇଟି' ୫୧ତମ ନ୍ୟାଶନାଲ୍ ଥିଏଟର ଫେଷ୍ଟିଭାଲରେ ଫ୍ରାନ୍ସର ବିଶିଷ୍ଟ ନାଟ୍ୟକାର ପ୍ୟାଟ୍ରିକ୍ ନଭଡେଙ୍କ ସମେତ ଅନ୍ୟ ପ୍ରତିଭାଧାରୀଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି। (ଫଟୋ: ମନୋରଞ୍ଜନ ମିଶ୍ର)

# ବି.ଟେକ୍ କରିବେ ଟାଟା ପାୱାର କର୍ମଚାରୀ

## କିଟ୍ ସହଯୋଗରେ 'ୱାର୍କ ଇଣ୍ଟିଗ୍ରେଟେଡ୍ ଲର୍ନିଂ ପ୍ରୋଗ୍ରାମ'

ଭୁବନେଶ୍ୱର,୩।୨ (ଅନୁରାଧା ମହାରଣା)

ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍‌ଗୁଡ଼ିକ ନିକଟରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି (କିଟ୍) ବିଶ୍ୱବିଦ୍ୟାଳୟ ସହଯୋଗରେ ନିଜ କର୍ମଚାରୀଙ୍କ ପାଇଁ 'ୱାର୍କ ଇଣ୍ଟିଗ୍ରେଟେଡ ଲର୍ନିଂ ପ୍ରୋଗ୍ରାମ' (ଡବ୍ଲୁଆଇଏଲ୍‌ପି)ର ଶୁଭାରମ୍ଭ କରାଯାଇଛି। ଇଲେକ୍ଟ୍ରିକାଲରେ ଡିପ୍ଲୋମା କରିଥିବା କର୍ମଚାରୀମାନେ ନିଜର ନିଯୁକ୍ତି ବଜାୟ ରଖିବା ସହିତ ବି.ଟେକ୍ କରିବା ପାଇଁ ସହାୟତା କରିବାକୁ ଏହି ପଦକ୍ଷେପ ନିଆଯାଇଛି। ଏହି କାର୍ଯ୍ୟକ୍ରମ ପ୍ରତି ୪ଟିଯାକ ଡିସକମ୍‌ର କର୍ମଚାରୀଙ୍କ ଆଗ୍ରହ ପ୍ରକାଶ ପାଇଛି। ଏକ ଚୟନ ପ୍ରକ୍ରିୟା ପରେ ମୋଟ ୮୦ ଜଣ ଅଂଶଗ୍ରହଣକାରୀଙ୍କୁ ମନୋନୀତ କରାଯାଇଛି। ନିଜର ଶୈକ୍ଷିକ ଯାତ୍ରା ଆରମ୍ଭ କରିଥିବା ଏହି ପ୍ରଥମ ବ୍ୟାଚ୍ ମାନବ ସମ୍ବଳ ବିକାଶ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଛି। ଏହି ୱାର୍କ ଇଣ୍ଟିଗ୍ରେଟେଡ୍ ଲର୍ନିଂ ପ୍ରୋଗ୍ରାମ ଶ୍ରେଣୀଗୃହ ଶିକ୍ଷା ସହିତ ବିଦ୍ୟୁତ ସେବା କ୍ଷେତ୍ରର ବାସ୍ତବ ଅଭିଜ୍ଞତାକୁ ମିଶ୍ରଣ କରି ତିଆରି କରାଯାଇଛି। ଏହା ଅଂଶଗ୍ରହଣକାରୀମାନଙ୍କୁ ଶ୍ରେଣୀଗୃହ ଶିକ୍ଷାକୁ ସିଧାସଳଖ ଫିଲ୍ଡ ଅପରେଶନ, ନେଟୱର୍କ ମ୍ୟାନେଜମେଣ୍ଟ, ସୁରକ୍ଷା ନିୟମାବଳୀ ଏବଂ ନୂତନ ଡିଜିଟାଲ ବିତରଣ ପ୍ରଯୁକ୍ତିବିଦ୍ୟାରେ ପ୍ରୟୋଗ କରିପାରିବେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଶରଣଜିତ ସିଂ, କିଟ୍ ପ୍ରତିନିଧିମଣ୍ଡଳୀ, ଚିଫ୍ ବିଜ୍‌ନେସ ଏଚ୍‌ଆର୍ (ଟି ଆଣ୍ଡ ଡି କ୍ଲଷ୍ଟର) ଡ. ରଣବୀର ଚକ୍ରବର୍ତ୍ତୀ, ଟିପିସିଓଡିଏଲ୍ ସିଇଓ ଅରବିନ୍ଦ ସିଂ, ଓଡ଼ିଶା ଡିସକମ୍‌ଗୁଡ଼ିକର ଚିଫ୍ ବିଜନେଶ୍ ଏଚ୍‌ଆର୍ ଶ୍ୟାମସୁନ୍ଦର ଚୌଧୁରୀ, ଟିପିସିଓଡିଏଲ୍‌ର ଏଚ୍‌ଆର୍ ହେଡ୍ କେ. ରବି ଆଚାରୀ ଏବଂ ଟିପିଏନ୍‌ଓଡିଏଲ ହେଡ୍ ଏଚ୍‌ଆର୍ ରମେନ୍ଦ୍ର ବଣିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଟାଟା ପାୱାରର ଚିଫ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ବିଜନେଶ୍ ଗଜାନନ କାଲେ କହିଥିଲେ ଯେ, କର୍ମଚାରୀଙ୍କ କଲ୍ୟାଣ ଏବଂ ଅଭିବୃଦ୍ଧିଦିଗରେ ସଂଗଠନର ଏହି ପଦକ୍ଷେପ ଏକ ପ୍ରମୁଖ ମାଇଲଖୁଣ୍ଟ।

**ଗୋଲେଖ ସାହୁଙ୍କ ସ୍ମୃତିଚାରଣ ସଭା**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ)- କଣାସ ବ୍ଲକ କାଦୁଆ ପଞ୍ଚାୟତ କଉଡ଼ିଖିଣି ଗ୍ରାମର ସ୍ୱର୍ଗତ ଗୋଲେଖ ସାହୁଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଗୁରୁଦେବ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲକ୍ଷ୍ମଣ ସାହୁ, ପ୍ରଭାକର ବେହେରା, କେଶବ ଚନ୍ଦ୍ର ସାହୁ, ରବୀନ୍ଦ୍ର ରାଉତରାୟ, କଣ୍ଡୁରୀ ବଳିଆରସିଂହ, ପ୍ରଶାନ୍ତ ସାମନ୍ତରାୟ, ଅଜୟ ବଳିଆରସିଂହ, ସର୍ବେଶ୍ୱର ଜେନା, ଧନେଶ୍ୱର ସାମନ୍ତରାୟ, ବିଜୟ ପ୍ରଧାନ, ଦୀନବନ୍ଧୁ ଦାସ, ରମେଶ ଚନ୍ଦ୍ର ସାହୁ, ସୁକାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ।


ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଲୋକଭବନକୁ ଆଲୋକମାଳାରେ ସଜାଯାଇଛି ।


ପିଣ୍ଡଦାନ ପାଇଁ ଶ୍ୱେତଗଙ୍ଗା ପୁଷ୍କରିଣୀକୁ ନବୀକରଣ କରାଯାଇ ସଜା ଯାଇଛି ।


ରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର ହେଲିକପ୍ଟର ତାଳବଣିଆ ହେଲିପ୍ୟାଡରେ ଅବତରଣ କରୁଛି ।



ରାଷ୍ଟ୍ରପତିଙ୍କୁ ସ୍ୱାଗତ କରି ବାଲୁକା ଶିଳ୍ପୀ ମାନସ ସାହୁଙ୍କ ସ୍ୟାଣ୍ଡ ଆନିମେଶନ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩।୨।୨୦୨୬

| | |
|---|---|
| ୪,୬୧,୨୪୪ ଟଙ୍କା | |
| ସୁନା | ୪.୪୫୦ ଗ୍ରାମ୍ |
| ରୁପା | ୪୭.୮୦୦ ଗ୍ରାମ୍ |

## ସଂକ୍ଷେପରେ

### ବାରିକେଡ୍‌ରେ ଫସିଲା ଶିଶୁର ମୁଣ୍ଡ

ପୁରୀ,୩।୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସମ୍ମୁଖରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବଡ଼ ଅଘଟଣରୁ ବର୍ତ୍ତିଯାଇଛି ଜଣେ ଛୋଟଶିଶୁ। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ବାରିକେଡ୍‌ରେ ଜଣେ କୁନି ଶିଶୁ ତାଙ୍କ ମୁଣ୍ଡ ଗଳେଇଦେବାରୁ ଆଉ ବାହାରି ନ ଥିଲା। କିଛି ସମୟ ପର୍ଯ୍ୟନ୍ତ ଶିଶୁର ମୁଣ୍ଡ ବାରିକେଡ୍‌ରେ ଫସି ରହିଥିଲା। ସେଠାରେ ଉପସ୍ଥିତ ଥିବା ସୁରକ୍ଷାକର୍ମୀ ବହୁକଷ୍ଟରେ ଶିଶୁଟିକୁ ବାରିକେଡ୍‌ରୁ ସମ୍ପୂର୍ଣ୍ଣ ବାହାରକରି ପରିବାରଲୋକଙ୍କୁ ହସ୍ତାନ୍ତର କରିଥିଲେ। ତେବେ ଏପରି ପ୍ରଥମ ଘଟିନାହିଁ, ପୂର୍ବରୁ ମଧ୍ୟ ଏପରି ଅଘଟଣ ଘଟିଛି। ପୂର୍ବରୁ ମଧ୍ୟ ସିଂହଦ୍ୱାର ସମ୍ମୁଖ ବାରିକେଡ୍‌ରେ ଜଣେ କୁନି ପିଲା ମୁଣ୍ଡ ଗଳାଇ ଥିବାବେଳେ କଟର୍ ମେଶିନ ଯୋଗେ ବାରିକେଡ୍ କାଟି ଶିଶୁକୁ ବାହାର କରାଯାଇଥିଲା।

### ୫ ଦିନିଆ ପ୍ରବୋଧନ ଶିକ୍ଷକ ତାଲିମ ଶିବିର

ଅସ୍ତରଙ୍ଗ,୩।୨(ମମତା ଜେନା)

କାକଟପୁର ବ୍ଲକ ଅନ୍ତର୍ଗତ ବାଜପୁର ନୋଡାଲ୍ ହାଇସ୍କୁଲରେ ୫ ଦିନିଆ ପ୍ରବୋଧନ ଶିକ୍ଷକ ତାଲିମ ଶିବିର ଅତିରିକ୍ତ ଶିକ୍ଷାଧିକାରୀ ବ୍ରହ୍ମାନନ୍ଦ କାଣ୍ଡିଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟିତ ହୋଇଯାଇଛି। ସିଆର୍‌ସିସି ସନ୍ତୋଷ କୁମାର ସାହୁ, ହଲିମ ଖାଁ ଓ ହାଇସ୍କୁଲର ପ୍ରଧାନଶିକ୍ଷକ ଦିବ୍ୟରଞ୍ଜନ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରବୋଧନ ଶିବିରରେ ବ୍ଲକର ୫୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇ ତାଲିମ ନେଉଛନ୍ତି । ଶିବିରରେ ପ୍ରଶିକ୍ଷକ ଭାବେ ଗୋବିନ୍ଦ ଚନ୍ଦ୍ର ବେହେରା, ତପନ ବେହେରା, ପ୍ରଶିକ୍ଷିକା ସସ୍ମିତା ତ୍ରିପାଠୀ ପରିଚାଳନା କରୁଥିବା ବେଳେ ସହକାରୀ ଶିକ୍ଷକ ଚିତ୍ତରଞ୍ଜନ ପୃଷ୍ଟି, ଶିକ୍ଷକ ନେତା ଡ. ହୃଦାନନ୍ଦ ସାସମଲ ସହଯୋଗ କରୁଛନ୍ତି।

# ସ୍ୱଚ୍ଛତା, ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ

**ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍**

କାକଟପୁର/ଅସ୍ତରଙ୍ଗ,୩।୨(ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

କାକଟପୁର ବ୍ଲକ ଅଧୀନ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମଙ୍ଗଳବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୩ ଜଣିଆ କାୟାକଳ୍ପ ଟିମ୍ ପରିଦର୍ଶନରେ ଆସିଥିଲେ। କାୟାକଳ୍ପ ଯୋଜନା ଅନ୍ତର୍ଗତ ରାଜ୍ୟର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱଚ୍ଛତା, ସୁରକ୍ଷା ଓ ରୋଗୀସେବାର ଗୁଣମାନ ଆକଳନ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ଥିଲା। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପିଏସ୍‌ଆଇ ଇଣ୍ଡିଆ ରୁବି ରାଉତ, ଡ. ମନୋରଞ୍ଜନ ହାତି, ସୌମ୍ୟାଶ୍ରୀ ମହାପାତ୍ର, କସ୍ତୁରୀ ପ୍ରିୟମ୍ବଦା ଗଠିତ କାୟାକଳ୍ପ ଟିମ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ଏହି ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଶାନ୍ତିଭୂଷଣ ଜେନା ଟିମ୍‌କୁ ସ୍ୱାଗତ କରି ସ୍ୱାସ୍ଥ୍ୟକେନ୍ଦ୍ରର ପରିଚାଳନା, ସୁବିଧା ଓ ସମସ୍ୟା ବିଷୟରେ ଅବଗତ କରାଇଥିଲେ।

ଏହି ସମୟରେ କାୟାକଳ୍ପ ଟିମ୍ ଆଉଟ୍ ଡୋର, ଇନ୍‌ଡୋର, ପ୍ରସୂତି ୱାର୍ଡ, ଶିଶୁ ୱାର୍ଡ, ଲ୍ୟାବ, ଔଷଧ ଭଣ୍ଡାର, ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା ସହିତ ସ୍ୱାସ୍ଥ୍ୟକେନ୍ଦ୍ରର ଆବଶ୍ୟକ କାଗଜପତ୍ର ଯାଞ୍ଚ ସହ ଚତୁଃପାର୍ଶ୍ୱ ପରିଦର୍ଶନ କରିଥିଲେ। ସ୍ୱଚ୍ଛତା, ବର୍ଜ୍ୟ ପରିଚାଳନା, ସୁରକ୍ଷା ବ୍ୟବସ୍ଥା ଓ ରୋଗୀସେବାର ମାନଦଣ୍ଡ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ମେଡିକାଲ ଷ୍ଟାଫ୍‌ମାନଙ୍କ ସହ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ସମସ୍ୟା ଭାବେ ସ୍ପେଶାଲିଷ୍ଟ ଡାକ୍ତର ଓ ପାରାମେଡିକାଲ କର୍ମଚାରୀଙ୍କ ଅଭାବ, ଔଷଧ ବଣ୍ଟନରେ ଅସୁବିଧା, ରୋଗୀ ଭିଡ଼ ସମ୍ପର୍କରେ ଆଲୋଚନା ହୋଇଥିଲା। କାୟାକଳ୍ପ ଟିମ ପରିଦର୍ଶନ ଓ ଆଲୋଚନା ଆଧାରରେ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରି ଉପରିସ୍ଥ ଅଧିକାରୀଙ୍କୁ ଦାଖଲ କରିବେ ବୋଲି ଜଣାଇଛନ୍ତି। ଏହି ରିପୋର୍ଟ ଆଧାରରେ ଆଗାମୀ ଦିନରେ ବାଙ୍ଗୁରିଗାଁ ମେଡିକାଲ୍‌ର ଭିତ୍ତିଭୂମି ଓ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରାଯିବ ବୋଲି ମେଡିକାଲ୍ ଅଧିକାରୀ ଡ. ଶାନ୍ତିଭୂଷଣ ଜେନା ଆଶା ପ୍ରକାଶ କରିଛନ୍ତି।


କାୟାକଳ୍ପ ଟିମ୍ ସହ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ କର୍ମଚାରୀମାନେ ।

## ଭାରତୀପୁର ମଣ୍ଡଳରେ ବିଶାଳ ହିନ୍ଦୁ ସମ୍ମିଳନୀ

ପିପିଲି,୩।୨(ପ୍ରଭାତ କୁମାର ମହାପାତ୍ର)

ପ୍ରସିଦ୍ଧ ମା’ ଯୋଗମାୟାଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହିନ୍ଦୁ ସମ୍ମିଳନୀରେ ଭାରତୀପୁର, କଣ୍ଟି, ଓରକଳ, ପାଣିଦୋଳ, ପୋପରଙ୍ଗା ପଞ୍ଚାୟତରୁ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସକାଳୁ କଳସ ଯାତ୍ରା ଆରମ୍ଭ ହେବା ପରେ ବିଶ୍ୱ ଶାନ୍ତି ଉଦ୍ଦେଶ୍ୟରେ ଏକ ଯଜ୍ଞର ଆୟୋଜନ କରାଯାଇଥିଲା। ଏହାପରେ ଏକ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଥିଲା, ଯେଉଁ ସଭାରେ ହିନ୍ଦୁ ଏକତା ସହ ଜାତିବାଦରୁ ମୁକ୍ତ ରହିବାକୁ ଆହ୍ୱାନ କରାଯାଇଛି। ଏଥିରେ ଅତିଥି ଭାବେ ହିମାଳୟ ବଦ୍ରିନାଥ ଧାମର ସନ୍ଥ ସ୍ୱାମୀ ଗଣେଶ୍ୱର ନନ୍ଦ ସରସ୍ୱତୀ, ରାଜ୍ୟ ଗୋ ବିଜ୍ଞାନ ସଂଯୋଜକ, ସନ୍ଥ ଡାକ୍ତର ସ୍ୱାମୀ ଅମୃତାନନ୍ଦ ଗିରି, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବପ୍ରାନ୍ତ ସଂଘଚାଳକ ସମୀର ମହାନ୍ତି, ପୁରୀ ବିଭାଗ ଗୋ-ସେବା ସଂଯୋଜକ ପ୍ରଭାତ କୁମାର ମହାପାତ୍ର ଉପସ୍ଥିତ ରହି ହିନ୍ଦୁ ସମ୍ମିଳନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଯଜ୍ଞ ପୂର୍ଣ୍ଣାହୁତି କରାଯାଇ ସାମୂହିକ ପ୍ରସାଦ ସେବନ ହୋଇଥିଲା। କାର୍ଯ୍ୟକ୍ରମକୁ ସମୂହ ହିନ୍ଦୁ ସଂଗଠନର କର୍ମକର୍ତ୍ତା ପ୍ରକାଶ ପ୍ରଧାନ, ଧର୍ମଜିତ ନନ୍ଦ, ଅଭିଜିତ ବେହେରା, ସୁଜିତ ବାରିକ, ପ୍ରମୋଦ ନନ୍ଦ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଖାନପୁର ପ୍ରିମିୟର ଲିଗ୍, ବଜରଙ୍ଗୀ ୧୧ ସେମିକୁ ଉନ୍ନୀତ

କାକଟପୁର,୩।୨ (ଶୁଭଦର୍ଶନ ମିଶ୍ର/ମମତା ଜେନା)

ଖାନପୁର ଟି-୧୦ ପ୍ରିମିୟର ଲିଗ୍‌ର ମଙ୍ଗଳବାର ଥିଲା ତୃତୀୟ କ୍ୱାର୍ଟର ଫାଇନାଲ୍ ମ୍ୟାଚ। ଏଥିରେ ବଜରଙ୍ଗୀ ୧୧ ପିପିଲି ଏବଂ ନାଗପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବଜରଙ୍ଗୀ ୧୧ ପିପିଲି ଟସ୍ ଜିତି ନାଗପୁର ଦଳକୁ ବ୍ୟାଟିଂ କରିବା ପାଇଁ ଆମନ୍ତ୍ରଣ କରିଥିଲା। ନାଗପୁର ୭ ଓଭର ଖେଳି ୮୬ ରନ କରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଟୁଲୁ ବ୍ୟକ୍ତିଗତ ସର୍ବାଧିକ ୫୫ ରନ୍ କରିବାକୁ ସକ୍ଷମ ହୋଇଥିଲେ। ବଜରଙ୍ଗୀ ୧୧ ପକ୍ଷରୁ ସୋମୁ ସର୍ବାଧିକ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ବଜରଙ୍ଗୀ୧୧ ୬.୧ ଓଭର ଖେଳି ୨ ଉଇକେଟ ହରାଇ ୮୭ ରନ୍ କରି ବିଜୟ ଲାଭ କରିବା ସହିତ ସେମିଫାଇନାଲରେ ପ୍ରବେଶ କରିଥିଲା। ଦଳ ପକ୍ଷରୁ ପିକୁନ ସର୍ବାଧିକ ୨୬ ରନ୍ ସଂଗ୍ରହ କରିଥିଲେ। ନାଗପୁର ଦଳର ପ୍ରସନ୍ନ ସର୍ବାଧିକ ୨ଟି ଉଇକେଟ ଅକ୍ତିଆର କରିଥିଲେ। ନାଗପୁର ଦଳର ଟୁଲୁଙ୍କୁ ମ୍ୟାନ୍ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ।

## ଓଡ଼ିଆ ଚଳଚ୍ଚିତ୍ର ‘ଅପେକ୍ଷା’ର ପୋଷ୍ଟର ମହାପ୍ରଭୁଙ୍କୁ ସମର୍ପିତ

ପୁରୀ,୩।୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସିଂହଦ୍ୱାରଠାରେ ଓଡ଼ିଆ ଚଳଚ୍ଚିତ୍ର ‘ଅପେକ୍ଷା’ର ପୋଷ୍ଟର ମହାପ୍ରଭୁଙ୍କୁ ସମର୍ପିତ ହୋଇଛି। ଶ୍ରୀପତିତପାବନଙ୍କୁ ପ୍ରଦୀପ ପ୍ରଦାନ ପରେ ପରେ ଅଭିନେତା, ଅଭିନେତ୍ରୀ, ନିର୍ଦ୍ଦେଶକ ଏବଂ ପ୍ରଯୋଜନା ସଦସ୍ୟମାନେ ଚଳଚ୍ଚିତ୍ର ରିଲିଜ୍ ତାରିଖ ଘୋଷଣା କରିଥିଲେ। ଏହି ଚଳଚ୍ଚିତ୍ର ୬ ତାରିଖରେ ସର୍ବଭାରତୀୟ ରିଲିଜ୍ ହେବ। ସିଂହଦ୍ୱାରଠାରେ ବିଶିଷ୍ଟ ଅଭିନେତା ଚୌଧୁରୀ ବିକାଶ ଦାସ, ପ୍ରଦୀପ ଦେବତା, ପୁଷ୍ପା ପଣ୍ଡା, ଶକ୍ତି ବରାଳ, ସାର୍ଥକ, ଶୁଭଙ୍ଗୀ, ଅଲିଭା ଦାସ, ଗୁଡ୍ଡୁ ପ୍ରମୁଖଙ୍କ ସମେତ ଆଜିର ରେବତୀ ଚଳଚ୍ଚିତ୍ରର କାହାଣୀକାର ବଦ୍ରି ମିଶ୍ର, ବିଶିଷ୍ଟ ଚିତ୍ରନାଟ୍ୟ ଓ ସଂଳାପକାର ଶ୍ୟାମାପ୍ରସାଦ ମିଶ୍ର, ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର ଉପସ୍ଥିତ ଥିଲେ। ଏହି ଚଳଚ୍ଚିତ୍ରରେ ଆନନ୍ଦ କୁମାର ନିର୍ଦ୍ଦେଶନା ଦେଇଛନ୍ତି। ବୈଦ୍ୟନାଥ ଦାଶ ସଂଗୀତ ନିର୍ଦ୍ଦେଶନାରେ ଅଛନ୍ତି। କାହାଣୀ ଓ ସଂଳାପକାର ଆଶୁତୋଷ ବାରିକ ରହିଥିବା ବେଳେ ଗୀତିକାର ନିର୍ମଳ ନାୟକ ଓ ଅରୁଣ ମନ୍ତ୍ରୀ ଗୀତ ରଚନା କରିଛନ୍ତି। ଓଡ଼ିଶା ରେ ସିନେମା ହଲ୍‌ର ଅଭାବ ବେଳେ ଅଧିକରୁ ଅଧିକ ଚଳଚ୍ଚିତ୍ର ନିର୍ମାଣର ସାହସ କମ୍ କଥା ନୁହେଁ ବୋଲି ଚଳଚ୍ଚିତ୍ରର ପବ୍ଲିସିଟି ଡିଜାଇନର ଶ୍ୟାମାପ୍ରସାଦ ମିଶ୍ର କହିଛନ୍ତି। ପୁରୀରେ ଅନ୍ୟୁନ ୩ଟି ସିନେମା ହଲ୍, ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସ ଓ ମଲ୍ ଉପରେ ଆଇନକ୍ସ କରିବାକୁ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର ଦାବି ରଖିଛନ୍ତି।



# ମିଶନଟାଇଗର ବାଲେଶ୍ୱର ଫାଇନାଲରେ

**ରାଜ୍ୟସ୍ତରୀୟ ଏକାଦଶ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟ୍‌ବଲ**

ନିମାପଡ଼ା,୩।୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡ୍‌ରେ ଆୟୋଜିତ ରାଜ୍ୟସ୍ତରୀୟ ଏକାଦଶ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟ୍‌ବଲ ପ୍ରତିଯୋଗିତାର ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ମା’ ଭୁଆସୁଣୀ ବିଡ଼ାନାସୀ କଟକ ଦଳକୁ ୧-୦ ଗୋଲରେ ପରାସ୍ତ କରି ମିଶନ ଟାଇଗର ବାଲେଶ୍ୱର ଦଳ ବିଜୟ ହାସଲ କରି ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚକୁ ରେଫରି ଭାବେ ଶେଖାବତ ଖାନ, ବିଦେଶୀ ନାୟକ, ପ୍ରଫୁଲ୍ଲ କୁମାର ବେହେରା, ଆଶିଷ ଆଶୁତୋଷ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ମ୍ୟାଚ୍‌ରେ ସଂଗ୍ରାମ କେଶରୀ ଭୋଳ ଧାରା ବିବରଣୀ ପ୍ରଦାନ କରିଥିଲେ। ଆଜିର ମ୍ୟାଚରେ ବିଜୟୀ ମିଶନ ଟାଇଗର ବାଲେଶ୍ୱର ଦଳର ଖେଳାଳି ଚନ୍ଦୁ ମହାନ୍ତି ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ।

ଆଜିର ମ୍ୟାଚରେ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଡିଏଭି ସ୍କୁଲର ପ୍ରିନ୍ସିପାଲ ଏମ୍.ଏମ୍. ହକ୍, ବରିଷ୍ଠ ନାଗରିକ ପବିତ୍ର ବରାଳ, ଖବରଦାତା ପ୍ରଶାନ୍ତ ସାହୁ, କ୍ରୀଡ଼ାବିତ୍ ମହେନ୍ଦ୍ର ସିଂ ଭାଟିଆ, ଆଥ୍‌ଲେଟିକ୍ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ଧୀରେନ୍ ବରାଳ, ସମ୍ପାଦକ ଜୀବନାନନ୍ଦ ମହାପାତ୍ର, ଫୁଟ୍‌ବଲ ସମ୍ପାଦକ ପ୍ରକାଶ ବରାଳ, ସ୍ପୋର୍ଟ୍ସ ମ୍ୟାନେଜର ବିଶ୍ୱଜିତ ମଲ୍ଲିକ, ରଶ୍ମିରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ କୃତୀ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ବୁଧବାର ଚତୁର୍ଥ ଦିବସ ମ୍ୟାଚ୍‌ରେ ଖୋର୍ଦ୍ଧା କେରଙ୍ଗ ଫୁଟବଲ କ୍ଲବ ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନକୁ ଭେଟିବ।



ଅତିଥିମାନେ କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

**ସଂକ୍ଷେପରେ**

## ଜେଲରେ ଅଭିଯୁକ୍ତ ବଞ୍ଚାରାଙ୍କ ହେବ ଟିଆଇ ପରେଡ୍

ଭୁବନେଶ୍ୱର,୩।୨(ତ୍ରିନାଥ ମହାନ୍ତି)

ରାଜଧାନୀ ଭୁବନେଶ୍ୱରରେ ଆପରାଧିକ କାର୍ଯ୍ୟକଳାପ କରୁଥିବା ବଞ୍ଚାରା ଏଣିକି ସାବାଡ଼ ହେବେ। ସେମାନଙ୍କ ତଥ୍ୟ ରଖିବ ପୋଲିସ। ଜେଲରେ ଗିରଫ ଅଭିଯୁକ୍ତମାନଙ୍କର ଟିଆଇ ପରେଡ କରାଯିବ। ଗତମାସରେ ୧୦ ଲକ୍ଷ ଟଙ୍କାର ସୁନାଗହଣା, ନଗଦ ଟଙ୍କା ଓ ମୋବାଇଲ ଫୋନ୍ ଲୁଟ ଘଟଣାରେ ନୟାପଲ୍ଲୀ ଏବଂ ଖଣ୍ଡଗିରି ଥାନା ପୋଲିସ ୧୫ ଜଣ ବଞ୍ଚାରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ସମ୍ପୃକ୍ତି ଅନ୍ୟ କେସ୍‌ରେ ଥିବା ପୋଲିସର ସନ୍ଦେହ ହେବାରୁ ଆସନ୍ତା ୧୨ ତାରିଖରେ ଝାରପଡ଼ା ଜେଲରେ ଟିଆଇ ପରେଡ କରାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ, ରାଜ୍ୟ ବାହାରୁ ବଞ୍ଚାରାମାନେ ଭୁବନେଶ୍ୱରକୁ ଆସି ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ଲୋକଙ୍କ ପକେଟମାରୁ କରିବା ସହ ଚେନ ଛମ୍ପିନେଉଛନ୍ତି। କଳ୍ପନା ଛକ ଅଞ୍ଚଳରୁ ଖଣ୍ଡଗିରି ଆଉ ନନ୍ଦନକାନନରୁ ନୂଆପଲ୍ଲୀ ସବୁଠି ଲୁଟ୍‌ପାଟ୍ କରୁଛନ୍ତି। ସିସିଟିଭି କିନ୍ତୁ ପୋଲିସ ପଇଁତରାକୁ ଖାତିର ନ କରି କେତେଜଣ ବଞ୍ଚାରା ଖଣ୍ଡଗିରି ମେଳାରେ ଅନେକ ଲୋକଙ୍କଠାରୁ ଲୁଟ କରିଥିଲେ। ଖଣ୍ଡଗିରି ଥାନା ପୋଲିସ ଦ୍ୱାରା ଗିରଫ ହୋଇଥିବା ଏକ ଗ୍ୟାଙ୍ଗ ମେଳା ସହ ବରମୁଣ୍ଡା ବସ୍‌ଷ୍ଟାଣ୍ଡକୁ ଆସୁଥିବା ଯାତ୍ରୀଙ୍କୁ ଟାର୍ଗେଟ କରୁଥିଲେ। ଏମାନଙ୍କର ଏକ ବଡ଼ ଗ୍ୟାଙ୍ଗ ବାହାର ରାଜ୍ୟରୁ ଅପରେଟ ହେଉଥିବା ପୋଲିସ ଜାଣିବାକୁ ପାଇଛି।

## କୃପାନେତ୍ରର ସ୍ୱନକ୍ଷତ୍ର ଉତ୍ସବ

ବାଲିପାଟଣା,୩।୨(ଅଭିମନ୍ୟୁ ନାୟକ)

ବନମାଳିପୁର ନିକଟସ୍ଥ ତ୍ରିବେଣୀ ପୀଠରେ ତ୍ରୟମାସିକ ଶିଶୁ କିଶୋର ପତ୍ରିକା 'କୃପାନେତ୍ର'ର ସପ୍ତଦଶ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୃପାନେତ୍ର ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ଆୟୋଜିତ ଉତ୍ସବରେ ରାଜ୍ୟସ୍ତରୀୟ କବିତା ପାଠ, କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଏବଂ ତ୍ରିବେଣୀ ସ୍ମରଣିକା ଉନ୍ମୋଚନ ହୋଇଥିଲା। କାବ୍ୟଚେତନା ପରିବାର ଅନ୍ତର୍ବେଣୀ ସମ୍ମାନ, ଧ୍ରୁବତାରା ପାତ୍ରଙ୍କୁ କଳା ସମ୍ମାନ ପ୍ରଦାନ କରାଯାଇଥିଲା। କୃପାନେତ୍ରର ସଭାପତି ପ୍ରଫେସର ରାଧାକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶିବା ସମ୍ପୂର୍ଣ୍ଣ ଫାଉଣ୍ଡେସନ ଟ୍ରଷ୍ଟର ନିର୍ଦ୍ଦେଶିକା ଝିଲି ସାମନ୍ତରାୟ, ପ୍ରାଚୀ ସଂସ୍କୃତି ଗବେଷକ ହଂସନାଥ ସାହୁ, ବନମାଳିପୁର ଡିଗ୍ରୀ କଲେଜ ଅଧ୍ୟକ୍ଷ ମୁରଲୀଧର ସାହୁ, ବନ୍ଦେ ଉତ୍କଳ ଲୋକକଳା ମହାସଂଘ ସଭାପତି ବିଜୟ କୁମାର ମିଶ୍ର, ସାମାଜିକ କର୍ମୀ ରମେଶ ଚନ୍ଦ୍ର ସାହୁ, ପତ୍ରିକାର ମାର୍ଗଦର୍ଶକ ପଣ୍ଡିତ ହରିହର ମହାପାତ୍ର, ମୁଖ୍ୟ ଉପଦେଷ୍ଟା ମାଗୁଣି ଚରଣ ସେଠୀ, ପଣ୍ଡିତ ଲିଙ୍ଗରାଜ ଆଚାର୍ଯ୍ୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କୃପାନେତ୍ର ସମ୍ପାଦକ ରବୀନ୍ଦ୍ରନାଥ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ସୁଜାତା ଦାସ, ସିପ୍ରାରାଣୀ ବିଶ୍ୱାଳ, ଦେବେନ୍ଦ୍ର ନାଥ ସେନାପତି କବିତା ପାଠ ଉତ୍ସବକୁ ସଂଯୋଜନା କରିଥିଲେ। କୃପାନେତ୍ରର କାର୍ଯ୍ୟକାରୀ ସଭାପତି ସୁରେଶ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ପାସ୍‌ପୋର୍ଟ ଅଫିସ୍ ଆଗରେ ବୁଲୁଛନ୍ତି ଦଲାଲ

ଭୁବନେଶ୍ୱର,୩।୨(ତ୍ରିନାଥ ମହାନ୍ତି)

- ଆବେଦନ କରିବାକୁ ଆସୁଥିବା ଲୋକଙ୍କୁ ମିଛ ପ୍ରତିଶ୍ରୁତି ଦେଇ ଲୁଟୁଛନ୍ତି
- ଅଭିଯୋଗ ପରେ ଜଣେ ଗିରଫ

ନୂଆପଲ୍ଲୀସ୍ଥିତ ପାସ୍‌ପୋର୍ଟ ଅଫିସ ଆଗରେ ମାଳ ମାଳ ଦଲାଲ ବୁଲୁଛନ୍ତି। ସେଠାକୁ ପାସ୍‌ପୋର୍ଟ ଆବେଦନ ଏବଂ ନବୀକରଣ କରିବାକୁ ଆସୁଥିବା ଲୋକଙ୍କୁ ବିଭିନ୍ନ ବାହାନା କରି ଠକେଇ କରୁଛନ୍ତି। ପୋଲିସ ତଡ଼ାଉ କରୁ ନ ଥିବାରୁ ଦଲାଲଙ୍କ କାରନାମା ବଢ଼ି ଚାଲିଛି। ଯେଉଁଥିପାଇଁ ପ୍ରତିଦିନ ଏକାଧିକ ଲୋକ ଠକାମିର ଶିକାର ହେଉଛନ୍ତି। ଅଫିସରଙ୍କ ସହ ପରିଚିତ ଅଛି, ଦୁଇ ଦିନ ଭିତରେ ସମସ୍ୟା ସମାଧାନ କରିଦେବୋ ବୋଲି କହି ୫ ହଜାରରୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଲୁଟି ନେଉଛନ୍ତି। ସରୋଜ କୁମାର ସେଠୀ ନାମକ ଜଣେ ବ୍ୟକ୍ତି ଏଭଳି ଠକାମିର ଶିକାର ହୋଇଛନ୍ତି। ଏନେଇ ନୟାପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସନ୍ତୋଷ କୁମାର ସ୍ୱାଇଁ ଓରଫ ବାପୁ। ସୂଚନାଯୋଗ୍ୟ, ଅଭିଯୋଗକାରୀ ସରୋଜ ପୁରୀ ଜିଲା କାକଟପୁର ବାସିନ୍ଦା। ଗତ ଜାନୁୟାରୀ ୬ରେ ସେ ପାସ୍‌ପୋର୍ଟ ନବୀକରଣ ପାଇଁ ପାସ୍‌ପୋର୍ଟ କାର୍ଯ୍ୟାଳୟକୁ ଆସିଥିଲେ। ପାସ୍‌ପୋର୍ଟ କାର୍ଯ୍ୟାଳୟ ସମ୍ମୁଖରେ ଜଣେ ଅଜଣା ବ୍ୟକ୍ତି ତାଙ୍କ ପାଖକୁ ଆସି ନିଜକୁ ବାପୁ ବୋଲି ପରିଚୟ ଦେଇ ସମସ୍ୟା ବିଷୟରେ ପଚାରି ବୁଝିବା ସହ ୩ଦିନ ମଧ୍ୟରେ ପାସପୋର୍ଟ ନବୀକରଣ କରାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେ ଏହି କାମ ପାଇଁ ଅଗ୍ରିମ ୫ହଜାର ଟଙ୍କା ଦାବି କରିଥିଲେ। ତାଙ୍କ କଥାରେ ବିଶ୍ୱାସ କରି ସରୋଜ ତାଙ୍କୁ ନଗଦ ୫ହଜାର ଦେଇଥିଲେ ଏବଂ ପ୍ରମାଣ ସ୍ୱରୂପ ଭିଡିଓ ରେକର୍ଡ ମଧ୍ୟ କରିଥିଲେ। ଅଭିଯୁକ୍ତ ବାପୁ ଅଭିଯୋଗକାରୀଙ୍କ ତାଙ୍କର ଆଧାର କାର୍ଡର କପି ଏବଂ ୫ହଜାର ଟଙ୍କାର ଏକ ଲିଖିତ ରସିଦ ଏବଂ ଦୁଇଟି ମୋବାଇଲ ନମ୍ବର ମଧ୍ୟ ଦେଇଥିଲେ। ଅଭିଯୁକ୍ତ ବାପୁ ପାସ୍‌ପୋର୍ଟ, ଆଧାର କାର୍ଡ ଏବଂ ପାନ କାର୍ଡର ଜେରକ୍ସ କପି ନେଇ ପାସ୍‌ପୋର୍ଟ କାର୍ଯ୍ୟାଳୟ ସମ୍ମୁଖରେ ଅପେକ୍ଷା କରିବାକୁ ସରୋଜଙ୍କୁ କହିଥିଲେ। ପ୍ରାୟ ୩ ଘଣ୍ଟାକାଳ ଅପେକ୍ଷା କରିଥିଲେ ମଧ୍ୟ ଅଭିଯୁକ୍ତ ବାପୁ ଆଉ ଫେରି ନ ଥିଲେ। ପରେ ସେ ତାଙ୍କୁ ଫୋନ କରିବାକୁ ଚେଷ୍ଟା କଲେ ମଧ୍ୟ ସେ କଲ୍ ଉଠାଉ ନ ଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଫୋନ୍ କରି ପୁଣି ଥରେ ୫ହଜାର ଦେବା ପାଇଁ ଅଭିଯୋଗକାରୀଙ୍କୁ କହିଥିଲେ। ଏଥିସହ ଗତ ୨୯ରେ ସରୋଜଙ୍କୁ ପୁଣି ଥରେ ପାସ୍‌ପୋର୍ଟ କାର୍ଯ୍ୟାଳୟକୁ ଅଭିଯୁକ୍ତ ବାପୁ ଡାକିଥିଲେ ଏବଂ ବୈଦେଶିକ ମନ୍ତ୍ରଣାଳୟ ନାମରେ ଥିବା ଏକ ଅନ୍‌ଲାଇନ ଆବେଦନ ରସିଦ ଦେଇଥିଲେ। ଅଭିଯୋଗକାରୀ ଉକ୍ତ ରସିଦକୁ ନେଇ ପାସ୍‌ପୋର୍ଟ କାର୍ଯ୍ୟାଳୟରେ ଯାଞ୍ଚ କରାଇବା ପରେ ତାହା ନକଲି ଥିବା ଜାଣିବାକୁ ପାଇଥିଲେ। ଏହା ପରେ ଯେତେବେଳେ ସେ ଅଭିଯୁକ୍ତ ବାପୁଙ୍କୁ ଫୋନ କରି ଯୋଗାଯୋଗ କରିଥିଲେ, ସେ ତାର କୌଣସି ଉତ୍ତର ଦେଉ ନ ଥିଲେ। ପରେ ବାପୁ ତାଙ୍କ ତରଫରୁ ସରୋଜଙ୍କୁ କଲ୍ କରି ଅପରାହ୍ନ ୩ଟାରେ ପାସପୋର୍ଟ କାର୍ଯ୍ୟାଳୟ ନିକଟରେ ଦେଖା କରିବା ଲାଗି କହିଥିଲେ। ଏଥିସହିତ ଧମକ ଦେଇ କହିଥିଲେ ଯେ, ଯଦି ସେ ତାଙ୍କୁ ଅଧିକ କିଛି ଟଙ୍କା ନଦିଅନ୍ତି, ତେବେ ସେ ତାଙ୍କ କାମ କରିବେନି କି ନେଇଥିବା ଟଙ୍କା ମଧ୍ୟ ଆଉ ଫେରାଇବେନି। ପରେ ସରୋଜ ନିକଟସ୍ଥ ଦୋକାନୀମାନଙ୍କ ଠାରୁ ବୁଝିବା ପରେ ଅଭିଯୁକ୍ତ ବାପୁ ପାସପୋର୍ଟ ନବୀକରଣ କରାଇ ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଅନେକ ଲୋକଙ୍କଠାରୁ ଏହିଭଳି ଭାବରେ ଟଙ୍କା ଠକି ନେଇଥିବା ଜାଣିବାକୁ ପାଇଥିଲେ। ଏପରିକି ବାପୁ ଜଣେ ବୃତ୍ତିଗତ ଅପରାଧୀ ହୋଇଥିବାବେଳେ ତାଙ୍କ ନାମରେ ବିଭିନ୍ନ ଥାନାରେ ୬ ଗୋଟି ଆପରାଧିକ ମାମଲା ରହିଥିବା ଜଣାପଡ଼ିଛି।



ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପୁରୀ ଲୋକଭବନକୁ ରଙ୍ଗିନ ଆଲୋକମାଳାରେ ସଜାଯାଇଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ମୁମ୍ବାଇରେ ଓଡ଼ିଆ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ



ଶ୍ରେୟା ନରେନ୍ଦ୍ର ପତି

ଭୁବନେଶ୍ୱର,୩।୨(ତ୍ରିନାଥ ମହାନ୍ତି)

**ଲୋନାଭାଲାକୁ ଟ୍ରେକିଂ କରିବାକୁ ଯାଇଥିଲେ**

ମୁମ୍ବାଇରେ ରହି ଏଲ୍‌ଏଲବି ପଢୁଥିବା ଓଡ଼ିଆ ଛାତ୍ରୀ ଶ୍ରେୟା ନରେନ୍ଦ୍ର ପତିଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଗତ ୩୧ ତାରିଖରେ ଲୋନାଭାଲାର ଟାଇଗର ପଏଣ୍ଟକୁ ଟ୍ରେକିଂ ପାଇଁ ଯାଇଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଦୀର୍ଘ ୩୬ ଘଣ୍ଟା ପରେ ଶ୍ରେୟାଙ୍କ ମୃତଦେହ ୪୦୦ ଫୁଟ ଗଭୀର ଖାଇରୁ ମିଳିଛି। ଘଟଣାଦିନ ଶ୍ରେୟା ଟ୍ରେକିଂରେ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନ ଥିବାରୁ ପରିବାର ଲୋକେ ତାଙ୍କୁ କଲ୍ କରିଥିଲେ ତାଙ୍କ ଫୋନ ମଧ୍ୟ ବନ୍ଦ ଥିଲା। ସ୍ଥାନୀୟ ଜଣେ ଦୋକାନୀଙ୍କୁ ଶ୍ରେୟାଙ୍କ ବ୍ୟାଗ ମିଳିଥିଲା। ବ୍ୟାଗରେ ଥିବା ପରିଚୟ ପତ୍ର ଆଧାରରେ ଦୋକାନୀ ତାଙ୍କ ପରିବାରକୁ ଖବର ଦେଇଥିଲେ ଦୋକାନୀ। ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଡଗ ସ୍କ୍ୱାଡ୍ ଏବଂ ଡ୍ରୋନ ସାହାଯ୍ୟରେ ଖୋଜାଖୋଜି କରିଥିଲେ। ଦୀର୍ଘ ୩୬ ଘଣ୍ଟା ପରେ ଶ୍ରେୟାଙ୍କ ମୃତଦେହ ଜବତ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଛାତ୍ରୀ ମୃତ୍ୟୁ ଘଟଣାରେ ଓଡ଼ିଶା ପୋଲିସ ମୁମ୍ବାଇ ପୋଲିସ ସହ ଯୋଗାଯୋଗ କରିବା ସହ ଶ୍ରେୟାଙ୍କ ମୃତ୍ୟୁ ରହସ୍ୟ ଖୋଲିବା ଉପରେ ଗୁରୁତ୍ୱ ଦେଉଛି। ତୁରନ୍ତ ରହସ୍ୟ ଖୋଲି ଛାତ୍ରୀଙ୍କ ମୃତ୍ୟୁ ପାଇଁ ଦାୟୀ ବ୍ୟକ୍ତିଙ୍କୁ ଗିରଫ କରିବା ପାଇଁ ଓଡ଼ିଶା ପୋଲିସ ମୁମ୍ବାଇ ପୋଲିସକୁ କହିଛି।

## ନାବାଳିକାଙ୍କୁ ଅସଦାଚରଣ ମାମଲା: ଅଭିଯୁକ୍ତଙ୍କୁ ୫ବର୍ଷ ଜେଲ

ଭୁବନେଶ୍ୱର/ବାଲିପାଟଣା,୩।୨ (ତ୍ରିନାଥ ମହାନ୍ତି/ଅଭିମନ୍ୟୁ ନାୟକ)

ନାବାଳିକାଙ୍କୁ ଅସଦାଚରଣ ମାମଲାରେ ମଙ୍ଗଳବାର ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ (ପୋକ୍‌ସୋ)ର ଆଡହକ ଆଡିସନାଲ ସେସନ୍ସ ଜଜ୍ ଅଭିଯୁକ୍ତ ସାଜିତ ଖାଁଙ୍କୁ ୫ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ୯ ଜଣ ସାକ୍ଷୀଙ୍କ ଜମାନବନ୍ଦୀ ଏବଂ ୧୭ଟି ପ୍ରାସଙ୍ଗିକ ଦସ୍ତାବିଜ ଅଧ୍ୟୟନ କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। କୋର୍ଟ ତାଙ୍କ ରାୟରେ ଅଭିଯୁକ୍ତ ସାଜିତଙ୍କୁ ଭାରତୀୟ ନ୍ୟାୟ ସଂହିତାର ଧାରା-୭୫(୨) ଅନୁଯାୟୀ ୩ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧ହଜାର ଟଙ୍କା ଜରିମାନା ଦଣ୍ଡାଦେଶ କରିଛନ୍ତି। ଜରିମାନା ଅନାଦାୟରେ ଅତିରିକ୍ତ ୧ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟରେ ଉଲ୍ଲେଖ ରହିଛି। ସେହିପରି ପୋକ୍‌ସୋ ଆଇନର ଧାରା-୧୦ ଅନୁଯାୟୀ ୫ବର୍ଷ ସଶ୍ରମ କାରାଦଣ୍ଡ ସହିତ ୩ ହଜାର ଟଙ୍କା ଜରିମାନା ଏବଂ ଏହା ଅନାଦାୟରେ ଅତିରିକ୍ତ ୨ ମାସ କାରାଦଣ୍ଡ ଭୋଗିବାକୁ ଆଦେଶ ହୋଇଛି। ଉଭୟ ଦଣ୍ଡାଦେଶ ସମବର୍ତ୍ତୀ ଭାବେ ଲାଗୁହେବା ନେଇ ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ସୂଚନାଯୋଗ୍ୟ, ଅଭିଯୋଗକାରିଣୀ ପରିବାର ସହ ବାଲିପାଟଣା ଥାନା ଅଞ୍ଚଳରେ ରୁହନ୍ତି। ଅଭିଯୁକ୍ତ ସାଜିତ ତାଙ୍କ ଘର ନିକଟରେ ଭଡ଼ାଘରରେ ରହିଆସୁଥିଲେ। ୨୦୨୫ ମେ ୩୦ ତାରିଖ ରାତି ପ୍ରାୟ ୮ଟାରେ ଅଭିଯୋଗକାରିଣୀ ପାଖ ପଡ଼ୋଶୀଙ୍କ ଛୋଟ ପିଲାକୁ ଟ୍ୟୁସନ କରିସାରିବା ପରେ ତାଙ୍କ ଘରକୁ ଛାଡ଼ିବା ପାଇଁ ଯାଇଥିଲେ। ଏହି ସମୟରେ ଘରେ ତାଙ୍କର ନାବାଳିକା ଝିଅ (୯) ଏକୁଟିଆ ଥିବାର ସୁଯୋଗ ନେଇ ସାଜିତ ତାଙ୍କୁ ଏକ ଅନ୍ଧାରୁଆ ସ୍ଥାନକୁ ନେଇ ଅସଦାଚରଣ କରିଥିଲେ। ଅଭିଯୋଗକାରିଣୀ ଜାଣିବା ପରେ ବାଲିପାଟଣା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ କେସ୍ (ନଂ. ୨୪୯/୨୦୨୫) ବିଏନ୍‌ଏସ୍ ଧାରା ୭୫(୨)/୭୬ ଏବଂ ପୋକ୍‌ସୋ ଆଇନ ଧାରା-୮/୧୨ରେ ଏକ ମାମଲା ରୁଜୁ କରିଥିଲା। ଏସ୍‌ଆଇ ପାୟଲ ପ୍ରଧାନ ଏହା ତଦନ୍ତ କରିବା ପରେ ସାଜିତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

## ପୂର୍ବଶତ୍ରୁତାରୁ ଯୁବକଙ୍କୁ ଗୋଡ଼ାଇ ହାଣିଲେ: ୩ ଗିରଫ

ଭୁବନେଶ୍ୱର,୩।୨(ତ୍ରିନାଥ ମହାନ୍ତି)

ଯୁବକଙ୍କୁ ଗୋଡ଼ାଇ ହାଣିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୋଲିସ। ଗିରଫ ଅଭିଯୁକ୍ତମାନେ ହେଲେ ସନ୍ତୋଷୀ ବିହାରର ପ୍ରିୟରଞ୍ଜନ ଦାସ, ରାଜେଶ କୁମାର ବେହେରା ଏବଂ ପ୍ରଶାନ୍ତ ନାୟକ। ଦେବେନ୍ଦ୍ର କୁମାର ଭୋଳଙ୍କ ଅଭିଯୋଗ ଭିତ୍ତିରେ ପୋଲିସ ଏକ ମାମଲା ରୁଜୁ କରି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ମରଣାନ୍ତକ ଆକ୍ରମଣ ହୋଇଥିଲା ବୋଲି ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ଅଭିଯୋଗ ଅନୁଯାୟୀ, ଦେବେନ୍ଦ୍ର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଚିନ୍ତାମଣିଶ୍ୱର ଅଞ୍ଚଳ ପ୍ଲଟ ନମ୍ବର-୨୦୯ରେ ପରିବାର ସହ ରୁହନ୍ତି। ଗତ ୧ ତାରିଖ ଅପରାହ୍ନ ପ୍ରାୟ ୧ଟାରୁ ୧ଟା ୪୫ ଭିତରେ ଦେବେନ୍ଦ୍ର ଏକ ସ୍କୁଟି ଯୋଗେ ତାଙ୍କ ଘରକୁ ଫେରୁଥିଲେ। ଏହି ସମୟରେ ଗୁରୁକୁଳ ସ୍କୁଲ ନିକଟରେ ତିନିଜଣ ଦୁର୍ବୃତ୍ତ ଏକ ମୋଟରସାଇକେଲ ଯୋଗେ ସମ୍ମୁଖ ପଟୁ ଆସି ତାଙ୍କୁ ରାସ୍ତାରେ ଅଟକାଇଥିଲେ। ସେମାନେ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ପିଛାଇବା ସ୍ଥାନରେ ଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଦେବେନ୍ଦ୍ର ପ୍ରଶ୍ନ କରିବାରୁ, ସେମାନଙ୍କ ମଧ୍ୟରୁ ଜଣେ ହଠାତ ଏକ ଖଣ୍ଡା ବାହାର କରି ଆକ୍ରମଣ କରିଥିଲେ। ତେବେ ଦେବେନ୍ଦ୍ର ନିଜକୁ ବଞ୍ଚାଇବା ଲାଗି ହାତ ଦେଖାଇଦେଇଥିଲେ। ଫଳରେ ହାତରେ ଗଭୀର ଆଘାତ ଲାଗିଥିଲା। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଘଟଣାସ୍ଥଳକୁ ଦୌଡ଼ିଆସିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ପରେ ଦେବେନ୍ଦ୍ର ଏନେଇ ଥାନାରେ ଅଭିଯୋଗ କରିଥିଲେ।

## ସିଓଏଲ୍ ଭାବେ ରୋଟାରିଆନ୍ ଯଜ୍ଞାଶିଷ ମହାପାତ୍ର ନିର୍ବାଚିତ

ଭୁବନେଶ୍ୱର,୩।୨(ବନ୍ଦନା ସେଠୀ)

ରୋଟାରୀ ଆନ୍ତର୍ଜାତିକ ଅନୁଷ୍ଠାନକୁ କାଉନ୍ସିଲ ଅନ୍ ଲେଜିସଲେସନ (ସିଓଏଲ୍) ଭାବେ ୩ବର୍ଷ ପାଇଁ ଯଜ୍ଞାଶିଷ ମହାପାତ୍ର ନିର୍ବାଚିତ ହୋଇଛନ୍ତି। ରୋଟାରୀ ୨୦୨୪-୨୦୨୫ରେ ରୋଟାରିଆନ ମହାପାତ୍ର ପୂର୍ବତନ ପ୍ରାନ୍ତପାଳ ଭାବେ ଦାୟିତ୍ୱ ତୁଲାଇଥିଲେ। ରୋଟାରୀ ଜିଲା ୩୨୬୨ର ଉନ୍ନୟନମୂଳକ କାର୍ଯ୍ୟକୁ ଦ୍ରୁତଗତି ଏବଂ ଅଧିକାର ଉପସ୍ଥାପନା କରିବାକୁ କାଉନ୍ସିଲ ଅଫ ଲେଜିସ୍‌ଲେଶନ ପଦ ପାଇଁ ସେ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବାବେଳେ ମହାପାତ୍ର ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ବହୁ ଭୋଟ ବ୍ୟବଧାନରେ ପରାଜିତ କରି ସିଓଏଲ୍ ପଦପାଇଁ ବିଜୟର ମୁକୁଟ ପିନ୍ଧିଛନ୍ତି। ପର୍ଯ୍ୟବେକ୍ଷକ ଭାବେ ସଞ୍ଜୀବ ରେଗ୍ମୋର, ଜିଲା ୩୨୫୦ର ଅଶ୍ୱିନୀ କର ନିର୍ବାଚନ ପରିଚାଳନା କରିଥିଲେ।



ବିଏମ୍‌ସି ପକ୍ଷରୁ ମଙ୍ଗଳବାର ଲିଙ୍ଗରାଜ ମନ୍ଦିର ପକ୍ଷରୁ ହାଟସାହି ନିକଟରୁ ଜବରଦଖଲ ଉଚ୍ଛେଦ କରାଯାଇଛି।

## ଶ୍ରୀମନ୍ଦିର ବାରିକେଡ୍‌ରେ ଫସିଲା ଶିଶୁର ମୁଣ୍ଡ

ପୁରୀ,୩।୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସମ୍ମୁଖରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବଡ଼ ଅଘଟଣରୁ ବର୍ତ୍ତିଯାଇଛି ଜଣେ ଛୋଟଶିଶୁ। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ବାରିକେଡ୍‌ରେ ଜଣେ କୁନି ଶିଶୁ ତାଙ୍କ ମୁଣ୍ଡ ଗଳେଇଦେବାରୁ ଆଉ ବାହାରି ନ ଥିଲା। କିଛି ସମୟ ପର୍ଯ୍ୟନ୍ତ ଶିଶୁର ମୁଣ୍ଡ ବାରିକେଡ୍‌ରେ ଫସି ରହିଥିଲା। ସେଠାରେ ଉପସ୍ଥିତ ଥିବା ସୁରକ୍ଷାକର୍ମୀ ବହୁକଷ୍ଟରେ ଶିଶୁଟିକୁ ବାରିକେଡ୍‌ରୁ ସମ୍ପୂର୍ଣ୍ଣ ବାହାରକରି ପରିବାରଲୋକଙ୍କୁ ହସ୍ତାନ୍ତର କରିଥିଲେ। ତେବେ ଏପରି ପ୍ରଥମ ଘଟିନାହିଁ, ପୂର୍ବରୁ ମଧ୍ୟ ଏପରି ଅଘଟଣ ଘଟିଛି। ପୂର୍ବରୁ ମଧ୍ୟ ସିଂହଦ୍ୱାର ସମ୍ମୁଖ ବାରିକେଡ୍‌ରେ ଜଣେ କୁନି ପିଲା ମୁଣ୍ଡ ଗଳାଇ ଥିବାବେଳେ କଟର୍ ମେଶିନ ଯୋଗେ ବାରିକେଡ୍ କାଟି ଶିଶୁକୁ ବାହାର କରାଯାଇଥିଲା। ସେଣୁ ଶ୍ରୀମନ୍ଦିର ଆସୁଥିବା ଭକ୍ତମାନେ ନିଜ ନିଜ ପିଲାଙ୍କୁ ବାରିକେଡ୍ ପାଖକୁ ନ ଛାଡ଼ିବାକୁ ଅନୁରୋଧ କରାଯାଇଛି।



ପୁରୀଠାରେ ମଙ୍ଗଳବାର ଉପକୂଳ ସୁରକ୍ଷା ଓ ଜାତୀୟ ଏକତା ନେଇ ସିଆଇଏସ୍‌ଏଫ୍ ପକ୍ଷରୁ ଆୟୋଜିତ ବନ୍ଦେ ମାତରମ୍ ସାଇକ୍ଲୋଥନ୍ ଯାତ୍ରା।

## କର୍ତ୍ତବ୍ୟରେ ଅବହେଳା ପାଇଁ ଅଧ୍ୟକ୍ଷ ନିଲମ୍ବିତ

ଖୋର୍ଦ୍ଧା,୩।୨(ପ୍ରଭାତ ପାଣିଗ୍ରାହୀ)

**ଖୋର୍ଦ୍ଧା ନବୋଦୟ ବିଦ୍ୟାଳୟରେ ଜଣ୍ଡିସ୍ ବ୍ୟାପିବା ଘଟଣା**

ଖୋର୍ଦ୍ଧା ଗୁରୁଜଙ୍ଗସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଦୂଷିତ ପାଣି ବ୍ୟବହାରରୁ ଛାତ୍ରଛାତ୍ରୀମାନେ ଜଣ୍ଡିସ୍‌ରେ ଆକ୍ରାନ୍ତ ହେବା ଘଟଣାରେ ଅଧ୍ୟକ୍ଷ ଡ. କବିତା କରଙ୍କୁ ନିଲମ୍ବନ କରାଯାଇଛି। ନବୋଦୟ ବିଦ୍ୟାଳୟ ସଙ୍ଗଠନ(ଏନ୍‌ଭିଏସ୍) ଭୋପାଳ ପ୍ରତିନିଧି ଦଳର ରିପୋର୍ଟ ଆଧାରରେ ଅଧ୍ୟକ୍ଷ କରଙ୍କୁ କର୍ତ୍ତବ୍ୟରେ ଅବହେଳା ପାଇଁ ଏନ୍‌ଭିଏସ୍ ମୁଖ୍ୟାଳୟ ପକ୍ଷରୁ ନିଲମ୍ବନ କରାଯାଇଛି। ତାଙ୍କ ସ୍ଥାନରେ ଉପାଧ୍ୟକ୍ଷ ନୃସିଂହ ଚରଣ ଚକ୍ରଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି ବୋଲି ଜିଲାପାଳ ତଥା ଖୋର୍ଦ୍ଧା ନବୋଦୟ ବିଦ୍ୟାଳୟର ଚେୟାରମ୍ୟାନ ସୂଚନା ଦେଇଛନ୍ତି। ଡ. କରଙ୍କୁ ନିଲମ୍ବନ ପରେ ଭୋପାଳ ଯୁନିଟରେ ଅଟ୍ୟାଚ୍ଡ କରାଯାଇଛି। ସୂଚନାଥାଉ କି, ଗତ ଜାନୁଆରୀରେ ୮୦ରୁ ଊର୍ଦ୍ଧ୍ୱ ପିଲା ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିଲେ। ସ୍କୁଲ ରୋଷେଇ ଘରେ ପାଇପ୍ ଫାଟି ପାଣି ଦୂଷିତ ହୋଇଥିବା ଏବଂ ସେହି ପାଣିରୁ ଜଣ୍ଡିସ୍ ବ୍ୟାପିଥିବା ସ୍ପଷ୍ଟ ହୋଇଥିଲା।

# ଗୁଜରାଟରୁ ୨ଜଣଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

କଟକ,୩।୨(କାର୍ତ୍ତିକ ସାହୁ)

**୫.୧୪ କୋଟି ଟଙ୍କା ସାଇବର ଠକେଇ ମାମଲା**

- ଆଜି ଭୁବନେଶ୍ୱରର ଏଗ୍ଜିକେଏମ୍ କୋର୍ଟରେ ହାଜର କରାଯିବ





ଗୋୟାନି ମିଲନଭାଇ ଭୁପତଭାଇ ଓ କୋଶିୟା ବୈଭବ ଜିତେନ୍ଦ୍ରଭାଇ।

୧୨ କୋଟି ଟଙ୍କା ପାଇବା ଲୋଭ ଦେଖାଇ ୫.୧୪ କୋଟି ଟଙ୍କା ସାଇବର ଠକେଇ ମାମଲାରେ କ୍ରାଇମବ୍ରାଞ୍ଚ ଗୁଜରାଟରୁ ୨ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ମୋବାଇଲ ଫୋନ୍, ସିମ୍ କାର୍ଡ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ଗୁଜରାଟ ଭାବନଗର ଜିଲା ଅନ୍ତର୍ଗତ ଗରିୟାଧର ଥାନା ଅଞ୍ଚଳର ଗୋୟାନି ମିଲନଭାଇ ଭୁପତଭାଇ (୩୧) ଏବଂ କୋଶିୟା ବୈଭବ ଜିତେନ୍ଦ୍ରଭାଇ (୩୦)। ସେମାନଙ୍କୁ ଗୁଜରାଟର ଗରିୟାଧର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରାଇବା ପରେ ଟ୍ରାନ୍‌ଜିଟ ରିମାଣ୍ଡରେ ଓଡ଼ିଶା ଅଣାଯାଉଛି। ସେମାନଙ୍କୁ ଭୁବନେଶ୍ୱରର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯିବ ବୋଲି କ୍ରାଇମବ୍ରାଞ୍ଚ ସୂଚନା ଦେଇଛି। ସୂଚନାନୁସାରେ, ୨୦୨୫ ଏପ୍ରିଲ ୯ରେ କ୍ରାଇମବ୍ରାଞ୍ଚର ସାଇବର ଥାନାରେ ଏହି ଠକେଇ ସଂକ୍ରାନ୍ତରେ ମାମଲା ରୁଜୁ ହୋଇଥିଲା। ସାଇବର ଅପରାଧୀମାନେ ଠକେଇ ଶିକାର ହୋଇଥିବା ଅଭିଯୋଗକାରୀଙ୍କୁ ୨୦୨୫ ମାର୍ଚ୍ଚ ୧୭ରେ ହ୍ୱାଟ୍ସଆପ୍‌ରେ ଯୋଗାଯୋଗ କରିଥିଲେ। ପରେ ଅଭିଯୋଗକାରୀ ଆପେ ଇକ୍ୟୁଟି ହବ୍ ୪୧ ନାମକ ଗ୍ରୁପରେ ଯୋଡ଼ି ହୋଇଯାଇଥିଲେ। ଉକ୍ତ ଗ୍ରୁପ୍ ଜରିଆରେ ମାଗଣାରେ ଷ୍ଟକ ମାର୍କେଟ ସଂକ୍ରାନ୍ତୀୟ ପରାମର୍ଶ ଓ ନିଫ୍‌ଟିରେ ଦୈନିକ ବୈଷୟିକ ତର୍ଜମା ପ୍ରଦାନ କରାଯାଉଥିଲା। ସେହି ମାଧ୍ୟମରେ ସେ ନିବେଶକୁ ନେଇ ସଂଶୁଣା ଫେରସ୍ତ ପାଇବାର ଲୋଭନୀୟ ତଥ୍ୟ ପାଇଥିଲେ। ତେବେ ସେହି ମାର୍ଚ୍ଚ ୧୭ରୁ ଏପ୍ରିଲ ୯ ମଧ୍ୟରେ ଅଭିଯୋଗକାରୀ ୮ଟି ଭିନ୍ନ ଆକାଉଣ୍ଟକୁ ୫୪ଟି ଟ୍ରାଞ୍ଜେକସନ ମାଧ୍ୟମରେ ୫.୧୪ କୋଟି ଟଙ୍କା ଟ୍ରାନ୍ସଫର କରିଥିଲେ। ତାଙ୍କୁ ୧୨ କୋଟି ଟଙ୍କା ଫେରସ୍ତ ମିଳିବା ଲୋଭ ଦେଖାଯାଇଥିଲା। ସେ ଯେତେବେଳେ ଟଙ୍କା ଉଠାଇବାକୁ ଚାହିଁଲେ ହ୍ୱାଟ୍ସଆପ ଗ୍ରୁପ୍ର କର୍ତ୍ତୃପକ୍ଷ ଟିମ୍ ଟଙ୍କା ଉଠାଇ ହେବ ନାହିଁ ବୋଲି କହିଲେ। ପରେ ସେ ସାଇବର ଠକେଇର ଶିକାର ହୋଇଛନ୍ତି ବୋଲି ବୁଝିପାରି ସାଇବର ଥାନାରେ ଏତଲା ଦେଇଥିଲେ। କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ କରି ପୂର୍ବରୁ ଜଣେ ଅଭିଯୁକ୍ତଙ୍କୁ ଆସାମରୁ ଗିରଫ କରିଥିଲା।

# କର୍ତ୍ତବ୍ୟରେ ଅବହେଳା ପାଇଁ ଅଧ୍ୟକ୍ଷା ନିଲମ୍ବିତ

**ଖୋର୍ଦ୍ଧା ନବୋଦୟ ବିଦ୍ୟାଳୟରେ ଜଣ୍ଡିସ୍ ବ୍ୟାପିବା ଘଟଣା**




ଖୋର୍ଦ୍ଧା,୩।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଗୁରୁଜଙ୍ଗସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଦୂଷିତ ପାଣି ବ୍ୟବହାରରୁ ଛାତ୍ରୀଛାତ୍ରମାନେ ଜଣ୍ଡିସ୍‌ରେ ଆକ୍ରାନ୍ତ ହେବା ଘଟଣାରେ ଅଧ୍ୟକ୍ଷା ଡ. କବିତା କରଙ୍କୁ ନିଲମ୍ବନ କରାଯାଇଛି। ନବୋଦୟ ବିଦ୍ୟାଳୟ ସଙ୍ଗଠନ(ଏନ୍‌ଭିଏସ୍) ଭୋପାଳ ପ୍ରତିନିଧି ଦଳର ରିପୋର୍ଟ ଆଧାରରେ ଅଧ୍ୟକ୍ଷା କରଙ୍କୁ କର୍ତ୍ତବ୍ୟରେ ଅବହେଳା ପାଇଁ ଏନ୍‌ଭିଏସ୍ ନୂଆଦିଲ୍ଲୀ ପକ୍ଷରୁ ନିଲମ୍ବନ କରାଯାଇଛି। ତାଙ୍କ ସ୍ଥାନରେ ଉପାଧ୍ୟକ୍ଷ ନୃସିଂହ ଚରଣ ଚକ୍ରଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି ବୋଲି ଜିଲାପାଳ ତଥା ଖୋର୍ଦ୍ଧା ନବୋଦୟ ବିଦ୍ୟାଳୟର ଚେୟାରମ୍ୟାନ ଅମ୍ରିତ୍ ଋତୁରାଜ କହିଛନ୍ତି। ଡ. କରଙ୍କୁ ନିଲମ୍ବନ ପରେ ଭୋପାଳ ୟୁନିଟ୍‌ରେ ଅବସ୍ଥାପିତ କରାଯାଇଛି।

ସୂଚନାଥାଉ କି, ଗତ ଅକ୍ଟୋବର ପୂଜାଛୁଟି ପରେ ବିଦ୍ୟାଳୟକୁ ଫେରିଥିବା ଜଣେ ଛାତ୍ରଙ୍କ ଜଣ୍ଡିସ୍ ଲକ୍ଷଣ ଦେଖାଯାଇଥିଲା। ପରେ ତାଙ୍କ ସଂସ୍ପର୍ଶରେ ଆସି ଜଣଙ୍କ ପରେ ଜଣେ ଛାତ୍ର ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିଲେ। ନଭେମ୍ବରରେ ୬ ଜଣ ଆକ୍ରାନ୍ତ ହୋଇଥିବା ବେଳେ ଡିସେମ୍ବରରେ ଏହି ସଂଖ୍ୟା ବଢ଼ିଥିଲା। ତେବେ ଜାନୁଆରୀରେ ୮୦ରୁ ଊର୍ଦ୍ଧ୍ୱ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିବା ବେଳେ ଖୋର୍ଦ୍ଧା ମେଡିକାଲକୁ ଚିକିତ୍ସିତ ହେବାକୁ ଆସିଥିବା କେତେଜଣ ଛାତ୍ରୀଛାତ୍ର ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିବା ପରେ ଘଟଣା ପଦାକୁ ଆସିଥିଲା। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ୍ରମେ ୱାଟ୍‌କୋ, ଜିଲା ଜନସ୍ୱାସ୍ଥ୍ୟ ବିଭାଗର ଟିମ୍ ବିଦ୍ୟାଳୟ ପରିଦର୍ଶନ କରି ବିଭିନ୍ନ ସ୍ଥାନରୁ ପାଣି ନମୁନା ସଂଗ୍ରହ କରିଥିଲେ। ତେବେ ୱାଟ୍‌କୋ ରିପୋର୍ଟ ନେଗେଟିଭ୍ ଆସିଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ୫ଟି ସାମ୍ପୁଲରେ ଜଳ ସଂକ୍ରମିତ ହୋଇଥିବା ଦର୍ଶାଯାଇଥିଲା। ଅନ୍ୟପଟେ ବାହାର ଖାଦ୍ୟ ଖାଇବାରୁ ଜଣ୍ଡିସ୍ ବ୍ୟାପିଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ ସଫେଇ ଦେଉଥିବା ବେଳେ ଜିଲା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କରାଯାଇଥିବା ନମୁନା ସଂଗ୍ରହରେ ରୋଷେଇଘର ଜଳ ଦୂଷିତ ରହିଥିବା ଏବଂ ବ୍ୟବହାରଯୋଗ୍ୟ ନୁହଁ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଦେଇଥିବା ରିପୋର୍ଟରେ ଉଲ୍ଲେଖ କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ସ୍କୁଲ ରୋଷେଇ ଘରେ ପାଇପ୍ ଫାଟି ପାଣି ଦୂଷିତ ହୋଇଥିବା ଏବଂ ସେହି ପାଣିରୁ ଜଣ୍ଡିସ୍ ବ୍ୟାପିଥିବା ସ୍ପଷ୍ଟ କରିବା ସହ ବିଶୁଦ୍ଧ ପାଣି ଯୋଗାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗତ ୮ ତାରିଖରେ ନବୋଦୟ ବିଦ୍ୟାଳୟ ସମିତି ନୂଆଦିଲ୍ଲୀ କେନ୍ଦ୍ରୀୟ କମିଶନର ରାଜେଶ ଲେଖାନୀ ଏବଂ ଭୋପାଳ ୟୁନିଟ୍‌ର ଡେପୁଟି କମିଶନର ଆର୍.କେ. ଶର୍ମା, ଆସିଷ୍ଟାଣ୍ଟ କମିଶନର ଡ. ଜରିନା କ୍ୱିରେସି, ସାଧାରଣ ପରିଚାଳକ(ନିର୍ମାଣ) ଆର୍.କେ. ରେଡ୍ଡୀ ପ୍ରମୁଖ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ପକ୍ଷରୁ ଏଡିଏମ୍ ସାଫଲ୍ୟ ମଣ୍ଡିତ ପ୍ରଧାନ, ସିଡିଏମ୍‌ଓ ଡା. ସଞ୍ଜୟ କୁମାର ରାୟ, ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରଞ୍ଜନ ମିତ୍ରଙ୍କ ସହ କମିଶନର ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। କମିଶନର ଲେଖାନୀଙ୍କ ନିର୍ଦ୍ଦେଶକ୍ରମେ ଡ. କର ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ସ୍କୁଲ ଛୁଟି ଘୋଷଣା ସହ ହଷ୍ଟେଲ ଛାଡ଼ିବାକୁ ପିଲାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଆସିଷ୍ଟାଣ୍ଟ କମିଶନର ଡ. କ୍ୱିରେସି ଏଠାରେ ଉପସ୍ଥିତ ରହି ବିଦ୍ୟାଳୟ ସ୍ଥିତି ଅନୁଧ୍ୟାନ କରିଥିଲେ। ଛାତ୍ରାବାସ, ରୋଷେଇ ଘର, କ୍ଲାସ୍‌ରୁମ୍, ଶୌଚାଳୟ ଆଦି ସଫା କରାଯାଇଥିଲା। ସେପଟେ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଜିଲା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଛାତ୍ରୀଛାତ୍ରଙ୍କ କାଉନ୍‌ସେଲିଂ କରାଯାଇଥିଲା। ଗତ ୧୨ତାରିଖରେ ପୁଣିଥରେ ପାଣି ନମୁନା ସଂଗ୍ରହକରି ପରୀକ୍ଷଣ ପରେ ୧୫ ତାରିଖରେ ରିପୋର୍ଟ ଦିଆଯାଇଥିଲା। ଜନସ୍ୱାସ୍ଥ୍ୟ ବିଭାଗ ରିପୋର୍ଟରେ ପାଣି ବ୍ୟବହାରଯୋଗ୍ୟ ଆସିବା ପରେ ବିଦ୍ୟାଳୟ ସ୍ୱାଭାବିକ ହୋଇଥିଲା। ପ୍ରଥମେ ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର ଫେରିଥିବା ବେଳେ ପରବର୍ତ୍ତୀ ସମୟରେ ଅନ୍ୟ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଫେରିଥିଲେ।

## ନୂଆ ଜଗନ୍ନାଥ ସଡ଼କରେ ହାତୀ, ଲୋକେ ଭୟଭୀତ



ନିରାକାରପୁର,୩।୨ (ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବନାଞ୍ଚଳର ବିଭିନ୍ନ ସ୍ଥାନରେ ହାତୀ ଉପଦ୍ରବ ଲାଗିରହିଛି। ମଙ୍ଗଳବାର ଅପରାହ୍ନରେ ରାମେଶ୍ୱର ଛକ ଓ ଖେଳପଡ଼ିଆ ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ନୂଆ ଜଗନ୍ନାଥ ସଡ଼କ ଉପରେ ଏକ ହାତୀ ଦୀର୍ଘ ସମୟ ଧରି ଛିଡ଼ା ହେବାରୁ ଲୋକେ ଭୟଭୀତ ହୋଇପଡ଼ିଥିଲେ। ରାସ୍ତାରେ ହାତୀକୁ ଦେଖି ରାସ୍ତାର ଉଭୟ ପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ପରେ ହାତୀଟି ନିକଟସ୍ଥ ପଟାସ ଜଙ୍ଗଲକୁ ପଳାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ତୁରନ୍ତ ହାତୀଟିକୁ ବନ ବିଭାଗ ଅନ୍ୟତ୍ର ଜଙ୍ଗଲକୁ ଘଉଡ଼ାଇବା ପାଇଁ ବ୍ୟବସ୍ଥା କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଅନ୍ୟପକ୍ଷରେ ଅଞ୍ଚଳରେ ହାତୀ ଥିବା ନେଇ ସ୍ଥାନୀୟ ଲୋକଙ୍କୁ ସତର୍କ ସୂଚନା ଦିଆଯାଉଥିବା ବେଳେ ଏକ ସ୍ୱତନ୍ତ୍ର ଦଳ ନିୟୋଜିତ କରାଯାଇ ହାତୀକୁ ଘଉଡ଼ାଇ ନେବା ନିମନ୍ତେ ଚେଷ୍ଟା ଚାଲିଛି ବୋଲି ଫରେଷ୍ଟର ପ୍ରଶାନ୍ତ କୁମାର ଦାଶ କହିଛନ୍ତି। ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରାମେଶ୍ୱରରେ ଗୋଟିଏ, ଲୋକିପୁରରେ ୧୫ଟି, କଲରାଝରରେ ଗୋଟିଏ, ଓଗାଳପୁରରେ ଗୋଟିଏ, କୁରୁମୁରେ ୨ଟି ହାତୀ ଥିବା ଜଣାପଡ଼ିଛି।

## ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ, କଥା ମହୋତ୍ସବ

ବାଣପୁର,୩।୨(ଦିଲୀପ କୁମାର ସ୍ୱାଇଁ)

ବାଣପୁରର ନରେନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ହଳନ୍ଦାସ୍ଥିତ ରାଧାମୋହନ ମଠରେ ଶ୍ରୀପାଦ ଭକ୍ତିବେଦାନ୍ତ ବୋଧାୟନ ମହାରାଜ ଜୟଶ୍ରୀ ଦାମୋଦର ଗୌଡ଼ୀୟ ମଠ ପୁରୀଙ୍କ ଦ୍ୱାରା ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଓ କଥା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଲ୍ଲେଖଥାଉ କି, ଖ୍ରୀ.୧୬୨୧ରୁ ୧୬୨୩ ପର୍ଯ୍ୟନ୍ତ ମହାପ୍ରଭୁ ଶ୍ରୀଜଗନ୍ନାଥ ହଳନ୍ଦା ନିକଟସ୍ଥ ଅନ୍ଧାର ମହିମଠାରେ ଗୁପ୍ତଲୀଳା କରିଥିଲେ। କଟକର ମୋଗଲ ସୁବେଦାର ଅହମଦବେଗ ଅତର୍କିତ ଶ୍ରୀମନ୍ଦିର ଆକ୍ରମଣ କରିବାରୁ ଗଜପତି ପୁରୁଷୋତ୍ତମ ଦେବଙ୍କ ପରାମର୍ଶରେ ସେବାୟତମାନେ ଚତୁର୍ଦ୍ଧା ବିଗ୍ରହଙ୍କୁ ହଳନ୍ଦାସ୍ଥିତ ଅନ୍ଧାର ମହିମକୁ ସ୍ଥାନାନ୍ତର କରିଥିଲେ। ଶ୍ରୀଚୈତନ୍ୟ ଠାକୁରଙ୍କ ଶିଷ୍ୟ ଶ୍ୟାମାନନ୍ଦ ପ୍ରଭୁ ଓ ତାଙ୍କର ଶିଷ୍ୟ ଶ୍ରୀରସିକାନନ୍ଦ ପ୍ରଭୁ ମହାପ୍ରଭୁଙ୍କ ଗୁପ୍ତସେବା ଓ ବାଣପୁର ଆଗମନର ୪୦୫ ବର୍ଷ ପୂର୍ତ୍ତି ଅବସରରେ ଏହି କାର୍ଯ୍ୟକ୍ରମ ରଧାମୋହନ ମଠ ଉନ୍ନୟନ ପରିଷଦ ହଳନ୍ଦା ଆନୁକୂଲ୍ୟରେ ହୋଇଥିଲା। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କାର୍ଯ୍ୟକ୍ରମରେ ଯୋଗଦେଇ ପୀଠର ସର୍ବାଙ୍ଗୀନ ଉନ୍ନତି ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ତିମ ଦିବସରେ ଐତିହ୍ୟ ଗବେଷକ ଓ ଐତିହାସିକ ମଦନ ମୋହନ ମହାପାତ୍ରଙ୍କୁ ବୋଧାୟନ ମହାରାଜ ସମ୍ବର୍ଦ୍ଧିତ କରିଥିଲେ। ରାଧାମୋହନ ମଠ ପରିଚାଳନା କମିଟିର ସଭାପତି ବିଶ୍ୱମ୍ଭର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା



ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳାରେ ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟମାନେ।

ବେଗୁନିଆ,୩।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ମଙ୍ଗଳବାର ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଖୋର୍ଦ୍ଧା ଆନୁକୂଲ୍ୟରେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଯୋଜନା ମାଧ୍ୟମରେ ଆୟୋଜିତ କର୍ମଶାଳାରେ ସହକାରୀ ଉଦ୍ୟାନ କୃଷି ଅଧିକାରିଣୀ ଚିନ୍ମୟୀ କୁମାରୀ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ଜେନା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ କଳ୍ପନା ସାସ୍‌ମଲ, ବିପିସି ଦୀପ୍ତିମୟ ପ୍ରଧାନ, ବିପିଏମ୍ ରାକେଶ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଉଦ୍ୟାନ କୃଷି ଜରିଆରେ ଅଳ୍ପଜମିରେ ଅଧିକ ଲାଭବାନ୍ ହୋଇପାରିବେ। ଉଦ୍ୟାନ କୃଷିରେ ମୁଖ୍ୟତଃ ଫଳ, ପନିପରିବା, ଫୁଲ, ମହୁ, ଛତୁ, ମସଲା ଓ ଔଷଧୀୟ ଚାଷ ଉପରେ ଗୁରୁତ୍ୱ ଦିଆଯାଇଛି। ବିବିଧୀକରଣ ମାଧ୍ୟମରେ ସ୍ଥାନୀୟ ମୃତ୍ତିକା ଓ ଜଳବାୟୁ ଅନୁଯାୟୀ ଉଚ୍ଚମାନର ତଥା ଅର୍ଥକରୀ ଫସଲ ଫଳାଇ ଚାଷୀଙ୍କ ଆୟ ବୃଦ୍ଧି ପାଇବ। ତେବେ ଚାଷୀମାନେ ଅଧିକରୁ ଅଧିକ ଉଦ୍ୟାନ କୃଷିଭିତ୍ତିକ ଓ ସମନ୍ୱିତ ଚାଷ କରିବା ନିମନ୍ତେ ମାନସିକତାର ପରିବର୍ତ୍ତନ ଆଣିବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ଆଲୋକପାତ କରାଯାଇଥିଲା। ଅପରପକ୍ଷେ ମହିଳାମାନେ ଉଦ୍ୟାନ କୃଷି ବିଭାଗର ସମସ୍ତ ଉପଲବ୍ଧ ସୁବିଧା ଓ ସରକାରଙ୍କ ରିହାତି ପ୍ରଦାନ ବିଷୟରେ ଅବଗତ ହେବା ସହିତ ଏହାର ଫାଇଦା ନେବା ଦରକାର। ଉପଯୁକ୍ତ ପ୍ରଶିକ୍ଷଣ ନେଇ ଚାଷ କରିବା, ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟକୁ ସ୍ୱାବଲମ୍ବୀ କରାଇବା ପାଇଁ ପରାମର୍ଶ ଦିଆଯାଇଛି। ପିପିଲି ବ୍ଲକ ଦାଣ୍ଡମକୁନ୍ଦପୁର ଅଞ୍ଚଳର ସନ୍ତୋଷ କୁମାର ମିଶ୍ର ମାଷ୍ଟର ଟ୍ରେନର ଭାବେ ଯୋଗଦେଇ ଉପସ୍ଥିତ ମହିଳାଙ୍କୁ ଛତୁଚାଷ ଉପରେ ପ୍ରଶିକ୍ଷଣ ଦେଇଥିଲେ। କର୍ମଶାଳାରେ ଉପସ୍ଥିତ ମହିଳାମାନେ ଛତୁଚାଷ ସହିତ ଅନ୍ୟ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ। ଏଚ୍‌ଇଓଙ୍କୁ ଆଶିଷ ଦଳବେହେରା ପ୍ରୋଜେକ୍ଟର ମାଧ୍ୟମରେ ଉଦ୍ୟାନ କୃଷିର ସରକାରୀ ଯୋଜନା ଦେଖାଇଥିଲେ। ବଳରାମ ଜେନା, ଭରତ ଚରଣ ବଳିୟାରସିଂଙ୍କ ସହିତ ବିଭାଗୀୟ କର୍ମଚାରୀମାନେ ସହଯୋଗ କରିଥିଲେ। ଉଦ୍ୟାନ କୃଷି ଓଭରସିଅର ହୁଲ୍ଲାସ ଦେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ପିଡ୍ ସ୍କେଟିଂ ଚାମ୍ପିୟନଶିପ୍‌ରେ ସ୍ୱୟମ୍‌ଙ୍କୁ ବ୍ରୋଞ୍ଜ୍ ପଦକ

କୃଷ୍ଣପ୍ରସାଦ,୩।୨ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ଚେନ୍ନାଇଠାରେ ଅନୁଷ୍ଠିତ ୨୫ତମ ଜାତୀୟ ସ୍ପିଡ୍ ସ୍କେଟିଂ ଚାମ୍ପିୟନଶିପ୍ ୨୦୨୫-୨୬ରେ ଓଡ଼ିଶାର ସ୍ୱୟମ୍ ଜେନା(୯) ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମାଲୁଦ ଗ୍ରାମର ସବୁଜ ଜେନା ଏବଂ ଲିପ୍ସା ପ୍ରିୟଦର୍ଶିନୀଙ୍କ ପୁଅ ସ୍ୱୟମ୍। ତେବେ ସେ ଏବେ ଭୁବନେଶ୍ୱରର ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲରେ ଅଧ୍ୟୟନ କରୁଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ବାର୍ତ୍ତା ଛୁଟିବାରେ ଲାଗିଛି।




ସ୍ୱୟମ୍ ଜେନା

## ଘର ଭାଙ୍ଗି ଧାନ ଖାଇଲା ହାତୀ



ଟାଙ୍ଗୀ,୩।୨(ରଘୁନାଥ ସାହୁ)

ହାତୀଙ୍କ ଉପଦ୍ରବ ଦିନକୁ ଦିନ ବଢ଼ିଚାଲିଛି। ସନ୍ଧ୍ୟାହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଏବଂ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗୁଥିବା ନଜର ରହିଛି। ଏହିକ୍ରମରେ ନୟାଗଡ଼ ଜିଲା ରଣପୁର ବ୍ଲକ ଓସ୍ତପଡ଼ା ଗ୍ରାମର ଧ୍ରୁବ ଚରଣ ପରିଡ଼ାଙ୍କ ଘରେ ଏକ ହାତୀ ପଶି ଧାନ ଖାଇବା ସହ ଘର ଭାଙ୍ଗିଦେଇଛି। ହାତୀକୁ ଦେଖି ପରିବାର ଲୋକେ ଭୟଭୀତ ହୋଇପଡ଼ିଥିଲେ। ପାଟି ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଏକାଠି ହୋଇ ହାତୀକୁ ଘଉଡ଼ାଇଥିଲେ। ଦୀର୍ଘ ସମୟ ଚେଷ୍ଟା କରିବା ପରେ ହାତୀଟି ଗ୍ରାମ ବାହାରକୁ ପଳାଇଥିଲା। ପ୍ରକାଶ ଯେ, ଗ୍ରାମ ନିକଟ ଜଙ୍ଗଲରେ ହାତୀପଲ ରହୁଥିବା ବେଳେ ବନ ବିଭାଗ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

## ଭାରତୀୟ ବିଦ୍ୟା ନିକେତନର ସାମ୍ବତ୍ସରିକ ଉତ୍ସବ

ବେଗୁନିଆ,୩।୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ପୋଡ଼ାଡ଼ିହ ଗ୍ରାମସ୍ଥିତ ଭାରତୀୟ ବିଦ୍ୟା ନିକେତନର ଊନବିଂଶତମ ସାମ୍ବତ୍ସରିକ ଉତ୍ସବ ଗତ ୩୧ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ପ୍ରବଚକ ପର୍ଶୁରାମ ମିଶ୍ର ଶର୍ମାଙ୍କ ଅଧ୍ୟକ୍ଷତା ଏବଂ ଶିକ୍ଷକ ସୁଧାକର ସେଠୀଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ଅଖିଳେଶ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ମାତାପିତା ଓ ଗୁରୁଜନଙ୍କୁ ସମ୍ମାନ ଦେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସଭା ପ୍ରାରମ୍ଭରେ ପ୍ରଧାନ ଆଚାର୍ଯ୍ୟା ସୁକାନ୍ତି ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ଶୁଭକାନ୍ତ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ସୁରେନ୍ଦ୍ର କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଆଚାର୍ଯ୍ୟା ଜ୍ୟୋତ୍ସ୍ନାମୟୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ପୋଖରୀ ପୁନରୁଦ୍ଧାର ପାଇଁ ଜିଲାପାଳଙ୍କୁ ଦାବିପତ୍ର



ନିରାକାରପୁର,୩।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ବ୍ଲକ ନରଣଗଡ଼ ପଞ୍ଚାୟତ ଅନ୍ତର୍ଗତ ହାଡ଼ପଦାସ୍ଥିତ ପ୍ରାୟ ୧୦ ଏକର ପରିମିତ ବେତରା ଗୋଡ଼ି ପୋଖରୀର ପୁନରୁଦ୍ଧାର ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ହାଡ଼ପଦା, ଖମାରସାହି, ବଳପୁର, ଧବଳପୁର, ବ୍ରାହ୍ମଣ ଶାସନ, ଓରମୀ, ମାନପୁର ଆଦି ଗ୍ରାମର ଲୋକେ ଏହି ପୋଖରୀ ଉପରେ ନିର୍ଭରଶୀଳ। ଏପରିକି ହୋମଯଜ୍ଞ, ଶୁଦ୍ଧିକ୍ରିୟା ପାଇଁ ମଧ୍ୟ ବ୍ୟବହାର କରାଯାଇଥାଏ। ଚତୁଃପାର୍ଶ୍ୱରେ ଗାର୍ଡୱାଲ ନ ଥିବାରୁ ବର୍ଷାଦିନେ ଗ୍ରାମ ଏବଂ ସ୍ଥାନୀୟ ଚାଷଜମିର ମଇଳା, ଆବର୍ଜନା ପାଣି ପୋଖରୀରେ ମିଶୁଛି। ପୋଖରୀଟି ସଫା ନ ହେବାରୁ ବିଭିନ୍ନ ଅନାବନା ଗୁଳ୍ମଲତାରେ ଭରିରହିଛି। ଦୀର୍ଘଦିନ ଧରି ରହିଥିବା ଗୁଳ୍ମଲତା ପଚିଶଢ଼ି ଯିବାରୁ ଦୁର୍ଗନ୍ଧ ହେଉଛି। ଏହି ପୋଖରୀର ପୁନରୁଦ୍ଧାର ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ସ୍ଥାନୀୟ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ପୋଖରୀର ପୁନରୁଦ୍ଧାର କରାଗଲେ ସ୍ଥାନୀୟ ବାସିନ୍ଦା ଉପକୃତ ହୋଇପାରନ୍ତେ ବୋଲି କୁହାଯାଇଛି।

## ‘ଆତ୍ମବିଶ୍ୱାସର ସହ ଆଗକୁ ବଢ଼’

**ଜିଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ**

ଖୋର୍ଦ୍ଧା,୩।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ଜାତୀୟ କନ୍ୟା ସନ୍ତାନ ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ଅଧିକାର ଏବଂ ସଶକ୍ତୀକରଣ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ବିଭିନ୍ନ କ୍ଷେତ୍ରରେ କନ୍ୟାମାନେ ପାରଦର୍ଶିତା ଅର୍ଜନ କରୁଛନ୍ତି। ଏଥିଲାଗି ଲକ୍ଷ୍ୟ ସ୍ଥିର ସହ ଶୃଙ୍ଖଳା, ପରିଶ୍ରମ ଜରୁରୀ ବୋଲି କହିଥିଲେ। ମହୀୟସୀ ମହିଳାଙ୍କୁ ରୋଲ ମଡେଲ ଭାବେ ଗ୍ରହଣକରି ସେମାନଙ୍କ ପାଠ ଅନୁସରଣ କଲେ ସଫଳତା ହାସଲ କରିବ। ପ୍ରତ୍ୟେକ ବିଫଳତା ପଛରେ ସଫଳତା ନିହିତ ରହିଛି। ଏଥିଲାଗି ଥକି ନ ପଡ଼ି ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ କୁମାର ହିଆଲ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ଆରକ୍ଷୀ ନିରୀକ୍ଷକ ମମତା ପତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ପ୍ରହରାଜ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ଦିବସ ପାଳନର ଆଭିମୁଖ୍ୟ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକର ଶିଶୁ ଉନ୍ନୟନ ପ୍ରକଳ୍ପ ଅଧିକାରୀ, ଅଙ୍ଗନୱାଡି ସୁପରଭାଇଜର, ଶକ୍ତି ସଦନ, ସ୍ୱେଚ୍ଛାସେବୀ ସଙ୍ଗଠନ, ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଏକ ସପ୍ତାହ ବ୍ୟାପୀ ଜିଲାର ବିଭିନ୍ନ ସ୍କୁଲ ଓ କଲେଜରେ ଚିତ୍ରାଙ୍କନ, ନିବନ୍ଧ, ବକ୍ତୃତା ଓ ଅନ୍ୟାନ୍ୟ ପ୍ରତିଯୋଗିତା କରାଯାଇଥିଲା। କୃତିତ୍ୱ ଅର୍ଜନ କରିଥିବା କନ୍ୟା ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଶେଷରେ ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

## ‘ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନିଅ’

**ସ୍ପର୍ଶ କୁଷ୍ଠ ସଚେତନତା ପକ୍ଷ ପାଳିତ**




ସ୍ପର୍ଶ କୁଷ୍ଠ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

ଖୋର୍ଦ୍ଧା,୩।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟସମିତି ଆନୁକୂଲ୍ୟରେ ସ୍ପର୍ଶ କୁଷ୍ଠ ସଚେତନତା ପକ୍ଷ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ(ସିଡିଓ ଆଣ୍ଡ ପିଏଚ୍)ଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୟ ଚନ୍ଦ୍ର ରାୟ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଇନ୍ଦିରା ରଥ ସ୍ପର୍ଶ କୁଷ୍ଠର ଲକ୍ଷଣ ଓ ନିରାକରଣ ସମ୍ପର୍କରେ କହିଥିଲେ।

କୁଷ୍ଠରୋଗର ଜୀବାଣୁ ରୋଗୀଙ୍କ ନିଃଶ୍ୱାସରେ ବାହାରି ପବନରେ ଖେଳିଯାଏ, ନିଜ ପାଖରେ ରହୁଥିବା ପରିବାର ଲୋକ ଓ ପ୍ରିୟଜନଙ୍କ ନାକବାଟ ଦେଇ ତାଙ୍କ ଦେହକୁ ଯାଇଥାଏ। ପରେ ୨ରୁ ୫ ବର୍ଷରେ ରୋଗର ଲକ୍ଷଣ ଦେଖାଯାଏ, ଯଦି ରୋଗୀର ଚିକିତ୍ସା କରା ନ ଯାଏ ତେବେ ରୋଗୀ ବିକଳାଙ୍ଗ ହେବା ସହିତ ପାଖ ଲୋକଙ୍କୁ ରୋଗ ବାଣ୍ଟିଥାଏ। କୁଷ୍ଠ ଏକ ବାୟୁବାହିତ ରୋଗ। ଚିକିତ୍ସିତ ନ ହେଲେ ସଂକ୍ରମଣ ରୋଗୀ ୧୦ଜଣ ରୋଗୀ ସୃଷ୍ଟି କରିଥାଏ। ଜଣେ ରୋଗୀ ବର୍ଷକ ମଧ୍ୟରେ ଦଶଟି ନୂଆ ରୋଗୀ ସୃଷ୍ଟି କରିଥାଏ। ରୋଗର ଲକ୍ଷଣ ଦେଖିବା ମାତ୍ରେ ତୁରନ୍ତ ଡାକ୍ତରଖାନାରେ ମାଗଣାରେ ମିଳୁଥିବା ଔଷଧ ଖାଇଲେ ଶହେରୁ ଅନେଶତ ଭାଗ ଜୀବାଣୁ ମରିଯାଇଥାନ୍ତି। ଆଉ ପାଖ ଲୋକଙ୍କୁ ରୋଗ ଡେଇଁ ନ ଥାଏ। ରୋଗ ଜଣାପଡ଼ିଲେ ରୋଗୀ ଔଷଧ ଖାଇବା ସହିତ ପାଖଲୋକ ମଧ୍ୟ ପ୍ରତିଷେଧକ ବଟିକା ଖାଇବା ଦରକାର। ରୋଗୀଙ୍କ ହାତ, ପାଦ ବଧିରା ହୋଇ ଖାଲ ନ ବାହାରିଲେ ତାହା ଶୁଖି ଫାଟି ଘା’ ହୋଇଯାଏ ବା କିଛି ଆଘାତ ଲାଗିଲେ ଜଣାପଡ଼େନାହିଁ। ପ୍ରତିଦିନ ହାତ, ପାଦ ଥଣ୍ଡାପାଣିରେ ଧୋଇ ତେଲ ଲଗାଇବେ, ରୋଗକୁ ହେଳାକଲେ ମନୁଷ୍ୟ ଶାରୀରିକ ସମ୍ପୂର୍ଣ୍ଣ ଅକ୍ଷମ ଓ ବିକୃତ ହୋଇଯାଇଥାନ୍ତି। ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଡାକ୍ତରଙ୍କ ପରାମର୍ଶ ନେବାକୁ ପରାମର୍ଶ ଦେଇଥିଲେ। ରୋଗୀଙ୍କ ଚିକିତ୍ସା ସୁନିଶ୍ଚିତ କରିବାରେ ଅବହେଳା କରିବେ ନାହିଁ ବୋଲି ସଙ୍କଳ୍ପ କରିଥିଲେ। ସଚେତନତା ପକ୍ଷ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଜିଲାରେ ଚାଲିବ। ଜିଲା ସ୍ୱାସ୍ଥ୍ୟସମିତି ପକ୍ଷରୁ ବିଦ୍ୟାଳୟଗୁଡ଼ିକରେ କୁଇଜ୍, ଶପଥ ପାଠ, ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା ସହ ଜିଲାର ସମସ୍ତ ବ୍ଲକରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ନନ୍ଦିତା ଗୁପ୍ତା, ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ, ବିଭିନ୍ନ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀମାନେ ଉପସ୍ଥିତ ଥିଲେ।

**ପ୍ରଧାନଶିକ୍ଷକଙ୍କ କ୍ଲଷ୍ଟରସ୍ତରୀୟ ବୈଠକ**

ପିପିଲି,(ଦୁର୍ଗାମାଧବ ମିଶ୍ର/ପ୍ରଭାତ କୁମାର ମହାପାତ୍ର)- ପିପିଲି ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନପୁର ଏବଂ ଲକ୍ଷ୍ମୀନାରାୟଣପୁର କ୍ଲଷ୍ଟରର ମାସିକ ଆଲୋଚନା ବୈଠକ ସିଆରସିସି ବଟକୃଷ୍ଣ ସାହୁଙ୍କ ଅଧ୍ୟକ୍ଷତାରେ ଏକତାଲିଆ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ, ଭୁବନେଶ୍ୱରର ନିପୁଣ ସେଲ୍‌ର ଅଧିକାରୀ ତନ୍ମୟା ଦାସ ଯୋଗଦେଇ ବୈଠକ ତଦାରଖ କରିଥିଲେ। ବିଇଓ ପୀତବାସ ସେଠୀ ଯୋଗଦେଇ ଶିକ୍ଷକଙ୍କୁ ଶିକ୍ଷଣରେ ବ୍ରତୀ ହେବାପାଇଁ ଉପଦେଶ ଦେଇଥିଲେ। ଏଥିରେ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ମମତାଜ ବେହେରା, ଛବିମଣି ଦାସ, ପ୍ରମିଳା ପଣ୍ଡା, ଦେବଶ୍ରୀ ମିଶ୍ର ଏବଂ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ବର୍ଗର ଶିକ୍ଷକ ଚିନ୍ତାମଣି ଓଝା, ଭାମସେନ ପଲେଇ, ମମତା ପାଇକରାୟ, ଜ୍ୟୋସ୍ନାରାଣୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# କାୟାକଳ୍ପ ଟିମ୍‌ର ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ନିମାପଡ଼ା,୩।୨(ବିଚିତ୍ରାନନ୍ଦ ସାହୁ)

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର କାୟାକଳ୍ପ ଟିମ୍ ମଙ୍ଗଳବାର ଅଚାନକ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ଟିମ୍‌ରେ ସ୍ୱାସ୍ଥ୍ୟ ବିଭାଗର ଆସିଷ୍ଟାଣ୍ଟ ଡାଇରେକ୍ଟର ଡ. ମନୋରଞ୍ଜନ ହାତୀ, ଏମ୍ଏଚ୍‌ର ପରାମର୍ଶଦାତା ସୌମ୍ୟାଶ୍ରୀ ମହାପାତ୍ର, ପିଏସ୍ଆଇର ମ୍ୟାନେଜର ରୁବି ରାଉତ ଓ ପୁରୀର କ୍ୱାଲିଟି ଆସିଷ୍ଟାଣ୍ଟ ମ୍ୟାନେଜର କସ୍ତୁରୀ ପ୍ରିୟମ୍ବଦା ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରର ନିରାମୟ କେନ୍ଦ୍ର, ପ୍ରସୂତି ବିଭାଗ, ଅସ୍ତ୍ରୋପଚାର ଗୃହ, ଇଞ୍ଜେକ୍ସନ ରୁମ୍, ମେଡିକାଲର ବହିର୍ବିଭାଗ, ଅନ୍ତର୍ବିଭାଗ ସମେତ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛତା ଆଦି ପୁଙ୍ଖାନୁପୁଙ୍ଖ ପରିଦର୍ଶନ କରିଥିଲେ।

ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ସ୍ୱାସ୍ଥ୍ୟସେବା ଓ ରୋଗୀସେବା ସମ୍ପର୍କରେ ସମୀକ୍ଷା କରି ଅଧିକାରୀମାନେ ବେଶ ସନ୍ତୋଷ ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଓ ରୋଗୀଙ୍କର ବିଭିନ୍ନ ସମସ୍ୟା ଏବଂ ତା'ର ପ୍ରତିକାର ସମ୍ପର୍କରେ ବରିଷ୍ଠ ଅଧିକାରୀ ଡାକ୍ତରଙ୍କ ସହ ଆଲୋଚନା କରି ସମସ୍ତ କର୍ମଚାରୀ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ଓ ସମୀକ୍ଷା କାର୍ଯ୍ୟକ୍ରମରେ ନିମାପଡ଼ା ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀ ଡ. ସୁବ୍ରତ ମହାପାତ୍ର, ଡ. ପ୍ରବୀଣ ଜେନା, ଡ. ବିଜୟିନୀ ସାହୁ, ଫାର୍ମାସିଷ୍ଟ ଆଇ. ତ୍ରିନାଥ ପାତ୍ର, ନର୍ସିଂ ଅଫିସର ସାଧନା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଉଚ୍ଚପଦସ୍ଥ ଅଧିକାରୀଙ୍କୁ ସହାୟତା କରିଥିଲେ। ଏହି ଅବସରରେ ମେଡିକାଲ୍‌ର ଉପସ୍ଥିତ ସମସ୍ତ ଡାକ୍ତର, ନର୍ସ, ଫାର୍ମାସିଷ୍ଟଙ୍କ ସମେତ ସମସ୍ତ କର୍ମଚାରୀ କାୟାକଳ୍ପ ଟିମ୍‌ର ବରିଷ୍ଠ ଅଧିକାରୀଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ।



ଉପକୂଳ ସୁରକ୍ଷା ଓ ଜାତୀୟ ଏକତା ନେଇ ସିଆଇଏସ୍ଏଫ୍ ପକ୍ଷରୁ ବନ୍ଦେ ମାତରମ୍ ସାଇକ୍ଲୋଥନ୍ ଯାତ୍ରା କରାଯାଉଛି ।

## ସଂକ୍ଷେପରେ

### ବାର୍ଷିକ ଗୁରୁଭକ୍ତି ସମ୍ମିଳନୀର ପ୍ରସ୍ତୁତି ବୈଠକ

ଯୋଗେଶ୍ୱରପୁର,୩।୨(ରଶ୍ମିରଞ୍ଜନ ସାହୁ)

ଗୋପ ବ୍ଲକ ଅନ୍ତର୍ଗତ ନୟାହାଟସ୍ଥିତ ପ୍ରାଚୀଗୁରୁ ଧର୍ମକ୍ଷେତ୍ର ପରିସରରେ ମଙ୍ଗଳବାର ରାଜ୍ୟସ୍ତରୀୟ ବାର୍ଷିକ ୬୦ତମ ବାର୍ଷିକ ଗୁରୁଭକ୍ତି ସମ୍ମିଳନୀର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଶ୍ରମର ମୁଖ୍ୟ ବାବାଜି ଦାମୋଦର ଦାସ ଅଧ୍ୟକ୍ଷତା କରିଥିଲେ। ଏହି ଉପଲକ୍ଷେ ସମସ୍ତ ଭକ୍ତ ଏକତ୍ରିତ ହୋଇ ଆସନ୍ନ ମନ୍ଦିରରେ ପ୍ରଥମେ ସମ୍ମିଳନୀରେ ସେବା ନେବା ପାଇଁ ସମୂହ ପ୍ରାର୍ଥନା କରିଥିଲେ। ଡ. ରତ୍ନାକର ମହାନ୍ତି ସମ୍ମିଳନୀ ଏକ ସେବା ପର୍ବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ବାବାଜି ଅକ୍ଷୟ କୁମାର ଦାସ ଗୁରୁଦେବଙ୍କୁ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରିଥିଲେ। ଆସନ୍ତା ସମ୍ମିଳନୀ ପାଇଁ ୩୨ ଗୋଟି ବିଭିନ୍ନ ବିଭାଗର ଗୁରୁ ଭାଇ ଓ ଭଉଣୀଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ସେବକ ପ୍ରୀତିରଞ୍ଜନ ଦାସ ସୂଚନା ଦେଇଛନ୍ତି। ମହେଶ୍ୱର ସାହୁ, ନୀଳମଣି ସାହୁ, ବ୍ରହ୍ମାନନ୍ଦ ଭାଇ, କୃଷ୍ଣଚନ୍ଦ୍ର ଓଝା, ଚରଣ ଭାଇ, ସୁରେଶ ଭାଇ, ରବୀନ୍ଦ୍ର ଦାସ, ପ୍ରଭୁଦତ୍ତ ମହାପାତ୍ର, ସେବିକା ସବିତା ଦାସ, ଶକୁନ୍ତଳା ଦାଶ, ପ୍ରଭାତୀ ମା', ମୀନା ମା', ହରପ୍ରିୟା ମା', ଊର୍ମିଳା ମା', ରମୟ ରାଉତ, ଶଶିକାନ୍ତ ଭାଇ ଓ କାହ୍ନା ଭାଇ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

### ବାଟମଙ୍ଗଳା ମନ୍ଦିରରେ ପ୍ରେକ୍ଷାଳନ ବ୍ୟବସ୍ଥା ଉଦ୍‌ଘାଟିତ

ପୁରୀ,୩।୨(ଅଜିତ୍ କୁମାର ମହାନ୍ତି)

ଇନର ହୁଇଲ କ୍ଲବ୍ ଶ୍ରୀଜଗନ୍ନାଥ ଧାମ ପୁରୀ ତରଫରୁ ମା' ବାଟମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ପ୍ରେକ୍ଷାଳନ ବ୍ୟବସ୍ଥା ଉଦ୍‌ଘାଟିତ ହୋଇଛି। ଏଥିରେ ଜିଲା ୩୨୬ର ଚେୟାରମ୍ୟାନ୍ ମଧୁସ୍ମିତା ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କ୍ଲବର ସଭାନେତ୍ରୀ ଜ୍ୟୋତିର୍ମୟୀ ମହାନ୍ତି, ସମ୍ପାଦିକା କଲ୍ୟାଣୀ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଯାତ୍ରୀଙ୍କ ସୁବିଧା ନିମନ୍ତେ ଏହି ପ୍ରକଳ୍ପ କରାଯାଇଛି। କାର୍ଯ୍ୟକ୍ରମକୁ ଝିମିଲ ପଟ୍ଟନାୟକ, ସୁନୀତା ସୁବୁଦ୍ଧି, ବନ୍ଦିତା ସାହୁ, ଦୀପ୍ତିମୟୀ ଦାସ, ଅନ୍ନପୂର୍ଣ୍ଣା ଦେବୀ, ମଞ୍ଜୁଶ୍ରୀ ମିଶ୍ର, ନିରୁପମା ପୂଜାପଣ୍ଡା, ଅର୍ଚ୍ଚନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଭକ୍ତମାନେ ପବିତ୍ରତାର ସହ ହାତପାଦ ଧୋଇ ମନ୍ଦିରକୁ ଦର୍ଶନ ପାଇଁ ଯିବେ।

# ସାତଶଙ୍ଖ-ବଳଙ୍ଗା ପୂର୍ତ୍ତ ସଡ଼କ ନିମ୍ନମାନର, ଭିଜିଲାନ୍ସ ତଦନ୍ତ ହେଉ

ପିପିଲି/ବଳଙ୍ଗା,୩।୨(ଦୁର୍ଗାମାଧବ ମିଶ୍ର/ପ୍ରଭାତ କୁମାର ମହାପାତ୍ର/କେଦାରେଶ୍ୱର ନନ୍ଦ)

ସାତଶଙ୍ଖ-ବଳଙ୍ଗା ପୂର୍ତ୍ତ ସଡ଼କ କାର୍ଯ୍ୟ ଓ ଡ୍ରେନ୍ କାର୍ଯ୍ୟ ନିମ୍ନମାନର ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ନିମ୍ନମାନର କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ପାଇଁ ଦାବି ହୋଇଛି। ପୂର୍ତ୍ତ ବିଭାଗ ଦ୍ୱାରା ପ୍ରାୟ ୧୦ କୋଟିରୁ ଅଧିକ ଅର୍ଥ ନବୀକରଣ କାର୍ଯ୍ୟ କରାଯାଇଛି।

ସୂଚନାଯୋଗ୍ୟ, ଠିକାସଂସ୍ଥା ପକ୍ଷରୁ ସାତଶଙ୍ଖ-ବଳଙ୍ଗା ପୂର୍ତ୍ତ ସଡ଼କ କାର୍ଯ୍ୟରେ ନିମ୍ନମାନର ମ୍ୟାଟେରିଆଲ୍ ଏବଂ ପିଚୁ ବ୍ୟବହାର କରାଯାଇଛି ବୋଲି ଚର୍ଚ୍ଚା ହେଉଛି। ସେହିଭଳି ସାତଶଙ୍ଖ ବଜାର ମଧ୍ୟରେ ଥିବା ପୂର୍ବ କଂକ୍ରିଟ ଢଳେଇ ଉପରେ ଲେବଲ୍ ନ କରି ଅର୍ଥ ହଡ଼ପ କରିବା ଉଦ୍ଦେଶ୍ୟରେ ରାତିଅଧିଆ ପିଚୁ କାର୍ଯ୍ୟ କରିଥିବାରୁ ରାସ୍ତା ମଝିରେ ଆଣ୍ଠୁଏ ବର୍ଷାପାଣି ଜମାହୋଇ ରହୁଥିବା ଜଣାପଡ଼ିଛି। ଠିକାସଂସ୍ଥା ଏହାର ପ୍ରତିକାର ନ କରି ଏବେ ବଜାରର ଏକପାର୍ଶ୍ୱରେ ଡ୍ରେନ୍ କାର୍ଯ୍ୟ ଚଳାଇଛି। ସେହି ଡ୍ରେନକୁ ଉଚ୍ଚତା ନ କରି ରାସ୍ତା ଭିତରେ ନିର୍ମାଣ କରାଯାଉଛି। ଡ୍ରେନ୍ ରାସ୍ତାଠାରୁ କମ୍ ଉଚ୍ଚତାରେ କରାଯିବାରୁ ଆଗାମୀ ଦିନରେ ଯାତାୟାତ କରୁଥିବା ଯାନବାହନ ଗଳିପଡ଼ି ଦୁର୍ଘଟଣା ଘଟାଇବା ସଙ୍କେତ ଦେଖାଯାଉଛି। ନିର୍ମାଣାଧୀନ ଡ୍ରେନ୍ ପାଣିକୁ ଜଳସମ୍ପଦ ବିଭାଗ ସାତଶଙ୍ଖ ଡିଷ୍ଟ୍ରିବ୍ୟୁଟାରି କେନାଲରେ ଛାଡ଼ିବା ପାଇଁ ଉଦ୍ୟମ ଜାରି ରହିଛି। ସେପଟେ ଡ୍ରେନ ମଧ୍ୟରେ ଜରି, ପଲିଥିନ, ଅନ୍ୟାନ୍ୟ ଆବର୍ଜନା ସାମଗ୍ରୀ ଭାସି କେନାଲ ମଧ୍ୟରେ ଗୁଡ଼ ଗୁଡ଼ ଗଦା ହୋଇ ଚାଷୀଙ୍କ ଚାଷ ଜମିରେ ଜମାହେବାର ଆଶଙ୍କା ରହିଛି। ଯାହାକି ଚାଷୀ ଚାଷକାର୍ଯ୍ୟ କରିବା ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେବା ନେଇ ସାତଶଙ୍ଖ ଅଞ୍ଚଳର ଶତାଧିକ ଚାଷୀ ଏହାକୁ ବିରୋଧ କରି ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ପୁରୀ ଓ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହିତ ଏହି ରାସ୍ତା ନବୀକରଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ଭଳି ସଙ୍ଗିନ୍ ଅଭିଯୋଗ ଆଣିଛନ୍ତି ପିପିଲି ବ୍ଲକବାସୀ।

ପିପିଲି ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ସାହୁ କହିଛନ୍ତି, ଅଫିସ ବାହାରେ ଅଛି, ସନ୍ଧ୍ୟାରେ ଫେରିଲା ପରେ ରାସ୍ତା ସମ୍ପର୍କରେ ଜଣାଇବି କହି ଫୋନ କାଟି ଦେଇଥିଲେ। ତେଣୁ ଏ ଦିଗରେ ହୋଇଥିବା ଦୁର୍ନୀତି ଓ ରାସ୍ତା ନିର୍ମାଣରେ କୋର୍ କଟିଂ ଏବଂ ବ୍ୟବହାର ହୋଇଥିବା ମ୍ୟାଟେରିଆଲ୍ ପରୀକ୍ଷାଗାରକୁ ପଠାଯିବା ସହିତ ପରୀକ୍ଷା ରିପୋର୍ଟ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।


ରାସ୍ତା କଡ଼ରେ ଦବି ଯାଇଥିବା ଫେବରବ୍ଲକ ।

# ମାରୁତି ସେନାର ସପ୍ତମ ବାର୍ଷିକୋତ୍ସବ



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିଙ୍କ ସହ ମାରୁତି ସେନାର ସଦସ୍ୟମାନେ ।

ପୁରୀ,୩।୨(ଅଜିତ୍ କୁମାର ମହାନ୍ତି)

ସାମାଜିକ ଅନୁଷ୍ଠାନ ମାରୁତି ସେନାର ସପ୍ତମ ବାର୍ଷିକୋତ୍ସବ ଚକ୍ରତୀର୍ଥ ରୋଡ୍‌ସ୍ଥିତ ସଂସ୍କୃତି ଭବନ ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଶ୍ରୀମନ୍ଦିର ସେବାୟତ ଗୌତମ ଦଇତାପତି, ସାହିତ୍ୟିକ ଶିବ ସୁନ୍ଦର ମିଶ୍ର ଓ ଅଧ୍ୟାପକ ତଥା ଆଇନଜୀବୀ ସୁରେନ୍ଦ୍ର ନାଥ ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସ୍ୱାର୍ଥପର ଦୁନିଆରେ ନିଃସ୍ୱାର୍ଥପର ସେବା ପାଇଁ କାହାର ବା ସମୟ ଅଛି। ସମସ୍ତେ କେବଳ ଆଧୁନିକରୁ ଆହୁରି ଅତ୍ୟାଧୁନିକ ହେବା ଲକ୍ଷ୍ୟରେ ଆଗେଇ ଚାଲିଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଉତ୍ତରୀୟ, ଫୁଲତୋଡ଼ା, ମାନପତ୍ର ଦେଇ ସମ୍ବୋଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମାରୁତି ସେନା ସଂଗଠନର ସମସ୍ତ ପଦାଧିକାରୀ ପରିଚାଳନାରେ ସହଯୋଗ କରିଥିଲେ।

# ୨ଦିନିଆ ଏମର୍ଜିଂ ପ୍ରଶିକ୍ଷଣ ଶିବିର

ପୁରୀ,୩।୨(ଅଜିତ୍ କୁମାର ମହାନ୍ତି)

ଓକେସିଏଲ୍ ଦ୍ୱାରା ଅଧିକୃତ ଶିକ୍ଷାକେନ୍ଦ୍ର ସି ନେଟ୍ କମ୍ପ୍ୟୁଟର ଏଜୁକେଶନ ଆନୁକୂଲ୍ୟରେ ପୁରୀରେ ୨ଦିନିଆ ଏମର୍ଜିଂ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରର ପ୍ରଥମ ଦିନରେ ପୁରୀର ଅନ୍ୟତମ ଶିକ୍ଷାନୁଷ୍ଠାନ ପିଏମ୍‌ଶ୍ରୀ ବିଶ୍ୱମ୍ଭର ବିଦ୍ୟାପୀଠରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅସ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୨୦ ଛାତ୍ରୀଛାତ୍ର କୃତ୍ରିମ ବୁଦ୍ଧିମତ୍ତା, ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍‌ସ ଓ ରୋବୋଟିକ୍ସ ଏବଂ ସାଇବର ସୁରକ୍ଷା ସହ ଆଧୁନିକ ଡିଜିଟାଲ ଦକ୍ଷତା ଓ ପ୍ରଯୁକ୍ତିବିଦ୍ୟାର ବ୍ୟବହାର, ପ୍ରୟୋଗ ଉପରେ ଅବଗତ କରାଯାଇଥିଲା। ସେହିପରି ଦ୍ୱିତୀୟ ଦିନରେ ଜିଲା ସ୍କୁଲଠାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଶ୍ୱଜିତ୍ ବାନାର୍ଜୀଙ୍କ ତତ୍ତ୍ୱାବଧାନରେ ଏମର୍ଜିଂ ଟେକ୍ନୋଲୋଜିର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ବିଦ୍ୟାଳୟର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଓକେସିଏଲ୍ ଦ୍ୱାରା ଅଧିକୃତ ଶିକ୍ଷାକେନ୍ଦ୍ର ସି ନେଟ୍ କମ୍ପ୍ୟୁଟର ଏଜୁକେଶନର ନିର୍ଦ୍ଦେଶକ ହିମାଂଶୁ ମୋହନ ମହାନ୍ତି ଓ ପରିଚାଳନା ନିର୍ଦ୍ଦେଶିକା ନୀଳାଞ୍ଜନା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା। ଏଥିରେ ଓକେସିଏଲ୍‌ର ଜିଲା ସମ୍ପାଦକ ନିରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। ଟ୍ରେନର୍ ସବିତା ପ୍ରିୟା ରାୟ, ଜାଗେଶ୍ ରାଉତରାୟ ଓ ଲିଙ୍ଗରାଜ ଷଡ଼ଙ୍ଗୀ ପ୍ରଶିକ୍ଷଣ ଦେଇଥିଲେ। ଶ୍ୱେତପଦ୍ମା ଦାଶ, ସରସ୍ୱତୀ ଜେନା, ପୁଷ୍ପଲତା ମୁଦୁଲି ଓ ମୋନାଲିସା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଛାତ୍ରୀମାନେ ।

## ୩ୟ, ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାଫଳ ପ୍ରକାଶ

ପିପିଲି,୩।୨(ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକର ୨୦୨୫ ମସିହା ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାଫଳ ମଙ୍ଗଳବାର ବିଇଓ ପୀତବାସ ସେଠୀ ପ୍ରକାଶ କରିଛନ୍ତି। ତୃତୀୟରେ ମେଧାବୃତ୍ତିରେ ୭ ଜଣ ଓ ଗରିବ ମେଧାବୃତ୍ତି ୭ ଜଣ ଏପରି ମୋଟ ୧୪ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ୫ମ ମେଧାବୃତ୍ତିରେ ୭ଜଣ ଓ ଗରିବ ମେଧାବୃତ୍ତିରେ ୭ ଜଣ ଏପରି ମୋଟ ୧୪ ଜଣ କୃତକାର୍ଯ୍ୟ ହୋଇଛନ୍ତି। ତୃତୀୟ ମେଧାବୃତ୍ତିରେ ଯଥାକ୍ରମେ ରିତିକ୍ଷା ସ୍ୱାଇଁ, ସ୍ମୃତିପର୍ଣ୍ଣା ପରିଡ଼ା, ଶୁଭମ୍ କୁମାର ସାହୁ, ଦୀପ୍ତିମୟୀ ଟଙ୍ଗ, ବିଷ୍ଣୁପ୍ରିୟା ସାହୁ, ଆରାଧନା ରାୟ, ସ୍ୱାତୀ ସ୍ୱାତିକା ଜେନା। ସେହିପରି ଗରିବ ମେଧାବୃତ୍ତିରେ ଯଥାକ୍ରମେ ସତ୍ୟଜିତ ମହାରଣା, ବିଷ୍ଣୁପ୍ରସାଦ ବେହେରା, ପ୍ରତ୍ୟାଶା ପ୍ରିୟଦର୍ଶନୀ ବାରିକ, ବିଶ୍ୱରଞ୍ଜନ ପ୍ରଧାନ, ସତ୍ୟନାରାୟଣ ପ୍ରଧାନ, ସୋନାଲି ସ୍ୱାଇଁ, ରୁଦ୍ର ପ୍ରସାଦ ବେହେରା। ସେହିପରି ୫ମ ଶ୍ରେଣୀ ମେଧାବୃତ୍ତିରେ ଯଥାକ୍ରମେ ସାଇ ସ୍ମରଣିକା ମିଶ୍ର, ରୁଦ୍ରପ୍ରସାଦ ରଥ, ସୌମ୍ୟାଶ୍ରୀ ସିଂ, ସାଇ ଦିବ୍ୟାଂଶୁ ରଥ, ସାଇ ପ୍ରସାଦ ସ୍ୱାଇଁ, ସ୍ମୃତିଲଗ୍ନା ବରାଳ। ଗରିବ ମେଧାବୃତ୍ତିରେ ସ୍ମୃତି ସାମନ୍ତରାୟ, ପ୍ରୀତିପ୍ରଜ୍ଞା ମହାନ୍ତି, ଆର୍ଯ୍ୟଜ୍ୟୋତି ପ୍ରିୟଦର୍ଶନୀ, ପ୍ରୀତି ସ୍ମୃତି ସାମନ୍ତରାୟ, ପାୟଲ ପ୍ରିୟଦର୍ଶନୀ, ଅମ୍ରିତା ବେହେରା, ପୃଥ୍ୱୀରାଜ ମିଶ୍ର।

# ୧୯ ବର୍ଷରୁ କମ୍ ବିଦ୍ୟାଳୟସ୍ତରୀୟ ମୁଷ୍ଟିଯୁଦ୍ଧରେ ପୁରୀର ୧୦ ପ୍ରତିଯୋଗୀ


ବିଦ୍ୟାଳୟ ସ୍ତରୀୟ ମୁଷ୍ଟିଯୁଦ୍ଧ ପାଇଁ ମନୋନୀତ ହୋଇଥିବା ୧୦ ପ୍ରତିଯୋଗୀ ।

ପୁରୀ,୩।୨(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୫ ତାରିଖ ଠାରୁ ୯ ତାରିଖ ପର୍ଯ୍ୟନ୍ତ କର୍ଣ୍ଣାଟକର ଶ୍ରୀକାଟେରାଭା ଷ୍ଟାଡିୟମ୍, ବେଙ୍ଗାଲୁରୁ ଠାରେ ଭାରତୀୟ ବିଦ୍ୟାଳୟ କ୍ରୀଡ଼ା ମହାସଂଘ ତରଫରୁ ୬୯ତମ ଜାତୀୟ ୧୯ବର୍ଷରୁ କମ୍ ବାଳିକା ଓ ବାଳକ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଦଳରେ ପୁରୀ ବକ୍ସିଂ ଏକାଡେମୀର ୧୦ ପ୍ରତିଯୋଗୀ ସାମିଲ ହୋଇଛନ୍ତି। ସେମାନେ ହେଲେ ବାଳକ ବର୍ଗରେ ପ୍ରକାଶ ବାନାର୍ଜୀ, ଲୋକନାଥ ବେହେରା, ଚନ୍ଦନ ଥାପ୍ପା, ଅଂଶୁ ନାୟକ, ବସନ୍ତ କୁମାର ବେଜ, ଇନ୍ଦ୍ରଜିତ୍ ରାଏ, ବିଶ୍ୱଜିତ ରାଏ, ଲିକୁ ଖାଁ ଓ ବାଳିକା ବର୍ଗରେ ମିକିଲି ନାୟକ, ଇତିଶ୍ରୀ ପଲେଇ। ଖେଳାଳିମାନେ ମଙ୍ଗଳବାର ରେଳଯାତ୍ରା କରିଛନ୍ତି। ପ୍ରତିଯୋଗୀଙ୍କୁ ପୁରୀ ଏମ୍‌ପି ସମ୍ବିତ ପାତ୍ର, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ରାମ ଦାସ ମହାପାତ୍ର, ରବିଶଙ୍କର ପ୍ରତିହାରୀ, ଅନୀଲ ଗୋଚ୍ଛିକାର, ସୁବାସ ସାହୁ, ସନ୍ତୋଷ କୁମାର ମିଶ୍ର, ବିନୋଦ ସିଂ, ବିଶ୍ୱଭୂଷଣ ପଣ୍ଡା, ପ୍ରଫୁଲ ମିଶ୍ର, ସୂର୍ଯ୍ୟପ୍ରସାଦ ଦାସ, ରମେଶ ଚନ୍ଦ୍ର ସ୍ୱାଇଁ, ରଘୁନାଥ ଦଳ, ପ୍ରଦୀପ ଦାସ, ସଞ୍ଜୟ କୁମାର ଅଗ୍ରୱାଲ, ପୁରୀ ବକ୍ସିଂ ଏକାଡେମୀର ପ୍ରତିଷ୍ଠାତା ସୁଦର୍ଶନ ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ହାରିବା ପଛରେ ଜିତିବାର ଲକ୍ଷ୍ୟ ରହିଥାଏ

ଗୋପ,୩।୨(ଭାରତୀ ଭୂଷଣ ଉପାଧ୍ୟାୟ)

**ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ**

ବ୍ରାହ୍ମ ମୁହୂର୍ତ୍ତରେ ଉଠନ୍ତୁ। ପ୍ରଥମେ ସମସ୍ତଙ୍କୁ ପ୍ରଣାମ କରନ୍ତୁ ଓ ଭଗବାନଙ୍କୁ ମଧ୍ୟ ପ୍ରଣିପାତ କରନ୍ତୁ। ହାରିବା ପଛରେ ଜିତିବାର ଲକ୍ଷ୍ୟ ରହିଥିବାବେଳେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହିତ ଆଧ୍ୟାତ୍ମିକ ଚିନ୍ତନର ବାଟ ଦେଖାନ୍ତୁ। ରବିବାର ଗୋପ ପ୍ରଧାନସାହିସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଏକାଦଶତମ ବାର୍ଷିକ ଉତ୍ସବରେ ପଣ୍ଡିତ ବିରେନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏହା କହିଛନ୍ତି। ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସମ୍ପାଦକ କାଳୁରାମ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିନୋଦିନୀ ମହାପାତ୍ର, ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ, ଦୀପକ କୁମାର ସେନାପତି, ରବୀନ୍ଦ୍ରନାଥ ସିଂ, ଲିଙ୍ଗରାଜ ପ୍ରଧାନ, ଯଯାତି କେଶରୀ ସ୍ୱାଇଁ ଯୋଗଦେଇ ଶିକ୍ଷା, ମା' ବାପାଙ୍କ ଭୂମିକା ସହିତ ଛାତ୍ରୀଛାତ୍ର କିପରି ନିଜ ଭବିଷ୍ୟତ ଗଢ଼ିବା ଉପରେ ଗୁରୁତ୍ୱ ଦେବେ ସେନେଇ ଅଭିଭାବକମାନେ ବିଶେଷ ଚିନ୍ତା କରିବାର ଏହା ହେଉଛି ଉପଯୁକ୍ତ ସମୟ ବୋଲି ପଣ୍ଡା କହିଥିଲେ। ଉତ୍ସବରେ ଚଳିତବର୍ଷ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ଗୀତିନାଟ୍ୟ, ନୃତ୍ୟ, ଏକକ ଅଭିନୟ, ସଙ୍ଗୀତ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ସଂଗ୍ରାମ କେଶରୀ ଭୋଳ ସଂଯୋଜନା କରିଥିବାବେଳେ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ମିଶ୍ର, ଶ୍ରୁତିସଙ୍ଗୀତା ବେହେରା, ମାନିନୀ ପ୍ରଧାନ, ଚିତ୍ରସେନା ସେନ୍, ମାମାଲି ପ୍ରଧାନ, ବିଷ୍ଣୁପ୍ରିୟା ସେନାପତି ଏବଂ ଅନିଲ୍ କୁମାର ଭୋଇ ପରିଚାଳନା କରିଥିଲେ।


ଏକାଦଶତମ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# କଣାସରେ ୟୁରିଆ ସାର ଅଭାବ, ଚାଷୀ ହନ୍ତସନ୍ତ

କଣାସ,୩।୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଏକ ଚାଷପ୍ରବଣ ଓ ଅନୁନ୍ନତ ଅଞ୍ଚଳ ଭାବେ ପରିଚିତ। ଚାଷୀମାନେ ଧାନ ଓ ପରିବା ଫସଲ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଏହି ଖରାଟିଆ ଧାନ ଜାନୁଆରୀ ଆରମ୍ଭରୁ ଆଛେରା ହୋଇଥାଏ, ଚାଷୀମାନେ ଧାରକରଜ କରି ସାର, ଔଷଧ ପକାଇଥାନ୍ତି। ମାତ୍ର ଧାନଗୁଡ଼ିକୁ ସାର, ଔଷଧ ଦେବା ସମୟରେ ଯଦି ନ ଦିଆଯାଏ, ତା'ହେଲେ ଧାନର ଆୟ କମିଯାଏ। ଚାଷୀମାନେ ୟୁରିଆ ଜମିରେ ପକାଇବା ପାଇଁ ବିଭିନ୍ନ ଦୋକାନକୁ ଦୌଡୁଥିଲେ ମଧ୍ୟ ସାର ମିଳୁନାହିଁ। ତେଣୁ ଚାଷୀମାନେ ଏତେ ଦୁଃଖ କଷ୍ଟରେ ଧାନ କରିଥିଲେ ମଧ୍ୟ ସାର ଅଭାବରୁ ଧାନ ଫସଲ ନଷ୍ଟ ହେବା ସହିତ ପରିବା ଫସଲ ନଷ୍ଟ ହେବାକୁ ବସିଲାଣି।

ଏ ସମ୍ପର୍କରେ କଣାସ କୃଷି ଅଧିକାରିଣୀ ମୀରା ରୋଜାଲିନ କହିଛନ୍ତି, ଏହି ଖବର କେହି ମୋତେ ଅବଗତ କରାଇ ନ ଥିଲେ। ଆପଣଙ୍କଠାରୁ ଖବର ପାଇଲି, ତୁରନ୍ତ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ସହ ଆଲୋଚନା କରି କଣାସ ବ୍ଲକକୁ ୟୁରିଆ ଯୋଗାଇବା ପାଇଁ ବ୍ୟବସ୍ଥା କରିବୁ।

ସୂଚନାଯୋଗ୍ୟ, କଣାସରେ ବିଭିନ୍ନ ସମବାୟ ସମିତି, ସ୍ୱୀକୃତିପ୍ରାପ୍ତ ଦୋକାନଗୁଡ଼ିକ ସାର ବିକ୍ରୟ କରିବା ପାଇଁ ବ୍ୟବସ୍ଥା ଥିଲାବେଳେ କୌଣସିଠାରେ ସାର ନ ଥିବା ଜଣାପଡ଼ିଛି। ଯେଉଁ କେତେକ ସ୍ଥାନରେ ଲୁଚାଛପାରେ ମିଳୁଛି, ସରକାରୀ ଦରଠାରୁ ଢେର ୩/୪ ଗୁଣାରେ ଚଢ଼ାଦରରେ ବିକ୍ରି ହେଉଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ସେଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଉ ନ ଥିବା ସାଧାରଣରେ ଚର୍ଚ୍ଚା ହେଉଛି।


ସାର ଅଭାବରୁ ବଢ଼ିପାରୁନି ଧାନଗଛ ।

## ୪୨ ମୌଜାରେ ମାତୃଶକ୍ତି ସମ୍ମିଳନୀ

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ୪୨ମୌଜା ଝିଙ୍କିରିଆ ଗ୍ରାମ୍ୟ ଉନ୍ନୟନ କମିଟିର ମିଳିତ ସହଯୋଗରେ ସ୍ଥାନୀୟ ରଣେଷଣ୍ଡ ମନ୍ଦିର ପ୍ରାଙ୍ଗଣରେ ମାତୃଶକ୍ତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଅଧିକାରୀ ଚିନ୍ମୟ ଦେବତା ଓ ମହନ୍ତ ଦୁଷ୍ମନ୍ତ କୁମାର ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହିଳାମାନଙ୍କ ବିଭିନ୍ନ ପ୍ରକାର ମୌଳିକ ସମସ୍ୟା, ବିଦ୍ୟୁତ୍, ପାଣି ଏବଂ ରାସ୍ତାଘାଟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ରବୀନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ପରେ ଝିଙ୍କିରିଆ ନଦୀପଠା ନିକଟରେ ରଣେଷଣ୍ଡ ମହାବୀର ବନ୍ୟ ପ୍ରକଳ୍ପ ନାମରେ ସମୂହ ବୃକ୍ଷରୋପଣ ଅନୁଷ୍ଠିତ ହୋଇଥିଲା। ଗ୍ରାମ୍ୟ ଉନ୍ନୟନ କମିଟି ବରିଷ୍ଠ ସଦସ୍ୟ ନରହରି ଦେବତା, ଅଶୋକ ଦେବତା, ଆନନ୍ଦ ଦେବତା, ସୁଶାନ୍ତ ଦେବତା ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ୩୮ ଚୋରି ମୋବାଇଲ ଜବତ, ଜଣେ ଗିରଫ



ମଙ୍ଗୁଳି-ଜଗତପୁର,୩।୨(ମାନସ ସାମଲ)

ଜଗତପୁର ପୋଲିସ ମୋବାଇଲ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ପଶ୍ଚିମବଙ୍ଗ ପୁର୍ଲିଆ ଜିଲା ବଳରାମପୁର ଥାନା ଅଞ୍ଚଳର ମଙ୍ଗଲ ସିଂ (୨୦)। ତାଙ୍କଠାରୁ ୩୮ଟି ଚୋରି ମୋବାଇଲ ଜବତ ହୋଇଛି। ଏ ନେଇ ପୋଲିସ ନିଜଆଡୁ ଏକ ମାମଲା (ନଂ. ୬୩/୨୬) ରୁଜୁ କରିଛି। ସୂଚନା ମୁତାବକ, ବିଶେଷ ସୂତ୍ରରୁ ଖବର ପାଇ ଜଗତପୁର ପୋଲିସ ଗୋଲେଇ ଛକ ନିକଟରୁ ଜଣେ ଯୁବକ ଓ ୨ଜଣ ଯୁବତୀଙ୍କ ପିଛା କରି ମଙ୍ଗୁଳି ଛକ ନିକଟରେ ଅଟକାଇ ତାଙ୍କ ବ୍ୟାଗ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ଯୁବକ ଜଣଙ୍କ ଦୌଡି ମଙ୍ଗୁଳି ଗ୍ରାମରେ ଲୁଚିଯାଇଥିଲେ। ପରେ ଯୁବକଙ୍କୁ ପୋଲିସ କାବୁ କରିଥିଲା। ଯାଞ୍ଚ ପରେ ବ୍ୟାଗରୁ ୩୮ଟି ମୋବାଇଲ ବାହାରିଥିଲା। ୨ ଯୁବତୀ ଓ ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ୨ଯୁବତୀଙ୍କୁ ନୋଟିସ ଦେଇ ଛାଡିଥିବା ବେଳେ ଯୁବତୀଦ୍ୱୟ ମଙ୍ଗଲଙ୍କ ଭଉଣୀ ବୋଲି ଜଣାପଡ଼ିଛି।

### ବିଶ୍ୱନାଥଙ୍କ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ

କଣ୍ଟାପଡ଼ା,୩।୨(ସୁରନାରାୟଣ ସାହୁ)

କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳସ୍ଥିତ ପ୍ରସିଦ୍ଧ ଶୈବ ପୀଠ ମହାପ୍ରଭୁ ବିଶ୍ୱନାଥଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଥିବା ବେଳେ ୬ ତାରିଖରେ ଏହା ଶେଷ ହେବ। ଏହି ଅବସରରେ ମହାପ୍ରଭୁଙ୍କ ମନ୍ଦିରକୁ ସୁନ୍ଦର ପୁଷ୍ପ ଓ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ସନ୍ଧ୍ୟାରେ ଭଜନ ଓ ନାମକୀର୍ତ୍ତନର ବ୍ୟବସ୍ଥା ମଧ କରାଯାଇଛି। ପାଟରା ଓ ବ୍ୟବସାୟୀମାନେ ଭଲ ବ୍ୟବସାୟ ଆଶାରେ ନିଜର ପସରା ମେଲେଇ ବସିଲେଣି। ଦ୍ୱିତୀୟ ଦିନରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିବା ବେଳେ ବୁଧବାରଠାରୁ ଧାନମଣ୍ଡଳ ଓ ବ୍ରାହ୍ମଣବାଟିରେ ଅପେରା ପରିବେଷଣ କରାଯିବ। ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ଓ ଫୋର୍ସ ମୁତୟନ ହୋଇଥିବା ବେଳେ ଯଜ୍ଞ ସୁରୁଖୁରୁରେ ସମ୍ପାଦନ ପାଇଁ ସରପଞ୍ଚ ତଥା କଣ୍ଟାପଡା ବ୍ଲକ ସରପଞ୍ଚ ସଂଘ ସଭାପତି ସଞ୍ଜୟ କୁମାର ରାଉତରାୟ ନିବେଦନ କରିଛନ୍ତି।



ନିର୍ମାଣାଧୀନ ମନ୍ଦିରରୁ ନର୍ତ୍ତକୀ ମୂର୍ତ୍ତିକୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଛନ୍ତି।

### ମନ୍ଦିରରେ ନିର୍ମାଣାଧୀନ ନର୍ତ୍ତକୀ ମୂର୍ତ୍ତି ଭାଙ୍ଗିଲେ ଦୁର୍ବୃତ୍ତ

କଟକ ସଦର,୩।୨(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ ବ୍ରହ୍ମପୁରସ୍ଥିତ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ଫାଟକ ସମ୍ମୁଖରେ ଏକ ନର୍ତ୍ତକୀ ମୂର୍ତ୍ତି ନିର୍ମାଣ କରାଯାଉଥିଲା। ସୋମବାର ରାତିରେ ଦୁର୍ବୃତ୍ତମାନେ ନିର୍ମାଣାଧୀନ ମୂର୍ତ୍ତି ଭାଙ୍ଗି ଦେଇଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ସକାଳେ ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଦୁର୍ବୃତ୍ତମାନଙ୍କୁ ଶୀଘ୍ର ଗିରଫ କରିବା ପାଇଁ ୪୨ମୌଜାବାସୀଙ୍କ ପକ୍ଷରୁ ଦାବି ହେଉଛି।

# ଶିଶୁ ଚାଲାଣ ଉପରେ ରହିବ ତୀକ୍ଷ୍ଣ ନଜର

କଟକ,୩।୨(କୁମାରଶ୍ରୀ)

- ରେଳଷ୍ଟେଶନରେ ଖୋଲିବ ଚାଇଲ୍ଡ ହେଲ୍ପ ଲାଇନ୍‌ର ସ୍ୱତନ୍ତ୍ର ଡେସ୍କ
- ୨୪ ଘଣ୍ଟିଆ ଡ୍ୟୁଟି କରିବେ ଡିସିପିୟୁ ଷ୍ଟାଫ୍
- ଆର୍‌ପିଏଫ୍, ଜିଆର୍‌ପି ପକ୍ଷରୁ ମିଳିବ ସହଯୋଗ

ଶିଶୁ ଚାଲାଣ ଉପରେ ରୋକ୍ ଲଗାଇବା ଦିଗରେ ବିଶେଷ ଗୁରୁତ୍ୱ ଦେଇଛି କଟକ ଜିଲା ପ୍ରଶାସନ। ଏଣିକି କଟକ ରେଳଷ୍ଟେଶନ ଉପରେ ତୀକ୍ଷ୍ଣ ନଜର ରଖାଯିବ। ଜିଲା ଶିଶୁ ସୁରକ୍ଷା ୟୁନିଟ (ଡିସିପିୟୁ) ପକ୍ଷରୁ ସେଠାରେ ସ୍ୱତନ୍ତ୍ର ଭାବେ ଚାଇଲ୍ଡ ହେଲ୍ପ ଲାଇନ୍ ଡେସ୍କ ଖୋଲାଯିବ। ଆର୍‌ପିଏଫ୍ ଏବଂ ଜିଆର୍‌ପିର ସହଯୋଗରେ ସନ୍ଦିଗ୍ଧଙ୍କ ଗତିବିଧି ଉପରେ ଦୃଷ୍ଟି ଦିଆଯିବ। ଏହି ନୂତନ ପଦକ୍ଷେପ ନେଇ ପ୍ରଶାସନିକ ଅନୁମୋଦନ ମିଳି ସାରିଥିବା ବେଳେ ଖୁବଶୀଘ୍ର ଡେସ୍କ ପ୍ରତିଷ୍ଠା ହେବ। ରେଳଷ୍ଟେଶନ ନବୀକରଣ କାର୍ଯ୍ୟ ଯୋଗୁ ଡେସ୍କ ଆରମ୍ଭରେ ବିଳମ୍ୱ ହେଉଥିବା କୁହାଯାଇଛି।

ଗତ ମାସରେ ଝାଡଖଣ୍ଡରେ ଏକ ଆନ୍ତଃରାଜ୍ୟ ଶିଶୁ ଚାଲାଣ ର୍‍ୟାକେଟକୁ ପୋଲିସ ଠାବ କରିଥିଲା। ୧୨ଜଣ ଶିଶୁ ଉଦ୍ଧାର ହୋଇଥିଲେ। ସମସ୍ତଙ୍କ ବୟସ ୪ରୁ ୧୨ ବର୍ଷ ମଧ୍ୟରେ ହୋଇଥିବା ବେଳେ ସେଥିରେ ୧୦ଜଣ ବାଳିକା ରହିଥିଲେ। ର୍‍ୟାକେଟରେ ଓଡ଼ିଶାର କେତେଜଣ ଦୁର୍ବୃତ୍ତଙ୍କ ସମ୍ପୃକ୍ତି ସାମ୍ନାକୁ ଆସିଥିଲା। କେତେଜଣ ଶିଶୁ ମଧ ଓଡ଼ିଶାର ନିର୍ଦ୍ଦିଷ୍ଟ ଜିଲାର ଥିଲେ। ପଶ୍ଚିମବଙ୍ଗ ଏବଂ ଉତ୍ତରପ୍ରଦେଶର ଦୁର୍ବୃତ୍ତଙ୍କ ସହ ମିଶି ଓଡ଼ିଶାର ଅପରାଧୀମାନେ ଶିଶୁ ଚାଲାଣକୁ ପ୍ରୋତ୍ସାହନ ଦେଉଥିଲେ। ଏଥି ପୂର୍ବରୁ ପଶ୍ଚିମବଙ୍ଗରୁ ମଧ କେତେଜଣ ଓଡ଼ିଆ ଶିଶୁ ଉଦ୍ଧାର ହୋଇଥିବା ନଜରି ରହିଛି। କଟକ ରେଳଷ୍ଟେଶନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ। ଏଠାରୁ ବିଭିନ୍ନ ରାଜ୍ୟକୁ ରେଳଯାତ୍ରାର ସହଜ ସୁବିଧା ମିଳିପାରେ। ଏଣୁ କଟକ ରେଳଷ୍ଟେଶନ ଉପରେ ନଜିର ରଖିବା ଉଦ୍ଦେଶ୍ୟରେ ଏଠାରେ ଚାଇଲ୍ଡ ହେଲ୍ପ ଲାଇନ୍‌ର ସ୍ୱତନ୍ତ୍ର ଡେସ୍କ ଖୋଲାଯିବ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତିଙ୍କ କହିବା ମୁତାବକ, କଟକ ସହରର ବିଭିନ୍ନ ସ୍ଥାନରେ ଅନେକ ଶିଶୁଙ୍କୁ ଅବହେଳିତ ଅବସ୍ଥାରେ ଦେଖିବାକୁ ମିଳେ। କଟକ ରେଳଷ୍ଟେଶନ ସନ୍ନିକଟ ଅଞ୍ଚଳରେ ମଧ ଅନୁରୂପ ଦୃଶ୍ୟ ସାମ୍ନାକୁ ଆସେ। ସମାଜର ମୁଖ୍ୟ ସ୍ରୋତରୁ ଦୂରେଇ ରହିଥିବା ଏଭଳି ଶିଶୁମାନେ ନିଶାସେବନ ଭଳି କାର୍ଯ୍ୟରେ ଲିପ୍ତ ରୁହନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ଶିଶୁ ଚାଲାଣ ଏକ ବଡ ସମସ୍ୟା ଭାବେ ଉଭା ହୋଇଛି। କଟକ ଆର୍‌ପିଏଫ୍ ପକ୍ଷରୁ ଅନେକ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ଶିଶୁଙ୍କୁ ଜିଲା ଶିଶୁ ସୁରକ୍ଷା ୟୁନିଟକୁ ହସ୍ତାନ୍ତର କରାଯାଇଥାଏ। ଏହି କାର୍ଯ୍ୟ ଉପରେ ଲଗାମ ଲଗାଇବା ପାଇଁ କଟକ ରେଳଷ୍ଟେଶନରେ ସ୍ୱତନ୍ତ୍ର ଭାବେ ଚାଇଲ୍ଡ ହେଲ୍ପ ଲାଇନର ଡେସ୍କ ଖୋଲାଯିବ। ୟୁନିଟର ସଦସ୍ୟ ସେଠାରେ ୨୪ ଘଣ୍ଟିଆ ଡ୍ୟୁଟି କରିବେ। ଏଥିରେ ଆର୍‌ପିଏଫ୍ ଏବଂ ଜିଆର୍‌ପି ପକ୍ଷରୁ ସମସ୍ତ ସହଯୋଗ ମିଳିବ। ଖୁବଶୀଘ୍ର ଷ୍ଟେଶନ ପରିସରରେ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠରେ ଡେସ୍କ କାର୍ଯ୍ୟ କରିବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି କହିଛନ୍ତି।

### 'ଆଦ୍ୱିକା' ପାଇଁ ନୂତନ ପ୍ଲାନ

ଜିଲାରେ ୩ ହଜାର ୩୪୩ ଅଙ୍ଗନୱାଡି କେନ୍ଦ୍ର ରହିଛି। ପ୍ରତ୍ୟେକ କେନ୍ଦ୍ରରେ ଆଦ୍ୱିକା କ୍ଲବ ଖୋଲାଯାଇଛି। ଯେଉଁଠାରେ ୧୦ରୁ ୧୯ବର୍ଷ ବୟସର କିଶୋରୀମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଏ। ତେବେ ଜିଲାର ସମସ୍ତ ଆଦ୍ୱିକା କ୍ଲବ ପାଇଁ ନୂତନ ଯୋଜନା ପ୍ରସ୍ତୁତ ହୋଇଛି। କ୍ଲବର କିଶୋରୀ ପ୍ରଶିକ୍ଷାର୍ଥୀଙ୍କ ମୋବାଇଲରେ ୧୦୯୮ ନମ୍ବର ସେଭ୍ କରାଯିବା ବାଧ୍ୟତାମୂଳକ କରାଯାଇଛି। ଏହି ନମ୍ବର ଜରିଆରେ ସେମାନେ କୌଣସି ନିର୍ଯାତନା ବାବଦରେ ସଙ୍ଗେସଙ୍ଗେ ଅଭିଯୋଗ କରି ପାରିବେ।





ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ମଙ୍ଗଳବାର କଟକ ଜିଲାପାଳଙ୍କ ଅଫିସ ପରିସରରୁ ଜାତୀୟ କନ୍ୟା ସନ୍ତାନ ଦିବସ ଅବସରରେ ମହିଳାଙ୍କ ଦ୍ୱାରା ବାହାରିଥିବା ପଦଯାତ୍ରା। (ଫଟୋ: ରାଜକିଶୋର ମହାନ୍ତି)

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କଟକ ସଦର,୩।୨(ସୁଶାନ୍ତ କୁମାର ଜେନା)

**୨୦୭ ଜଣ ପ୍ରମାଣ ପତ୍ର ପାଇବା ପାଇଁ ଯୋଗ୍ୟ ବିବେଚିତ**

କଟକ ସଦର ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ମଙ୍ଗଳବାର କନ୍ଦରପୁର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୫୦ଜଣ ମହିଳା, ପୁରୁଷ ଓ ଶିଶୁ ନାମ ପଞ୍ଜୀକରଣ କରି ସେମାନଙ୍କ ଭିନ୍ନକ୍ଷମତାର ପ୍ରତିଶତ ଯାଞ୍ଚ କରିଥିଲେ। କଟକ ବଡ଼ଡାକ୍ତରଖାନା ଓ ସିଟି ଡାକ୍ତରଖାନାର ୬ଟି ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ସେମାନଙ୍କ ମଧ୍ୟରୁ ୨୦୭ଜଣ ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ୩ଜଣଙ୍କୁ ତିନିଚକିଆ ସାଇକେଲ, ୭ଜଣଙ୍କୁ ବସ୍‌ପାସ, ଗୋଟିଏ ଶ୍ରବଣ ଯନ୍ତ୍ର ମୁଖ୍ୟ ଅତିଥି କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ବଣ୍ଟନ କରିଥିଲେ। ଉଦ୍‌ଘାଟିତ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ କଟକ ସଦର ବିଡିଓ ପ୍ରତୀକ ସାହୁ, ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକ, ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଶିବାଶିଷ ଶତପଥୀ, କନ୍ଦରପୁର ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସ୍ୱାତୀ ପଣ୍ଡା, ସରପଞ୍ଚ ସୁବାସିନୀ ରାଉତ, ରବୀନ୍ଦ୍ର କୁମାର ପ୍ରଧାନ, ମିଲି ସେଠୀ, ରତ୍ନାକର ରାଉତ, ନିରୋଜା ନଳିନୀ ଦାସ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରିୟଦର୍ଶିନୀ ମହାପାତ୍ର ପରିଚାଳନା କରିଥିଲେ।

## ବର୍ଷତମାମ ପାଳନ ହେବ ଗୁରୁ ଦୟାନିଧିଙ୍କ ଜନ୍ମ ଶତବାର୍ଷିକୀ

କଟକ,୩।୨(କାର୍ତ୍ତିକ ସାହୁ)

ଓଡ଼ିଶୀ ନୃତ୍ୟ ଗୁରୁ ଦୟାନିଧି ଦାସଙ୍କ ଜନ୍ମ ଶତବାର୍ଷିକୀ ବର୍ଷତମାମ ପାଳନ କରାଯିବା ପାଇଁ ଅରୁଣୋଦୟ ନଗରସ୍ଥିତ ଦୟାନିଧି ସ୍ମୃତି କଳା ପରିଷଦ ପକ୍ଷରୁ କାର୍ଯ୍ୟସୂଚୀ ସ୍ଥିର କରାଯାଇଛି। ଗୁରୁ ଦୟାନିଧିଙ୍କ ରଚିତ ନାଟକ, ଗୀତିନାଟ୍ୟ, ନୃତ୍ୟନାଟିକା ପରିବେଷଣ ହେବା ସହ ଓଡ଼ିଶୀ ନୃତ୍ୟ ସଂକ୍ରାନ୍ତ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ଉନ୍ମୋଚନ ନିମନ୍ତେ ପ୍ରୟାସ କରାଯିବ। ଗୁରୁ ଦୟାନିଧିଙ୍କ ଜନ୍ମଭୂମି ନୟାଗଡ଼ଠାରୁ ଆରମ୍ଭ କରି କଟକ, ଭୁବନେଶ୍ୱରରେ କାର୍ଯ୍ୟକ୍ରମ କରାଯିବ। ଏହି ଅବସରରେ କୃତି ପ୍ରତିଯୋଗୀ ଓ ବିଶିଷ୍ଟ ଗୁରୁମାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯିବ। ଭୁବନେଶ୍ୱରସ୍ଥିତ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟ ଆଲୋଚନାଚକ୍ର ଫେବୃଆରୀ ୨୫ରେ ହେବ ବୋଲି ଅନୁଷ୍ଠାନ ସମ୍ପାଦିକା ତଥା ଗୁରୁ ଦୟାନିଧିଙ୍କ ସୁକନ୍ୟା ଡ. ବିଜୟଲକ୍ଷ୍ମୀ ଦାସ ସୂଚନା ଦେଇଛନ୍ତି।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଜାତୀୟ ଅନୁବାଦକ ସମ୍ମିଳନୀ

କଟକ,୩।୨(କାର୍ତ୍ତିକ ସାହୁ)





ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଜାତୀୟ ଅନୁବାଦକ ସମ୍ମିଳନୀରେ ଉପସ୍ଥିତ ଅତିଥିବୃନ୍ଦ।

ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଚତୁର୍ଥ ଜାତୀୟ ଅନୁବାଦକ ସମ୍ମିଳନୀ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସୋମବାରଠାରୁ ଆରମ୍ଭ ହୋଇଥିବା ସମ୍ମିଳନୀରେ ଦେଶର ବିଭିନ୍ନ ପ୍ରାନ୍ତରୁ ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନରୁ ଆସିଥିବା ବୁଦ୍ଧିଜୀବୀ ଓ ଅନୁବାଦ ସାହିତ୍ୟିକାରମାନେ ଏକାଠି ହୋଇଥିଲେ। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ପାଦକ ଡ. ଚନ୍ଦ୍ରଶେଖର ହୋତା, ରିସର୍ଚ୍ଚ ଓ ଏକାଡେମିକ ବିଭାଗ ଡିନ ପ୍ରଫେସର ଡ. କେଶରୀ ସିଂହ, ଫ୍ୟାକଲ୍ଟି ଅଫ୍ ଆର୍ଟ୍ସ, କମ୍ୟୁନିକେଶନ ଆଣ୍ଡ ଇଣ୍ଡିକ ଷ୍ଟଡିଜ ଡିନ ପ୍ରଫେସର ଡ. ରତିକାନ୍ତ ମହାପାତ୍ର, ନ୍ୟାଶନାଲ ସ୍କିଲ ଡେଭଲପମେଣ୍ଟ କର୍ପୋରେଶନ ପରାମର୍ଶଦାତା ଦ୍ୟାନେଶ୍ୱର ମୁଲେ ଏବଂ ଭାରତୀୟ ଅନୁବାଦ ସାହିତ୍ୟ ସମ୍ପାଦକ ଶରତ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଅନୁବାଦ ସାହିତ୍ୟର ଅଧିକରୁ ଅଧିକ ବିକାଶ ହୋଇପାରିବା ନିମନ୍ତେ ସଭିଏଁ ଉଦ୍ୟମ କରିବା ଉଚିତ ବୋଲି କହିଥିଲେ। ଯାଦବପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ସାୟନ୍ତନ ଦାସଗୁପ୍ତ, ଶିକ୍ଷାସନ୍ଧାନ ବିଶ୍ୱବିଦ୍ୟାଳୟର ପ୍ରଫେସର ଯତୀନ୍ଦ୍ର କୁମାର ନାୟକ, ସିକିମ ବିଶ୍ୱବିଦ୍ୟାଳୟର ଡ. ଶାଶ୍ୱତି ଶାହା ପ୍ରମୁଖ ଉପସ୍ଥିତ ରହି ଭାରତୀୟ ଅନୁବାଦ ସାହିତ୍ୟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଦ୍ୱିତୀୟ ଦିନ ଓଡ଼ିଆ ଅନୁବାଦ ଓ ସାହିତ୍ୟ ପତ୍ରିକା ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜାତୀୟ ପ୍ରଗତି ଓ ସାଂସ୍କୃତିକ ବିନିମୟରେ ଅନୁବାଦର ଭୂମିକା ଶୀର୍ଷକରେ ପ୍ୟାନେଲ ଆଲୋଚନା ମଧ ହୋଇଥିଲା। ବିଭିନ୍ନ ଅଧିବେଶନରେ ଡ. ଦୀପକ ସାମନ୍ତରାୟ, ମଧୁସୂଦନ ଦାସ, ଡ. ଗାୟତ୍ରୀ ଗୋସ୍ୱାମୀ, ଡ. ସୁନିତା ଦେବୀ, ଡ. କବିତା ପାଟିଲ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ଡ. ଶାଶ୍ୱତ ପଣ୍ଡା ପ୍ରମୁଖ ସଭାପତିତ୍ୱ କରିଥିଲେ। ଆବାହକ ଡ. ରିନ୍ଦନ କୁଣ୍ଡୁ ଧନ୍ୟବାଦ ଦେଇଥିଲେ।

## ଦୁଇମହଲା କୋଠା ଉପରୁ ଖସିପଡ଼ି ରାଜମିସ୍ତ୍ରି ମୃତ

କଟକ ସଦର,୩।୨(ସୁଶାନ୍ତ କୁମାର ଜେନା)

୪୨ମୌଜା ଥାନା ଅନ୍ତର୍ଗତ ଚାନ୍ଦୁଲି ଗ୍ରାମରେ ଏକ ଦୁଇ ମହଲା କୋଠାରେ କାମ କରୁଥିବା ବେଳେ ମଙ୍ଗଳବାର ଜଣେ ରାଜମିସ୍ତ୍ରି ଭାରସାମ୍ୟ ହରାଇ ତଳେ ପଡ଼ି ଗୁରୁତର ହୋଇଯାଇଥିଲେ। ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ୪୨ ମୌଜା ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲା। ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ମୃତକ ହେଲେ ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ଅନ୍ତର୍ଗତ ଦରଡାପାରିଗ୍ରାମର ପ୍ରଦୀପ ମାଝୀ (୪୫)। ଘଟଣାରୁ ପ୍ରକାଶ ରାଜମିସ୍ତ୍ରି ଜଣକ ଚାନ୍ଦୁଲି ଗ୍ରାମର ଜଣେ ବ୍ୟକ୍ତିଙ୍କ ଦୁଇ ମହଲା କୋଠା କାମ କରିବା ପାଇଁ ବାଉଁଶ ଭାର ଉପରେ ଚଢ଼ିଥିଲେ। ହଠାତ୍ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ପରେ ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

## ଭକ୍ତକବି ମଧୁସୂଦନ ରାଓଙ୍କ ପୁଣ୍ୟତିଥି ପାଳିତ



ମଧୁସୂଦନ ରାଓଙ୍କ ପୁଣ୍ୟତିଥି ପାଳନ ଅବସରରେ ମଞ୍ଚାସୀନ ଅତିଥି।

କଟକ,୩।୨(କାର୍ତ୍ତିକ ସାହୁ)

କାଜିବଜାରସ୍ଥିତ ଭକ୍ତମଧୁ ବିଦ୍ୟାପୀଠର ପ୍ରତିଷ୍ଠାତା ଭକ୍ତକବି ମଧୁସୂଦନ ରାଓଙ୍କ ପୁଣ୍ୟତିଥି ବିଦ୍ୟାଳୟ ପରିସରରେ ମଙ୍ଗଳବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଧୃତିଦୀପା ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ କୁଳମଣି ଦାଶ ଯୋଗଦେଇ ଭକ୍ତକବିଙ୍କ ସାରସ୍ୱତ କୃତି ଚିର ଜାଜ୍ୱଲ୍ୟମାନ ବୋଲି କହିଥିଲେ। ଛାତ୍ର ଅଭିଜିତ ସିଂ ଓ ଅବିନାଶ ବେହେରା ଶ୍ଳୋକ ପାଠ କରିଥିଲେ। ଭକ୍ତକବିଙ୍କ ରଚିତ ଗଦ୍ୟଗୁଡ଼ିକ ଉପରେ ଏକ ମହାନଗର ସ୍ତରୀୟ ଆନ୍ତଃ ବିଦ୍ୟାଳୟ ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଆର୍ତ୍ତବନ୍ଧୁ ପ୍ରଧାନ ଭକ୍ତକବିଙ୍କ ସ୍ମୃତିଚାରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରତିଷ୍ଠାତା ଭକ୍ତକବିଙ୍କ ଅଣନାତୁଣୀ ସୁସ୍ମିତା ରଥ, ବିଦ୍ୟାଳୟର ପରିଚାଳନା କମିଟି ସଭାପତି ମାନସ ରଞ୍ଜନ ଦାସ, ପୁରାତନ ଛାତ୍ର ସଂସଦର ସଭାପତି ପ୍ରଦୀପ କୁମାର ସିହ୍ନାଙ୍କ ସମେତ ଅର୍ଣ୍ଣବ କୁମାର ଦତ୍ତ ଏବଂ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶିକ୍ଷକ କୃପାସିନ୍ଧୁ ସାହୁ ସଭା ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସଂଘମିତ୍ର ଦାସ ଧନ୍ୟବାଦ ଦେଇଥିଲେ।

## ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ

ମଙ୍ଗୁଳି-ଜଗତପୁର,୩।୨(ମାନସ ସାମଲ)

ଜଗତପୁରସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ଷଷ୍ଠ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ଶା ହାଇକୋର୍ଟ ଓକିଲ ଚନ୍ଦ୍ରପ୍ରକାଶ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହିତ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ କାମନା କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀକାନ୍ତ ସେଠୀ ଓ କ୍ରୀଡ଼ା ଶିକ୍ଷକ ବିନୟ କୁମାର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟା ବନଜା ରଣା, ଜୟଶ୍ରୀ ଓଝା, ରାଜଶ୍ରୀ ପଟ୍ଟନାୟକ, ଜ୍ୟୋତିପ୍ରିୟା ଚୌଧୁରୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିଲେ। ମା'ମାନଙ୍କ ବିଭିନ୍ନ ଖାଦ୍ୟ ପ୍ରସ୍ତୁତି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା।





ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

# ଗୁଜରାଟରୁ ୨ଜଣଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

କଟକ,୩।୨(କାର୍ତ୍ତିକ ସାହୁ)

**୫.୧୪ କୋଟି ଟଙ୍କା ସାଇବର ଠକେଇ ମାମଲା**

**ଆଜି ଭୁବନେଶ୍ୱରର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯିବ**



ଗୋୟାନି ମିଲନଭାଇ ଭୁପତଭାଇ



କୋଶିୟା ବୈଭବ ଜିତେନ୍ଦ୍ରଭାଇ

୧୨ କୋଟି ଟଙ୍କା ପାଇବା ଲୋଭ ଦେଖାଇ ୫.୧୪ କୋଟି ଟଙ୍କା ସାଇବର ଠକେଇ ମାମଲାରେ କ୍ରାଇମବ୍ରାଞ୍ଚ ଗୁଜରାଟରୁ ୨ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ମୋବାଇଲ ଫୋନ୍, ସିମ୍ କାର୍ଡ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ଗୁଜରାଟ ଭାବନଗର ଜିଲା ଅନ୍ତର୍ଗତ ଗରିୟାଧର ଥାନା ଅଞ୍ଚଳର ଗୋୟାନି ମିଲନଭାଇ ଭୁପତଭାଇ (୩୧) ଏବଂ କୋଶିୟା ବୈଭବ ଜିତେନ୍ଦ୍ରଭାଇ (୩୦)। ସେମାନଙ୍କୁ ଗୁଜରାଟର ଗରିୟାଧର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରାଇବା ପରେ ଟ୍ରାଞ୍ଜିଟ ରିମାଣ୍ଡରେ ଓଡ଼ିଶା ଅଣାଯାଉଛି। ସେମାନଙ୍କୁ ଭୁବନେଶ୍ୱରର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯିବ ବୋଲି କ୍ରାଇମବ୍ରାଞ୍ଚ ସୂଚନା ଦେଇଛି।

ସୂଚନାନୁସାରେ, ୨୦୨୫ ଏପ୍ରିଲ ୯ରେ କ୍ରାଇମବ୍ରାଞ୍ଚର ସାଇବର ଥାନାରେ ଏହି ଠକେଇ ସଂକ୍ରାନ୍ତରେ ମାମଲା ରୁଜୁ ହୋଇଥିଲା। ସାଇବର ଅପରାଧୀମାନେ ଠକେଇର ଶିକାର ହୋଇଥିବା ଅଭିଯୋଗକାରୀଙ୍କୁ ୨୦୨୫ ମାର୍ଚ୍ଚ ୧୭ରେ ହ୍ୱାଟ୍ସଆପ୍‌ରେ ଯୋଗାଯୋଗ କରିଥିଲେ। ପରେ ଅଭିଯୋଗକାରୀ ଆପେ ଇକ୍ୟୁଟି ହବ୍ ୪୧ ନାମକ ଗ୍ରୁପ୍‌ରେ ଯୋଡ଼ି ହୋଇଯାଇଥିଲେ। ଉକ୍ତ ଗ୍ରୁପ୍ ଜରିଆରେ ମାଗଣାରେ ଷ୍ଟକ ମାର୍କେଟ ସଂକ୍ରାନ୍ତୀୟ ପରାମର୍ଶ ଓ ନିଫ୍‌ଟିର ଦୈନିକ ବୈଷୟିକ ତର୍ଜମା ପ୍ରଦାନ କରାଯାଉଥିଲା। ସେହି ମାଧ୍ୟମରେ ସେ ନିବେଶକୁ ନେଇ ୩ଗୁଣା ଫେରସ୍ତ ପାଇବାର ଲୋଭନୀୟ ତଥ୍ୟ ପାଇଥିଲେ। ତେବେ ସେହି ମାର୍ଚ୍ଚ ୧୭ରୁ ଏପ୍ରିଲ ୯ ମଧ୍ୟରେ ଅଭିଯୋଗକାରୀ ୮ଟି ଭିନ୍ନ ଆକାଉଣ୍ଟକୁ ୫୪ଟି ଟ୍ରାଞ୍ଜାକଶନ ମାଧ୍ୟମରେ ୫.୧୪ କୋଟି ଟଙ୍କା ଟ୍ରାନ୍ସଫର କରିଥିଲେ। ତାଙ୍କୁ ୧୨ କୋଟି ଟଙ୍କା ଫେରସ୍ତ ମିଳିବା ଲୋଭ ଦେଖାଯାଇଥିଲା। ସେ ଯେତେବେଳେ ଟଙ୍କା ଉଠାଇବାକୁ ଚାହିଁଲେ ହ୍ୱାଟ୍ସଆପ ଗ୍ରୁପ୍‌ର କଣ୍ଟ୍ରୋଲ ଟିମ୍ ଟଙ୍କା ଉଠାଇ ହେବ ନାହିଁ ବୋଲି କହିଲେ। ପରେ ସେ ସାଇବର ଠକେଇର ଶିକାର ହୋଇଛନ୍ତି ବୋଲି ହୃଦବୋଧ କରି ସାଇବର ଥାନାରେ ଏତଲା ଦେଇଥିଲେ। କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ କରି ପୂର୍ବରୁ ଜଣେ ଅଭିଯୁକ୍ତଙ୍କୁ ଆସାମରୁ ଗିରଫ କରିଥିଲା।

# ଆଜି ଶ୍ୱେତଗଙ୍ଗାରେ ପିଣ୍ଡଦାନ, ମହାପ୍ରଭୁଙ୍କୁ ଦର୍ଶନ

## ପୁରୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ପୁରୀ,୩।୨ (ଅଜିତ୍ କୁମାର ମହାନ୍ତି)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨ଦିନିଆ ଗସ୍ତରେ ଆସି ପୁରୀରେ ପହଞ୍ଚିଛନ୍ତି। ସେ ବାୟୁସେନାର ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ମଙ୍ଗଳବାର ଅପରାହ୍ନ ୪ଟା ୪୦ରେ ତାଳବଣିଆ ହେଲିପ୍ୟାଡ୍‌ଠାରେ ପହଞ୍ଚିଥିଲେ। ପରେ ରାଜ୍ୟପାଳ କେ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁରୀ ବିଧାୟକ ସୁନୀଲ ମହାନ୍ତି, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂ ପ୍ରମୁଖ ସ୍ୱାଗତ କରିଥିଲେ। ପରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଚକ୍ରତୀର୍ଥ ରୋଡ୍ ଦେଇ ଲୋକଭବନ ଯାଇଥିଲେ। ରାତିରେ ଲୋକଭବନରେ ରାଷ୍ଟ୍ରପତି ରାତ୍ରିଯାପନ କରିଛନ୍ତି। ଏହି ଗସ୍ତକୁ ନେଇ ଲୋକଭବନକୁ ବିଭିନ୍ନ ଆଲୋକମାଳାରେ ସୁସଜ୍ଜିତ କରାଯିବା ସହ କଡ଼ା ସୁରକ୍ଷାରେ ରଖାଯାଇଛି। ସୁଭାଷ ବୋଷ୍ ଛକଠାରୁ ହରିହର ଛକ ପର୍ଯ୍ୟନ୍ତ ଜନସାଧାରଣଙ୍କ ଯାତାୟାତ ଉପରେ କଟକଣା ଲଗାଯାଇଛି।

ବୁଧବାର ପୂର୍ବାହ୍ନରେ ରାଷ୍ଟ୍ରପତି ଶ୍ୱେତଗଙ୍ଗାରେ ପିଣ୍ଡଦାନ କରିବା ସହ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନକରି ଆଶିଷ ନେବେ। ଏଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବା ସହ କ୍ଯୁ ବୁକ୍ ବ୍ୟବସ୍ଥା କରାଯାଇଛି। ମହାମହିମଙ୍କ ଶ୍ରୀମନ୍ଦିର ଗସ୍ତ ସକାଳ ୭ଟା ୪୦ରେ ଥିବାରୁ ଏହାର ୨ ଘଣ୍ଟା ପୂର୍ବରୁ ସାଧାରଣ ଦର୍ଶନ ବନ୍ଦ ରହିବ। ସୁରକ୍ଷା ପାଇଁ ପୁରୀ ସହରର ୧୦ କି.ମି. ପରିସୀମା ଅଞ୍ଚଳକୁ ନୋ-ଫ୍ଲାଇଙ୍ଗ୍ ଜୋନ୍ ଘୋଷଣା କରାଯାଇଛି।

ରାଷ୍ଟ୍ରପତି ସକାଳ ୬ଟା ୫୦ରେ ଲୋକଭବନରୁ ଶ୍ୱେତଗଙ୍ଗା ପୁଷ୍କରିଣୀ ଅଭିମୁଖେ ବାହାରି ସକାଳ ୭ଟା ୦୫ରେ ପହଞ୍ଚିବେ। ସେଠାରେ ପିଣ୍ଡଦାନ କାର୍ଯ୍ୟକ୍ରମ ସରିବା ପରେ ୭ଟା ୪୦ରେ ଶ୍ରୀମନ୍ଦିର ନିକଟରେ ପହଞ୍ଚିବେ। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ରାଷ୍ଟ୍ରପତିଙ୍କ କୌଳିକ ପଣ୍ଡା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ ଏବଂ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ରାଷ୍ଟ୍ରପତିଙ୍କୁ ସ୍ୱାଗତକରି ଶ୍ରୀମନ୍ଦିରକୁ ପାଛୋଟି ନେବେ। ଗର୍ଭଗୃହରେ ରାଷ୍ଟ୍ରପତି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିବେ। ପ୍ରୋଟୋକଲ ଅନୁଯାୟୀ ରାଷ୍ଟ୍ରପତିଙ୍କ ସହିତ କେବଳ ପାସ୍‌ଧାରୀ, ସରକାରୀ ଅଧିକାରୀ ଏବଂ ସେବାୟତ ଉପସ୍ଥିତ ରହିବେ। ଦର୍ଶନ ସାରି ସକାଳ ୮ଟା ୧୦ରେ ରାଷ୍ଟ୍ରପତି ଶ୍ରୀମନ୍ଦିରରୁ ଲୋକଭବନ ଅଭିମୁଖେ ବାହାରିବେ। ପରେ ସକାଳ ୯ଟା ୧୫ରେ ତାଳବଣିଆ ହେଲିପ୍ୟାଡ୍ ଅଭିମୁଖେ ବାହାରି ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟରରେ ପ୍ରତ୍ୟାବର୍ତ୍ତନ କରିବା କାର୍ଯ୍ୟକ୍ରମ ରହିଛି।



ତାଳବଣିଆ ହେଲିପ୍ୟାଡ୍‌ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ବିଧାୟକ ସୁନୀଲ ମହାନ୍ତି, ଓମ୍‌ପ୍ରକାଶ ମିଶ୍ର ଏବଂ ଉପାସନା ମହାପାତ୍ର।

# ଛାତ୍ରୀଛାତ୍ରଙ୍କୁ ଉଚିତ ଦିଗ୍‌ଦର୍ଶନ ଦେବା ଶିକ୍ଷକଙ୍କ କର୍ତ୍ତବ୍ୟ

## ପିଜିଟି ଶିକ୍ଷକଙ୍କ ଦିଗ୍‌ଦର୍ଶନ କର୍ମଶାଳା ଉଦ୍‌ଘାଟିତ

ଭୁବନେଶ୍ୱର,୩।୨ (ସୁଚିସ୍ମିତା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷୟିତ୍ରୀଶିକ୍ଷକଙ୍କ ନିମନ୍ତେ ପ୍ରଥମ ପର୍ଯ୍ୟାୟ ଦିଗ୍‌ଦର୍ଶନ କର୍ମଶାଳା ମଙ୍ଗଳବାର ଶିରିପୁରସ୍ଥିତ ଇମେଜରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଅଧିବେଶନରେ ବ୍ରହ୍ମପୁର ଉଚ୍ଚ ମାଧ୍ୟମିକ ଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ସେଠୀ ଯୋଗଦେଇ ପିଜିଟି ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ସମାଜ ଓ ଦେଶ ପାଇଁ ଉତ୍ତମ ନାଗରିକ ଗଠନର ଭାର ଶିକ୍ଷକଙ୍କ ଉପରେ ନ୍ୟସ୍ତ ଥାଏ। ତେଣୁ ଛାତ୍ରୀଛାତ୍ରଙ୍କୁ ଉଚିତ ଦିଗ୍‌ଦର୍ଶନ ଦେବା ଶିକ୍ଷକମାନଙ୍କ କର୍ତ୍ତବ୍ୟ ବୋଲି ସେ କହିଛନ୍ତି। ସେହିପରି ଯୁଗ୍ମ ନିର୍ଦ୍ଦେଶିକା ବିନିତା ସେନାପତି ପିଜିଟି ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସର୍ବଦା ଜ୍ଞାନ ଆହରଣ ପ୍ରକ୍ରିୟା ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି। ଶିକ୍ଷା ଦେବା ନିମନ୍ତେ ନିଜେ ଶିକ୍ଷା ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସେ ମତ ପ୍ରକାଶ କରିଛନ୍ତି।

ଏହି ଅବସରରେ ୟୁନିସେଫ୍‌ର ରାଜ୍ୟ ଶିକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ କିଶୋର ଅବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରି କହିଛନ୍ତି, କିଶୋର ଅବସ୍ଥା ହେଉଛି ଛାତ୍ରୀଛାତ୍ରଙ୍କ ଦ୍ୱିତୀୟ ପର୍ଯ୍ୟାୟ ବିକାଶ। ଏହି ସମୟରେ ସେମାନଙ୍କୁ ସଠିକ ଦିଗ୍‌ଦର୍ଶନର ଆବଶ୍ୟକତା ରହିଥାଏ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସର୍ବଦା ସକାରାତ୍ମକ ଭାବନା ସୃଷ୍ଟି କରିବା ଶିକ୍ଷକମାନଙ୍କର ମୁଖ୍ୟ ଭୂମିକା। ଯୁଗ୍ମନିର୍ଦ୍ଦେଶିକା ସସ୍ମିତା ମାଳି ସ୍ୱାଗତ ଅଭିଭାଷଣ ରଖିଥିବାବେଳେ ଉପନିର୍ଦ୍ଦେଶିକା ଜିତେନ୍ଦ୍ର କୁମାର ନାୟକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଯୁଗ୍ମନିର୍ଦ୍ଦେଶକ ସ୍ନିଗ୍ଧା ମିଶ୍ର ଏବଂ ଉପନିର୍ଦ୍ଦେଶକ ସି.ଏଚ୍. ବିଜୟଲକ୍ଷ୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ପ୍ରାଣୀ ବିଜ୍ଞାନ, ମନୋବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ଉର୍ଦ୍ଦୁ ଓ ନୃତତ୍ତ୍ୱ ବିଦ୍ୟା ବିଭାଗର ପିଜିଟି ଯୋଗଦେଇଛନ୍ତି।

# ଆଇନଜୀବୀ ସମ୍ବିତ କୁମାର ସାମଲ ୭ ବର୍ଷ ପାଇଁ ପେସାରୁ ନିବୃତ୍ତ

କଟକ, ୩।୨
(କାର୍ତ୍ତିକ ସାହୁ)

ରାଜ୍ୟ ବାର୍ କାଉନସିଲ ପକ୍ଷରୁ ଆଇନଜୀବୀ ସମ୍ବିତ କୁମାର ସାମଲଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ରାଜ୍ୟ ବାର୍ କାଉନସିଲ ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ ପ୍ରେସ୍ ସୂଚନାରେ ଦର୍ଶାଇଛନ୍ତି, ଆଇନଜୀବୀ ସମ୍ବିତଙ୍କ ବିରୋଧର ଆସିଥିବା ଅଭିଯୋଗର ଶୁଣାଣି କରି ରାଜ୍ୟ ବାର କାଉନସିଲ ଡିସିପ୍ଲିନାରି କମିଟି ୬ର ନିଷ୍ପତ୍ତିକ୍ରମେ ଆଇନଜୀବୀ ସମ୍ବିତଙ୍କୁ ୭ ବର୍ଷ ପାଇଁ ଆଇନଜୀବୀ ପେସାରୁ ନିବୃତ୍ତ କରିବା ପାଇଁ ଆଦେଶନାମା ଦେଇଛନ୍ତି। ମଙ୍ଗଳାବାଗ ଥାନା ମାମଲା (ନଂ.୨୬୮/୨୦୨୧) ଏବଂ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶମତେ ଆଇନଜୀବୀ ସମ୍ବିତ କୁମାର ସାମଲଙ୍କ ବିରୋଧରେ ଆସିଥିବା ଅଭିଯୋଗର ସମସ୍ତ ଦିଗକୁ ପୁଙ୍ଖାନୁପୁଙ୍ଖ ଭାବରେ ବିଚାର କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଡିସିପ୍ଲିନାରି କମିଟି ୬ର ସଦସ୍ୟ ଶ୍ରୀକାନ୍ତ କୁମାର ନାୟକ, ଲକ୍ଷ୍ମୀନାରାୟଣ ପଟେଇ ଓ ଧନଞ୍ଜୟ ମୁଣ୍ଡ ମାମଲାର ବିଚାର କରି ସାମଲଙ୍କୁ ୭ ବର୍ଷ ପାଇଁ ଆଇନଜୀବୀ ପେସାରୁ ନିବୃତ୍ତ ରହିବା ପାଇଁ ଦୃଷ୍ଟାନ୍ତମୂଳକ ଆଦେଶନାମା ଦେଇଛନ୍ତି।

# ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ୧୦,୧୧,୧୧୧ ଟଙ୍କା ଦେଲେ ପୂର୍ବତନ ମୁଖ୍ୟ ସଚିବଙ୍କ ପରିବାର

ପୁରୀ,୩।୨ (ଅଜିତ୍ କୁମାର ମହାନ୍ତି)

ଓଡ଼ିଶାର ପୂର୍ବତନ ମୁଖ୍ୟ ସଚିବ ଦିବଂଗତ ସୁବାସ ପାଣିଙ୍କ ପରିବାରବର୍ଗ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ୧୦,୧୧,୧୧୧ ଟଙ୍କା ଦାନ କରିଛନ୍ତି। ସୁବାସ ପାଣିଙ୍କ ପତ୍ନୀ, ତାଙ୍କ କନ୍ୟା ଓ ଅନ୍ୟ ପରିବାରବର୍ଗ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏହି ଅର୍ଥରାଶି ଶ୍ରୀମନ୍ଦିର ପ୍ରଶାସନକୁ ଦେବା ସହ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଭାରତୀୟ ପ୍ରଶାସନିକ ଅଧିକାରୀ ଭାବେ ତାଲିମ୍ ନେବା ସମୟରେ ସୁବାସ ପାଣି ପୁରୀରେ ଅବସ୍ଥାପିତ ଥିଲେ। ପରେ ସେ ୧୯୭୮ରୁ ୮୦ ମସିହା ପର୍ଯ୍ୟନ୍ତ ପୁରୀ ଜିଲା ଶିଳ୍ପକେନ୍ଦ୍ର ଦାୟିତ୍ୱ ନେଇଥିଲେ। ପୁରୀରେ ରହଣି ସମୟରେ ସେ ଶ୍ରୀଜଗନ୍ନାଥଙ୍କ ପ୍ରେମରେ ପଡ଼ି ଗବେଷଣା ଆରମ୍ଭ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ସେ ଗୀତଗୋବିନ୍ଦ ସମ୍ପର୍କରେ ଗବେଷଣା କରି ପିଏଚ୍‌ଡି ଲାଭ କରିଥିଲେ। ପୁରୀରେ ଶ୍ରୀକ୍ଷେତ୍ର ମହୋତ୍ସବ ଆରମ୍ଭ କରିବାରେ ମଧ୍ୟ ତାଙ୍କର ବଳିଷ୍ଠ ଭୂମିକା ଥିଲା। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସହ ମଧ୍ୟ ସେ ଜଡ଼ିତ ଥିଲେ। ତାଙ୍କର ଏହି ସ୍ମୃତିକୁ ଉଜ୍ଜୀବିତ ରଖିବା ତଥା ଜଗନ୍ନାଥଙ୍କ ପ୍ରତି ତାଙ୍କର ଭଲପାଇବା ଉଦ୍ଦେଶ୍ୟରେ ପରିବାର ସଦସ୍ୟ ଏହି ଅର୍ଥରାଶି ଦାନ କରିଛନ୍ତି।



ପୂର୍ବତନ ମୁଖ୍ୟ ଶାସନ ସଚିବ ଦିବଂଗତ ସୁବାସ ପାଣିଙ୍କ ପରିବାରବର୍ଗ ଶ୍ରୀମନ୍ଦିରକୁ ଅର୍ଥରାଶି ଦାନ କରୁଛନ୍ତି।

# ଇଡ଼ିରେ ହାଜର ହେଲେ ବ୍ୟବସାୟୀ ସୁନୀଲ ପାତ୍ର

## ବାଲିମାଫିଆ ଲିଙ୍କ୍

ଭୁବନେଶ୍ୱର,୩।୨
(ତ୍ରିନାଥ ମହାନ୍ତି)

ବ୍ରହ୍ମପୁର ବାଲିମାଫିଆ ଲିଙ୍କ୍‌ରେ ବ୍ୟବସାୟୀ ସୁନୀଲ ପାତ୍ର ମଙ୍ଗଳବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଫିସରେ ମଙ୍ଗଳବାର ହାଜର ହୋଇଥିଲେ। ତାଙ୍କୁ ଇଡିର ଜଣେ ଅଧିକାରୀ ମାରାଥନ୍ ଜେରା କରିଥିଲେ। ସୁନୀଲଙ୍କର ବାଲିମାଫିଆଙ୍କ ସହିତ ସମ୍ପର୍କ ରହିଛି କି ସେ ନେଇ ଇଡି ଅଧିକ ଖୋଳତାଡ଼ କରୁଛି। ପୂର୍ବରୁ କେତେଜଣ ବାଲିମାଫିଆଙ୍କ ଠିକଣାରେ ଚଢାଉ କରାଯାଇଥିଲା। ଏହାପରେ ୬ ଜଣଙ୍କୁ ଜେରା କରାଯାଇଥିବାବେଳେ ୧୮ଜଣଙ୍କୁ ଇଡି ସମନ କରିଛି । ଗତ ଶୁକ୍ରବାର କଂଗ୍ରେସ ନେତା ବିଶ୍ୱଜିତ ପାତ୍ର ଏବଂ ବିଜେଡି ନେତା ହୃଷୀକେଶ ପାଢୀଙ୍କ ପୁଅ ସଚିନ ପାଢୀଙ୍କୁ ଇଡି ଜେରା କରିଥିଲା। ଋଷିକୁଲ୍ୟା, ବାହୁଦା ଏବଂ ବଡ଼ ନଦୀରୁ ପ୍ରତିଦିନ ଟ୍ରକ ଓ ଟ୍ରାକ୍ଟର ଯୋଗେ ବାଲି ଚୋରା ଚାଲାଣ ହେଉଛି। ଏହି ବାଲିକୁ ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଆଦି ବାହାର ରାଜ୍ୟକୁ ଚାଲାଣ କରାଯାଉଛି। ନକଲି 'ୱାଇ' ଫର୍ମ ଜରିଆରେ ବର୍ଷ ବର୍ଷ ଧରି ବାଲି ଚାଲାଣ ହେଉଥିଲା। ଗଞ୍ଜାମ ଜିଲା ପ୍ରଶାସନ ଏବଂ ପୋଲିସ ସବୁ ଜାଣିଥିଲେ ମଧ୍ୟ ଚୁପ୍ ରହୁଥିଲା। ଗତ ୧୬ ତାରିଖରେ ଏକକାଳୀନ ୨୫ଟି ସ୍ଥାନରେ ଇଡିର ୧୨୫ ଜଣିଆ ଟିମ୍ ଚଢାଉ କରିଥିଲେ। ବରିଷ୍ଠ ବିଜେଡି ନେତା ହୃଷୀକେଶ ପାଢ଼ୀ, ତାଙ୍କ ପୁଅ ତଥା ଠିକାଦାର ସଚିନ ପାଢ଼ୀ, ସିଣ୍ଡିକେଟର ମୁଖ୍ୟ କୃପାସିନ୍ଧୁ ମୁଦୁଲି, ପୂର୍ବତନ ଯୁବକଂଗ୍ରେସ ନେତା ବିଶ୍ୱଜିତ ପାତ୍ର, ଶିବପ୍ରସାଦ ପାଢୀ, ସୁନିଲ ପାତ୍ର ଓ ଖାରିଆ ସରପଞ୍ଚ ଜୟନ୍ତୀ ପାତ୍ରଙ୍କ ଘରେ ଇଡି ପକ୍ଷରୁ ଚଢ଼ାଉ କରାଯାଇଥିଲା।

# ବାସୁଆଘାଇ ଏଫ୍‌ଏସ୍‌ଟିପିରେ ପ୍ରତିଷ୍ଠା ହେବ 'ପାଇରୋଲିସିସ୍ ୟୁନିଟ୍'

## ପରିମଳ ବ୍ୟବସ୍ଥା ସୁଦୃଢ଼ ପାଇଁ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୩।୨ (ବନ୍ଦନା ସେଠୀ)

ରାଜ୍ୟର ସହରାଞ୍ଚଳ ପରିମଳ ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ତ୍ରିପାକ୍ଷିକ ବୁଝାମଣା ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଅନୁଯାୟୀ ବାସୁଆଘାଇ ଫେକାଲ ସ୍ଲଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଏଫ୍‌ଏସ୍‌ଟିପି)ଠାରେ ଏକ ଅତ୍ୟାଧୁନିକ 'ପାଇରୋଲିସିସ ୟୁନିଟ' ପ୍ରତିଷ୍ଠା କରାଯିବ। ପରିମଳ କ୍ଷେତ୍ରରେ ବର୍ଜ୍ୟବସ୍ତୁରୁ ସମ୍ପଦ ସୃଷ୍ଟି ଏବଂ 'ଗତିଶୀଳ ଇକୋନୋମି'ର ପ୍ରସାର ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଇଛି। ମଙ୍ଗଳବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଓଡ଼ିଶା ଅର୍ବାନ ଏକାଡେମୀଠାରେ ଫେକାଲ ସ୍ଲଜ ଏବଂ ସେପ୍ଟେଜ ପରିଚାଳନା (ଏଫ୍‌ଏସ୍‌ଏସ୍‌ଏମ୍) ଉପରେ ଏକ ଶିକ୍ଷଣଭିତ୍ତିକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି ଅବସରରେ ବିଭାଗର ଅତିରିକ୍ତ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଉପସ୍ଥିତିରେ ୱାଟ୍‌କୋ, ଆଡ୍‌ମିନିଷ୍ଟ୍ରେଟିଭ୍ ଷ୍ଟାଫ୍ କଲେଜ ଅଫ୍ ଇଣ୍ଡିଆ (ଏଏସ୍‌ସିଆଇ) ଏବଂ ଟାଇଡ୍ ଟେକ୍ନୋକ୍ରାଟ୍ସ ଲିମିଟେଡ ମଧ୍ୟରେ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଥିଲା।

ଟିଏସ୍‌ୟୁ-ଏଫ୍‌ଏସ୍‌ଏସ୍ ଏବଂ 'ଦସ୍ରା' ସହଯୋଗରେ ଆୟୋଜିତ ଏହି କର୍ମଶାଳାରେ ବରିଷ୍ଠ ପଦାଧିକାରୀ, କ୍ଷେତ୍ର ବିଶେଷଜ୍ଞ ଏବଂ ପ୍ରମୁଖ ସହଯୋଗୀମାନେ ଯୋଗଦେଇ ଓଡ଼ିଶାର ଅଗ୍ରଣୀ ପରିମଳ ପଦକ୍ଷେପଗୁଡ଼ିକୁ ଆହୁରି ଆଗକୁ ନେବା ପାଇଁ ଆଲୋଚନା କରିଥିଲେ। କର୍ମଶାଳାରେ ଅଂଶୀଦାରମାନଙ୍କ ସହ ଏକ ବିସ୍ତୃତ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଥିଲା। କର୍ମଶାଳାରେ ପ୍ରମୁଖ ଶାସନ ସଚିବ ରାଜ୍ୟ ସରକାର ଏବଂ ସହଯୋଗୀ ସଂସ୍ଥାଗୁଡ଼ିକର ମିଳିତ ପ୍ରୟାସକୁ ପ୍ରଶଂସା କରିଥିଲେ। ଓଡ଼ିଶାର ଏଫ୍‌ଏସ୍‌ଏସ୍‌ଏମ କାର୍ଯ୍ୟକ୍ରମ ସହରୀ ବିକାଶ କ୍ଷେତ୍ରରେ ଏକ 'ଉଜ୍ଜ୍ୱଳ ତାରକା' ସଦୃଶ। ଏହା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମାନ୍ୟତା ପାଇଛି। ଏଥିସହ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଦୀର୍ଘଦିନ ଧରି ସହଯୋଗ କରି ଆସୁଥିବା ଗେଟ୍ସ ଫାଉଣ୍ଡେଶନକୁ ସେ ଧନ୍ୟବାଦ ଜଣାଇଥିଲେ। ବିଭାଗର ଅତିରିକ୍ତ ସଚିବ ତଥା ସ୍ୱଚ୍ଛ ଭାରତ ମିଶନ (ସହରାଞ୍ଚଳ)ର ମିଶନ ନିର୍ଦ୍ଦେଶକ ବିନୟ କୁମାର ଦାଶ ଏହି କର୍ମଶାଳା ଓଡ଼ିଶାର ପରିମଳ ବ୍ୟବସ୍ଥାକୁ ଭବିଷ୍ୟତ ପାଇଁ ଅଧିକ ସ୍ଥାୟୀ କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମତ ରଖିଥିଲେ।



ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ଉପସ୍ଥିତ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ସମେତ ଅନ୍ୟ ଅଧିକାରୀମାନେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଦର୍ଶ



@ ଦୁର୍ଯ୍ୟୋଧନ



@ ହିମାଂଶୁ



@ ସଙ୍କେତିକା



@ ସୁବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏସ୍‌ଆଇ ପରୀକ୍ଷା ତାରିଖ ଘୋଷଣା ହେଉନି: ମେଧାବୀଙ୍କ ଅସନ୍ତୋଷ

ଭୁବନେଶ୍ୱର,୩।୨ (ସୁଚିସ୍ମିତା ସାହୁ)

ରାଜ୍ୟରେ ଚାକିରି ବିକ୍ରି ଓ ନିଯୁକ୍ତି ପ୍ରକ୍ରିୟାରେ ବିଭିନ୍ନ ପ୍ରକାରର ଦୁର୍ନୀତି ହେଉଛି। ଓଡ଼ିଶା ପୋଲିସ ନିଯୁକ୍ତିବୋର୍ଡ ଦ୍ୱାରା ପରିଚାଳିତ ଏସ୍‌ଆଇ ପରୀକ୍ଷାରେ ବଡ଼ ଦୁର୍ନୀତି ହୋଇଥିବା ଲୋକଲୋଚନକୁ ଆସିଥିଲା। ଏହାପରେ ପୋଲିସ ପକ୍ଷରୁ ନିଯୁକ୍ତି ପରୀକ୍ଷାକୁ ବାତିଲ କରାଯାଇଥିଲା। ସିବିଆଇ ତଦନ୍ତ ଜାରି ରହିଥିଲେ ମଧ୍ୟ ଏଯାବତ ଏସ୍‌ଆଇ ପରୀକ୍ଷା ତାରିଖ ଘୋଷଣା ହେଉନାହିଁ। ଏଥିଯୋଗୁ ମେଧାବୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସରକାର ଏସ୍‌ଆଇ ପରୀକ୍ଷା କଥା ଭୁଲିଯାଇଛନ୍ତି। ଏହା ମନେପକାଇବା ପାଇଁ ଆସନ୍ତା ୫ ତାରିଖରେ ମେଧାବୀମାନେ ଲୋୟର ପିଏମ୍‌ଜିରେ ଧାରଣା ଦେବେ ବୋଲି ଷ୍ଟୁଡେଣ୍ଟ୍ସ ଏଗେନ୍‌ଷ୍ଟ କରପ୍‌ସନର ଆବାହକ ବିଭୁତି ଭୂଷଣ ମହାପାତ୍ର ମଙ୍ଗଳବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଚାକିରି ବିକ୍ରି ବନ୍ଦ କରିବାକୁ ହେଲେ ଏସ୍‌ଆଇ ପରୀକ୍ଷା ଦୁର୍ନୀତିରେ ସାମିଲ ଥିବା ସମସ୍ତ ବଡ଼ ଅଧିକାରୀଙ୍କୁ ସିବିଆଇ ତଦନ୍ତ କରି ବାନ୍ଧିବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଦୁଇଥର ପରୀକ୍ଷା ବାତିଲ ହେବା ଏବଂ ୨୦୨୪ ମସିହା ବିଜ୍ଞପ୍ତି ନେଇ ୨୦୨୬ ଯାଏ ପରୀକ୍ଷା ତାରିଖ ଘୋଷଣା ନ ହେବା ସରକାରଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ମହାପାତ୍ର କହିଛନ୍ତି। ଖବରଦାତା ସମ୍ମିଳନୀରେ ସଂଗଠନର ସଦସ୍ୟ ତଥା ପରୀକ୍ଷାର୍ଥୀ ସୌମ୍ୟ ଅନୁପ୍ରାସ, ସ୍ମୃତି ରଞ୍ଜନ ଆଚାର୍ଯ୍ୟ, ବିଘ୍ନେଶ ପଟେଲ, ସନ୍ତୋଷ ସାହୁ, ମହେଶ ବିଶ୍ୱର, ବିଷ୍ଣୁ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଷ୍ଟୁଡେଣ୍ଟ୍ସ ଏଗେନ୍‌ଷ୍ଟ କରପ୍‌ଶନ କର୍ମକର୍ତ୍ତା ସୂଚନା ଦେଉଛନ୍ତି।

# ୪ ବନ୍ଧୁକ, ୧୨୫ ଗୁଳି ଜବତ: ୨ ଗିରଫ

**ବନ ବିଭାଗର ଅପରେଶନ ଜୀବେଦୟା**

ଛେଣ୍ଡିପଦା,୩।୨(ଅଜିତ ଧଳ)

ଅପରେଶନ ଜୀବେଦୟା ମିଶନରେ ବନବିଭାଗ ଓ ପୋଲିସକୁ ସଫଳତା ମିଳିଛି। ଅନୁଗୋଳ ଜିଲ୍ଲା ଜରପଡ଼ା ଓ ଛେଣ୍ଡିପଦା ବନାଞ୍ଚଳ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଶିକାର ଉଦ୍ଦେଶ୍ୟରେ ରଖାଯାଇଥିବା ୪ ଦେଶୀ ବନ୍ଧୁକ, ୧୨୫ ଜୀବନ୍ତ ଗୁଳି, ୧୧୦ ସୀସାଗୁଳି, ବାରୁଦ, ଜିଆଇ ତାର ଫାଶ ଆଦି ଜବତ କରାଯିବା ସହ ୨ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବାଗଡିଆ ଥାନା ପାତ୍ରପଡ଼ା ତଳମଣ୍ଡଳୀ ଗାଁର ବିକାଶ କୁମାର ଦାସ ଓ ତାଙ୍କ ସମ୍ପର୍କୀୟ ଜିତୁ ରାଏ।

ସୂଚନା ଅନୁଯାୟୀ, ବିଶେଷ ସୂତ୍ରରୁ ଖବରପାଇ ଅନୁଗୋଳ ଏସିଏଫ୍ ସିଖାର୍ଥ ଜେନ, ଜରପଡ଼ା ବନାଞ୍ଚଳ ଅଧିକାରୀ ମାଧବ ଚନ୍ଦ୍ର ନାଏକ ଓ ଜରପଡ଼ା ଥାନା ଅଧିକାରୀ ମନୋଜ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଓଗୀ ଗାଁରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଶିକାରୀମାନେ ଫେରାର ହୋଇଯାଇଥିବା ବେଳେ ଓଗୀ ଗ୍ରାମର କିଶୋରୀ କୁମାର ସାହୁଙ୍କ ଘରେ ସର୍ଚ୍ଚ ୱାରେଣ୍ଟ ବଳରେ ଯାଞ୍ଚ କରାଯାଇଥିଲା। ଉକ୍ତ ଘର ଭିତରୁ ୨ଟି ବନ୍ଧୁକ, ୪ଟି ହରିଣ ଶିଙ୍ଗ, ୧୫ ଜୀବନ୍ତ ଗୁଳି, ବାରୁଦ, ଭୁଜାଲି ସହିତ ଶିକାର ପାଇଁ ବ୍ୟବହୃତ ଜିଆଇ ଫାଶ ଜବତ କରାଯାଇଥିଲା। ପୂର୍ବରୁ ମଧ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୭ଟି ହରିଣ ଶିଙ୍ଗ, ୪ଟି ବନ୍ଧୁକ, ଜୀବନ୍ତ ଗୁଳି, ବୋମା ଜବତ କରାଯାଇଥିଲା। ଏ ନେଇ ବନାଞ୍ଚଳ ପକ୍ଷରୁ ଗୋଟିଏ ମାମଲା ରୁଜୁ କରାଯାଉଥିବାବେଳେ ଜରପଡ଼ା ପୋଲିସ ଆର୍ମ ଆକ୍ଟରେ ଏକ ମାମଲା ରୁଜୁ କରି ଶିକାରୀମାନଙ୍କ ବନ୍ଧୁକ ଓ ବାରୁଦ କେଉଁଠୁ ଆଣୁଛନ୍ତି ସେ ନେଇ ତଦନ୍ତ ଜାରି ରଖିଛି। ସେହିପରି ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ଶୁଭ୍ରା ଶୁଚିସ୍ମିତା ମହାପାତ୍ର ଜନ୍ତୁ ମାଂସ ରୋଷେଇ ହେଉଥିବା ଖବରପାଇ ବାଗଡ଼ିଆ ଥାନା ପାତ୍ରପଡ଼ା ତଳମଣ୍ଡଳୀ ଗାଁର ଚିତ୍ତରଞ୍ଜନ ଦାସଙ୍କ ଘରେ ଚଢ଼ାଉ କରିଥିଲେ। ଉକ୍ତ ଘର ଭିତରେ ରୋଷେଇ ଚାଲିଥିବା ୪ କିଲୋ ରନ୍ଧା ମାଂସ ସହ ଘରେ ଥିବା ୭ କିଲୋ କଞ୍ଚା ମାଂସ, ୨ଟି ଦେଶୀ ବନ୍ଧୁକ, ବନ୍ଧୁକ ପାଉଡ଼ର, ୧୧୦ ସୀସା ଗୁଳି, ଏକ ହାତ ତିଆରି ବୋମା ଓ ୧୮ ବଣ୍ଡଲ କେନ୍ଦୁପତ୍ର ଜବତ କରାଯାଇଥିଲା। ଚିତ୍ତରଞ୍ଜନଙ୍କ ପୁଅ ବିକାଶ ଓ ସମ୍ପର୍କୀୟ ଜିତୁଙ୍କୁ ଗିରଫ କରାଯାଇଥିଲା। ଏ ନେଇ ଛେଣ୍ଡିପଦା ବନାଞ୍ଚଳରେ ୨୧ ସିଏଚରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି।


ଜବତ ବନ୍ଧୁକ, ଗୁଳି ଆଦି ଶିକାର ସାମଗ୍ରୀ ସହ ଚଢ଼ାଉ କରିଥିବା ଟିମ୍।

# ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା

ଅଯଦଳା, ୩।୨ (ରବୀନ୍ଦ୍ର ପଣ୍ଡା)

**ଗିରଫ ଭୟରେ ଗ୍ରାମ ପୁରୁଷଶୂନ୍ୟ**

ଗୁଣି ସନ୍ଦେହରେ ଜଣେ ବୃଦ୍ଧଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ଦୁର୍ବୃତ୍ତ ବୃଦ୍ଧଙ୍କ ମୁଣ୍ଡକୁ କାତି ସାହାଯ୍ୟରେ ହାଣିବା ପରେ ପଥରରେ ଛେଚିହତ୍ୟା କରିଛନ୍ତି। ରାଯଗଡ଼ା ଜିଲ୍ଲା ଅଯଦଳା ଥାନା ସରଧାପୁର ପଞ୍ଚାୟତ ଶୁଣ୍ଡିପଦର ଗ୍ରାମରେ ମଙ୍ଗଳବାର ଏଭଳି ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ଚିରିମା ବାଗ (୮୧)। ମୃତକଙ୍କ ପରିବାର ଲୋକେ ଏ ନେଇ ଅଯଦଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ପୋଲିସ ତଦନ୍ତବେଳେ ଗିରଫ ଭୟରେ ଗାଁ ପୁରୁଷ ଶୂନ୍ୟ ହୋଇଯାଇଥିବା ବେଳେ ମହିଳା ମୁହଁ ଖୋଲୁ ନ ଥିବା ଦେଖିବାକୁ ମିଳିଛି। ପୂର୍ବରୁ ଗୁଣିଗାରେଡ଼ି ପାଇଁ ଗ୍ରାମରେ ବିବାଦ ହୋଇଥିବାରୁ ଗୁଣିକୁ ନେଇ ହତ୍ୟାକାଣ୍ଡ ହୋଇଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ ସହାୟତା କୁକୁର ସହ ପହଞ୍ଚି ତଦନ୍ତ କରୁଛି। ମୃତଦେହ ନିକଟରୁ ପୋଲିସ ଏକ ଟର୍ଚ୍ଚଲାଇଟ, ଏକ କାତି ଜବତ କରିଛି।

ମୃତ ପରିବାର ଲୋକଙ୍କ କହିବା ଅନୁଯାୟୀ, ଚିରିମା ରବିବାର ସନ୍ଧ୍ୟାରୁ ଗୁପାପଦର ଗ୍ରାମକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କ ପତ୍ତା ମିଳି ନ ଥିଲା। ମଙ୍ଗଳବାର ସକାଳୁ ଧାନ ବିଲ ନିକଟ ଏକ ନାଳରେ ତାଙ୍କ ମୃତଦେହ ପଡ଼ିଥିବା ଦେଖି ଅଯଦଳା ପୋଲିସକୁ ଖବର ଦିଆଯାଇଥିଲା। ଅପରପକ୍ଷେ ଗତ ୬ ମାସ ପୂର୍ବରୁ ଗୁଣି ଗାରେଡ଼ି ସନ୍ଦେହ କରି ଚିରିମାଙ୍କ ସହ କେତେଜଣ ଲୋକଙ୍କ ପାଟିତୁଣ୍ଡ ହୋଇଥିଲା। ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଥିବା ବେଳେ ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଅଯଦଳା ଆଇଆଇସି କଳ୍ପନା ବେହେରା କହିଛନ୍ତି। ଘଟଣାସ୍ଥଳରେ ମୁନିଗୁଡ଼ା ଆଇଆଇସି କେଶବ ଷଡ଼ଙ୍ଗୀ ମଧ୍ୟ ଯାଇ ତଦନ୍ତ କରିଛନ୍ତି।

# ବାଂଲାଦେଶୀ ସନ୍ଦେହରେ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ମାଡ଼

ଚାନ୍ଦବାଲି,୩।୨(କିଷାନ ପାତ୍ର)

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ବାଂଶଡ଼ା ଥାନା ଅଧୀନ ହରିପୁର ଗ୍ରାମରେ ରବିବାର ରାତିରେ ବାଂଲାଦେଶୀ କିମ୍ବା ଚୋର ସନ୍ଦେହରେ ଜଣେ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼ ମରାଯାଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ହେଲେ ଚାନ୍ଦବାଲି ଥାନା ଅଧୀନ ଭୂଇଁବୃତ୍ତି ଅଞ୍ଚଳର ମାନସିକ ବିକାରଗ୍ରସ୍ତ ଭଗବାନ ସେଠୀ(୨୦)। ଏନେଇ ତାଙ୍କ ବାପା ଅମୂଲ୍ୟ ସେଠୀ ମଙ୍ଗଳବାର ବାଂଶଡ଼ା ଥାନାରେ ଅଭିଯୋଗ କରିଛନ୍ତି।

ଅମୂଲ୍ୟ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ହରିପୁର ଗ୍ରାମର କେତେଜଣ ଲୋକ ବାଂଲାଦେଶୀ ସନ୍ଦେହ କରି ଭଗବାନଙ୍କ ହାତଗୋଡ଼ ବାନ୍ଧି ଏକ ଖୁଣ୍ଟରେ ବାନ୍ଧି ପିଟିଥିଲେ। ଖବରପାଇ ବାଂଶଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ତେବେ ଗୁରୁତର ଥିବା ଯୁବକଙ୍କୁ ପୋଲିସ ତୁରନ୍ତ ଚିକିତ୍ସା ବ୍ୟବସ୍ଥା ନ କରି କିମ୍ବା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନ ନେଇ ଅଧାବାଟରେ ଛାଡ଼ି ଦେଇଥିଲା। ପରଦିନ ଚାପ ପଡ଼ିବା ପରେ ପୋଲିସ ପୁଣିଥରେ ତିହିଡ଼ି ଅଞ୍ଚଳର ପୀରହାଟ ନିକଟରୁ ଭଗବାନଙ୍କୁ ଉଦ୍ଧାର କରି ପ୍ରଥମେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ପରେ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଚାନ୍ଦବାଲି ଏସ୍‌ଡିପିଓ ପ୍ରଭାସ ସାହୁଙ୍କ ହସ୍ତକ୍ଷେପ ପରେ ଏକ ମାମଲା ରୁଜୁ କରାଯାଇଛି। ତେବେ ଘଟଣାକୁ ଦୁଇଦିନ ବିତିଯାଇଥିଲେ ମଧ୍ୟ ଆକ୍ରମଣକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଯୁବକ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାବେଳେ ଘଟଣାର ତଦନ୍ତ ଚାଲିଛି ବୋଲି ଏସ୍‌ଡିପିଓ ସାହୁ କହିଛନ୍ତି।

# ୧୦ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ୨ ବର୍ଷ ଲେଖାଏ ଜେଲ

ଭୁବନେଶ୍ୱର,୩।୨(ତ୍ରିନାଥ ମହାନ୍ତି)

- ପ୍ରଥମ ଥର ଓଡ଼ିଶାରେ ବାଂଲା ଅନୁପ୍ରବେଶକାରୀଙ୍କ ବିରୋଧରେ ଦଣ୍ଡାଦେଶ
- ସ୍ୱଦେଶ ନ ଛାଡ଼ିବା ପାଇଁ ଅନୁରୋଧ କରିଥିଲେ ବାଂଲାଦେଶ ହାଇକମିଶନର

ପ୍ରଥମ ଥର ପାଇଁ ଓଡ଼ିଶାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ବିରୋଧରେ ଦଣ୍ଡ ଶୁଣାଇଛନ୍ତି କୋର୍ଟ। ମଙ୍ଗଳବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ୧୦ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ୨ବର୍ଷ ଲେଖାଏ ଜେଲ ଓ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଜରିମାନା ଅନାଦାୟ ଅଧିକ ୩ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତମାନେ ହେଲେ ଏମ୍‌ଡି ହାସିମ୍, ସଞ୍ଜୀବ ଖାନ, ଆଲ୍ଲାମ ସକିଲ, ଏମ୍‌ଡି ଆଜମ, ଅଲତାଫ, ସୋଆ ତାଲୁଫଦାର, କରିମ ବେଗମ, ମୋନିରା ବେଗମ, ସାହାନା ବେଗମ ଏବଂ ଜଣେ ନାବାଳକ। ୨୦୨୫ ମାର୍ଚ୍ଚ ୮ରେ ଭୁବନେଶ୍ୱର ରେଳଷ୍ଟେଶନରୁ ଏହି ୧୦ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଗିରଫ କରିଥିଲା। ଗିରଫ ବ୍ୟକ୍ତିମାନଙ୍କୁ ସ୍ୱଦେଶ ନ ଛାଡ଼ିବା ପାଇଁ ବାଂଲାଦେଶ ହାଇକମିଶନର ଭୁବନେଶ୍ୱର କୋର୍ଟ ଏବଂ କ୍ରାଇମବ୍ରାଞ୍ଚକୁ ଲିଖିତ ଭାବେ ଅନୁରୋଧ ଜଣାଇଥିଲେ।

ସୂଚନା ଅନୁଯାୟୀ, ସମ୍ପୃକ୍ତ ବାଂଲାଦେଶୀମାନେ ବେଆଇନ ଭାବେ ଭାରତକୁ ଆସି ଭୁବନେଶ୍ୱରରେ ରହୁଥିଲେ। ସେମାନେ ଏଠାରେ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିଲେ। ଏଠାରୁ ଲୁଟ୍‌ପାଟ, ଚୋରି, ହତ୍ୟା ଭଳି ଅପରାଧ ଘଟାଇ ବାଂଲାଦେଶକୁ ଫେରାର ହୋଇଯାଉଥିଲେ। କିଛିଦିନ ସେଠାରେ ରହିବା ପରେ ପୁଣି ଓଡ଼ିଶାକୁ ଫେରି ବିଭିନ୍ନ ଆପରାଧିକ କାର୍ଯ୍ୟରେ ସାମିଲ ହେଉଥିଲେ। ଭୁବନେଶ୍ୱର ରେଳଷ୍ଟେଶନରେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବାବେଳେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ସେମାନଙ୍କୁ ଧରିଥିଲା। ଯାଞ୍ଚ କରାଯିବା ପରେ ସେମାନେ ନକଲି ଆଧାରକାର୍ଡ ମାଧ୍ୟମରେ ଓଡ଼ିଶା ଆସିଥିବା ସ୍ପଷ୍ଟ ହୋଇଥିଲା। ସେମାନଙ୍କ ନିକଟରୁ ବାଂଲାଦେଶୀ ଟଙ୍କା, ଭାରତୀୟ ଟଙ୍କା ଏବଂ ମୋବାଇଲ ଫୋନ୍ ଜବତ କରାଯାଇଥିଲା। ଫଳରେ ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଭୁବନେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଏହାର ଶୁଣାଣି ଜାରି ରହିଥିଲା। ୬ଜଣ ସାକ୍ଷୀ ଓ ବିଭିନ୍ନ ଦସ୍ତାବିଜ ଆଧାରରେ କୋର୍ଟ ମଙ୍ଗଳବାର ରାୟ ଶୁଣାଇଛନ୍ତି।

# ଭାଜପା ନେତା ଶିବରାମଙ୍କ ଘର ଉପରେ ଆକ୍ରମଣ, ୮ ଗିରଫ

ମୋହନା,୩।୨(ମନ୍ମଥ ମିଶ୍ର

**ଗାଁ ପରିଦର୍ଶନ କରି ଶାନ୍ତି ପ୍ରତିଷ୍ଠା ପାଇଁ ଏସ୍‌ପିଙ୍କ ନିବେଦନ**

ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ଚାନ୍ଦିପୁଟ ଗ୍ରାମର ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବରାମ ସୁଆରଙ୍କ ଘର ଉପରେ ସୋମବାର ସନ୍ଧ୍ୟାରେ ଆକ୍ରମଣ ହୋଇଛି। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏପରି ସଂଘବଦ୍ଧ ଆକ୍ରମଣ କରିଛନ୍ତି। ଆକ୍ରମଣର ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଛି। ଏହି ଘଟଣାରେ ପୋଲିସ ୮ଜଣଙ୍କୁ ଗିରଫ କରି ମଙ୍ଗଳବାର ଅପରାହ୍ନରେ କୋର୍ଟଚାଲାଣ କରିଛି। ସେମାନେ ହେଲେ ଚାନ୍ଦିପୁଟ ଗାଁ ଖ୍ରୀଷ୍ଟିଆନ ସାହିର ପ୍ରମୋଦ ପରିଚ୍ଛା, ସୁଜନ ମାଳି, ତପନ ମାଳି, ଅଭନ ପାଇକ, ଜୁଏଲ ଲିମା, ରାଜନ ପାଇକ, ଇସ୍ରାଏଲ ନାୟକ ଓ ନୀଳମାଧବ ନାୟକ। ଏ ନେଇ ପୋଲିସ ଏକ ମାମଲା (ନଂ ୧୯/୨୬) ରୁଜୁ କରିଛି। ଏସ୍‌ଆଇ ବି.ନୀଳମାଧବ ରେଡ୍ଡୀ ଏହାର ତଦନ୍ତ କରୁଛନ୍ତି। ତେବେ କେଉଁ କାରଣରୁ ଏପରି ଘଟିଛି ତାହା ସ୍ପଷ୍ଟ ହୋଇନାହିଁ। ରାଜନୈତିକ ଶତ୍ରୁତା ନା ଆଉ କିଛି କାରଣ ରହିଛି ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ମୋହନା ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ପରେ ମଙ୍ଗଳବାର ଗଜପତି ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା ଗାଁରେ ପହଞ୍ଚି ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଗ୍ରାମବାସୀଙ୍କୁ ଅନୁରୋଧ କରିଛନ୍ତି। ଗାଁରେ ଶାନ୍ତି ଫେରିବ ଓ ଦୋଷୀ ନିଶ୍ଚିତ ଦଣ୍ଡ ପାଇବେ ବୋଲି ଏସ୍‌ପି କହିଛନ୍ତି।

## Business

# ଇଲେକ୍ଟ୍ରୋନିକ୍ସ ସେକ୍ଟର ପାଇଁ ଗେମ୍‌ଚେଞ୍ଜର

**ଭାରତ-ଆମେରିକା ବାଣିଜ୍ୟିକ ଚୁକ୍ତି**

ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)



ଭାରତ ଓ ଆମେରିକା ମଧ୍ୟରେ ଦୀର୍ଘଦିନ ଧରି ଅଟକି ରହିଥିବା ବ୍ୟବସାୟ ଚୁକ୍ତି ଉପରେ ମୋହର ଲାଗିଛି। ଏହି ଚୁକ୍ତିକୁ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନକାରୀ ବା ଗେମଚେଞ୍ଜର ଭାବେ ବିଶେଷଜ୍ଞମାନେ ବର୍ଣ୍ଣନା କରୁଛନ୍ତି। ଉଭୟ ଦେଶ ମଧ୍ୟରେ ପ୍ରସ୍ତାବିତ ୫୦୦ ବିଲିୟନ ଡଲାରର ଦ୍ୱିପାକ୍ଷିକ ବାଣିଜ୍ୟରେ ଇଲେକ୍ଟ୍ରୋନିକ୍ସ ସେକ୍ଟରର ଅଂଶ ଆଗାମୀ ବର୍ଷଗୁଡ଼ିକରେ ୧୦୦ ବିଲିୟନ ଡଲାର ପର୍ଯ୍ୟନ୍ତ ପହଞ୍ଚିବା ସମ୍ଭାବନା ରହିଛି। ଅନେକ ମାସ ଧରି ଚାଲିଥିବା ଆଲୋଚନା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ବ୍ୟବସାୟ ଚୁକ୍ତିର ଔପଚାରିକ ଘୋଷଣା କରିଛନ୍ତି। ସେ କହିଛନ୍ତି, ଏହି ଚୁକ୍ତି ତୁରନ୍ତ ପ୍ରଭାବରେ ଲାଗୁହେବ ଏବଂ ଭାରତ ଉପରେ ଲଗାଯାଇଥିବା ମୋଟ ୫୦% ଟାରିଫ୍‌କୁ ୧୮%କୁ ହ୍ରାସ କରାଯାଇଛି। ଏହି ନିଷ୍ପତ୍ତିରେ ଭାରତୀୟ ରପ୍ତାନିକାରୀମାନଙ୍କୁ ଆଶ୍ୱସ୍ତି ମିଳିଛି। ବିଶେଷକରି ଗତ ୨ ବର୍ଷ ଧରି ବର୍ଦ୍ଧିତ ଶୁଳ୍କ ଯୋଗୁ ପ୍ରତିଯୋଗିତାରେ ପଛରେ ରହିଯାଇଥିବା ସେକ୍ଟରଗୁଡ଼ିକ ଉପକୃତ ହେବେ ବୋଲି ଆଶା କରାଯାଉଛି। ଶୁଳ୍କ ବୃଦ୍ଧି ଯୋଗୁ ଆମେରିକୀୟ ବଜାରରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦ ଭଳି ବିଭିନ୍ନ ଭାରତୀୟ ଉତ୍ପାଦର ସ୍ଥିତି ଦୁର୍ବଳ ହୋଇଯାଇଥିଲା। ସୂଚନା ଥାଉକି, ଗତ କିଛି ବର୍ଷରେ ଭାରତର ଇଲେକ୍ଟ୍ରୋନିକ୍ସ ଉଦ୍ୟୋଗ କ୍ଷେତ୍ରରେ ଅଭିବୃଦ୍ଧି ହେବା ସହ ଏହା ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ଓ 'ପିଏଲ୍‌ଆଇ ସ୍କିମ୍'ର ଏକ ମୁଖ୍ୟ ସ୍ତମ୍ଭ ହୋଇପଡ଼ିଛି। ସ୍ମାର୍ଟଫୋନ, କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର ଆସେମ୍ବଲି ଓ କମ୍ପୋନେଣ୍ଟ ଉତ୍ପାଦନରେ ଭାରତର ଉପସ୍ଥିତି ନିରନ୍ତର ବୃଦ୍ଧି ପାଉଛି। ଆର୍ଥିକ ବର୍ଷ ୨୦୨୪-୨୫ରେ ଭାରତ ପ୍ରାୟ ୩.୨୭ ଲକ୍ଷ କୋଟି ଟଙ୍କା (ଆନୁମାନିକ ୩୮ ବିଲିୟନ ଡଲାର)ର ଇଲେକ୍ଟ୍ରୋନିକ୍ସ ରପ୍ତାନି କରିଛି। ଏଥିରେ ଆମେରିକା ଭାରତୀୟ ରପ୍ତାନିକାରୀଙ୍କ ପାଇଁ ସବୁଠାରୁ ବଡ଼ ବଜାର ରହିଛି। ଟାରିଫ ହ୍ରାସ ପରେ ଭାରତୀୟ କମ୍ପାନୀଗୁଡ଼ିକ ପାଇଁ ଆମେରିକାରେ ନିଜର ଅଂଶ ବଢ଼ାଇବା ଓ ସେଠାକାର ସପ୍ଲାଇ ଚେନ୍ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବା ବହୁ ସହଜ ହୋଇପଡ଼ିବ ବୋଲି ଆଶା କରାଯାଉଛି। ଅନ୍ୟପଟେ କେନ୍ଦ୍ର ବଜେଟ ୨୦୨୬-୨୭ରେ ଘରୋଇ ଉତ୍ପାଦନ ଓ ନିବେଶକୁ ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦିଆଯାଇଛି। ଭାରତ ଯୁକ୍ତରାଜ୍ୟ, ୟୁରୋପୀୟ ସଂଘ ଓ ଅନ୍ୟାନ୍ୟ ଦେଶ ସହ ମଧ୍ୟ ମୁକ୍ତ ବାଣିଜ୍ୟ ଚୁକ୍ତିକୁ ଆଗକୁ ବଢ଼ାଉଛି। ଆମେରିକା ସହ ଏହି ଚୁକ୍ତି ଭାରତକୁ ବିଶ୍ୱବ୍ୟାପୀ ମୂଲ୍ୟ ଚେନ୍‌ରେ ଆହୁରି ଗଭୀର ଭାବେ ଯୋଡ଼ିବାରେ ସହାୟକ ହେବ। ବିଶେଷକରି ଇଲେକ୍ଟ୍ରୋନିକ୍ସ, ଟେକ୍ନୋଲୋଜି ଓ ସପ୍ଲାଇ ଚେନ୍ ରେଜିଲିଏନ୍ସ ଭଳି ରଣନୈତିକ କ୍ଷେତ୍ରରେ ଏହା ଉପଯୋଗୀ ହେବ।

# ବଢ଼ିଲା ସୁନା ଦର

ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)

ଗତ କିଛି ଦିନ ଧରି ସୁନା ଓ ରୁପା ମୂଲ୍ୟ ହ୍ରାସ ପାଉଥିବାବେଳେ ମଙ୍ଗଳବାର ଏହି ଧାରାରେ ବଦଳିଛି। ଭୁବନେଶ୍ୱର ବଜାରରେ



୨୪ କ୍ୟାରେଟ ସୁନାଦର ସୋମବାର ୧,୫୩,୧୭୦ଟଙ୍କା ଥିବାବେଳେ ଏଥିରେ ୭୬୦ ଟଙ୍କା ବୃଦ୍ଧି ହୋଇ ମଙ୍ଗଳବାର ଏହା ୧,୫୩,୯୩୦ ଟଙ୍କା ହୋଇଛି। ୨୨ କ୍ୟାରେଟ୍ ସୁନାଦର ସୋମବାର ୧,୪୦,୪୦୦ ଟଙ୍କା ଥିବାବେଳେ ଏଥିରେ ୭୦୦ଟଙ୍କା ବୃଦ୍ଧି ହୋଇ ମଙ୍ଗଳବାର ୧,୪୧,୧୦୦ଟଙ୍କାରେ ପହଞ୍ଚିଛି। ୧୪ କ୍ୟାରେଟ ସୁନାଦର ସୋମବାର ୧,୧୪,୮୮୦ ଟଙ୍କା ଥିବାବେଳେ ମଙ୍ଗଳବାର ଏଥିରେ ୫୭୦ ଟଙ୍କା ବୃଦ୍ଧି ହୋଇ ଏହି ଦର ୧,୧୫,୪୫୦ ଟଙ୍କା ହୋଇଛି। ଅନ୍ୟପଟେ ରୁପା କିଲୋଗ୍ରାମ ପ୍ରତି ଦର ୩ ଲକ୍ଷ ଟଙ୍କା ରହିଛି।

# ରେଙ୍ଗାଲିରେ ଓଏଚ୍‌ପିସି ଇଣ୍ଟର ୟୁନିଟ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ



ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)

ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ ଲିମିଟେଡ୍ (ଓଏଚ୍‌ପିସି) ପକ୍ଷରୁ ନିକଟରେ ରେଙ୍ଗାଲି ଡ୍ୟାମ୍ ସାଇଟ, ରେଙ୍ଗାଲି ଜଳବିଦ୍ୟୁତ୍ ପ୍ରକଳ୍ପ (ଆର୍‌ଏଚ୍‌ଇପି)ଠାରେ ଇଣ୍ଟର ୟୁନିଟ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍‌ଯାପନୀ ସମାରୋହରେ ବିଧାୟକ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବରେ ଓଏଚ୍‌ପିସିର ନିର୍ଦ୍ଦେଶକ(ମାନବ ସମ୍ବଳ) ସନ୍ଦୀପ ପଟ୍ଟନାୟକ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ପାଲଲହଡ଼ା ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ ଏବଂ କଣିହାଁ ତହସିଲଦାର ଚିନ୍ମୟ ଦାସ ଯୋଗଦେଇଥିଲେ। ସ୍ୱାଗତ ଭାଷଣ ଦେଇ ଆର୍‌ଏଚ୍‌ଇପିର ବରିଷ୍ଠ ମହାପ୍ରବନ୍ଧକ (ବିଦ୍ୟୁତ୍) ଏବଂ ୟୁନିଟ୍ ମୁଖ୍ୟ ସରୋଜ କୁମାର ବୋହିଦାର ଦଳଗତ କାର୍ଯ୍ୟ, ସୁସ୍ଥତା ଏବଂ ସାଂଗଠନିକ ବନ୍ଧନକୁ ପ୍ରୋତ୍ସାହିତ କରିବାରେ କ୍ରୀଡ଼ାର ଗୁରୁତ୍ୱ ଉପରେ କହିଥିଲେ। ପୁରୁଷ ଡବଲ୍ସ ସୀମାଞ୍ଚଳ ସୁବୁଦ୍ଧି ଏବ ତାପସ କୁମାର ପଲ ବିଜେତା ହୋଇଥିବାବେଳେ ଯଶୋବନ୍ତ ନାଏକ ଏବଂ ଜ୍ୟୋତିରଞ୍ଜନ ବେହେରା ଉପବିଜେତା ହୋଇଥିଲେ। ମହିଳା ଡବଲ୍ସରେ ନିର୍ମଳା ସମାଦ ଏବଂ ସୁଶ୍ରୀ ସୁନୀତା ମୁଣ୍ଡା ବିଜେତା ହୋଇଥିବାବେଳେ ଜ୍ୟୋତି ଟୋପ୍ପୋ ଏବଂ ମୋନାଲିସା ଜାତ ଉପବିଜେତା ହୋଇଛନ୍ତି। ଆର୍‌ଏଚ୍‌ଇପିର ମହାପ୍ରବନ୍ଧକ (ବିଦ୍ୟୁତ) ଏବଂ ବୈଷୟିକ ୱିଙ୍ଗ୍ ମୁଖ୍ୟ ସୁବ୍ରତ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

# ଭୁବନେଶ୍ୱରରେ 'ଷ୍ଟଲ୍‌ୱାର୍ଟ ଜିମ୍'ର ୨ୟ ଶାଖା



ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)

ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟରରେ ଅବସ୍ଥିତ ଷ୍ଟଲ୍‌ୱାର୍ଟ ଜିମ୍‌ର ଦ୍ୱିତୀୟ ଶାଖା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମୁଖ୍ୟ ଅତିଥି ଭାବେ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, ବାଙ୍କୀର ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ଅଭିନେତ୍ରୀ ଭୂମିକା ଦାସ, ସୁରଭି ପ୍ରିୟଦର୍ଶିନୀ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ପ୍ରାୟ ୧୦,୦୦୦ ବର୍ଗଫୁଟ ପରିମିତ ଏହି ଅଞ୍ଚଳରେ ଜିମ୍‌ଟି ଇଟାଲୀ, ଯୁକ୍ତରାଷ୍ଟ୍ର, ଜର୍ମାନୀ ଓ ଦକ୍ଷିଣ କୋରିଆର ପ୍ରସିଦ୍ଧ ବ୍ରାଣ୍ଡ ପାନାଟ୍ଟା, ହୋଇଷ୍ଟ, ସ୍ପୋର୍ଟସ ଆର୍ଟ, ଥୋର୍, ଶୁଆ, ଅକ୍ଟେନ ଓ ଆକ୍ୟୁନିକ ଦ୍ୱାରା ନିର୍ମିତ ଅଲିମ୍ପିକ ଖେଳାଳିମାନଙ୍କ ବିଶ୍ୱସ୍ତରୀୟ ମନ ପସନ୍ଦର ଉପକରଣ ଉପଲବ୍ଧ ହେଉଛି। ଏଠାରେ ନିୟମିତ କାର୍ଡିଓ, ଷ୍ଟ୍ରେନ୍ଥ ଟ୍ରେନିଂ ଓ କ୍ରସ୍‌ଫିଟ ସହିତ ଫୁଲ୍‌ବଡି କମ୍ପୋଜିସନ ଆନାଲିସିସ୍, ଯୋଗ, ଜୁମ୍ବା ଓ ପିଲାଟିସ ଭଳି ବିଭିନ୍ନ ସୁବିଧା ଅଛି। ସ୍ୱୀକୃତିପ୍ରାପ୍ତ ପ୍ରଶିକ୍ଷକଙ୍କ ଦ୍ୱାରା ପରିଚାଳିତ ଏହି କେନ୍ଦ୍ରକୁ ପୋଷଣ ବିଶେଷଜ୍ଞ, ଫିଜିଓଥେରାପିଷ୍ଟ ଓ ଇଞ୍ଜୁରି ମ୍ୟାନେଜମେଣ୍ଟ ଏକ୍ସପର୍ଟମାନେ ସହଯୋଗ କରୁଛନ୍ତି। ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଜିମ୍‌ରେ ଆଇସ୍ ବାଥ୍, ଷ୍ଟିମ୍ ବାଥ୍ ଓ ଫୁଲ୍‌ବଡି ମସାଜ ସୁବିଧା ମଧ୍ୟ ରହିଥିବା ମୁଖ୍ୟ ପୃଷ୍ଠପୋଷକ ପ୍ରୀତମ ଚୌଧୁରୀ, ପ୍ରକାଶ ସିଂ ଓ ଶିଶିର ସିଂ ପ୍ରମୁଖ କହିଛନ୍ତି।

# ଓଡ଼ିଶା ପାଇଁ ୩.୧୫ ଲକ୍ଷ କୋଟିର ଅଗ୍ରାଧିକାର କ୍ଷେତ୍ର ଋଣ ସମ୍ଭାବନା

ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)




ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ (ନାବାର୍ଡ) ପକ୍ଷରୁ ମଙ୍ଗଳବାର ରାଜ୍ୟ କ୍ରେଡିଟ ସେମିନାର ୨୦୨୬-୨୭ ଅନୁଷ୍ଠିତ ହୋଇଯାଇଛି। ୨୦୨୬-୨୭ ଆର୍ଥିକ ବର୍ଷରେ ଓଡ଼ିଶା ପାଇଁ ୩.୧୫ ଲକ୍ଷ କୋଟି ଟଙ୍କାର ଅଗ୍ରାଧିକାର କ୍ଷେତ୍ର ଋଣ ସମ୍ଭାବନା ରହିଛି ବୋଲି ଆକଳନ କରାଯାଇଛି। ସେଥିମଧ୍ୟରୁ ଏମ୍‌ଏସ୍‌ଏମ୍‌ଇର ସର୍ବାଧିକ ଅଂଶ ୧.୫୨ ଲକ୍ଷ କୋଟି ଟଙ୍କା ଓ କୃଷି କ୍ଷେତ୍ରରେ ୧.୧୪ ଲକ୍ଷ କୋଟି ଟଙ୍କା ରହିଛି। ଅବଶିଷ୍ଟ ଅଂଶ ଗୃହ, ଶିକ୍ଷା, ଅକ୍ଷୟ ଶକ୍ତି, ସାମାଜିକ ଭିତ୍ତିଭୂମି, ରପ୍ତାନି ଋଣ ଆଦି କ୍ଷେତ୍ରରେ ରହିଛି। ସେମିନାରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅଧ୍ୟକ୍ଷତା କରିଥିବାବେଳେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ଉପସ୍ଥିତ ଥିଲେ। ଅନୁ ଗର୍ଗ କହିଥିଲେ, ୨୦୩୬ ସୁଦ୍ଧା ଏକ ବିକଶିତ ରାଜ୍ୟ ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ ପାଇଁ ସମସ୍ତ ହିତାଧିକାରୀଙ୍କ ସମର୍ଥନ ଲୋଡ଼ା। ଓଡ଼ିଶାର ଭିଜନ ୨୦୩୬ ଆକାଂକ୍ଷା ପୂରଣ ପାଇଁ ରାଜ୍ୟ ସରକାର, ସରକାରୀ ଓ ବେସରକାରୀ କ୍ଷେତ୍ରର ଉଦ୍ୟମ ଆବଶ୍ୟକ। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ 'ମିସିଂ ମିଡିଲ'ର ଆହ୍ୱାନ ଉପରେ ଆଲୋକପାତ କରିଥିଲେ। କୃଷି ଭିତ୍ତିଭୂମି, ପଣ୍ୟାଗାର, ଆନୁଷଙ୍ଗିକ କୃଷି ଉଦ୍ୟୋଗ କ୍ଷେତ୍ର ଏବଂ ମହିଳା ନେତୃତ୍ୱାଧୀନ ଏସ୍‌ଏଚ୍‌ଜି ପାଇଁ ଋଣ ତ୍ୱରାନ୍ୱିତ କରିବା ପାଇଁ ବ୍ୟାଙ୍କ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସହଯୋଗ ପାଇଁ ସେ ପରାମର୍ଶ ଦେଇଛନ୍ତି। ଜନଜାତି ଏବଂ ଅବହେଳିତ ଅଞ୍ଚଳରେ ଋଣ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଆର୍‌ବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଶାରଦା ପ୍ରସନ୍ନ ମହାନ୍ତି କହିଛନ୍ତି, ବ୍ୟାଙ୍କଗୁଡ଼ିକୁ ରାଜ୍ୟ ଫୋକସ ପେପରରେ ଧାର୍ଯ୍ୟ କରାଯାଇଥିବା ଆକଳନକୁ ଗ୍ରହଣ କରିବା ଉଚିତ୍। ଏସ୍‌ବିଆଇର ସିଜିଏମ୍ ଏ.ଡି. ରତ୍ନାତେଜା, ପରାମର୍ଶ ଏବଂ ବଟମ-ଅପ୍ ଆଭିମୁଖ୍ୟ ମାଧ୍ୟମରେ ରାଜ୍ୟ ଫୋକସ ପେପର ପ୍ରସ୍ତୁତ କରିବାରେ ନାବାର୍ଡର ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ଏଏସ୍‌ଏଲ୍‌ବିସିର ସଂଯୋଜକ ଗୌତମ ପାତ୍ର କହିଛନ୍ତି, ବ୍ୟାଙ୍କଗୁଡିକ ଜମା ଏବଂ ଋଣ ଅଭିବୃଦ୍ଧିରେ ପ୍ରଭାବଶାଳୀ ଅଗ୍ରଗତି କରିଛନ୍ତି। ଅସମାନ କ୍ରେଡିଟ ଡିପୋଜିଟ ଅନୁପାତ, ସ୍ୱଳ୍ପ ମିଆଦୀ ଋଣ ଏବଂ କେସିସି କଭରେଜରେ ବ୍ୟବଧାନ ସମେତ ଚ୍ୟାଲେଞ୍ଜ ରହିଛି। ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ବିନୋଦ କୁମାର ଆର୍ଯ୍ୟ କହିଛନ୍ତି, ଓଡ଼ିଶାର ବିଶାଳ ଭୌଗୋଳିକ ସ୍ଥିତି, ବିବିଧ କୃଷି-ପରିବେଶ ଏବଂ ବିଗତ ଦଶନ୍ଧି ମଧ୍ୟରେ ଦୃଢ଼ ଅର୍ଥନୈତିକ ବିକାଶକୁ ଦୃଷ୍ଟିରେ ରଖି ଋଣ ଅଭିବୃଦ୍ଧିରେ ବ୍ୟାପକ ସମ୍ଭାବନା ରହିଛି।

# ଭୁବନେଶ୍ୱର ଏନ୍‌ଏଚ୍‌ରେ ବ୍ଲାକ୍ ସ୍ପଟ୍ ଚିହ୍ନଟ ପାଇଁ ରଣନୀତି

ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ପକ୍ଷରୁ ଭୁବନେଶ୍ୱରରେ ସଡ଼କ ସୁରକ୍ଷା ସମ୍ପର୍କିତ ଏକ ସ୍ୱତନ୍ତ୍ର ବୈଷୟିକ ଜ୍ଞାନକୌଶଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜପଥର ବିପଜ୍ଜନକ ସ୍ଥାନ (ବ୍ଲାକ୍ ସ୍ପଟ୍)ଗୁଡ଼ିକୁ ଚିହ୍ନଟକରିବା ଏବଂ ସେଗୁଡ଼ିକର ସମାଧାନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଏନ୍‌ଏଚ୍‌ଏଆଇର ଅଧିକାରୀ ଏବଂ ରାଜପଥ ନିର୍ମାଣ କରୁଥିବା ଠିକାଦାରମାନେ ଯୋଗଦେଇଥିଲେ। ଭାରତୀୟ ରାଜପଥଗୁଡ଼ିକରେ ଦୁର୍ଘଟଣାପ୍ରବଣ ଅଞ୍ଚଳ କିପରି କମାଯାଇପାରିବ, ସେଥିପାଇଁ କ୍ଷେତ୍ର ସ୍ତରରେ ପରୀକ୍ଷିତ ବିଭିନ୍ନ ବ୍ୟବହାରିକ ପଦ୍ଧତି ଉପରେ ଏଠାରେ ଆଲୋଚନା କରାଯାଇଥିଲା। ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ କାଟାଲାଇନ୍ ଲିମିଟେଡ୍‌ର ସହଯୋଗରେ ଏହି ଅଧିବେଶନଟି ଆୟୋଜନ ହୋଇଥିଲା। ସାରା ଭାରତରେ ପାଳନ କରାଯାଉଥିବା ଏହି ମାସ ପାଇଁ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ (ଏମ୍‌ଓଆର୍‌ଟିଏଚ୍)ର ମୁଖ୍ୟ ବିଷୟବସ୍ତୁ 'ସଡ଼କ ସୁରକ୍ଷା, ଜୀବନ ରକ୍ଷା' ରହିଛି। ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ସରକାରୀ ଅଧିକାରୀ ଯୋଗଦେଇଥିଲେ, ଯେଉଁଥିରେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)ର ଓଡ଼ିଶା ଆଞ୍ଚଳିକ ଅଧିକାରୀ ବୀରେନ୍ଦ୍ର ସିଂ ଏବଂ ଏନ୍‌ଏଚ୍‌ଏଆଇ ଓଡ଼ିଶାର ମ୍ୟାନେଜର (ଟେକ୍) ତଥା ଆଞ୍ଚଳିକ ସଡ଼କ ସୁରକ୍ଷା ଅଧିକାରୀ ଅବିନାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଇରାନୀ ଡ୍ରୋନକୁ ଖସାଇଲା ଆମେରିକା

ମୁମ୍ବାଇ,୩।୨: ଇରାନର ଏକ ଡ୍ରୋନକୁ ଆମେରିକା ସେନା ମଙ୍ଗଳବାର ଗୁଳିମାଡ଼ କରି ଖସାଇ ଦେଇଛି। ବର୍ତ୍ତମାନ ଆରବସାଗରରେ ଆମେରିକା ନୌସେନାର ଯୁଦ୍ଧ ବିମାନ ପରିବହନକାରୀ ଆବ୍ରାହମ ଲିଙ୍କନ ସମେତ ଅନ୍ୟ ବହୁ ଯୁଦ୍ଧ ଜାହାଜ ଡେରା ପକାଇଛନ୍ତି। ତେବେ ଇରାନର ଏକ ଡ୍ରୋନ୍ ଆବ୍ରାହମ ଲିଙ୍କନ ଆଡକୁ ଆସୁଥିବା ଦେଖି ଏହି ଜାହାଜରୁ ଏଫ୍-୩୫ସି ଯୁଦ୍ଧ ବିମାନ ସମ୍ପୃକ୍ତ ଡ୍ରୋନ୍‌କୁ ଖସାଇ ଦେଇଛି ।

# 'ନ୍ୟାୟ ପ୍ରଦାନରେ ବିଳମ୍ବ ଜଣାଶୁଣା ବ୍ୟାଧି'

ନୂଆଦିଲ୍ଲୀ,୩।୨ (ପି.ଟି.)

ହାଇକୋର୍ଟଗୁଡ଼ିକ ରାୟକୁ ପ୍ରକାଶ ନ କରି ମାସ ମାସ ଧରି ସଂରକ୍ଷିତ ରଖିବା ଅଭ୍ୟାସ ଏକ ଜଣାଶୁଣା ବେମାରି ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର କହିବା ସହ ତାହାର ମୂଳୋତ୍ପାଟନ ହେବା ଜରୁରୀ ବୋଲି ମତ ଦେଇଛନ୍ତି। ଠିକ୍ ସମୟରେ ନ୍ୟାୟ ପ୍ରଦାନକୁ ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ସର୍ବୋଚ୍ଚ ଅଦାଲତ ଜୋର୍ ଦେଇଛନ୍ତି। ଗତବର୍ଷ ଡିସେମ୍ବର ୪ରେ ଝାଡ଼ଖଣ୍ଡ ହାଇକୋର୍ଟ ଏକ ପିଟିଶନକୁ ଖାରଜ କରି ମୌଖିକ ଭାବେ ରାୟ ଶୁଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଉକ୍ତ ରାୟକୁ ଅପଲୋଡ୍ କରାଯାଇ ନାହିଁ। ଏହା ଉପରେ ଏକ ଆବେଦନର ଶୁଣାଣି ବେଳେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ବିପୁଲ ଏମ୍ ପାଞ୍ଚୋଲିଙ୍କ ଖଣ୍ଡପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ପରବର୍ତ୍ତୀ ସପ୍ତାହ ଶେଷ ସୁଦ୍ଧା ଓକିଲଙ୍କୁ ସମ୍ପୂର୍ଣ୍ଣ ରାୟ ପ୍ରଦାନ କରିବାକୁ ଖଣ୍ଡପୀଠ କହିଛନ୍ତି। ପିଟିଶନ ଦାଏର କରିଥିବା ପକ୍ଷଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ କହିଥିଲେ, ଏକପ୍ରକାର ମିଛ ସମର୍ଥନ ଚାଲିଥିବା ଭଳି ଲାଗୁଛି। ଆଇନ ଅଦାଲତ ସହ ମଧ୍ୟ ଏପରି ହେଉଛି ବୋଲି ସେ କହିଥିଲେ। ସିଜେଆଇ କହିଥିଲେ, ୨ ପ୍ରକାର ବିଚାରପତି ଅଛନ୍ତି। ଗୋଟିଏ ପ୍ରକାର ବିଚାରପତି କଠିନ ପରିଶ୍ରମୀ ଏବଂ ସେ ସମସ୍ତଙ୍କ ବୟାନ ଶୁଣିବେ ଏବଂ ୧୦ରୁ ୧୫ଟି ମାମଲାରେ ରାୟ ସଂରକ୍ଷିତ ରଖିବେ। ଆଉ କେତେଜଣ ବିଚାରପତି ଏସବୁ ପରେ ରାୟ ପ୍ରଦାନ କରନ୍ତି ନାହିଁ। ଏହା ନ୍ୟାୟପାଳିକା ସମ୍ମୁଖରେ ଏକ ଆହ୍ୱାନ ଏବଂ ଏକ ଜଣାଶୁଣା ବ୍ୟାଧି। ଏହାକୁ ବ୍ୟାପିବାକୁ ନ ଦେଇ ଚିକିତ୍ସା କରାଇବାକୁ ହେବ ମୂଳୋତ୍ପାଟନ କରିବାକୁ ହେବ ବୋଲି ସିଜେଆଇ କହିଛନ୍ତି। ଅନ୍ୟ ଏକ ପ୍ରଚଳିତ ଧାରା ହେଲା କେତେକ ମାମଲାରେ ଯୁକ୍ତି ଶୁଣାଣି ପରେ ଅଧିକ ନିର୍ଦ୍ଦେଶ ପାଇଁ ଏହାକୁ ପକାଇ ରଖାଯାଉଛି। ହାଇକୋର୍ଟ ମୁଖ୍ୟ ବିଚାରପତିମାନଙ୍କ ସହ ଆଗାମୀ ବୈଠକରେ ସିଜେଆଇ ଏହି ପ୍ରସଙ୍ଗ ଉଠାଇବେ ବୋଲି କହିଛନ୍ତି।



## ତେଲ କିଣା ବନ୍ଦ ନେଇ ଭାରତରୁ ବାର୍ତ୍ତା ପାଇନୁ: କ୍ରେମଲିନ୍

ମସ୍କୋ,୩।୨ (ପି.ଟି.)



ଡିମିତ୍ରି ପେସ୍କୋଭ୍

ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତିନାମା ପାଇଁ ସହମତି ହୋଇଛି ଏବଂ ତଦନୁଯାୟୀ ନୂଆଦିଲ୍ଲୀ ରୁଷିଆରୁ ତେଲ କିଣା ବନ୍ଦ କରିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିବାପରେ ରୁଷିଆ ଏହାକୁ ଖଣ୍ଡନ କରିଛି। ରୁଷିଆ ତେଲ କିଣା ବନ୍ଦ କରିବା ନେଇ ଭାରତ କୌଣସି ବିବୃତି ଦେଇଥିବା ଆମେ ଜାଣିନାହୁଁ ବୋଲି କ୍ରେମଲିନ୍ ମୁଖପାତ୍ର ଡିମିତ୍ରି ପେସ୍କୋଭ୍ ମଙ୍ଗଳବାର କହିଛନ୍ତି। ସୋମବାର ଟ୍ରମ୍ପ କହିଥିଲେ, ରୁଷିଆରୁ ତେଲ କିଣା ବନ୍ଦ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜି ହୋଇଛନ୍ତି। ଏହା ପରିବର୍ତ୍ତେ ନୂଆଦିଲ୍ଲୀ ଆମେରିକା ଏବଂ ସମ୍ଭବତଃ ଭେନେଜୁଏଲାରୁ ଅଧିକ ତେଲ କିଣିବ ବୋଲି ସେ କହିଥିଲେ। କ୍ରେମଲିନ୍ ମୁଖପାତ୍ର କହିଛନ୍ତି, ପ୍ରତ୍ୟେକ ସମ୍ଭାବ୍ୟ ଦିଗରେ ଭାରତ ସହ ସମ୍ପର୍କ ବଢ଼ାଇବା ଜାରି ରଖିବାକୁ ରୁଷିଆ ଚାହେଁ। ଠିକା ବାତିଲ କରିବା ନେଇ ଭାରତୀୟ ତୈଳ ବିଶୋଧନକାରୀ କମ୍ପାନୀଗୁଡ଼ିକୁ କୌଣସି ନୋଟିସ ପାଇ ନ ଥିବା ରୁଷିଆ ଶକ୍ତି ମନ୍ତ୍ରଣାଳୟ ସୂତ୍ରରୁ କୁହାଯାଇଛି। ଟ୍ରମ୍ପ ଗତବର୍ଷ ଭାରତ ଉପରେ ୨୫ ପ୍ରତିଶତ ଜବାବୀ ଶୁଳ୍କ ସମେତ ରୁଷିଆରୁ ତୈଳ କିଣା ଜାରି ରଖିଥିବାରୁ ଅତିରିକ୍ତ ୨୫ ପ୍ରତିଶତ ଦଣ୍ଡାତ୍ମକ ଶୁଳ୍କ ଲଗାଇଥିଲେ। ଏବେ ମୋଟ ଶୁଳ୍କକୁ ୧୮ ପ୍ରତିଶତକୁ ହ୍ରାସ କରିବା ପାଇଁ ଟ୍ରମ୍ପ ସୋମବାର ଘୋଷଣା କରିଛନ୍ତି।

## ମ୍ୟାନ୍‌ମାରରେ ଭୂକମ୍ପ: କୋଲକାତାରେ ଝଟକା

କୋଲକାତା,୩।୨

ମ୍ୟାନ୍‌ମାରରେ ମଙ୍ଗଳବାର ୫.୯ ତୀବ୍ରତାର ଭୂକମ୍ପ ହୋଇଥିବା ବେଳେ କୋଲକାତାରେ ଏହାର ଝଟକା ଅନୁଭୂତ ହୋଇଛି। ତେବେ ଭୂକମ୍ପଜନିତ ମୃତାହତ କିମ୍ବା କ୍ଷୟକ୍ଷତିର ରିପୋର୍ଟ ମିଳିନାହିଁ। ଦିନକ ପୂର୍ବରୁ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଭୂକମ୍ପ ଅନୁଭୂତ ହୋଇଥିଲା।

## ବାଣିଜ୍ୟ ଚୁକ୍ତିନାମାକୁ ଆମେରିକା ବିଜ୍‌ନେସ୍ ଚାମ୍ବରର ସ୍ୱାଗତ

ନ୍ୟୁୟର୍କ,୩।୨ (ପି.ଟି.)

ଭାରତ ଆମେରିକା ବାଣିଜ୍ୟ ଚୁକ୍ତିନାମାକୁ ଆମେରିକାର ବିଜ୍‌ନେସ୍ ଚାମ୍ବର ଏବଂ ଥିଙ୍କ୍‌ଟ୍ୟାଙ୍କ୍‌ମାନେ ସ୍ୱାଗତ କରିଛନ୍ତି। ଏହି ଡିଲ୍ ବିସ୍ତୃତ ଦ୍ୱିପାକ୍ଷିକ ଚୁକ୍ତିନାମା ଦିଗରେ ପ୍ରଥମ ପଦକ୍ଷେପ। ଏହା ଅଧିକ ଘରୋଇ ସେକ୍ଟରକୁ ସହଭାଗିତା ପାଇଁ ସୁଯୋଗ ସୃଷ୍ଟିକରିବା ସହ ଅନ୍ୟାନ୍ୟ ଚାପ ସୃଷ୍ଟିକାରୀ ପ୍ରସଙ୍ଗରେ କାର୍ଯ୍ୟ କରିବା ଦିଗରେ ପଥ ସୁଗମ କରିବାରେ ସହାୟକ ହେବ ବୋଲି ପ୍ରମୁଖ ବିଜ୍‌ନେସ୍ ଚାମ୍ବର ଏବଂ ଥିଙ୍କ୍‌ଟ୍ୟାଙ୍କ କହିଛି। ଭାରତ ଏବଂ ଆମେରିକା ମଧ୍ୟରେ ଟ୍ରେଡ୍ ଡିଲ୍ ଦିଗରେ ଅଗ୍ରଗତିକୁ ଆମେରିକା ଚାମ୍ବର ଅଫ୍ କମର୍ସର ଅଧ୍ୟକ୍ଷ ତଥା ସିଇଓ ସୁଜାନେ କ୍ଲର୍କ ସ୍ୱାଗତ କରିଛନ୍ତି। ଭାରତୀୟ ଏବଂ ଆମେରିକୀୟ ବ୍ୟବସାୟୀମାନେ ଦୀର୍ଘଦିନରୁ ଏହା ଚାହୁଁଥିଲେ ବୋଲି ସେ କହିଛନ୍ତି। ଟାରିଫ୍ ଏବଂ ଅଣଟାରିଫ୍ ପ୍ରତିବନ୍ଧକ ହଟାଇବାକୁ ଉଭୟ ଦେଶ ଘୋଷଣା କରିଥିବାରୁ ଏହାକୁ ସୁଜାନେ ସ୍ୱାଗତ କରିଛନ୍ତି।

## ଅଷ୍ଟ୍ରେଲିଆରେ ଗାନ୍ଧୀ ମୂର୍ତ୍ତି ଚୋରି

ମେଲବୋର୍ଣ୍ଣ,୩।୨

ଅଷ୍ଟ୍ରେଲିଆର ମେଲବୋର୍ଣ୍ଣସ୍ଥିତ ରୋୱାଇଲଠାରେ ପ୍ରତିଷ୍ଠା କରାଯାଇଥିବା ମହାତ୍ମା ଗାନ୍ଧୀଙ୍କ ୪୨୬ କିଲୋ ଓଜନର ଏକ ତାମ୍ର ପ୍ରତିମୂର୍ତ୍ତି ଚୋରି ହୋଇଯାଇଛି। ଦୁର୍ବୃତ୍ତମାନେ ପ୍ରତିମୂର୍ତ୍ତିକୁ ଭଙ୍ଗାରୁଜା କରିବା ପରେ ଏହାକୁ ଚୋରି କରିନେଇଛନ୍ତି। ଏହି ବିଷୟ ସାମ୍ନାକୁ ଆସିବା ପରେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଘଟଣାକୁ ଦୃଢ଼ ନିନ୍ଦା କରାଯିବା ସହିତ ଯେଉଁମାନେ ଏହି ଘଟଣା ପାଇଁ ଦାୟୀ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଅଷ୍ଟ୍ରେଲିଆ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଇଛି।

# ୨ ବିମାନ ଡେଣା ମଧ୍ୟରେ ଧକ୍କା

ମୁମ୍ବାଇ,୩।୨



ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରେ ମଙ୍ଗଳବାର ରାତି ୮ଟାରେ ୨ଟି ଏୟାରଲାଇନ୍ସର ବିମାନ ଡେଣା ପରସ୍ପର ମଧ୍ୟରେ ଧକ୍କା ଲାଗିଛି। ଏଥିରେ କୌଣସି ଯାତ୍ରୀ ଆହତ ହୋଇ ନ ଥିବାବେଳେ ସେମାନେ ବିମାନରୁ ସୁରକ୍ଷିତ ଭାବେ ବାହାରିଛନ୍ତି। ଏୟାରଲାଇନ୍ସର ସୂଚନା ଅନୁଯାୟୀ, ଏୟାର ଇଣ୍ଡିଆ ବିମାନ ଏଆଇ୨୭୩୨ ମଙ୍ଗଳବାର ମୁମ୍ବାଇରୁ କୋଏମ୍ବାଟୁର ଯିବାକୁ ଥିବାବେଳେ ଏହାର ଡାହାଣ ପାର୍ଶ୍ୱ ଡେଣା (ୱିଙ୍ଗ୍) ଟ୍ୟାକ୍ସିୱେରେ ଉଡ଼ାଣ ପାଇଁ ରହିଥିବା ଇଣ୍ଡିଗୋ ଏୟାରଲାଇନ୍ସ ବିମାନର ଡେଣା ସହ ଧକ୍କା ହୋଇଥିଲା। ଫଳରେ ଏୟାରଇଣ୍ଡିଆ ବିମାନ ୱିଙ୍ଗ୍ ଅଗ୍ରଭାଗ କ୍ଷତିଗ୍ରସ୍ତ ହୋଇଛି। ଇଣ୍ଡିଗୋ ବିମାନଟି ହାଇଦ୍ରାବାଦରୁ ଆସି ପହଞ୍ଚିଥିଲା। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବିମାନର ଉଡ଼ାଣ ବନ୍ଦ କରାଯିବା ସହ ବୈଷୟିକ ଯାଞ୍ଚ ପାଇଁ ରଖାଯାଇଛି। ଯାତ୍ରୀମାନଙ୍କୁ ଯଥାଶୀଘ୍ର ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଉଛି। ଘଟଣା ସମ୍ପର୍କରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ)କୁ ସୂଚନା ଦିଆଯିବା ପରେ ଏହାର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି।

## ମେସେଜ୍ ବ୍ଲକ୍ କରିବାରୁ ପ୍ରେମିକଙ୍କୁ ହତ୍ୟାକଲେ ପ୍ରେମିକା

**ରାୟପୁର, ୩।୨:** ସାମାନ୍ୟ ମତାନ୍ତରକୁ କେନ୍ଦ୍ରକରି ଜଣେ ୨୨ ବର୍ଷୀୟା ପ୍ରେମିକା ତାଙ୍କ ୨୫ ବର୍ଷୀୟ ପ୍ରେମିକଙ୍କୁ ହତ୍ୟା କରିଛନ୍ତି। ଏଭଳି ଏକ ସ୍ୱର୍ଶକାତର ଘଟଣା ଛତିଶଗଡ଼ ବିଳାସପୁର ଅଞ୍ଚଳରେ ଘଟିଛି। ୨୫ ବର୍ଷୀୟ କାମତା ସୂର୍ଯ୍ୟବଂଶୀ ଏଠାରେ ଏକ ହୋଟେଲରେ କାର୍ଯ୍ୟ କରିବା ସହିତ ଭଡ଼ା ଘରେ ରହୁଥିଲେ। କିଛି ଦିନ ପରେ ଇନ୍‌ଷ୍ଟାଗ୍ରାମରେ ତାଙ୍କର ୨୨ ବର୍ଷୀୟା ଯୁବତୀ ରୋଶ୍‌ନୀ ସୂର୍ଯ୍ୟବଂଶୀଙ୍କ ସହ ପରିଚୟ ହୋଇଥିଲା। ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା ବେଳେ ଅଚାନକ କାମତା ରୋଶ୍‌ନୀଙ୍କ ନମ୍ବର ଏବଂ ମେସେଜ୍ ବ୍ଲକ୍ କରିଦେଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ରୋଶ୍‌ନୀ କାମତାଙ୍କୁ ଭେଟିବା ସହ ତାଙ୍କ ଫୋନ୍ ମାଗିଥିଲେ। କିନ୍ତୁ ସେ ଫୋନ୍ ନ ଦେବାରୁ ରୋଶ୍‌ନୀ କାମତାଙ୍କ ଛାତିକୁ ଛୁରିରେ ଭୁସି ହତ୍ୟା କରିଥିଲେ।

## ମାଓବାଦୀ ହିଂସା ୮୮% କମିଛି: କେନ୍ଦ୍ର

ନୂଆଦିଲ୍ଲୀ,୩।୨ (ପି.ଟି.)

୨୦୧୯ରୁ ବର୍ତ୍ତମାନ ସୁଦ୍ଧା ଦେଶରେ ୭,୪୦୦ରୁ ଊର୍ଦ୍ଧ୍ୱ ମାଓବାଦୀ ଗିରଫ ହୋଇଥିବାବେଳେ ୫,୮୮୦ ଜଣ ଆତ୍ମସମର୍ପଣ କରିଛନ୍ତି। ୨୦୧୦ରେ ମାଓବାଦୀ ହିଂସା ସଂଖ୍ୟା ୧,୯୩୬ ଥିବାବେଳେ ୨୦୨୫ରେ ଏହା ୨୩୪କୁ ହ୍ରାସ ପାଇଛି। ଅର୍ଥାତ୍ ଏହି ସମୟ ମଧ୍ୟରେ ମାଓବାଦୀ ହିଂସା ୮୮% କମିଛି ବୋଲି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ମଙ୍ଗଳବାର ଲୋକ ସଭାରେ କହିଛନ୍ତି। ୨୦୨୫ରେ ସୁରକ୍ଷା ବଳ ଗୁଳିରେ ୩୬୪ ଜଣ ମାଓବାଦୀ ନିହତ ହୋଇଥିବାବେଳେ ୧,୦୨୨ ଜଣ ଗିରଫ ଏବଂ ୨୩୩୭ ଜଣ ଆତ୍ମସମର୍ପଣ କରିଛନ୍ତି।


**ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ:ବାଲୁଗାଁ, ଖୋରଧା**
ସ୍ଥାନ/ପୋ-ବାଲୁଗାଁ, ଜିଲ୍ଲା-ଖୋରଧା, ଇ-ମେଲ୍-eonac.balugaon2013@gmail.com
ନଂ.୧୯୪ ତା.୩୧.୧.୨୦୨୬
**ସଂଶୋଧିତ ବିଜ୍ଞାପନ**

No.13001/14/2526: ପୂର୍ବ ବିଜ୍ଞପ୍ତି ସଂଖ୍ୟା ୧୪୩, ତା.୩୦.୦୧.୨୦୨୬ ରିଖକୁ ସଂଶୋଧନ କରାଯାଇ ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ ୨୦୨୫-୨୬ (ତା.୧୯.୦୨.୨୦୨୬ ରିଖରୁ ତା.୧୮.୦୨.୨୦୨୭ ରିଖ) ପର୍ଯ୍ୟନ୍ତ ୧ (ଏକ) ବର୍ଷ ନିମନ୍ତେ ପୁନଃ ନିଲାମ ନିମ୍ନଲିଖିତ ନିଲାମ/ଟେଣ୍ଡରଗୁଡିକ ବ୍ୟକ୍ତିବିଶେଷ/ସଂସ୍ଥା/ଅନୁଷ୍ଠାନଙ୍କଠାରୁ ଆହ୍ୱାନ କରୁଅଛନ୍ତି । ନିଲାମ/ଟେଣ୍ଡରର ସମସ୍ତ ବିବରଣୀ/ତଥ୍ୟ NIC, Khordhaଙ୍କ ୱେବସାଇଟ୍ www.khordha.nic.in ଠାରେ ଉପଲବ୍ଧ ଅଟେ । ଇଚ୍ଛୁକ ବ୍ୟକ୍ତି/ସଂସ୍ଥା ଓ ଅନୁଷ୍ଠାନ Commercial Bid Cover No.A ଏବଂ Price Bid Cover No.B ଏହିପରି ୨ ଗୋଟି ଲଫାପାକୁ ଅନ୍ୟ ଗୋଟିଏ ବଡ଼ ଲଫାପାରେ Cover No.C ରେ ଜଉମୁଦ କରି ପୌରପରିଷଦ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ଟେଣ୍ଡର ବାକ୍ସରେ ପକାଇବେ/ସିଡ୍‌ପୋଷ୍ଟ/ରେଜିଷ୍ଟ୍ରି ପୋଷ୍ଟ ଦ୍ୱାରା ତା.୦୫.୦୨.୨୦୨୬ ରିଖଠାରୁ ତା.୧୭.୦୨.୨୦୨୬ ରିଖ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ପକାଇବେ । ନିଲାମ ଫର୍ମ (Cost of Tender) ର ମୂଲ୍ୟ Cover No.A ରେ ବ୍ୟାଙ୍କ ଡ୍ରାଫ୍ଟ/ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁଙ୍କ ନାମରେ ପ୍ରାପ୍ତି ହେବା ନିମନ୍ତେ ପ୍ରସ୍ତୁତ କରି ନିର୍ଦ୍ଧାରିତ ସମୟସୀମା ଭିତରେ Cover No.A ରେ ରଖିବା ବାଧ ଅଟେ । ଯେଉଁ ବ୍ୟକ୍ତି/ସଂସ୍ଥା ଓ ଅନୁଷ୍ଠାନଙ୍କର Commercial Bid Cover No.A ଯୋଗ୍ୟ ବିବେଚିତ ହେବ କେବଳ ସେହି ବ୍ୟକ୍ତି/ସଂସ୍ଥା ଓ ଅନୁଷ୍ଠାନଙ୍କର Price Bid Cover No.B ଖୋଲାଯିବ ।

| କ୍ର.ନଂ. | ନିଲାମ/ଟେଣ୍ଡରର ନାମ | ସର୍ବନିମ୍ନ ଡକରା/ ନିଲାମ ମୂଲ୍ୟ | ନିଲାମ ପାଇଁ ଫର୍ମ ମୂଲ୍ୟ (ନନ୍ ରିଫଣ୍ଡେବୁଲ୍) |
|---|---|---|---|
| ୧ | ୨ | ୩ | ୪ |
| ୧ | ଚିଲିକା କୂଳରେ ଡଙ୍ଗା ଘାଟରେ ପାର୍କିଂ କରୁଥିବା ଯେ କୌଣସି ଡଙ୍ଗା ଫି ଆଦାୟ ନିମନ୍ତେ | ୨୬୦୯୨୦ | ୨୦୦୦ |
| ୨ | ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ମଧ୍ୟରେ ଥିବା ବସଷ୍ଟାଣ୍ଡଠାରେ ପାର୍କିଂ କରୁଥିବା ଯେକୌଣସି ବସ ପାର୍କିଂ ଫି ଆଦାୟ ନିମନ୍ତେ | ୨୭୫୦୦୦୦ | ୨୦୦୦ |
| ୩ | ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ମଧ୍ୟରେ ଲାଗୁଥିବା ସମସ୍ତ ବିଜ୍ଞାପନ ହୋର୍ଡିଂ ଠାରୁ ଫି ଆଦାୟ ନିମନ୍ତେ | ୨୪୩୨୧୦ | ୬୦୦ |
| ୪ | ଚିଲିକାକୂଳ ଯାତ୍ରୀନିବାସ ସାମ୍ନା ଦୋକାନ ଘରର ଆବଣ୍ଟନ ନିମନ୍ତେ | ୩୦୦୦୦୦ | ୯୦୦ |

• ନିଲାମ/ଟେଣ୍ଡରଧାରୀମାନଙ୍କ ପାଇଁ ନିଲାମ/ଟେଣ୍ଡର ବାବଦରେ ସବିଶେଷ ତଥ୍ୟ ଜାଣିବା ନିମନ୍ତେ ତା.୦୬.୦୨.୨୦୨୬ ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ସମୟରେ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ (Briefing Session) ବୈଠକ ଅନୁଷ୍ଠିତ ହେବ । • ନିଲାମ/ଟେଣ୍ଡରର ଫର୍ମ ବିକ୍ରିର ଅନ୍ତିମ ତାରିଖ ତା.୧୭.୦୨.୨୦୨୬ ରିଖ ସମୟ ସକାଳ ୧୧.୦୦ ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ଅଟେ । • ନିଲାମ/ଟେଣ୍ଡରର ଫର୍ମ ପକାଇବାର ଅନ୍ତିମ ତାରିଖ ତା.୧୭.୦୨.୨୦୨୬ ରିଖ ସମୟ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ । • ନିଲାମ/ଟେଣ୍ଡରର Commercial Bid Cover No.A ଖୋଲିବାର ତାରିଖ ତା.୧୮.୦୨.୨୦୨୬ ରିଖ ସମୟ ଅପରାହ୍ନ ୩.୦୦ ଘଟିକା ଅଟେ । • ନିଲାମ/ଟେଣ୍ଡରର Price Bid Cover No.B ଖୋଲିବାର ତାରିଖ ତା.୧୯.୦୨.୨୦୨୬ ରିଖ ସମୟ ଅପରାହ୍ନ ୩.୩୦ ଘଟିକା ଅଟେ ।

OIPR-13001/13148/1/25-26/0014 ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ



GOVERNMENT OF ODISHA email: aceangulirrigationcircle@gmail.com
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, ANGUL IRRIGATION CIRCLE, ANGUL, ODISHA, PIN-759143**
No. 32001/15/2526 Government of Odisha "e" Procurement Notice
Bid Identification No. ACEAIC-02/2025-26

| Sl. No. | Name of Work | Estimated Cost | Class of Contractor | Period of Completion | Date and time of availability of bid document in the portal | Last date/ time for receipt of bid in the portal | Name & address of the Officer Inviting Bid |
|---|---|---|---|---|---|---|---|
| 01 | Improvement to Canal Service Road of Angul Main Canal from RD 0.00 Km. to 5.00 Km. of Derjang Irrigation Project | Rs.228.64 lakh | "A" & "B" | 6 (Six) Calendar Months including rainy season | 06.02.2026 at 10.00 A.M. | 21.02.2026 upto 5.30 P.M. | Additional Chief Engineer, Angul Irrigation Circle, Angul |
| 02 | Improvement to approach road to Dam from NH-55 & Balance portion of Dam toe Road (RD 2405m to 3750m) of Derjang Irrigation Project | Rs.207.34 lakh | "A" & "B" | 6 (Six) Calendar Months including rainy season | 06.02.2026 at 10.00 A.M. | 21.02.2026 upto 5.30 P.M. | |
| 03 | Improvement to Canal Service Road of Khalari distributary in between RD 00 Km to 4.00 Km, Godisahi Minor from RD 0.88 Km to 1.70 Km, Nuagaon Minor in between RD 199m to RD 796m of Derjang Irrigation Project. | Rs.244.14 lakh | "A" & "B" | 6 (Six) Calendar Months including rainy season | 06.02.2026 at 10.00 A.M. | 21.02.2026 upto 5.30 P.M. | |
| 04 | Improvement to Canal Service Road of Dangapal Minor from RD 00m to RD 3400m, Aunli main canal from RD 4372m to RD 4656m of Aunli Irrigation Project | Rs.239.62 lakh | "A" & "B" | 6 (Six) Calendar Months including rainy season | 06.02.2026 at 10.00 A.M. | 21.02.2026 upto 5.30 P.M. | |
| 05 | Improvement to Right Service Bank Road of Sapua Link Channel from RD 2.100Km. to RD 5.330 Km. of Sapua Badjore Irrigation Project. | Rs.253.33 lakh | "A" & "B" | 6 (Six) Calendar Months including rainy season | 06.02.2026 at 10.00 A.M. | 21.02.2026 upto 5.30 P.M. | |
| 06 | Improvement of Inspection Road of Left Main Canal from RD 5860m to RD 10290m, Manarbeda Distributary, Belpunji Branch Canal and Tainsar Minor of Manjore Irrigation Project. | Rs.244.29 lakh | "A" & "B" | 6 (Six) Calendar Months including rainy season | 06.02.2026 at 10.00 A.M. | 21.02.2026 upto 5.30 P.M. | |

Further details can be seen from the e-Procurement Portal **http://tendersodisha.gov.in**.
Any Corrigendum/Addendum/Cancellation will be displayed in the Govt. Website only.
OIPR-32001/32081/1/25-26/0015 Sd./- Additional Chief Engineer, Angul Irrigation Circle, Angul



**BHUBANESWAR MUNICIPAL CORPORATION**
Phone: 0674-2431253, Fax: 0674-2432895, E_mail: info@bmc.gov.in
No. 5766 Date: 31.01.26
XXXVIII(Market)-43/25
**ORDER**
No. 13001/17/2526: Bhubaneswar Municipal Corporation will rent out three (03) years licnece basis the following 02 Nos. Assets in BMC - Bhawani Mall (Block No. 01), 3rd Floor, Saheed Nagar, Bhubaneswar through e-Auction:

**LIST OF 02 NOS. OF ASSETS IS TO BE E-AUCTIONED**

| Sl. No. | Floor | Total No. of Assets | Space No. | Carpet area in Sq.ft. | Rent per Sq.ft. per month | Upset base price per unit & auction against Rent (In Rs.) | EMD (In Rs.) |
|---|---|---|---|---|---|---|---|
| 1 | Third Floor | 2 | 01 | 5720 Sq.ft. (AC with Official partitions) | Rs.50/- | Rs.50/- | 50,000/- |
| 2 | Third Floor | | 02 | 4475 Sq.ft. (AC with Official partitions) | Rs.50/- | Rs.50/- | 50,000/- |

The Assets will be allotted for Office Space/Commercial purpose, on licence basis other than Bar and Hotel, Explosives storages or sell and other business obnoxious to Public Health and Order.
An individual who is a Citizen of India or a Company registered under the Companies Act or Partnership firm or Proprietorship firm, PSU/Govt. Agency is eligible to particiapte in the e-Auction.
The intending bidders with Class-III or Class-II digital signature to get themselves registered with e-Auction Portal on Payment of Registration Charges of Rs.1180/- (inclusive of GST) (Online). This registration is valid for a period of One year.
Non-refundable participation charges of Rs.5000/- per Asset is required to be paid to BMC (Online) for taking part in the e-Auction Process.
The bidder has to bid separately for each Units/Asset for which the bidder is required to deposit Separate EMD amount and participation charges.
A bidder is free to participate in all the Assets and bidders will be allotted with only one or two Asset for which he has quoted the higher amount than the other Bids and BMC also giving preference to Second/Third highest bidder, if the first-highest bidder fails to deposit the auction amount on signing of agreement.
Date of Online application/request for participation and deposit of EMD: Start Date: 06.02.2026 at 11.00 (A.M.) hr to End date 05.03.2026 till hr. 17.00 Hrs. (5.00 P.M.).

| E-Auction date for Space No. 01 & 02 | 11.00 hr. to 17.00 hr. on Dt.10.03.2026 (With unlimited auto extension) |
|---|---|

Visit BMC website: **http://bmc.gov.in** for e-Auction or **www.auctionwizard.in/BMCBBSR** for details of the Assets, Terms and Conditions, e-Auction procedures/Business Rules, etc.
**the Assets can be visited from Dtd.06.02.2026 to Dtd.05.03.2026 during office horus.**
For site visit Contact: Sri Akshaya Ku. Swain, Sr. Asst., Market Supdt., Mob.: 9437282816.
E-Auction training: Interested bidder can avail the training (Online) by a request mail/contacting the auction support team (Mail ID: **eauctionhelpdesk@etenderwizard.com**, Contact: Mr. Satamanyu Routray, +91-9937140591, Mr. Lokesh/Shreyas: +91-9686115304) before the start of Auction period of bidding.
By Order
OIPR-13001/13002/1/25-26/0017 Sd./- Addl. Commissioner-I, Bhubaneswar Municipal Corporation



**RAJENDRA UNIVERSITY**
Prajna Vihar, Balangir - 767002, Odisha (India)
No. 133/RUB Date: 31.01.2026
**WALK-IN-INTERVIEW FOR TEMPORARY ENGAGEMENT OF PROFESSOR/ASSOCIATE PROFESSOR/ASSISTANT PROFESSOR/GUEST FACULTY**
No. 11001/4/2526: Interested candidates may appear for the Walk-in-Interview for temporary engagement as Professor/Associate Professor/ Assistant Professor/Guest Faculty in different departments of Rajendra University, Balangir in the Subjects: Odia, English, Philosophy, Mathematics, Chemistry, Physics, Zoology, Commerce, Education & Political Science on 18.02.2026 in the University premises. For further details, please visit **www.rajendrauniversity.ac.in**.
Sd./- Registrar
OIPR-11001/11141/1/25-26/0004 Rajendra University, Balangir



**Directorate of Technical Education & Training, Odisha**
At: Killamaidan, P.O.: Buxibazar, Cuttack-753001
Phone No.: 0671-2301061, e-mail: dtetorissa@gmail.com
NIT No. DTET/2025-26/1581 Date: 30.01.2026
**NOTICE INVITING TENDER**
FOR
**Selection of an Event Management Firm/Agency for undertaking activities relating to different works/services for conducting the ITI & Poly Fest 2024-25**
No. 44001/1/2526: DTE&T Odisha under the administrative control of Skill Development & Technical Education Department, Government of Odisha (the Client) invites proposals from eligible bidders for "Selection of Event Management Firms/Agencies for undertaking activities relating to different works/services for conducting the ITI & Poly Fest 2024-25" through Odisha Government e-Procurement System **(https://tendersodisha.gov.in)**. Bidders fulfilling the prescribed eligibility criteria of the tender can access and download the complete tender document and other details from **www.tendersodisha.gov.in** and **www.dtet.odisha.gov.in**. Please refer to the tender document for details. The proposals complete in all respect must be submitted through e-tender process latest by 13.02.2026 (before 5.00 P.M.).
The tender document shall be available from 31.01.2026 onwards in the Odisha Government e-Procurement Portal **(https://tendersodisha.gov.in)** & DTE&T Odisha website **(www.dtet.odisha.gov.in/en/tenders)**. If required, further intimation [i.e. Corrigendum/Addendum/Responses to the queries/Clarifications etc.], shall be uploaded in the above websites only. DTE&T Odisha reserves all the rights to reject any/all proposals at any stage without assigning any reason thereof.
OIPR-44001/44008/1/25-26/0001 Sd./- DTE&T, Odisha, Cuttack



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER MINOR IRRIGATION DIVISION, JHARSUGUDA**
**'e' Procurement Notice**
Bid Identification No.SE MID JSD 13/2025-26
E-mail: eemijharsuguda@gmail.com
No.310// MID// date 02.02.2026
**No.32001/15/2526:** The Superintending Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

1. Name of the Works : Civil Construction Work
2. Total No. of Works : **08 (Eight) Nos.**
3. Estimated Cost (Detail list of work annexed) : **Rs.1.77 Lakh to Rs.12.48 Lakh**
4. Class of Contractor : As mentioned against work
5. Period of Completion : As mentioned against work
6. Date & time of availability of Bid document in the portal : **05.02.2026 to 16.02.2026 during office hours**
7. Last date/time for receipt of bid in the portal : **16.02.2026 during office hours**
8. Date/Time of Opening of Bid : **17.02.2026 at 10.00 AM** at Office of the S.E. M.I. Divn. Jharsuguda
9. Name & Address of the Officer Inviting the Bid : Superintending Engineer, M.I.Division Jharsuguda
10. Mode of Payment of Bid Cost & Bid Security : **Online**

Sd./- Superintending Engineer
OIPR-32001/32291/1/25-26/0015 M.I.Division, Jharsuguda



GOVERNMENT OF ODISHA
**OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA,**
UNIT-V, POWER HOUSE SQUARE, VIDYUT MARG, BHUBANESWAR-751001. Tel No.0674-2394873,
Email: eic-epcei@od-gov.in
**NOTICE**
No, OE-MISC-13/2024(Vol-I)475//Dated Bhubaneswar, the 02.02.2026
**No.AA-53:**Sealed tenders are invited from interested reputed Travel Agencies / Tour Operators/Individual having GST registration & GeM registration for providing 1 (One) No. of BS-VI compliant Petrol driven AC vehicle (Swift Dezire / Xcent / Zest / Tigor / Etios or similar model) with minimum average mileage 17 Km/ltr. having seating capacity not more than 5 (Five) including driver on monthly hiring basis maximum Rs. 31,200.00 (**Rupees Thirty-one Thousand Two-hundred**) excluding GST & Fuel preferably for engagement in the office of EIC(Electricity) Cum PCEI(O), Bhubaneswar.
Details regarding eligibility criteria, terms and conditions and the formats of submission of tender are mentioned in the tender document which may be collected from the office of EIC(E)-cum-PCEI(0), Bhubaneswar and downloaded from website of **www.eicelectricity.odisha.gov.in.** Interested agencies and individuals may submit their tenders in a sealed envelope super-scribing on the top of the sealed envelopes as "QUOTATION / TENDER CALL NOTICE No. **458** FOR HIRING VEHICLE FOR OFFICE OF EIC(ELECTRICITY) CUM PCEI(O), BHUBANESWAR."
The tender should reach at the office of the undersigned by 23.02.2026 (till 01.30 P.M) by Regd. Post/ Speed Post or by person with proper acknowledgment. The tenders will be opened and evaluated on dated 23.02.2026 at 3.30 P.M. in the office of EIC (Elecy)-cum-PCEI(O), Bhubaneswar for finalization. The undersigned reserves the right to reject any or all the tenders without assigning any reason thereof.
OIPR- Sd./- EIC (Electricity)-cum-PCEI, Odisha Bhubaneswar



**OFFICE OF THE SORO MUNICIPALITY, SORO, BALASORE**
Tel. & Fax No.: 221262, Code No.: 06788
e-mail: soromunicipality@gmail.com
Letter No. 281 **QUOTATION CALL NOTICE** Date: 30.01.2026
No. 13001/13/2526: Sealed quotations are invited from the authorized dealers/ suppliers/agencies having valid GST Registration for Painting of wall with theme of Swachha Bharat Mision 3.0 making of tribal paint and chitra art and different cultural activity of Odisha with aesthetic theme inside Soro Municipality. The interested agencies may quote the rate as per the terms and conditions, so as to reach the undersigned by 12 P.M. on 07.02.2026 which will be opened on the same day at 03.00 P.M. in presence of the available tenderers or their authorized representatives. The tender documents received beyond the scheduled date and time indicated above due to postal delay or for any other reasons shall not be entertained.
The quotation documents for the same will be available from the office of the undersigned and in the web portal namely **balasore.odisha.gov.in** on any working day during office hours from 31.01.2026 to 06.02.2026 on payment of Rs.1000/- (Rupees one thousand) only as tender paper cost in the shape of Cash/DD/Bankers Cheque from any nationalized Bank dran in favour of "The Executive Officer, Soro Municipality.

| SL. NO. | ITEMS | UNIT | RATE |
|---|---|---|---|
| 1 | Painting the wall with weather coat/enamel paint of Per Sq.ft. 2D/3D paint) reputed brand with making art of different cultural activities freedom fighter of Odisha with aesthetic themes, despecting theme of Swachha Bharat Mission 3.0 including all material, cost of admixture, scaffolding charge sand cost of all about and taxes etc. | Per Sq.ft. | |

OIRP-13001/13166/1/25-26/0013 Sd./- Executive Officer, Soro Municipality



**OFFICE OF THE DIRECTOR, CAPITAL HOSPITAL, BHUBANESWAR**
**ରାଜଧାନୀ ମୁଖ୍ୟ ଚିକିତ୍ସାଳୟ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ**
Unit-VI, Ganga Nagar, Udyan Marg, Bhubaneswar-751001, Khordha
Email:substorechb@gmail.com/director.chb@gmail.com, Ph-0674-2391983/85/79
No.1018/Sub-Store/2026 Date:02.02.2026
**TENDER CALL NOTICE**
No.10001/7/2526: Sealed tenders are invited from Manufacturers/ Distributors/ Wholesalers for supply of **"Orthopedic Instrument Set and Implants"** for the year 2026-2027 through courier service/speed post only. For details, please visit our website: www.capitalhospital.nic.in **[WWW.CAPITALHOSPITAL(DOT)NIC(DOT)IN]**. The details of Last date & time of receipt of tender, pre-bid meeting, date & time of opening of tender, venue etc. are mentioned in the bid documents. The undersigned reserves the right to reject or cancel any or all the tender without any reason thereof.
Sd./- Director
OIPR-10001/10078/1/25-26/0007 Capital Hospital, Bhubaneswar



**ଅଧୀକ୍ଷକଙ୍କ କାର୍ଯ୍ୟାଳୟ, ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ**
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର
**ସର୍ବସାଧାରଣ ବିଜ୍ଞପ୍ତି**
**ଲୋଗୋ ପ୍ରସ୍ତୁତି ପ୍ରତିଯୋଗିତା**
No.3001/1/2526: ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ (OSA), ଏହା ପାଇଁ ସରକାରୀ ଲୋଗୋ ଭାବରେ ଗ୍ରହଣ କରିବା ନିମନ୍ତେ ଆଗ୍ରହୀ ବ୍ୟକ୍ତିବିଶେଷଙ୍କ ଠାରୁ ଲୋଗୋ ଡିଜାଇନ୍ ଆହ୍ୱାନ କରୁଅଛୁ । ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ:
୧. ସମସ୍ତ ଭାରତୀୟ ନାଗରିକଙ୍କ ପାଇଁ ଉନ୍ମୁକ୍ତ ।
୨. ମନୋନୀତ ଲୋଗୋ ପାଇଁ ପୁରସ୍କାର ରାଶି- ଟ.୨୫,୦୦୦/-
୩. ଆବେଦନ ପ୍ରକ୍ରିୟା: କେବଳ ଇ-ମେଲ୍ ମାଧ୍ୟମରେ PDF ଫର୍ମାଟରେ ପଠାଇବାକୁ ହେବ ।
୪. AI (କୃତ୍ରିମ ବୁଦ୍ଧିମତ୍ତା) ଟୁଲ୍ କିମ୍ବା ପ୍ଲାଟଫର୍ମର ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ ।
୫. ଜଣେ ପ୍ରତିଯୋଗୀ ସର୍ବାଧିକ ଦୁଇଟି (୦୨) ଡିଜାଇନ୍ ଦାଖଲ କରିପାରିବେ ।
୬. ଲୋଗୋଟି ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱର ଐତିହ୍ୟ, ପ୍ରତ୍ନତତ୍ତ୍ୱ, କୀର୍ତ୍ତିରାଜି ଏବଂ ସାଂସ୍କୃତିକ ବୈଭବକୁ ପ୍ରତିଫଳିତ କରୁଥିବା ଆବଶ୍ୟକ ।
ଶ୍ରେଷ୍ଠ ୫୦ଟି ପ୍ରବେଶକୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯିବ ।
**ଆବେଦନର ଶେଷ ତାରିଖ: ୧୫/୦୨/୨୦୨୬**
ବିସ୍ତୃତ ମାର୍ଗଦର୍ଶିକା ଏବଂ ଆବେଦନପତ୍ର ପାଇଁ ବିଭାଗର ସରକାରୀ ୱେବସାଇଟ୍ (https://culture.odisha.gov.in/en) ପରିଦର୍ଶନ କରନ୍ତୁ ।
ସ୍ୱା./- ଅଧୀକ୍ଷକ
ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ,
OIPR-3001/3019/1/25-26/0001 ଭୁବନେଶ୍ୱର



**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଧର୍ମଗଡ଼**
ଜିଲ୍ଲା-କଳାହାଣ୍ଡି
No.13001/16/2526 **ନୋଟିସ୍**
ଏତଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, ଧର୍ମଗଡ଼ ଅନ୍ତର୍ଗତ ସମସ୍ତ ଜନସାଧାରଣ, ବ୍ୟବସାୟ ପ୍ରତିଷ୍ଠାନ ଓ ରାସ୍ତାପାର୍ଶ୍ୱ ବ୍ୟବସାୟୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ Plastic Waste Management Rules, 2022 ଏବଂ ତାହାର ପରବର୍ତ୍ତୀ ସଂଶୋଧନ ଅନୁସାରେ ଚିହ୍ନଟ ଥରେ ବ୍ୟବହୃତ ପ୍ଲାଷ୍ଟିକ (Single-Use-Plastic-SUP) ସାମଗ୍ରୀର ଉତ୍ପାଦନ, ସଞ୍ଚୟ, ବିକ୍ରୟ, ବଣ୍ଟନ ଏବଂ ବ୍ୟବହାର ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରାଯାଇଛି । ଏହି ନିର୍ଦ୍ଦେଶ ଅନୁସାରେ ନିମ୍ନଲିଖିତ ସାମଗ୍ରୀ ଅନ୍ତର୍ଭୁକ୍ତ:
•120 ମାଇକ୍ରୋନରୁ କମ୍ ମୋଟାଇ ବିଶିଷ୍ଟ ପ୍ଲାଷ୍ଟିକ କ୍ୟାରି ବ୍ୟାଗ । • ପ୍ଲାଷ୍ଟିକ କପ, ପ୍ଲେଟ, ଗ୍ଲାସ ଓ କଟଲେରି (ଚାମଚ, ଫୋର୍କ, ଛୁରୀ ଇତ୍ୟାଦି) । • ପ୍ଲାଷ୍ଟିକ ଷ୍ଟ୍ର, ଷ୍ଟିରର, ଟ୍ରେ, Thermocol Plate (ସୋଲ ଦନା) ଓ ପ୍ଲାଷ୍ଟିକ ଚାମଚ । • ବେଲୁନ, ପତାକା, ଆଇସକ୍ରିମ ଓ ମିଠା ପାଇଁ ବ୍ୟବହୃତ ପ୍ଲାଷ୍ଟିକ ଷ୍ଟିକ । • ଖାଦ୍ୟ ପଦାର୍ଥ, ମିଠା ବାକ୍ସ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ୟାକିଂ ପାଇଁ ବ୍ୟବହୃତ ପ୍ଲାଷ୍ଟିକ । • ସଜାସଜି କିମ୍ବା ପ୍ୟାକେଜିଂ ପାଇଁ ବ୍ୟବହୃତ Thermocol/Expanded Polystyrene (EPS) ସାମଗ୍ରୀ । • ହୋଟେଲ, ଢାବା, ରେଷ୍ଟୁରାଣ୍ଟ, ମିଠା ଦୋକାନ, ଖାଦ୍ୟ ଓ ରାସ୍ତାପାର୍ଶ୍ୱ ବ୍ୟବସାୟୀମାନେ ତରଳ ପଦାର୍ଥ ଜାତୀୟ ଖାଦ୍ୟ (ଯଥା-ଡାଲି, ତରକାରି, ଝୋଳ, ସାବୁଜି ଝୋଳ, ଦୁଧ, ଲସି ସରବତ ଆଦି (କୌଣସି ପ୍ରକାରର polythene/ plastic carry bag ରେ **ପ୍ୟାକ୍ କରି ବିକ୍ରୟ କରିବାକୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ** କରାଯାଇଛି ।
ସମସ୍ତ ବ୍ୟବସାୟୀ, ଦୋକାନଦାରମାନଙ୍କୁ ତୁରନ୍ତ ଉପରୋକ୍ତ ପ୍ଲାଷ୍ଟିକ ସାମଗ୍ରୀର ବ୍ୟବହାର ଓ ବିକ୍ରୟ ବନ୍ଦ କରି **କପଡ଼ା ବ୍ୟାଗ, କାଗଜ ବ୍ୟାଗ, ଝୋଟ ବ୍ୟାଗ (Jute Bag) କିମ୍ବା ଅନୁମୋଦିତ ପରିବେଶ-ଅନୁକୂଳ ବିକଳ୍ପ** ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଉଛି ।
ଏହି ସୂଚନା ଉଲ୍ଲଂଘନ କରିଲେ, **ଦଣ୍ଡ, ସାମଗ୍ରୀ ଜବତ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ** Plastic Waste Management ନିୟମାବଳୀ ଏବଂ ଅନ୍ୟାନ୍ୟ ଲାଗୁ ଆଇନ ଅନୁସାରେ ଗ୍ରହଣ କରାଯିବ ।
ପରିବେଶ ସୁରକ୍ଷା ଓ ସାଧାରଣ ଲୋକହିତର ସ୍ୱାର୍ଥରେ ଏହି ସୂଚନା ଜାରି କରାଯାଇଛି । ସହରକୁ ସ୍ୱଚ୍ଛ ଓ ପ୍ଲାଷ୍ଟିକ ମୁକ୍ତ ରଖିବା ପାଇଁ ସମସ୍ତଙ୍କ ସହଯୋଗ ଆଶା କରାଯାଉଛି ।
• **ଉପରୋକ୍ତ ପରିବେଶ ଅନୁକୂଳ ସାମଗ୍ରୀ କ୍ରୟ ପାଇଁ ନିମ୍ନଲିଖିତ ସଂସ୍ଥାମାନଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ:-**

| SL.NO. | COMPANY | CONTACT NO. |
|---|---|---|
| 1 | Eshan Eco Drive Pvt. Ltd., Khordha | 9849638983 |
| 2 | P.S. Enterprises, Sambalpur (Shri Kamal Sourav Poddar | 8888452389 |
| 3 | Amayra Enterprises, Koraput | 9437779949 |

ସ୍ୱା./-ନିର୍ବାହୀ ଅଧିକାରୀ, ବିଜ୍ଞାପିତ
OIPR-13001/13163/1/25-26/0016 ଅଞ୍ଚଳ ପରିଷଦ, ଧର୍ମଗଡ଼

**ବୁଥ୍‌ସ୍ତରକୁ ନେବୁ 'ଏମ୍‌ଜିଏନ୍‌ଆରଇଜିଏ': କଂଗ୍ରେସ**

ଭୁବନେଶ୍ୱର,୩।୨ (ରବିନାରାୟଣ ଜେନା): ରାଜ୍ୟର ସମସ୍ତ ବୁଥ୍‌ସ୍ତରକୁ 'ଏମ୍‌ଜିଏନ୍‌ଆରଇଜିଏ' ନେବୁ ବୋଲି ମଙ୍ଗଳବାର କଂଗ୍ରେସ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ କଂଗ୍ରେସ ଭବନଠାରେ ଏନେଇ 'ମନରେଗା ବଞ୍ଚାଅ ସଂଗ୍ରାମ' କମିଟି ଅଧକ୍ଷ ଶରତ ରାଉତଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ 'ଏମ୍‌ଜିଏନ୍‌ଆରଇଜିଏ'ରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନାଁ ଓ ନୀତିରେ ପରିବର୍ତ୍ତନ କରାଯିବାକୁ ନେଇ ତୀବ୍ର ନିନ୍ଦା କରାଯାଇଥିଲା।



## ମହିଳାଙ୍କ ସୁରକ୍ଷାର ଗ୍ୟାରେଣ୍ଟି ଦିଅନ୍ତୁ ପରେ ଯୋଜନାର ଶୁଭାରମ୍ଭ କରନ୍ତୁ: ବିଜେଡି

ଭୁବନେଶ୍ୱର, ୩।୨ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଞ୍ଜାମ ଜିଲାରେ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'ର ଶୁଭାରମ୍ଭ କରିଥିଲା ବେଳେ ପଡ଼ୋଶୀ କନ୍ଧମାଳ ଜିଲାରେ ନାବାଳିକାଙ୍କୁ ଜଙ୍ଗଲ ଭିତରକୁ ଟେକିନେଇ ବଳାତ୍କାର ଭଳି ଲଜ୍ଜାଜନକ ଖବର ଆସୁଛି। ଓଡ଼ିଶାରେ କନ୍ୟା ଅସୁରକ୍ଷିତ ଥିବାବେଳେ ରାଜ୍ୟ ସରକାର ପ୍ରଥମେ ମହିଳାଙ୍କୁ ସୁରକ୍ଷା ଗ୍ୟାରେଣ୍ଟି ଦିଅନ୍ତୁ ତା'ପରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଶୁଭାରମ୍ଭ କଲେ ଭଲ ହୁଅନ୍ତା ବୋଲି ବିଜେଡି କହିଛି। ଶଙ୍ଖ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଡବଲ ଇଞ୍ଜିନ ସରକାର ଗତ ୧୮ ମାସରେ ରାଜ୍ୟରେ ନାରୀ ନିର୍ଯାତନା ଶୀର୍ଷରେ ରହିଛି। ମୁଖ୍ୟମନ୍ତ୍ରୀ ଲିଖିତ ଉତ୍ତରରେ କହିଛନ୍ତି, ୧୫ ମାସରେ ଓଡ଼ିଶାରେ ୩୭,୬୧୧ ମହିଳା ବିରୋଧୀ ଅପରାଧ ମାମଲା ରୁଜୁହୋଇଛି। ଡବଲ ଇଞ୍ଜିନ ସରକାରରେ ୪ ହଜାର ଅଧିକ ବଳାତ୍କାର ହୋଇଛି, ନାରୀମାନେ ଅସୁରକ୍ଷିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଜିଲାରୁ ଆରମ୍ଭକରି ଆଦିବାସୀ ଅଧ୍ୟୁଷିତ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀରେ ଆବାସ ସ୍କୁଲରେ ନାବାଳିକା ଗର୍ଭବତୀ ହେଉଛନ୍ତି। ନାରୀଙ୍କୁ ସୁରକ୍ଷା ଓ ନ୍ୟାୟ ଦାବିରେ ବିଜେଡି ସବୁବେଳେ ରାଜରାସ୍ତାକୁ ଓହ୍ଲାଇଛି। ବିଜେଡି ସବୁବେଳେ ଦାବି କରିଛି, ଏସବୁ ଘଟଣାର ନିରପେକ୍ଷ ଓ ତ୍ୱରିତ ତଦନ୍ତ କରାଯାଇ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ଲେନିନ୍ କହିଛନ୍ତି।

## 'ଆନ୍ଧ୍ରରେ ବିକ କୋଟିଆ ଶସ୍ୟ'

### ସୀମାନ୍ତବାସୀଙ୍କୁ ପ୍ରବର୍ତ୍ତାଇଲେ ପଡ଼ୋଶୀ ରାଜ୍ୟ ଅଧିକାରୀ

ପଟ୍ଟାଙ୍ଗି,୩।୨ (ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ କୋଟିଆ ପଞ୍ଚାୟତର ସୀମାନ୍ତବାସୀଙ୍କୁ ନେଇ ଓଡ଼ିଶା–ଆନ୍ଧ୍ର ପ୍ରଦେଶ ପକ୍ଷରୁ ବୈଠକକରି ସଚେତନ କରାଯାଉଛି। ଏଥିରେ ଉକ୍ତ ପଞ୍ଚାୟତର ସୀମାନ୍ତବାସୀ ହଇରାଣ ହେଉଥିବା ଜଣାପଡ଼ିଛି। କୋଟିଆ ପଞ୍ଚାୟତ ସୀମାନ୍ତ ନେରିଡିବାଲସା ଗ୍ରାମରେ ଆନ୍ଧ୍ର ପିଆଇଟିଡିଏ ବିଭାଗ ପକ୍ଷରୁ ନିର୍ମିତ ସ୍ଥାୟୀ ଗୃହ ବାରଣ୍ଡାରେ ଲୋକଙ୍କୁ ମଙ୍ଗଳବାର ଏକତ୍ର କରାଯାଇଛି। ଆନ୍ଧ୍ର ପାର୍ବତୀପୁରମ ମାନ୍ୟାମ ଜିଲା ଅଧୀନ ସାଲୁର ବ୍ଲକ୍‌ରେ ଥିବା ଜିସିସି ବିଭାଗର ସି.ଏଚ୍. ରାମୁଲୁଙ୍କ ସହ ଅନ୍ୟ କର୍ମଚାରୀ ସୀମାନ୍ତ ଗ୍ରାମରେ ପହଞ୍ଚି ଲୋକଙ୍କୁ ଉତ୍ପାଦିତ ବିରି, ଅଳସୀ ଆଦି ଶସ୍ୟକୁ ସୁଲଭ



ବୈଠକରେ ଆନ୍ଧ୍ର ଜିସିସି ବିଭାଗର କର୍ମଚାରୀମାନେ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ମୂଲ୍ୟରେ ବିକ୍ରିକରି ରୋଜଗାରକ୍ଷମ ହେବା ନେଇ ବୁଝାଇଛନ୍ତି। ନିଜ ରାଜ୍ୟରେ ଥିବା ସରକାରୀ ଦରରେ ବିକ୍ରି କରିବାକୁ କହିଛନ୍ତି। କୋଟିଆ ପଞ୍ଚାୟତର ପ୍ରତି ଗ୍ରାମ ଓ ପାହାଡ଼ରେ ପ୍ରଚୁର ପରିମାଣରେ ଥିବା ତେନ୍ତୁଳି ଗଛରୁ ତେନ୍ତୁଳି ଅମଳ କରି ଆନ୍ଧ୍ରର ଉକ୍ତ ସଂସ୍ଥାକୁ ବିକ୍ରିକରି ଲାଭବାନ୍ ହୋଇପାରିବେ ବୋଲି କହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ସୀମାନ୍ତବାସୀଙ୍କୁ ତେନ୍ତୁଳି କିଲୋ ପିଛା ୩୬ଟଙ୍କାରେ କିଣିବା ବ୍ୟବସ୍ଥା ରହିଛି ବୋଲି ବୁଝାଇଛନ୍ତି। ସୀମାନ୍ତବାସୀ କୁଆଡ଼େ ଯିବା ଆବଶ୍ୟକ ନାହିଁ ପ୍ରତି ସପ୍ତାହରେ ନେରିଡିବାଲସା ଗ୍ରାମରେ ହେଉଥିବା ସାପ୍ତାହିକ ହାଟରୁ ଆମ ସଂସ୍ଥା କିଣିବ ବୋଲି ଆନ୍ଧ୍ରର ଉକ୍ତ ସଂସ୍ଥାର ଅଧିକାରୀ ସୀମାନ୍ତବାସୀଙ୍କୁ ବୁଝାଇ ଜଙ୍ଗଲ ଜାତୀୟ ଆମଦାନୀ ଫସଲକୁ ମଧ୍ୟ ସୁଲଭ ମୂଲ୍ୟରେ କିଣିବ ବୋଲି ପ୍ରତିଶ୍ରୁତି ଦେବା ସହ ଆନ୍ଧ୍ର ସରକାର ତୁମମାନଙ୍କ ସହ ସର୍ବଦା ରହିଛି ଓ ରହିଥିବ ବୋଲି ବୁଝାଇଛନ୍ତି। ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନର ଜନସମ୍ପର୍କ ବୈଠକର ୨୪ ଘଣ୍ଟା ପରେ ଆନ୍ଧ୍ରର ସରକାରୀ ସଂସ୍ଥାର ଅଧିକାରୀ କର୍ମଚାରୀ ଅନୁପ୍ରବେଶକରି ସୀମାନ୍ତବାସୀଙ୍କୁ ସଚେତନକରି ଫେରିଛନ୍ତି। ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ହୋଇଥିବା ଜନସମ୍ପର୍କ କାର୍ଯ୍ୟକ୍ରମକୁ ନେଇ କୋଟିଆ ସରପଞ୍ଚ ଲିଡ ଗେମେଲ କହିଛନ୍ତି, ପଞ୍ଚାୟତର ସୀମାନ୍ତ ଗ୍ରାମରେ ବ୍ଲକ ପ୍ରଶାସନ ପକ୍ଷରୁ ଜନସମ୍ପର୍କ ବୈଠକ କରି ସୀମାନ୍ତବାସୀଙ୍କୁ ସରକାରଙ୍କ କାର୍ଯ୍ୟକ୍ରମ ନେଇ ସଚେତନତା କରାଯାଉଛି। କିନ୍ତୁ ମୋତେ ଅବଗତ କରାଯାଉନାହିଁ ବୋଲି ସରପଞ୍ଚ ଗେମେଲ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଏନ୍‌ଏଲ୍‌ସିଆଇଏଲ୍ ତଲାବିରାରେ ସିବିଆଇ ଚଢ଼ାଉ

### ଖଣି ଖନନ ଓ କୋଇଲା ଉତ୍ତୋଳନରେ ଦୁର୍ନୀତି ନେଇ ଛାନ୍‌ଭିନ୍

### ୧୯ ଜଣଙ୍କୁ ପଚରାଉଚରା

ସମ୍ବଲପୁର,୩।୨ (ପ୍ରମୋଦ ବହିଦାର)

ଦିଲ୍ଲୀରୁ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା(ସିବିଆଇ)ର ଏକ ଟିମ୍ ମଙ୍ଗଳବାର ସମ୍ବଲପୁର ଜିଲା ଖିଣ୍ଡା ପଞ୍ଚାୟତସ୍ଥିତ ନେଭେଲି ଲିଗ୍ନାଇଟ୍ କର୍ପୋରେଶନ୍ ଇଣ୍ଡିଆ ଲିମିଟେଡ୍(ଏନ୍‌ଏଲ୍‌ସିଆଇଏଲ୍) ତଲାବିରା କୋଇଲା ଖଣି କାର୍ଯ୍ୟାଳୟରେ ଚଢ଼ାଉ କରିଛି। ଚଢ଼ାଉକାରୀ ଦଳରେ ଦିଲ୍ଲୀ ଓ ଭୁବନେଶ୍ୱର ସିବିଆଇର ଜଣେ ଲେଖାଏ ଅଧିକାରୀଙ୍କ ସହିତ ସମ୍ବଲପୁର ଓ ଝାରସୁଗୁଡ଼ା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଆଞ୍ଚଳିକ ଅଧିକାରୀ ସାମିଲ ହୋଇଥିଲେ। କୋଇଲା ଖନନ ଏବଂ ଉତ୍ତୋଳନ ପ୍ରକ୍ରିୟାରେ ହୋଇଥିବା ଦୁର୍ନୀତି ଓ ଅନିୟମିତତା ତଥା ଅଞ୍ଚଳରେ ପ୍ରଦୂଷଣଜନିତ ସମସ୍ୟା ନେଇ ହୋଇଥିବା ଅଭିଯୋଗର ତଦନ୍ତ ପାଇଁ ଏହି ଚଢ଼ାଉ ହୋଇଛି। ବିଶେଷକରି ତଲାବିରା–୧ କୋଇଲା ଖଣିରୁ ଅନୁମୋଦିତ ପରିମାଣଠାରୁ ବହୁ ଅଧିକ କୋଇଲା ଉତ୍ତୋଳନ କରାଯାଇଥିବା ନେଇ ସିବିଆଇ ବର୍ତ୍ତମାନ ଛାନ୍‌ଭିନ୍ କରୁଛି। ଏହାକୁ ନେଇ ଚଢ଼ାଉକାରୀ ସିବିଆଇ ଅଧିକାରୀମାନେ କୌଣସି ସୂଚନା ଦେଇ ନାହାନ୍ତି। ମାତ୍ର ଏହି ମାମଲାରେ ସିବିଆଇ ପକ୍ଷରୁ ତନାଘନା ଜାରି ରହିଥିବା ବେଳେ ଖିଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ସ୍ଥାନୀୟ ଅଞ୍ଚଳର ୧୯ ଜଣଙ୍କୁ କମ୍ପାନୀର ବେଆଇନ ଖନନ ଓ ଉତ୍ତୋଳନ ସହିତ ପ୍ରଦୂଷଣ ସମ୍ପର୍କରେ ସିବିଆଇ ଅଧିକାରୀମାନେ ପଚରାଉଚରା କରିଥିଲେ। ତେବେ ୧୯ ଜଣଙ୍କୁ ସମନ ହୋଇଥିଲେ ମଧ୍ୟ ୧୪ ଜଣ ଉପସ୍ଥିତ ଥିଲେ ବୋଲି ସୂଚନା ମିଳିଛି। ଏନ୍‌ଏଲ୍‌ସିଆଇଏଲ ତଲାବିରା ଖଣି ସମ୍ପ୍ରସାରଣକୁ ନେଇ ୨୦୧୦ ମସିହାରେ ହୋଇଥିବା ଜନଶୁଣାଣିରେ ଲୋକଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ପୂର୍ବରୁ ଏହି କୋଇଲା ଖଣିକୁ ନେଇ ଏକ ମାମଲା ରୁଜୁ ହୋଇଥିଲେ ମଧ୍ୟ କୌଣସି କାରଣବଶତଃ ତାହା ବନ୍ଦ ହୋଇଯାଇଥିଲା। ପରବର୍ତ୍ତୀ କାଳରେ ୨୦୧୪ ମସିହାରେ ସ୍ଥାନୀୟ ଲୋକମାନେ ପୁଣିଥରେ ଖଣିକୁ ନେଇ ଅଭିଯୋଗ କରିଥିଲେ। ସେହି ସମୟରେ ସିବିଆଇ ପକ୍ଷରୁ କୋଇଲା ଖଣିରେ ଚଢ଼ାଉ ହୋଇଥିଲା।

## ବିଜେଡିରୁ ୨ଥର ରାଜ୍ୟ ସଭା ଯାଇ ମନ୍ତ୍ରୀ: ମୁଜିବୁଲ୍ଲା

ଭୁବନେଶ୍ୱର,୩।୨ (ସୁନିତ୍ ମିଶ୍ର)

କୋରାପୁଟ ଓ ନବରଙ୍ଗପୁର ଆଦିବାସୀ ବହୁଳ ଜିଲା ଭାବେ ପରିଚିତ। ନବରଙ୍ଗପୁର ଜିଲା ଏବଂ ମାଲକାନଗିରିର ଜୟପୁରଠାରୁ ନବରଙ୍ଗପୁର ଓ ଜୟପୁରଠାରୁ ମାଲକାନଗିରି ପର୍ଯ୍ୟନ୍ତ ରେଲଲାଇନ ସଂଯୋଗ ପାଇଁ ୨୦୧୬ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ସୁରେଶ ପ୍ରଭୁ ସେତେବେଳେ ଦେଶର ରେଳମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଥିଲେ। ସେହି ସମୟରେ ଓଡ଼ିଶାରୁ ଭାଜପାର ଜଣେ ଏମ୍‌ପି ଥିଲେ ଜୁଏଲ ଓରାମ ଏବଂ କେନ୍ଦ୍ରମନ୍ତ୍ରୀ ଭାବେ ଧର୍ମେନ୍ଦ୍ର ପ୍ରଧାନ ସେତେବେଳେ ଉପସ୍ଥିତ ଥିଲେ। ସେତେବେଳେ ଏମ୍‌ଓୟୁ ହେବା ସମୟରେ ହୋଇଥିବା ଆଲୋଚନା ମୁତାବକ, ଜୟପୁରଠାରୁ ମାଲକାନଗିରି ପର୍ଯ୍ୟନ୍ତ ଯେଉଁ ରେଲଲାଇନ ଯିବ ସେଥିଲାଗି ଯେଉଁ ଜମି ଦରକାର ତା'ର ପୂରା ଖର୍ଚ୍ଚ ଏବଂ ଭିତ୍ତିଭୂମି ନିର୍ମାଣ ଲାଗି ଆବଶ୍ୟକ ଅର୍ଥର ୫୦ ପ୍ରତିଶତ ରାଜ୍ୟ ସରକାର ଦେବାକୁ ସ୍ଥିର ହୋଇଥିଲା। ୨୦୧୬ରୁ ୨୦୨୬ ଆସି ପହଞ୍ଚିଗଲାଣି, ଏପର୍ଯ୍ୟନ୍ତ କିଛି ହେଲା ନାହିଁ ବୋଲି ବିଜେଡି ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା ଖାନ କହିଛନ୍ତି। ରାଜ୍ୟ ସଭାରେ ନିଜ ଭାଷଣ ଜରିଆରେ ମୁଜିବୁଲ୍ଲା କହିଛନ୍ତି, ଜୟପୁରଠାରୁ ନବରଙ୍ଗପୁର ୩୮ରୁ ୪୦କି.ମି. ଏବଂ ମାଲକାନଗିରି ୧୪୦ କି.ମି. ଦୂର ହେବ। ୪୦ କି.ମି. ରେଲଲାଇନ ପାଇଁ ଏତେଦିନ ଲାଗିଗଲାଣି। ନବରଙ୍ଗପୁର ଜିଲାର ଲୋକ ଏପର୍ଯ୍ୟନ୍ତ ରେଲଲାଇନ ଦେଖିପାରିଲେ ନାହିଁ। ଭାଜପା ଲୋକ କହୁଥିଲେ ଯେତେବେଳେ ଡବଲ ଇଞ୍ଜିନ ସରକାର ହେବ ନିଶ୍ଚିତ ଏହି ରେଲଲାଇନ ହେବ। ଡବଲ ଇଞ୍ଜିନ ସରକାରକୁ ୨ ବର୍ଷ ବିତିବାକୁ ବସିଲାଣି। ଦେଶର ରେଳମନ୍ତ୍ରୀ ଯିଏ ଅଛନ୍ତି ସେ ମଧ୍ୟ ବିଜେଡି ତରଫରୁ ପଠାଯାଇଛି। ତାଙ୍କୁ ଭାଜପା ମଧ୍ୟ ପଠାଇ ନ ଥିଲା। ନବୀନ ପଟ୍ଟନାୟକ ତାଙ୍କୁ ୨ ଥର ରାଜ୍ୟ ସଭା ପଠାଇଛନ୍ତି। ହେଲେ ଇଏ ଯଦି ୪୦ କି.ମି.ର ରେଲଲାଇନ ନ କରିପାରିବେ ତା'ଠାରୁ ଦୁଃଖର ବିଷୟ କ'ଣ ଅଛି। ବିଜେଡିରୁ ଯାଇ ୨ ଥର ରେଳମନ୍ତ୍ରୀ ହେଲାପରେ ଯଦି ରେଲଲାଇନ ନ କରିବେ ତାଙ୍କୁ ଓଡ଼ିଶାରେ ପୂରାଇ ଦେବୁନାହିଁ ବୋଲି ମୁଜିବୁଲ୍ଲା କହିଛନ୍ତି।

## ବ୍ୟୋମକେଶ ଭଦ୍ରକ ଜିଲା ବିଜେଡି ସଭାପତି

ଭୁବନେଶ୍ୱର, ୩।୨ (ସୁନିତ୍ ମିଶ୍ର)

ପୂର୍ବତନ ବିଜୁ ଯୁବ ଜନତା ଦଳ ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କୁ ମଙ୍ଗଳବାର ଦଳ ପକ୍ଷରୁ ନୂଆ ନିଯୁକ୍ତି ଦିଆଯାଇଛି। ବ୍ୟୋମକେଶଙ୍କୁ ଦଳ ପକ୍ଷରୁ ଭଦ୍ରକ ଜିଲା ସଭାପତି ଭାବେ ନୂଆ ଦାୟିତ୍ୱ ମିଳିଛି। ତାଙ୍କ ହାତରେ ଦଳର ଯୁବ ବ୍ୟାପାର ଦାୟିତ୍ୱ ମଧ୍ୟ ରହିଛି। ରାଜନୈତିକ ଦୃଷ୍ଟିକୋଣରୁ ଭଦ୍ରକକୁ ବର୍ତ୍ତମାନ ବହୁ ଗୁରୁତ୍ୱପୂର୍ଣ୍ଣ ଜିଲା ଭାବେ ପରିଗଣିତ କରାଯାଉଛି। ଯେହେତୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଜିଲା ଭଦ୍ରକ, ସେଥିଲାଗି ଏହା ରାଜନୈତିକ ଦୃଷ୍ଟିରୁ ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଚାନ୍ଦବାଲି ଆସନରୁ ମନମୋହନଙ୍କୁ ଗତ ସାଧାରଣ ନିର୍ବାଚନରେ ବ୍ୟୋମକେଶ ପରାଜିତ କରିଥିଲେ। ସେହି ଦୃଷ୍ଟିରୁ ବ୍ୟୋମକେଶଙ୍କୁ ଜିଲା ସଙ୍ଗଠନର ମୁଖ୍ୟ ଭାବେ ଦାୟିତ୍ୱ ଦିଆଯାଇଛି ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ଭଦ୍ରକ ଛଡ଼ା ଗଞ୍ଜାମ ସାଙ୍ଗଠନିକ ଜିଲାରେ ବିଜେଡି ପକ୍ଷରୁ ୨ ଜଣଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଏବଂ ଭଗବାନ ଗନ୍ତାୟତଙ୍କୁ ଗଞ୍ଜାମ ଜିଲା କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେହିପରି ରାୟଗଡ଼ା ଜିଲା କାର୍ଯ୍ୟକାରୀ ସଭାପତି ଭାବେ ପି.ଗୌରୀ ଶଙ୍କରଙ୍କୁ ନୂଆ ନିଯୁକ୍ତି ମିଳିଛି। ମୟୂରଭଞ୍ଜ–୨ ସାଙ୍ଗଠନିକ ଜିଲାରେ ରାଇସେନ ମୁର୍ମୁଙ୍କୁ ଦଳ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ପ୍ରଦାନ କରିଛି। ଏନେଇ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଦସ୍ତଖତରେ ମଙ୍ଗଳବାର ବିଜ୍ଞପ୍ତି ଜାରି କରାଯାଇଛି। ବିଜେଡି ପକ୍ଷରୁ ବିଭିନ୍ନ ଜିଲାର ସାଙ୍ଗଠନିକ ନିଯୁକ୍ତି ଚାଲିଥିବା ବେଳେ ଖୋର୍ଦ୍ଧା ଏବଂ ବାଲେଶ୍ୱର ଜିଲାରେ ସଭାପତି ଚୟନ ଏପର୍ଯ୍ୟନ୍ତ ଦଳ ପକ୍ଷରୁ କରାଯାଇନାହିଁ। ଏହି ଦୁଇ ଜିଲାର ସଭାପତି ଚୟନ ବିଷୟ ମଧ୍ୟ ରାଜ୍ୟ ରାଜନୀତିରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଖୋର୍ଦ୍ଧା ଜିଲାରେ ଦଳ କାହାକୁ ସଭାପତି କରିବ ସେନେଇ ଏପର୍ଯ୍ୟନ୍ତ ଚୟନ କରିପାରୁନାହିଁ। ଏହି ଜିଲା ଅଧୀନରେ ଆସୁଥିବା ବିଭିନ୍ନ ବିଧାନସଭା କ୍ଷେତ୍ରର ନେତାମାନେ ଦୁଇଟି ଗୋଷ୍ଠୀରେ ବିଭକ୍ତ ହୋଇଥିବା ଚର୍ଚ୍ଚା ହେଉଛି, ଯେଉଁଥିଲାଗି ଦଳ କାହାକୁ ଏଯାଏଁ ସଭାପତି କରିପାରି ନାହିଁ। ଅନ୍ୟପଟେ ବାଲେଶ୍ୱର ଜିଲାର ସଭାପତି ଦାୟିତ୍ୱ ନେବାକୁ ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନା ଆଗ୍ରହୀ ଅଛନ୍ତି। ଦଳର ଶୀର୍ଷରୁ ତାଙ୍କୁ ଏହି ପଦ ଦେବାକୁ ରାଜି ନାହିଁ। ଅନ୍ୟପଟେ ଜିଲାର ବହୁ ନେତା ମଧ୍ୟ ତାଙ୍କୁ ବିରୋଧ କରୁଥିବା ଚର୍ଚ୍ଚା ହେଉଛି। ଏହାରି ଭିତରେ କିଛିଦିନ ହେଲା ରବୀନ୍ଦ୍ର ଜେନା ଭାଜପାରେ ମିଶିବା ଲାଗି ଚେଷ୍ଟା କରୁଥିବା ଶୁଣିବାକୁ ମିଳୁଛି। ହେଲେ ଭାଜପା କୁଆଡେ ଏଯାଏଁ ତାଙ୍କ ମିଶିବା ନେଇ ଗ୍ରୀନ୍ ସିଗ୍‌ନାଲ ଦେଉ ନ ଥିବା ଜିଲାରେ କୁହାକୁହି ହେଉଛନ୍ତି।

## ଗଞ୍ଜାମରେ ବଢ଼ିଛନ୍ତି ୪୯୮ କୃଷ୍ଣସାର ମୃଗ

ଭୁବନେଶ୍ୱର, ୩।୨ (ବନ୍ଦନା ସେଠୀ)

ଗଞ୍ଜାମରେ ବୃଦ୍ଧି ପାଇଛି କୃଷ୍ଣସାର ମୃଗଙ୍କ ସଂଖ୍ୟା। ୨୦୨୦ରେ ଗଞ୍ଜାମରେ କୃଷ୍ଣସାର ମୃଗଙ୍କ ସଂଖ୍ୟା ୬୮୭୫ ଏବଂ ୨୦୨୫ରେ ୮୭୮୯ ଥିବାବେଳେ ଚଳିତ ବର୍ଷ ଏହା ବୃଦ୍ଧି ପାଇ ୯୨୮୭ରେ ପହଞ୍ଚିଛି। ବର୍ଷକରେ ୪୯୮ କୃଷ୍ଣସାର ମୃଗଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ୍ କୁମାର ଝା ମଙ୍ଗଳବାର ତାଙ୍କ ଏକ୍ସରେ ସୂଚନା ଦେଇଛନ୍ତି। ପ୍ରଶିକ୍ଷିତ ଟିମ୍, ଡ୍ରୋନ ଏବଂ ଏଆଇ ସହାୟତାରେ ଗଣନା ପରେ ଏହି ସୂଚନା ଦିଆଯାଇଛି। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଗତ ଜାନୁଆରୀ ୨୯ରେ କୃଷ୍ଣସାର ମୃଗଙ୍କ ଗଣନା କରାଯାଇଥିଲା।

## ଅଭିନବ ଭାବରେ ଏକତ୍ର ହେବା

### ଆଜି ବିଶ୍ୱ କ୍ୟାନ୍‌ସର ଦିବସ



ବର୍ତ୍ତମାନ ଆମେ ସମ୍ମୁଖୀନ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ମଧ୍ୟରୁ କ୍ୟାନ୍‌ସର ବା କର୍କଟ ରୋଗ ଅନ୍ୟତମ। ପ୍ରାରମ୍ଭରୁ ଏହାର ଲକ୍ଷଣ ବିଷୟରେ ଅବଗତ ହୋଇପାରିଲେ ପ୍ରଥମ ଷ୍ଟେଜ୍‌ରୁ ହିଁ କେତେକ କ୍ୟାନ୍‌ସରରୁ ଆରୋଗ୍ୟ ମିଳିପାରୁଛି। ହେଲେ ଯଦି ବିଳମ୍ବରେ ଏହାର କାରଣ ଜଣାପଡେ ତେବେ ତାହା ଅକାଳ ମୃତ୍ୟୁକୁ ଡାକି ଆଣିଥାଏ। ତେଣୁ କ୍ୟାନ୍‌ସର ବିଷୟରେ ଅଧିକ ସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଫେବୃଆରୀ ୪ ତାରିଖକୁ 'ବିଶ୍ୱ କ୍ୟାନ୍‌ସର ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ଏହି ଦିବସ ଅବସରରେ ଘୋଷିତ ଚଳିତ ବର୍ଷର ସ୍ଲୋଗାନ ହେଲା– 'ଅଭିନବ ଭାବରେ ଏକତ୍ର ହେବା'। ପ୍ରତିବର୍ଷ କ୍ୟାନ୍‌ସର ଦିବସରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବା ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ ପକ୍ଷରୁ ଏହି ସ୍ଲୋଗାନ ଘୋଷଣା କରାଯାଇଥାଏ।

କଥାରେ ଅଛି– କ୍ୟାନ୍‌ସର ନୋ ଆନ୍‌ସର। କିନ୍ତୁ ଯଦି ଠିକ୍ ସମୟରେ ଏହାର କାରଣ ବିଷୟରେ ଅବଗତ ହେବା ଆଉ ତାହାର ଠିକ୍ ଉପାୟରେ ଚିକିତ୍ସା କରିବା ତେବେ ଏଥିରୁ ଆରୋଗ୍ୟ ଲାଭ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏକ ଆକଳନରୁ ଜଣାପଡ଼ିଛି ଯେ, ବର୍ତ୍ତମାନ ଯୁବପିଢ଼ି ଏହାର ଅଧିକ ଶୀକାର ହେଉଛନ୍ତି। ତେବେ କ୍ୟାନ୍‌ସରର ଲକ୍ଷଣଗୁଡିକ କ'ଣ ? ଏହାର ପ୍ରମୁଖ ଲକ୍ଷଣ ହେଲା–ଶରୀରର କୌଣସି ସ୍ଥାନରେ ଆବୁ ପରି ଗୁଳି ହେବା, ହଠାତ୍ ଓଜନ କମିଯିବା, ଆଦୌ କିଛି କାମ ନ କରି ହାଲିଆ ଲାଗିବା, ଚର୍ମ ରଙ୍ଗରେ ପରିବର୍ତ୍ତନ ଦେଖାଦେବା ଏବଂ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ ହେବା ଏବଂ ଏହି ଅବସ୍ଥା ଲାଗି ରହିବା। ଏହାବ୍ୟତୀତ ନିଶାଦ୍ରବ୍ୟ ସେବନ କରୁଥିଲେ କ୍ୟାନ୍‌ସର ଆଶଙ୍କା ମଧ୍ୟ ରହିଛି। ବିଶେଷଭାବରେ ପାନ, ସିଗାରେଟ୍, ବିଡ଼ି, ତମାଖୁଜାତୀୟ ଦ୍ରବ୍ୟ ଖାଇବା ଅଭ୍ୟାସରେ ପଡିଯାଇଥିଲେ ଭବିଷ୍ୟତରେ ମୁଖଗହ୍ୱର କ୍ୟାନ୍‌ସର ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଯଦି ଏସବୁ ଲକ୍ଷଣ ବିଷୟରେ ଅବଗତ ହେଲେ ତେବେ ବିଳମ୍ବ ନ କରି ଅଭିଜ୍ଞ କ୍ୟାନ୍‌ସର ଡାକ୍ତରଙ୍କ ନିକଟକୁ ଯାଇ ତାଙ୍କ ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ। ଯଦି ବିଳମ୍ବରେ ଏହାର କାରଣ ଜଣାପଡିଲା, ତେବେ ଚିକିତ୍ସା ପାଇଁ ପ୍ରଚୁର ଅର୍ଥ ଖର୍ଚ୍ଚ କରିବାକୁ ପଡିଥାଏ। ଅନେକ ସମୟରେ କ୍ୟାନ୍‌ସର ଆକ୍ରାନ୍ତ ବ୍ୟକ୍ତି ମୃତ୍ୟୁବରଣ କରିଥାଆନ୍ତି। ତେଣୁ ସବୁବେଳେ ଏକ ବ୍ୟବସ୍ଥିତ ଜୀବନଶୈଳୀ ଅନୁସରଣ କରିବା ସହ ନିଶାଦ୍ରବ୍ୟ ଠାରୁ ନିଜକୁ ଦୂରେଇ ରଖନ୍ତୁ। ଆଜିକାଲି କ୍ୟାନ୍‌ସରର ଚିକିତ୍ସା ପାଇଁ ବିଭିନ୍ନ ଅତ୍ୟାଧୁନିକ ପ୍ରଣାଳୀ ଅନୁସରଣ କରାଯାଉଛି। ତେଣୁ ଠିକ୍ ସମୟରେ ଏହାର ଲକ୍ଷଣ ବିଷୟରେ ଅବଗତ ହୋଇ ଚିକିତ୍ସା କରାଇ ନେବା ଦରକାର। ଏହାଦ୍ୱାରା ଆମେ କ୍ୟାନ୍‌ସରଜନିତ ମୃତ୍ୟୁହାରକୁ କେତେକାଂଶରେ ରୋକି ପାରିବା।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE**

No. 34001/14/2526 e-mail ID: supenger_rbjyp@yahoo.co.in

**INVITATIONS FOR BIDS (IFB)**

**Bid Identification No. C.C.E.J.C. (R&B) - 14/2025-26**

No. 1475 Date: 31.01.2026

1. Nature of the work : Road & Building Works
2. Total No. of Works : 07 (Seven) Nos.
3. Tender Cost : Rs.2.58 to 6.44 Crs.
4. Period of Completion : 04 (Four) to 11 (Eleven) Calendar Months each
5. Cost of Bid Document : Rs.10,000/-
6. Bid Security (EMD) : Rs.2.58 Lacs to 6.44 lacs as per column No. 06 of IFB.
7. Class of Contractor : "Special", "B" & "A" Class as per Cl. No. 05 of TCN & according to Financial eligibility.
8. Date & time of availability of bid document in the portal : From 12.00 hours of 10.02.2026 to 17.00 hours of 24.02.2026
9. Last date/time for receipt of bids in the portal : 17.00 hours of 24.02.2026
10. Opening date of Bid : 11.00 hours of 25.02.2026
11. Name and address of the Officer Inviting Bid : Chief Construction Engineer, Jeypore (R&B) Circle, Jeypore

Further details can be seen from the e-procurement portal **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only.

Sd./- Chief Construction Engineer
Jeypore (R&B) Circle, Jeypore

OIPR-34001/34108/1/25-26/0014



**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପ ମୁଖ୍ୟ ଯନ୍ତ୍ରୀ/ସିଓଏନ/ଗାର୍ଡେନ୍ ରିଚ୍, କୋଲକାତା–୭୦୦୦୪୩, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ **www.ireps.gov.in** ରେ ଅପ୍‌ଲୋଡ୍ ହୋଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖ ଦିନ ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ: **ଇ-ଟେଣ୍ଡର ବିଜ୍ଞପ୍ତି ନଂ.- ୦୧-ଡିସିଇ-ସି-ଜିଆରସି-୦୧-୨୦୨୬; କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଦକ୍ଷିଣ ପୂର୍ବ ରେଳପଥର ଡେପୁଟି ସିଇ/ସିଓଏନ/ଗାର୍ଡେନ୍ ରିଚ୍‌ଙ୍କ କ୍ଷେତ୍ରାଧିକାରରେ ବକ୍ରାନୟାବାଜ ଷ୍ଟେଶନଠାରେ ଅତିରିକ୍ତ ଲୁପ୍ ଲାଇନ୍ ସଂକ୍ରାନ୍ତରେ ଇଆଇ ବିଲ୍‌ଡିଂର ନିର୍ମାଣ ଓ ତତ୍ ସମ୍ବନ୍ଧୀୟ କାର୍ଯ୍ୟ । ଏଷ୍ଟିମେଟ୍ ନଂ. ୧୮୮୫ଡବ୍ଲ୍ୟୁ/୨୦୨୨; **ଆନୁମାନିକ ମୂଲ୍ୟ:** ₹୫,୧୮,୫୨,୫୩୩.୯୩; **ବିଡ୍ ଅମାନତ:** ₹୪,୦୯,୩୦୦.୦୦; **ସମାପ୍ତି ଅବଧି:** ୦୮ ମାସ; **ସମାପ୍ତି ତାରିଖ:** ୧୦।୦୩।୨୦୨୬; ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: "ସମ୍ଭାବ୍ୟ ଟେଣ୍ଡରଦାତା ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି" । (PR-1137)



**GOVT OF ODISHA** No. 25001/16/2526
**OFFICE OF THE SUPERINTENDING ENGINEER, RURAL WORKS DIVISION, NAYAGARH**

At/P.O.: Nabaghanpur, Dist.: Nayagarh, Ph.: 06753-252049, E-mail: nayagarhrw2006@yahoo.in

No.: Tender-Online-Nayagarh Divn.-13/2025-26 Date:

**e-Procurement NOTICE**

1. Name of the Work : Road Works
2. Total No. of Projects : 07 (Seven) Nos. of Projects
3. Class of Contractor :
   a) Estimated cost above Rs.20.00 lakhs & upto Rs.3.00 Crore : **B Class** (of Odisha PWD) or relevant class of other licensing authorities
   b) Estimated cost upto Rs.40.00 lakhs : **C Class** (of Odisha PWD) or relevant class of other licensing authorities
   c) Estimated cost upto Rs.20.00 lakhs : **D Class** (of Odisha PWD) or relevant class of other licensing authorities
4. Estimated Cost put to tender : Rs.4.84 lakhs & Rs.45.47 lakhs
5. Time for Completion : 01 (One) Calendar Month
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Nayagarh | No.: Tender Online - Divn. NAYAGARH - 13/2025-26 | 06.02.2026 at 10.00 A.M. | 16.02.2026 upto 5.30 P.M. | 17.02.2026 at 11.00 A.M. |

Further details can be seen from the website **www.tendersorissa.gov.in**.

OIPR-25001/25106/1/25-26/0016 Sd./- Executive Engineer, Rural Works Division., Nayagarh



ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍‌ଡିଂ, ୭ମ ମହଲା, ପ୍ଲଟ୍ ପି-୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ଼୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

सत्यमेव जयते

**Government of India**
**Ministry of Corporate Affairs**
**Centre for Processing Accelerated Corporate Exit (C-PACE), IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050**
**Email: roc.cpace@mca.gov.in**

ଫର୍ମ ନଂ. ଏସ୍‌ଟିକେ-୬

**ସର୍ବସାଧାରଣ ବିଜ୍ଞପ୍ତି**

*[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ–ଧାରା (୨) ଏବଂ ଉପ–ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]*

**ସର୍ବସାଧାରଣ ନୋଟିସ: ଆରଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୫-୨୬/୧୮୫୮ ତାରିଖ: ୨୧।୦୧।୨୦୨୬**

**ସନ୍ଦର୍ଭ:**

**କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୨)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:**

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏସି୧୦୭୮୬୪୪ | ୟୁ୯୫୨୪୦ଓଡି୨୦୨୪ପିଟିସି୦୪୫୪୨୬ | ଟେକ୍ନୋସାଗର ଭାରତ ପ୍ରାଇଭେଟ୍ ଲିମିଟେଡ୍ |
| ୨ | ଏସି୧୨୨୨୩୦୪ | ୟୁ୮୬୯୦୦ଓଡି୨୦୨୪ପିଟିସି୦୪୫୦୩୮ | ଇନୋଭି ହେଲ୍‌ଥକେୟାର୍ ପ୍ରାଇଭେଟ୍ ଲିମିଟେଡ୍ |

୨. ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି । ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍‌ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପେଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ–ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନେ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି ।

୩. ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି ।

୪. କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି ।

ଇର୍କନ ତିର୍କୀ
ଉପ ନିବନ୍ଧକ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର

CBC 07123/11/0641/2526



ଫର୍ମ ନଂ.୧୩
**ଋଣ ଅସୁଲି ପ୍ରାଧିକରଣ, କଟକ**
ସି-୭୧, ସେକ୍ଟର-୭, ସିଡ଼ିଏ, କଟକ, ଓଡ଼ିଶା
ଓ.ଏ. ନଂ.୫୦୧/୨୦୨୫

ବ୍ୟାଙ୍କ ଅଫ୍ ଇଣ୍ଡିଆ ............................ ଆବେଦନକାରୀ
ବନାମ
ମେସର୍ସ ବି.ସି ଏଣ୍ଟରପ୍ରାଇଜେସ୍ ଏବଂ ଅନ୍ୟମାନେ..........ପ୍ରତିବାଦୀମାନେ

୧. **ମେସର୍ସ ବି.ସି ଏଣ୍ଟରପ୍ରାଇଜେସ୍,** ଏହାର ଏକମାତ୍ର ସତ୍ତ୍ୱାଧିକାରୀ ଶ୍ରୀ ଚିତ୍ତରଞ୍ଜନ ମିଶ୍ରଙ୍କ ମାଧ୍ୟମରେ ପ୍ରତିନିଧିତ୍ୱ କରାଯାଉଛି, ପ୍ଲଟ ନଂ.୩୫୩/୪୧୫୭, ଜୟଦେବ ବିହାର, ବିଷ୍ଣୁପ୍ରିୟା ଆପାର୍ଟମେଣ୍ଟ ନିକଟ, ଭୁବନେଶ୍ୱର - ୭୫୧୦୧୩, ଜିଲ୍ଲା: ଖୋର୍ଦ୍ଧା ।
୨. **ଶ୍ରୀ ଚିତ୍ତରଞ୍ଜନ ମିଶ୍ର,** ପିତା: ଶ୍ରୀ କୃଷ୍ଣ ଚନ୍ଦ୍ର ମିଶ୍ର, ପ୍ଲଟ ନଂ.୩୫୩/୪୧୫୭, ଜୟଦେବ ବିହାର, ବିଷ୍ଣୁପ୍ରିୟା ଆପାର୍ଟମେଣ୍ଟ ନିକଟ, ଭୁବନେଶ୍ୱର - ୭୫୧୦୧୩, ଜିଲ୍ଲା: ଖୋର୍ଦ୍ଧା ।
୩. **ଶ୍ରୀମତୀ ଏ. ସରୋଜିନୀ,** ସ୍ୱା: ଶ୍ରୀ ଚିତ୍ତରଞ୍ଜନ ମିଶ୍ର, ପ୍ଲଟ ନଂ.୩୫୩/୪୧୫୭, ଜୟଦେବ ବିହାର, ବିଷ୍ଣୁପ୍ରିୟା ଆପାର୍ଟମେଣ୍ଟ ନିକଟ, ଭୁବନେଶ୍ୱର - ୭୫୧୦୧୩, ଜିଲ୍ଲା: ଖୋର୍ଦ୍ଧା ।

**ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ**

ଏହି ନୋଟିସ୍ ଦ୍ୱାରା ଜଣାଇଦିଆଯାଉଛି କି, ଆବେଦନକାରୀ **ଓ.ଏ. ନଂ.୫୦୧/୨୦୨୫** ଦ୍ୱାରା **ଟ.୨୦,୭୮,୭୩୦/-** (କୋଡିଏ ଲକ୍ଷ ଅଠସ୍ତୋରି ହଜାର ସାତ ଶହ ତିରିସି ଟଙ୍କା ମାତ୍ର) ଋଣ ରାଶି ଓ ତତ୍ ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ମାନ୍ୟବର ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଠାରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି । ତେଣୁ ଏତଦ୍ୱାରା ଉପରଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛିକି, ସେମାନେ ଏହି ଖବରକାଗଜ ପ୍ରକାଶନ ତାରିଖର ୩୦ଦିନ ମଧ୍ୟରେ କିମ୍ବା **ତା.୧୭.୦୪.୨୦୨୬ ପୂର୍ବାହ୍ନ ୧୦.୩୦ ଘଟିକା** ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ତାଙ୍କର ପକ୍ଷ ରଖିପାରିବେ ।

ଏହି ନୋଟିସ୍ ଦ୍ୱାରା ଅବଗତ କରାଇଦିଆଯାଉଅଛି ଯେ ଯଦି ଆପଣମାନେ ଏଥିରେ ଖିଲାପ କରନ୍ତି, ତେବେ ଆପଣମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ ।

ଏହି ଟ୍ରିବ୍ୟୁନାଲ୍‌ର ମୋହର ସହ ମୋ ସ୍ୱାକ୍ଷର ଦିନାଙ୍କ ୨୧ ଜାନୁୟାରୀ ୨୦୨୬ରେ ଆଦିଷ୍ଟ ।

ସ୍ୱା/-
ରେଜିଷ୍ଟ୍ରାର (ଭାରପ୍ରାପ୍ତ)



**OFFICE OF THE NOTIFIED AREA COUNCIL, BOUDHGARH**

e-mail: boudhgarhnac@yahoo.co.in, Ph. No.: 06841-222024

No. 315 **EXPRESSION OF INTEREST** Date: 31.1.26

No. 13001/15/2526: Boudhgarh NAC proposes to undertake **"Providing Consultancy Service for preparation of DPR for different projects"**. Proposals are invited to conduct the assignment and submit the deliverables from consulting registered architectural firms that have requisite experience in preparation of DPR for different infrastructure project.

The details of EOI may be accessed and the EOI can be downloaded from the website **www.nacboudhgarh.in** or in person on payment of the required paper cost.

The completed application as per the instructions in the EOI document, should reach the following address by Speed Post/Registered Post/ Courier latest by **3.30 P.M. on dated 11.02.26**.

Boudhgarh NAC reserves the sole right to accept or reject any or all proposals without assigning any reason whatsoever.

Sd./- Executive Officer
NAC, Boudhgarh

OIPR-13001/13155/1/25-26/0015



**ପୌର ପରିଷଦ ହିଞ୍ଜିଳିକାଟୁ**
**HINJILICUT MUNICIPAL COUNCIL**

ହିଞ୍ଜିଳିକାଟୁ, ଜିଲ୍ଲା: ଗଞ୍ଜାମ, ପିନ୍ – ୭୬୧୧୦୨, ଦୂରଭାଷ: ୦୬୮୧୧–୨୮୦୦୨୫, ଟୋଲ୍ ଫ୍ରି: ୧୪୪୨୦
At: Hinjilicut, Dist.: Ganjam, PIN - 761102, Contact: 06811-280025, Toll Free No.: 14420
Email: hinjilicutmunicipality@gmail.com, hinjilimunicipality@gmail.com,
Facebook: Hinjilicut Municipality, Twitter: Hinjilicutmunicipality

Letter No. 558/Dev. Date: 31.01.2026

**QUOTATION CALL NOTICE**

No. 13001/16/2526: Sealed quotations are invited from the Authorized Dealers/Agencies/Suppliers/ Manufactures/for supply of following items for Hinjilicut Municipality.

The rate should be quoted against the item excluding taxes. The quotationers are essentially required to enclose their GST Clearance Certificate, PAN Card, Warranty/Guarantee Certificate. The quotationer shall be required to produce the original copy of the required document before the undersigned at the time of opening of quotation for verification.

The quotationer should submit EMD in shape of Cash/B.D./D.D./T.D.A. pledged in favour of Executive Officer, Hinjilicut Municipality as mentioned detailed below. The quotation paper will be available at the Cash Section from date: 03.02.2026, 10.00 A.M. to 10.02.2026, 05.00 P.M. in the Office hour except holidays. The quotation should receive on or before Dt.11.02.2026 at 5.00 P.M. on Tender Box and the same will be opened on Dt.16.02.2026 at 11 A.M. in presence of respective quotationers or their authorized representatives.

The authority reserves the right to accept, cancel or reject any or all offers without assigning any reason thereof.

| Sl. No. | Description of Items | Paper Cost | EMD |
|---|---|---|---|
| 1 | Supplying & fixing of openable UPVC doors and Windows with color frame of approved make with thick material laminated with glass of approved quality complete with frame, shutter and all fixture, fixing of execution of Aspirational toilet complex under Hinjilicut Municipality | Rs.4000/- | Rs.5000/- |

OIPR-13001/13105/1/25-26/0016 Sd./- Executive Officer, Hinjilicut Municipality



**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर**

**आवश्यक सूचना**



अज्ञात मृतक पुरूष
उम्र–करीब 35 वर्ष

सर्व साधारण को सूचित किया जाता है कि दिनांक–30.01.2026 को समय करीब 12:10 बजे सुन्दरनगर थानान्तर्गत कुदादा स्थित रेलवे ट्रैक (पोल सं0–257/20 से 258/01 के बीच) पर ट्रेन के चपेट में आने से एक अज्ञात पुरूष की मृत्यु हो गई है। शव के पहचान हेतु आसपास के स्थानीय लोगों से पुछताछ किया गया लेकिन अज्ञात पुरूष का शिनाख्त/पहचान नहीं हो पाया है। जिससे उनके परिजनों को सूचित नहीं किया जा सका है।

**अज्ञात मृतक पुरूष का हुलिया निम्न प्रकार है:**–उम्र–लगभग 35 पुरूष, कद–05 फीट 03 इंच, रंग–सॉवला/गेंहुआ, बाल–काला, पहचान चिन्ह–दाहिने ऑख पर कटा का निशान, पहनावा–धियाही रंग का हाफ शर्ट, हल्का आसमानी रंग का बनियान, काला रंग का पुराना फटा हुआ जैकेट, नीला रंग का फटा हुआ फुल पैन्ट तथा काले–भूरा रंग का मौजा।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक ग्रामीण, पूर्वी सिंहभूम, जमशेदपुर : 9470199228
पुलिस उपाधीक्षक, विधि–व्यवस्था : 9431706482
थाना प्रभारी, सुन्दरनगर : 9431706516

वरीय पुलिस अधीक्षक,
पूर्वी सिंहभूम, जमशेदपुर

PR 372246 (Police)25-26*D

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...........................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜି ଭାରତ-ଆଫଗାନିସ୍ତାନ ସେମିଫାଇନାଲ ମ୍ୟାଚ୍

**ହରାରେ,୩।୨(ପି.ଟି.)**

ଚଳିତ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ବୁଧବାର ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଭାରତ ଓ ଆଫଗାନିସ୍ତାନ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଅପରାଜିତ ଥିବା ଭାରତୀୟ ଦଳକୁ ଏହି ମ୍ୟାଚ୍ ଲାଗି ଫେଭରାଇଟ ବିବେଚନା କରାଯାଇଛି। ଭାରତ ଟୁର୍ନାମେଣ୍ଟ ଇତିହାସର ସବୁଠୁ ସଫଳ ଦଳ। ଭାରତ ୨୦୦୦, ୨୦୦୮, ୨୦୧୨, ୨୦୧୮ ଓ ୨୦୨୨ ସଂସ୍କରଣ ଚାମ୍ପିୟନ ହୋଇଥିବା ବେଳେ ଅଷ୍ଟ୍ରେଲିଆ ୪ଥର ଏହି ଟ୍ରଫି ହାତେଇଥିଲା। ଲିଗ୍ ପର୍ଯ୍ୟାୟରେ ସମସ୍ତ ମ୍ୟାଚ୍‌କୁ ସହଜରେ ଜିତିଥିବା ଭାରତୀୟ ଦଳ ପାକିସ୍ତାନ ବିପକ୍ଷ ସୁପର-୬ ମ୍ୟାଚ୍‌କୁ ୫୮ ରନ୍‌ରେ ଜିତି ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଆଫଗାନିସ୍ତାନ ମଧ୍ୟ ଟୁର୍ନାମେଣ୍ଟରେ ଭଲ କରିଛି। ଦଳ ଏପର୍ଯ୍ୟନ୍ତ ୫ରୁ ୪ ମ୍ୟାଚ୍ ଜିତିଛି ଓ କେବଳ ଶ୍ରୀଲଙ୍କାଠାରୁ ପରାସ୍ତ ହୋଇଛି। ଉଇକେଟ୍‌କିପର ବ୍ୟାଟର ଅଭିଜ୍ଞାନ କୁଣ୍ଡୁ ୫ ମ୍ୟାଚ୍‌ରେ ୧୯୯ ରନ୍ କରିଥିବା ବେଳେ ଓପ୍‌ନର ସୂର୍ଯ୍ୟବଂଶୀ ୧୯୬ ଓ ମିଡଲ ଅର୍ଡରରେ ବିହାନ ୧୭୨ ରନ୍ କରିଛନ୍ତି। ଅଧିନାୟକ ଆୟୁଷ ମାହାତ୍ରେ ଖରାପ ଫର୍ମ ଦେଇ ଗତି କରୁଛନ୍ତି। ସେ ଏପର୍ଯ୍ୟନ୍ତ ମାତ୍ର ୯୯ ରନ୍ କରିଛନ୍ତି। ବୋଲିଂ ବିଭାଗରେ ହେନିଲ ପଟେଲ ଓ ଆର୍‌ଏସ୍ ଅମ୍ବ୍ରିଶଙ୍କ ପ୍ରଦର୍ଶନ ଭଲ ରହିଛି। ଏହି ଦୁଇ ପେସର ୧୧ଟି ଲେଖାଏ ଉଇକେଟ ହାତେଇଛନ୍ତି।

# ଏମ୍‌ସିସି ୭୩ ନିୟମ ପରିବର୍ତ୍ତନ କରିବ

**ଲଣ୍ଡନ, ୩।୨(ପି.ଟି.)**

କ୍ରିକେଟ ଆଇନରେ ୭୩ଟି ନିୟମରେ ପରିବର୍ତ୍ତନ କରାଯିବ। ଏକ ବହୁଦିବସୀୟ ମ୍ୟାଚ୍‌ର କୌଣସି ଦିବସର ଶେଷ ଓଭରରେ ଯଦି ଏକ ଉଇକେଟର ପତନ ଘଟେ ତେବେ ଏହି ଓଭରକୁ ଶେଷ କରିବା ବାଧ୍ୟତାମୂଳକ ତନ୍ମଧ୍ୟରେ ଅନ୍ୟତମ। କ୍ରିକେଟ ଆଇନର ପ୍ରଣେତା ମେରିଲବୋନ୍ କ୍ରିକେଟ କ୍ଲବ (ଏମ୍‌ସିସି) ତରଫରୁ ଏହା ଘୋଷଣା କରାଯାଇଛି। ନୂଆ ନିୟମ ଚଳିତବର୍ଷ ଅକ୍ଟୋବରରୁ କାର୍ଯ୍ୟକାରୀ ହେବ। ୨୦୨୨ ପରେ କ୍ରିକେଟ ଆଇନର ନୂଆ ସଂସ୍କରଣ କାର୍ଯ୍ୟକାରୀ କରାଯିବ। ବର୍ତ୍ତମାନ ବଲ୍‌ଗୁଡ଼ିକ ୩ ସାଇଜ୍‌ର ରହିଛି। ପୁରୁଷ ବିଭାଗରେ ସାଧାରଣତଃ ପାରମ୍ପରିକ ସାଇଜ୍-୧ ବଲ୍ ବ୍ୟବହାର କରାଯାଇଆସୁଛି। ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ବିଶ୍ୱରେ ବ୍ୟାଟ୍‌ର ମୂଲ୍ୟ ବୃଦ୍ଧିକୁ ହ୍ରାସ କରିବା ଉଦ୍ଦେଶ୍ୟରେ କେବଳ ଜୁନିୟର କ୍ରିକେଟ ବଦଳରେ ଓପନ୍ ଏଜ୍ କ୍ରିକେଟରେ ଲାମିନେଟେଡ ବ୍ୟବହାରକୁ ଏମ୍‌ସିସି ଆଇନସିଦ୍ଧ କରିଛି।

# ଦୀପକଙ୍କ ମାଉଣ୍ଟ କାଙ୍ଗ୍ରି ଆରୋହଣ


ମାଉଣ୍ଟ କାଙ୍ଗ୍ରି ଆରୋହଣ ଅବସରରେ ଦୀପକ ମହନ୍ତ।

**ଭୁବନେଶ୍ୱର, ୩।୨(ତପନ ସ୍ୱାଇଁ)**

ଯୁବ ପର୍ବତାରୋହୀ ଦୀପକ ମହନ୍ତ ଲଦାଖର ୬୦୭୦ ମିଟରବିଶିଷ୍ଟ ମାଉଣ୍ଟ ଯୁଟି କାଙ୍ଗ୍ରି ଆରୋହଣ କରିଛନ୍ତି। ତାଙ୍କ ଘର କେନ୍ଦୁଝର ଜିଲା କାଶିଆ ଗ୍ରାମରେ ଏବଂ ସେ ଆସା(ଆସୋସିଏଶନ ଫର୍ ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍)ର ସଦସ୍ୟ। ଦୀପକ ପୂର୍ବରୁ ୨୦୨୫ରେ ହିମାଚଳ ପ୍ରଦେଶର ମାଉଣ୍ଟ ୟୁନାମ(୬୧୫୦ ମିଟର) ଏବଂ ୨୦୨୨ରେ ମାଉଣ୍ଟ ସେଥିଦର(୫୮୦୦ ମିଟର) ଆରୋହଣ କରିଥିଲେ। ବେସିକ୍ ଏବଂ ଆଡ୍‌ଭାନ୍ସ ମାଉଣ୍ଟେନରିଂ କୋର୍ସ ଶେଷ କରିବାପରେ ସେ ଭବିଷ୍ୟତରେ ଏଭରେଷ୍ଟ ଆରୋହଣ ଲକ୍ଷ୍ୟ ରଖିଛନ୍ତି। ମାଉଣ୍ଟ କାଙ୍ଗ୍ରି ଆରୋହଣ ପାଇଁ ଦୀପକଙ୍କୁ ରାଜ୍ୟ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଗତ ସୋମବାର ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଆସାର ସମ୍ପାଦକ ତଥା ଏଭରେଷ୍ଟ ଆରୋହୀ ଗଣେଶ ଚନ୍ଦ୍ର ଜେନା, କ୍ରୀଡ଼ା ବିଭାଗର ସିନିୟର ପ୍ରୋଗ୍ରାମ ଅଫିସର ହରେଶ୍ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆସାର କାର୍ଯ୍ୟକାରୀ ସଭାପତି ଅଶୋକ ମହାନ୍ତି, ଉପସଭାପତି ଶକ୍ତିରଞ୍ଜନ ମହାନ୍ତି, ବିକ୍ରମ କିଶୋର ଦାସ, ବିଜୟ କୁମାର ସାସ୍‌ମଲ ଓ କ୍ଷୀରୋଦ କୁମାର ଷଣ୍ଢ ପ୍ରମୁଖ ଦୀପକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶଯୋଗ୍ୟ, ଏହି ଆରୋହଣ ଅବସରରେ ଦୀପକଙ୍କ ଅଙ୍ଗୁଳି ଗୁଡ଼ିକରେ କ୍ଷତ ସୃଷ୍ଟି ହୋଇଥିବା ଜଣାଯାଇଛି।

# ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟରର ସଫଳତା

**ଭୁବନେଶ୍ୱର, ୩।୨ (ବିଜୟ ରଣା)**

ଓଡ଼ିଶା ଏଏମ୍/ଏନ୍‌ଏସ୍ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର ଓ ଗ୍ରାସ୍‌ରୁଟ୍ ସେଣ୍ଟର ଏବଂ ରାଉରକେଲା, ପୁରୀ ଓ ଜୟପୁରରେ ରହିଥିବା ଏହାର ଗ୍ରାସ୍‌ରୁଟ୍ ସେଣ୍ଟରଗୁଡ଼ିକର ଆଥଲେଟମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୩୫ ସ୍ୱର୍ଣ୍ଣ, ୩୪ ରୌପ୍ୟ ଓ ୩୩ ବ୍ରୋଞ୍ଜ ସହ ମୋଟ ୧୦୨ ପଦକ ଜିତିବାରେ ସଫଳ ହୋଇଛନ୍ତି। ପୁରୀରେ ଅନୁଷ୍ଠିତ ୪୪ତମ ଓଡ଼ିଶା ରାଜ୍ୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍‌ରେ ଉଭୟ ପୁରୁଷ ଓ ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସର ବିଭିନ୍ନ ବୟସବର୍ଗ ଓ କାଟେଗୋରୀରେ ଅଂଶଗ୍ରହଣ କରିଥିଲେ। ନିକଟରେ ଲିସ୍‌ବନ୍‌ରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ କଣ୍ଟିନେଣ୍ଟାଲ କପ୍‌ରେ ଭୁବନେଶ୍ୱରସ୍ଥିତ ଓଡ଼ିଶା ଏଏମ୍/ଏନ୍‌ଏସ୍ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର ଆଥଲେଟମାନେ ୨୦ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ରାଜ୍ୟର ଯୁବ ପ୍ରତିଭାଙ୍କ ସମେତ ଏଲିଟ୍ ଆଥଲେଟମାନଙ୍କ ଦକ୍ଷିଣ ବୃଦ୍ଧି କ୍ଷେତ୍ରରେ କେତେଦ ପରିମାଣରେ ପ୍ରତିବଦ୍ଧ ଏଥିରୁ ତାହା ସୂଚୀତ ହେଉଛି।

# ରାମେଶ୍ୱର-ବାପୁଜୀ କ୍ରିକେଟ କ୍ଲବ ଫାଇନାଲ


ଏମ୍.ଜି. ଗୋପାଳ ଓ ଅତୁଲ ସରୱର ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୩।୨(ତପନ ସ୍ୱାଇଁ)**

ମୁନ୍‌ଲାଇଟ୍ ଯୁଥ୍ କ୍ଲବ୍ ଆନୁକୂଲ୍ୟରେ ବିଜେବି କଲେଜ ଗ୍ରାଉଣ୍ଡରେ ଚାଲିଥିବା ୯ମ ନବ ଦାଶ ଓ ୫ମ ପ୍ରଶାନ୍ତ ମହାପାତ୍ର ସ୍ମାରକୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ୨ଟିଯାକ ସେମିଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇଥିବା ରାମେଶ୍ୱର ସ୍ପୋର୍ଟ୍ସ ଓ ବାପୁଜୀ କ୍ରିକେଟ କ୍ଲବ୍ ମଧ୍ୟରେ ଫାଇନାଲ ବୁଧବାର ଅନୁଷ୍ଠିତ ହେବ। ପ୍ରଥମ ସେମିଫାଇନାଲରେ ରାମେଶ୍ୱର ୫୪ ରନ୍‌ରେ ସହିଦ ସ୍ପୋର୍ଟିଂକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ୨୦ ଓଭରରେ ୯ ଉଇକେଟ ହରାଇ ୧୫୨ ରନ୍ କରିଥିଲା। ଦଳ ପକ୍ଷରୁ ଓପ୍‌ନର ଏମ୍‌ଜି ଗୋପାଳ ସର୍ବାଧିକ ୫୩ ରନ୍ କରିଥିଲେ। ବିପକ୍ଷ ଦଳର ପ୍ରିୟବ୍ରତ ବେଉରା ୪ଟି ଓ ସୁଶୀଲ କୁମାର ବାରିକ ୨ଟି ଉଇକେଟ ନେଇଥିଲେ। ୧୫୩ ରନ୍ ବିଜୟ ଲକ୍ଷ୍ୟରେ ସହିଦ ସ୍ପୋର୍ଟିଂ ୧୯.୫ ଓଭରରେ ୯୮ ରନ୍‌କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଦଳର ଏମ୍.ଜି. ଗୋପାଳ ୪ଟି ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଗୋପାଳ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ସେହିପରି ଦ୍ୱିତୀୟ ସେମିଫାଇନାଲରେ ବାପୁଜୀ କ୍ରିକେଟ କ୍ଲବ ୭୯ ରନ୍‌ରେ ବ୍ରହ୍ମପୁରର ଆଲ୍‌ଫାକୁ ହରାଇ ଦେଇଛି। ବାପୁଜୀ କ୍ଲବ ଅତୁଲ ସରୱରଙ୍କ ଅପରାଜିତ ଶତକ ବଳରେ ୨୦ ଓଭରରେ ୫ ଉଇକେଟ ହରାଇ ୧୯୯ ରନ୍ କରିଥିଲା। ଅତୁଲ ସରୱର ମାତ୍ର ୪୭ଟି ବଲ୍‌ର ସମ୍ମୁଖୀନ ହୋଇ ୪ ଚୌକା ଓ ୧୧ ଛକା ବଳରେ ୧୦୩ ରନ୍‌କରି ଅପରାଜିତ ରହିଥିଲେ। ଆର୍ଯ୍ୟଶ୍ରୀ ଭଞ୍ଜ ୩୫ ରନ୍‌ରେ ଅପରାଜିତ ରହିଥିଲେ। ଜବାବରେ ଆଲ୍‌ଫା ଦଳ ୧୭.୨ ଓଭରରେ ୧୨୦ ରନ୍‌କରି ସମସ୍ତ ଉଇକେଟ ହରାଇଥିଲା। ବିଜୟୀ ଦଳ ପକ୍ଷରୁ ଅତୁଲ ସରୱର ୪ଟି ଏବଂ ସୟଦ ଜାକି ଓ ରାକେଶ ପଟ୍ଟନାୟକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଅତୁଲ ସରୱର ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।


# Classified Everyday
**0674-2580101, 9692975378**


## REAL ESTATE
## SALE

Unused 3BHK Flats & 4BHK with servant quarter in heart of Cuttack City. Reserve parking and maximum facilities. Genuine direct buyers preferred. Call 9776226548. D-3271

ପୁରୀ ଶ୍ରୀମନ୍ଦିରଠାରୁ ମାତ୍ର 5 କିଲୋମିଟର ଦୂର ଶ୍ରୀସେତୁ ନିକଟ ମଙ୍ଗରାଜପୁର ଛକରେ 200ଫୁଟ ରାସ୍ତାରୁ ମାତ୍ର 100ମିଟର ଦୂରରେ ଇଲେକ୍ଟ୍ରି ସୁବିଧାଥାଇ ଅତିଶୀଘ୍ର ଘର କରିବାଯୋଗ୍ୟ ପ୍ଲଟ୍ ବର୍ଗଫୁଟକୁ ମାତ୍ର 2400/- ଟଙ୍କା। ଯୋଗାଯୋଗ: 9438109040/ 9438220432. D-3295

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ KEC ପାଖରେ **ready to move 2/3BHK flat** ବିକ୍ରି ହେବ। **8327785834** D-3178

ଭୁବନେଶ୍ୱର ବରମୁଣ୍ଡାରୁ **48km farmhouse land** ପିତୁରୋଡକୁ ଲାଗି ଏକର ୨୮ଲକ୍ଷରେ ବିକ୍ରି ହେବ। **8144706560.** D-3199

ଜମି ବିକ୍ରି- ଅନୁଗୁଳ ରେଳ ଷ୍ଟେଶନ ସାମ୍ନାରେ ପାଚେରି ଥାଇ ଦୁଇ ଗୁଣ୍ଠ ଘରବାରି ପ୍ଲଟ୍ (ନଂ. 742) ବିକ୍ରି ହେବାର ରହିଛି। ଯୋଗାଯୋଗ ନଂ.- 7327957039. D-3293


## CONSTRUCTION

Construct your home with Colour Tile Plaster, Electrical, PHD, Dor complete 1350/- 9827152441. D-3270




All types of physiotherapy and massage contact 9556924059/ 7656969134. D-3245

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3246

## LOST

ମୁଁ ରୁଦ୍ର କିଶୋର ପଧାନ, ପି.- ୰ଜଗନ୍ନାଥ ପଧାନ, ନି.- ବାନିପାଲି, ଥାନା- ସଦର, ଜିଲ୍ଲା- ବଲାଙ୍ଗୀର। ମୋର ନାମରେ ମୌଜା- ବାନିପାଲି, ଖା. ନଂ.- 93/93, ପ୍ଲଟ୍ ନଂ.- 585/990, ଏରିଆ- ଏ. 0.09 ଡେସିମିଲ ଜାଗା ଅଛି। ଉକ୍ତ ପଟ୍ଟାର Sale Deed ଗତ ତା. ୨୦।୦୧।୨୦୨୬ ରିଖ ମୁଁ ବୁରୋମୁଣ୍ଡା ଛକରୁ ଘରକୁ ଫେରିବା ବାଟରେ କେଉଁଠି ହଜାଇ ଦେଇଛି। ବହୁତ ଖୋଜାଖୋଜି କରିବା ପରେ ମଧ୍ୟ ପାଇଲି ନାହିଁ। ଧ-୩୨୯୦

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## AFFIDAVIT

By virtue of an affidavit sworn before the Notary Public, Bhubaneswar, dtd.- 20.5.2025, I, Aparna Mohanty, W/o. Arun Kumar Mohanty permanent resident of At: Qtr. No.- type-II-19/6 near Govt Boys, High School, Ashoka Nagar, Bhubaneswar- 751009 Dist.- Khordha declare that now I have changed my daughter's name from Sruti Priyadarshini Mohanty to Sruti Priyadarshini. Henceforth, she shall be known as Sruti Priyadarshini for all purpose.
Aparna Mohanty
D-3292

By virtue of an affidavit sworn before Notary Public, dated 2nd Feb. 2026, I, Phulmay, Address: At- Lelibadi, Village- Dondili, P.O.- Dondili, Dist.- Rayagada, Odisha, 765017 declare that I have changed my name from Pulame Pedenti to Phulmay. Henceforth, I shall be known as Phulmay for all purposes.
Phulmay
D-3291

ମୁଁ, ଡଲି ସାହୁ, ପିତା- ଉଦୟନାଥ ସାହୁ, ଗ୍ରାମ- ବଧି ମଙ୍ଗଳପୁର, ପିପିଲି, ଜିଲ୍ଲା- ପୁରୀ, ୭୫୨୧୦୪, ଓଡ଼ିଶା ବାସିନ୍ଦା ଅଟେ। ଏହି ସତ୍ୟପାଠ ନମ୍ବର ୧୩୩୦, ତାରିଖ ୨୯।୦୧।୨୦୨୬ ଦ୍ୱାରା ଘୋଷଣା କରୁଛି ଯେ ଏବେଠାରୁ ମୋ ବାପାଙ୍କୁ ଉଦ୍ୟନାଥ ସାହୁ ନାମରେ ଜଣାଯିବ। ଧ-୩୨୯୪

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executive Magistrate, Kodinga, dated 02.02.26, I, Kapildas Pujari, S/o. Dambarudhar Pujari residence of Vill./P.O.- Rajoda, P.S.- Kosagumuda, Dist.- Nabarangpur state that my name is wrongly mentioned as Kapildash Pujari on my SBI Ac. No. vide 36237574628 at SBI Mokia branch. On my Aadhaar No. xxxx xxxx 3065 my name is recorded Kapildas Pujari which is correct. Both Kapildash Pujari and Kapildas Pujari is one and same person.
D-3289

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।


## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୧
ଶ୍ରୀମତୀ କନକଚମ୍ପା ମେହେର, ଓ.ପ୍ର.ସେ. (ଏସ୍.ଏ.ଜି.)
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନଂ. ୪୩/୨୦୨୫
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ତନୁଶ୍ରୀ ତ୍ରିପାଠୀ
...ବାଦୀ/ଦରଖାସ୍ତକାରୀ

ବନାମ

ସ୍ମାର୍ଟ ଲାଇଫଷ୍ଟାଇଲ ମୁଲଟିଟ୍ରେଡ୍ ପ୍ରାଇଭେଟ ଲିମିଟେଡ୍ ଓ ଅନ୍ୟମାନେ
....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ. ୧. ସ୍ମାର୍ଟ ଲାଇଫଷ୍ଟାଇଲ ମୁଲଟିଟ୍ରେଡ ପ୍ରାଇଭେଟ୍ ଲିମିଟେଡ୍, ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଶିବ ଶଙ୍କର ଦାସ, ଅଫିସ ଠିକଣା: ବି-୧୯୦, ପ୍ରାଞ୍ଜଳ ବିହାର, ପୋ- ବରମୁଣ୍ଡା, ବି.ଡି.ଏ କଂପ୍ଲେକ୍ସ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା- ୭୫୧୦୦୩, ୨. ଯୋଗୀ ଖାଁ, ପିତା- ଇସ୍‌ଲାମ ଖାଁ, ଗ୍ରାମ- ବେଣାପଞ୍ଜରୀ, ପୋ- ଦିରୀମେଲଠା, ଜଟଣୀ, ଖୋର୍ଦ୍ଧା, ଓଡ଼ିଶା- ୭୫୨୦୫୦, ୫. ମହମ୍ମଦ ଲୋକମନ, ପିତା- ଲେଟ୍ ମହମ୍ମଦ ଏକରାମ, ଗ୍ରାମ- ବେଣାପଞ୍ଜରୀ, ପୋ- ଦିରୀମେଲଠା, ଜଟଣୀ, ଖୋର୍ଦ୍ଧା, ଓଡ଼ିଶା- ୭୫୨୦୫୦, ୬. ଜାହିର ମହମ୍ମଦ, ପିତା- ନୂର ମହମ୍ମଦ ବାଡ଼ିମାନ, ଗ୍ରାମ- ତରାବୋଇ, ପୋ- ତରାବୋଇ, ଜଟଣୀ, ଖୋର୍ଦ୍ଧା, ଓଡ଼ିଶା- ୭୫୨୦୫୦ ।
....ପ୍ରତିବାଦୀ/ଅପରପକ୍ଷ

ନୋଟିସ

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୧ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ଜାରି ନ ହୋଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୧, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର ଇଜାଲସରେ ଆସନ୍ତା ତା୦୨।୦୩।୨୦୨୬ରିଖ ଦିବା ଘ୧୧.୩୦ମି. ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ଥାନା ନଂ.- ୨୪, ମୌଜା- ମଙ୍ଗରାଜପୁର, ସାବିକ ଖାତା ନଂ. ୧୨୪, ସାବିକ ପ୍ଲଟ୍ ନଂ. ୫୪୮, ରକବା- ଏ.୦.୧୨୪ ଡି ରୁ ଏ.୦.୦୨୨.୯୬ଡି, ସ୍ୱତ୍ୱ-ସ୍ଥିତିବାନ୍, କିସମ- ଶାରଦ ଦୁଇ ।

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ଥାନା ନଂ- ୨୪, ମୌଜା- ମଙ୍ଗରାଜପୁର, ହାଲ୍ ଖାତା ନଂ.- ୧୦୬, ହାଲ୍ ପ୍ଲଟ୍ ନଂ.- ୬୮୩, ରକବା- ଏ.୦.୩୪୦ଡି. ରୁ ଏ.୦.୦୨୨.୯୬ଡି., ସ୍ୱତ୍ୱ- ସ୍ଥିତିବାନ୍, କିସମ- ଶାରଦ ଦୁଇ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଉକ୍ତ ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜାଲସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ତା୨୦।୦୧।୨୦୨୬
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୩୨୮୮


## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



୰ବିଦ୍ୟୁଲତା ବଳିଆରସିଂହ
ଖୁଦୁପୁର, ଜଟଣୀ, ଖୋର୍ଦ୍ଧା
ଆବିର୍ଭାବ : ୨୨.୦୪.୧୯୪୭
ତିରୋଧାନ : ୨୫.୦୧.୨୦୨୬
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ଦୁର୍ଗା ମାଧବ ବଳିଆରସିଂହ ଓ ବନ୍ଧୁ ଏବଂ ପରିବାରବର୍ଗ
ଧ-୩୨୯୬

### ୧୨ ତମ ଶ୍ରାଦ୍ଧବାର୍ଷିକୀ



୰ ପ୍ରଫେସର ଭାଗିରଥୀ ସେନାପତି
ପୂର୍ବତନ କୁଳପତି, ଓୟୁଏଟି
ଆବିର୍ଭାବ : ୦୫.୦୨.୧୯୪୨
ତିରୋଧାନ : ୧୭.୦୨.୨୦୧୪
(ଫାଲଗୁନ, କୃଷ୍ଣପକ୍ଷ ତୃତୀୟା ତିଥି)
ଗ୍ରାମ - ୪୨ମୌଜା, କଟକ
ଶାନ୍ତି ନିବାସ, ଜାଗମରା, ବରବାରି, ଭୁବନେଶ୍ୱର
ଆପଣଙ୍କ ଶ୍ରଦ୍ଧା ଓ ଆଶୀର୍ବାଦ ଆମ ହୃଦୟରେ ଚିରଦିନ ସ୍ମୃତି ହୋଇ ରହିଥାଉ । ଏହି ଶ୍ରାଦ୍ଧଦିବସରେ ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ଶ୍ରୀ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା ।
ପତ୍ନୀ - ଶାନ୍ତିଲତା ସେନାପତି, ବଡ଼ ପୁଅ - ବରେଣ୍ୟ, ପୁତ୍ରବଧୂ - ମୌସୁମୀ, ମଝିଆ ପୁଅ - ପ୍ରଦ୍ୟୁମ୍ନ, ପୁତ୍ରବଧୂ - ଲକ୍ଷ୍ମୀପ୍ରିୟା, କନିଷ୍ଠ ପୁଅ - ପ୍ରସନ୍ନ, ପୁତ୍ରବଧୂ - ଜ୍ୟୋତିର୍ମୟୀ, ଝିଅ - ଚିନ୍ମୟୀ, ଜ୍ୱାଇଁ - ଚିନ୍ମୟ, ନାତି - ଅମ୍ରିତ, ଅର୍ପିତ, ଅଣ୍ଟୁଲ, ସୌୟମ୍, ଶ୍ରେୟାନ, ନାତୁଣୀ - ଶ୍ରଦ୍ଧାସୁମନ ଏବଂ ଆତ୍ମୀୟସ୍ୱଜନ, ପରିବାରବର୍ଗ ସମେତ ବୈଜ୍ଞାନିକ ଡଃ. ଦେବ ପ୍ରସାଦ ମଲ୍ଲିକ, ଓୟୁଏଟି
ଧ-୨୪୧

## ଫୁଲ ଚାଷ



**ସେ**ରାକଲ କିସମର ଗେଣ୍ଡୁଫୁଲ ଚାଷ କରୁଥିଲେ ହେକ୍ଟର ପ୍ରତି ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହ ୧୫୦ କି.ଗ୍ରା. ଯବକ୍ଷାରଜାନ, ୧୫୦ କି.ଗ୍ରା. ଫସ୍‌ଫରସ୍ ଏବଂ ୧୫୦ କି.ଗ୍ରା. ପଟାସ୍ ଆବଶ୍ୟକ। ଲଗାଇବା ସମୟରେ ମୂଳସାର ହିସାବରେ ଅର୍ଦ୍ଧେକ ଯବକ୍ଷାରଜାନ ଏବଂ ସମସ୍ତ ପଟାସ୍ ଓ ଫସ୍‌ଫରସ୍ ଖତ ସହ ମାଟିରେ ପ୍ରୟୋଗ କରନ୍ତୁ । ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । ଗୋଡ଼ିଫୁଲ, ସୂର୍ଯ୍ୟମୁଖୀ ଏବଂ ଜିନିଆ ଚାଷ କରିପାରିବେ । ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର ସେଟିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।

## ଭେଣ୍ଡିର ଉନ୍ନତ କିସମ



**ଭେଣ୍ଡି**ର ଉନ୍ନତ କିସମ ମଧ୍ୟରେ ରହିଛି ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ ଏବଂ ପୁଷା-ଏ-୪। ୬୦ ସେ.ମି. x ୩୦ ସେ.ମି. ଦୂରତାରେ ଭେଣ୍ଡି ଗଛ ଲଗାନ୍ତୁ। ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଜମି ପ୍ରସ୍ତୁତ କରିବା ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହ ପ୍ରୟୋଗ କରନ୍ତୁ । ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ । ପ୍ରତି ୨ ଦିନରେ ଥରେ ଫଳ ତୋଳିବା ଉଚିତ । ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ।

## ସବୁଜ ଗୋଖାଦ୍ୟ ଫସଲ

**ବ**ର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ । ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡ଼ି ଶଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ ,୪୦କି.ଗ୍ରା. ଫସ୍‌ଫରସ୍ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବା ସମ୍ଭବନା ଥିଲେ ଶେଷ ଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡ଼ା ୧.୫ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କି.ଗ୍ରା . ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡି ମକା ପରେ ୨ଧାଡି ବରଗୁଡି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।



# ଡାଲୁଅ ଧାନ ରୋଇବା ପରେ ସାର ପ୍ରୟୋଗ



ଡାଲୁଅ ଧାନ ରୋଇବାର ୧୫-୨୦ ଦିନ ଜମିରେ ନଖବୁଡ଼ା ପାଣି ରଖି ୧୨୦ରୁ କମ୍ ଦିନିଆ ଧାନରେ ହେକ୍ଟର ପ୍ରତି ୩୦ କିଲୋଗ୍ରାମ୍ ଓ ୧୨୦ ଦିନରୁ ଅଧିକ ଦିନିଆ ତଥା ସଙ୍କର କିସମ ଧାନରେ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ ସାର ପିଲସାର ହିସାବରେ ପ୍ରୟୋଗ କରନ୍ତୁ । ପିଲ ଅବସ୍ଥାରେ ୨.୫ ସେ.ମି. ପର୍ଯ୍ୟନ୍ତ ପାଣି ରଖନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋର୍‌ପାଇରିଫସ୍ କିମ୍ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରନ୍ତୁ ।

**ମକା :** ମକା ଲଗାଇବାର ୨୧ ଦିନ ପରେ କୋଡ଼ାଖୁସା କରି ଗଛମୂଳରେ ମାଟିଦେବା ଦରକାର। ଫସଲ ବୁଣିବାର ୩୫ରୁ ୪୫ଦିନ ମଧ୍ୟରେ ଆଉ ଥରେ କୋଡ଼ାଖୁସା କରି ଘାସ ବାଛି ହେକ୍ଟର ପ୍ରତି ୩୦-୪୦ କି.ଗ୍ରା. ଯବକ୍ଷାରଜାନର ଗଛ ମୂଳରେ ଦେଇ ଦ୍ୱିତୀୟ ଥର ହୁଡ଼ା ଟେକି ଦିଅନ୍ତୁ ।

**ଏ ମାସର କୃଷି ସୂଚନା**

**ତୈଳବୀଜ ଜାତୀୟ ଫସଲ ଚିନାବାଦାମ**
ଏହି ଫସଲରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସାକରି ହେକ୍ଟର ପିଛା ୨୫୦ କି.ଗ୍ରା. ଜିପ୍‌ସମ୍ ସାର ପ୍ରୟୋଗ କରନ୍ତୁ (ଯଦି ମୂଳସାର ରୂପେ ଦିଆଯାଇ ନ ଥାଏ) ବିହାରୀ ଶଁବାଳୁଆ ଲାଗିଲେ ସକାଳେ କାକର ଥିବାବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. ହିସାବରେ ୧.୫% କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ଲାମ୍‌ଡା ସାଇହାଲୋଥ୍ରିନ୍ ୨.୫ ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଗହମ :** ଗହମ କାଣ୍ଡ ହଳଦିଆ ପଡ଼ି ଶୁଖି ମଥା ନଇଁଗଲେ ଅମଳ କରନ୍ତୁ ।

**ସୋରିଷ:** ଡେରିରେ ବୁଣାଯାଇଥିବା ସୋରିଷ ଅମଳ କରିଦିଅନ୍ତୁ ।

**ରାଶି :** ଖରାଦିନିଆ ରାଶିକୁ ଫେବୃଆରୀଠାରୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ବୁଣନ୍ତୁ । ହେକ୍ଟର ପ୍ରତି ୭.୫ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା - ଅମ୍ରିତ୍ (୭୫ ଦିନ), ଉମା (୭୫ ରୁ ୮୦ ଦିନ), ନିର୍ମଳା (୮୦ ଦିନ), ପ୍ରାଚୀ (୭୫ ରୁ ୮୦ ଦିନ ) ଓ ଉଷା (୭୫ ରୁ ୮୦ ଦିନ)।

**ସୂର୍ଯ୍ୟମୁଖୀ :** ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସାକରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ। ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରେପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

**ଆଖୁ :** ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସବାଛି କୋଡ଼ାଖୁସା କରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ ।

**ପନିପରିବା:** ପନିପରିବା ଫସଲରେ ଜଉପୋକ ଓ ଫଳବିନ୍ଧା ପୋକ ଦମନ ପାଇଁ ୧ ଲିଟର ପାଣିରେ ଯଥାକ୍ରମେ ୦.୨ ଗ୍ରାମ୍ କ୍ଲୋଥାୟାନିଡିନ୍ ଓ ୦.୩ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

**ଆଳୁ :** ଆଳୁ ଗଛର କାଣ୍ଡ ଶୁଖି ଢଳି ପଡ଼ିଲେ ଆଳୁ ଅମଳ କରନ୍ତୁ । ଆଳୁ ପାକଳହେବା ପାଇଁ ଖୋଳିବା ପୂର୍ବରୁ କାଣ୍ଡଗୁଡ଼ିକୁ କାଟି ଦିଅନ୍ତୁ । ଖଣ୍ଡିଆ, ରୋଗାକ୍ରାନ୍ତ ଓ ସବୁଜ ଦିଶୁଥିବା ଆଳୁ ଗୁଡ଼ିକୁ ଅଲଗା ରଖନ୍ତୁ । ଅମଳ ପରେ ଆଳୁକୁ ୨-୩ ଦିନ ଛାଇରେ ଶୁଖାଇ ଦିଅନ୍ତୁ । ଶୀତଳ ଭଣ୍ଡାରକୁ ନେବା ପୂର୍ବରୁ ୩% ବୋରିକ୍ ଏସିଡ୍‌ରେ ୧୫ ମିନିଟ୍ ବୁଡ଼ାଇ ଶୁଖାଇ ଦିଅନ୍ତୁ।

**ପିଆଜ :** ପିଆଜ ପତ୍ରଗୁଡ଼ିକ ହଳଦିଆ ପଡ଼ିଲେ ପିଆଜ ପାକଳ ହୋଇଯାଇଥାଏ। ଏହି ସମୟରେ ଅମଳ କରନ୍ତୁ। ଅମଳର ୩/୪ ସପ୍ତାହ ପରେ ତାକୁ ସାଇତି ରଖନ୍ତୁ। ଏହାଦ୍ୱାରା ପିଆଜର ଜଳୀୟ ଅଂଶ ଅନେକାଂଶରେ କମିଯାଇଥାଏ ।

**ପୋଟଳ:** ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍‌ସିଲ୍ + ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।

**ଖରାଦିନିଆ ପନିପରିବା**
ଖରାଦିନିଆ ପନିପରିବା ଯଥା - କଲରା, ଜହ୍ନି, ପୋଟଳ, କାକୁଡ଼ି, ବରଗୁଡ଼ି, ଗୁଆଁର, କଖାରୁ, ପୋଇ, ଖଡ଼ା ଇତ୍ୟାଦି ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ । ତରଭୁଜ ଲଗାଇବା ଆରମ୍ଭ କରନ୍ତୁ। ଅନ୍ୟ ପନିପରିବା ଯଥା - ବିଲାତି ବାଇଗଣ, ବନ୍ଧାକୋବି, ମୂଳା ଓ ଗାଜରର ଠିକ୍ ଯତ୍ନ ନିଅନ୍ତୁ ।

**ଅଦା ଓ ହଳଦୀ :** ଅଦା ଓ ହଳଦୀ ଫସଲ ଅମଳ ପାଇଁ ଏହା ପ୍ରକୃଷ୍ଟ ସମୟ । ଜମିର ବତର ଦେଖି ଫସଲ ଅମଳ କରନ୍ତୁ ।

**ଗୋପାଳନ:** ଗୋରୁଙ୍କୁ ନଡ଼ା ଖାଇବାକୁ ଦେବା ପୂର୍ବରୁ ପ୍ରଥମେ ନଡ଼ାକୁ କାଟି ପାଣିରେ ୪ ଘଣ୍ଟା ବତୁରାଇ ଦିଅନ୍ତୁ । ପରେ ନଡ଼ାକୁ ପାଣି ଛଡ଼ାଇ ଶୁଖାଇ ଦିଅନ୍ତୁ। ଏହି ନଡ଼ାକୁ ଖାଇବାକୁ ଦେଲେ ନଡ଼ାରେ ଥିବା ଆକ୍‌ଜାଲିକ୍ ଅମ୍ଳ ପରିମାଣ କମିଥାଏ । ଦୁଧିଆଳୀ ଗାଈକୁ ପ୍ରତ୍ୟେକ ୨.୫ ଲିଟର ଦୁଗ୍ଧ ପାଇଁ ୧ କି.ଗ୍ରା. ସନ୍ତୁଳିତ ମିଶ୍ରିତ ଦାନା ଖାଇବାକୁ ଦିଅନ୍ତୁ । ପ୍ରତ୍ୟେକ ଦିନ ୩୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଗାଈକୁ ଖାଇବାକୁ ଦିଅନ୍ତୁ। ଦାନା ଖର୍ଚ୍ଚ କମାଇବା ସହ ଗାଈମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ରହିବା ପାଇଁ ସବୁଜ ଗୋଖାଦ୍ୟ ଫସଲ ଚାଷ କରନ୍ତୁ ।

**ଛେଳି ପାଳନ:** ଛେଳିମାନଙ୍କୁ ଏଣ୍ଟରୋଟକ୍‌ସିମିଆ ରୋଗ ଏହି ମାସରେ ଦେଖାଯାଇଥାଏ । ଏହାର ପ୍ରତିକାର ପାଇଁ ଏଣ୍ଟରୋଟକ୍‌ସିମିଆ ଟିକା ଛେଳିଙ୍କୁ ଦିଅନ୍ତୁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର

## ଅଧିକ ଅମଳକ୍ଷମ ଡାଲି ଜାତୀୟ ଫସଲ



**ଖ**ରାଦିନେ ଅଧିକ ଅମଳକ୍ଷମ ଡାଲି ଜାତୀୟ ଫସଲ ଯଥା- ମୁଗ କିସମ - ଆଇପିଏମ୍-୦୨-୧୪ (୬୫ ଦିନ), ଆଇପିଏମ୍-୦୨-୩ (୬୫ ଦିନ), ପିଡିଏମ୍-୧୧ (୬୫ ଦିନ), ପିଡିଏମ୍-୫୪ (୬୦ ରୁ ୬୫ ଦିନ), ଦୁର୍ଗା (୬୦ ରୁ ୬୫ ଦିନ), ସମ୍ରାଟ୍ (୬୫ ରୁ ୭୦ ଦିନ), କେ-୮୫୧ (୬୦ ରୁ ୬୫ ଦିନ) ଓ ବିରି କିସମ - ସାରଳା (୬୫ ରୁ ୭୦ ଦିନ), ପିୟୁ-୩୧ (୭୦ ଦିନ), ପିୟୁ-୩୦ (୬୫ ରୁ ୭୦ ଦିନ), ପିୟୁ-୩୫ (୬୫ ରୁ ୭୦ ଦିନ), ପିୟୁ-୧୯(୬୫ ରୁ ୭୦ ଦିନ) ବିହନ ସଂଗ୍ରହକରି ଜମିରେ ବୁଣନ୍ତୁ । ହେକ୍ଟର ପ୍ରତି ୨୫ କିଲୋଗ୍ରାମ୍ ବିହନ ଆବଶ୍ୟକ । ବିହନକୁ ବିଶୋଧନକରି ବୀଜାଣୁ କଲ୍‌ଚର (୫୦୦ ଗ୍ରାମ୍) ଉପଚାରକରି ଧାଡ଼ିରେ ବୁଣନ୍ତୁ ।

## ପୋଟଳରେ ଫୁଲଫଳ ଧରୁଥିଲେ...



ପୋଟଳ ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଦରକାର। କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡୁଥିବା ଲତାର ଫଳକୁ ନିରାପଦରେ ଧରି ରଖେ। ଏହାଦ୍ୱାରା ଫଳଗୁଡିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏ ନାହିଁ। ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗ କରି ଜଳସେଚନ କରନ୍ତୁ। ପୋଟଳରେ କବକଜନିତ ଝାଉଁଳା ରୋଗ ଲାଗିବା ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ମୂଳ ମାଟି ଭିଜାଇ ରଖନ୍ତୁ।

## ଆଖୁ ହୁଡ଼ା ଭାଙ୍ଗିବା ସମୟରେ...



**ଆ**ଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗିଦିଅନ୍ତୁ । ଏହା ଫଳରେ ପୁରୁଣା ଚେର ନଷ୍ଟହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖିଯାଇଥିଲେ ଜଳସେଚନ କରି ହୁଡ଼ା ଭାଙ୍ଗନ୍ତୁ । ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବର ଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ । ଏଥିପାଇଁ ଆଖୁ କାଟିବା ବେଳେ ଆଖୁ ଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ । ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ଏକ କିଗ୍ରା କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ୍ (୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଆଖୁ ଗଛକୁ ଏକ ଧାରୁଆ କଟୁରିରେ ଭୂମି ପଉନ ସହ ସମାନକରି କାଟି ଦିଅନ୍ତୁ । ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ । ଜମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ । ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ ରୁ ଅଧିକ ହେଲେ ଆଖୁ କାଟିବା ଉଚିତ ।

## ହଳଦୀ ଲଗାଇବା ପୂର୍ବରୁ...

**ରୋ**ମା,ସୁରମା,ରଙ୍ଗ,ରଶ୍ମି ନାମକ ଚାରୋଟି ହଳଦୀ କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ। ୧ଏକର ଜମି ପାଇଁ ୮-୧୦କୁଇଣ୍ଟାଲ ହଳଦୀ ଦରକାର ହୁଏ। ଏହି ଖଣ୍ଡଗୁଡ଼ିକୁ ୨-୩ଟି ଆଖି ଥାଇ ୨୦ରୁ ୨୫ଗ୍ରାମ ଓଜନର ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଆ ବିହନ ଆକାରରେ ଲଗାନ୍ତୁ। ଜମିକୁ ଗୁଣ୍ଡ ଚାଷକରି ଏକ ମିଟର ଓସାର, ୧୫ସେ.ମି ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା ରଖି ପଟାଳିମାନ କରନ୍ତୁ। ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ଗ୍ରାମ ମାଙ୍କୋଜେବ୍ ଗୁଣ୍ଡ,୧୦ଗ୍ରାମ୍ କାର୍ବେଣ୍ଡାଜିମ୍ ଗୁଣ୍ଡ ଓ ୫ ମିଲି ମାଲାଥିଅନ୍ ଗୋଳାଇ ଏଥିରେ ପ୍ରାୟ ୫୦କି.ଗ୍ରା ହଳଦୀକୁ ବିଶୋଧନ କରନ୍ତୁ। ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ୧୦ଗାଡ଼ି (୫ଟନ୍) ଓ ହଳଦୀ ଲଗାହେବା ପରେ ସିଆର ଓ ପଟାଳିରେ ୧୦ଗାଡ଼ି ଗୋବର ଖତ ଦିଅନ୍ତୁ। ଏକର ପ୍ରତି ୨୪କି.ଗ୍ରା. ଯବକ୍ଷାରଜାନ,୧୨କି.ଗ୍ରା. ଫସ୍‌ଫରସ, ୩୬କି.ଗ୍ରା. ପଟାସ ୩ଥରରେ ଦିଅନ୍ତୁ। ପ୍ରଥମ ଥର ସମୁଦାୟ ସୁପର ଫସ୍‌ଫେଟ୍ ଓ ଅଧା ମ୍ୟୁରେଟ୍ ଅଫ୍ ପଟାସ ଦେଇ ହଳଦୀ ଲଗାନ୍ତୁ।



# ସଘନ ମାଛଚାଷ

**ମା**ଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲାପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାରର ଜାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ। ଜାତିଆ ମାଛ ଯଥା- ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୂପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ । କାରଣ ବିଭିନ୍ନ ପ୍ରକାରର ମାଛ ଜଳର ବିଭିନ୍ନ ସ୍ତରରୁ ବିଭିନ୍ନ ପ୍ରକାରର ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି । ଏହାଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗ କରି ସୂଚାରୁ ରୂପେ ବଢ଼ିଥାନ୍ତି । ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ। ଏହି ପ୍ରଣାଳୀରେ ହେଉଥିବା ମାଛ ଚାଷକୁ ସଘନ ମାଛଚାଷ କୁହାଯାଏ। କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ଦୁଇ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ। ଫଳରେ ମାଛ ଉତ୍ପାଦନ କମିଯିବ। ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ଟି ଜାତୀୟ ଏବଂ ୩ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ। ସଘନ ମାଛଚାଷ ପାଇଁ ଏକ ଏକର ବିଶିଷ୍ଟ ପୋଖରୀରେ ପ୍ରାୟ ୪୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୨୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଛଡ଼ାଯାଏ। କେବଳ ତିନୋଟି ପ୍ରଜାତିର ମାଛଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ଏକର ପିଛା ୧୨୦୦ ଟି ଭାକୁର, ୧୬୦୦ଟି ରୋହି ଏବଂ ୧୨୦୦ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ। ଚାରୋଟି ପ୍ରଜାତିର ମାଛଚାଷ କରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ଏକର ପିଛା ଭାକୁର ୧୨୦୦ ଟି, ରୋହି ୧୬୦୦ ଟି, ମିରିକାଳି ୮୦୦ ଟି ଏବଂ ବିଲାତି ରୋହି ୪୦୦ ଟି (୨୧-୪୦ ମି.ମି.) ଛାଡ଼ିବାକୁ ହେବ। ଛଅ ପ୍ରକାରର ମାଛ ଚାଷ ପାଇଁ ସାଧାରଣତଃ ଏକର ପିଛା ୮୦୦ ଗୋଟି ଭାକୁର ଓ ୪୦୦ ଗୋଟି ସିଲ୍‌ଭର କାର୍ପ, ୧୨୦୦ ଗୋଟି ରୋହି ଓ ୪୦୦ ଗୋଟି ଗ୍ରାସ୍ କାର୍ପ ଓ ୮୦୦ ଗୋଟି ମିରିକାଳି ଓ ୪୦୦ ଗୋଟି ବିଲାତି ରୋହି ଛଡ଼ାଯାଇଥାଏ।



## କୁକୁଡ଼ା ପାଳନ



**ବା**ର୍ଡ ଫ୍ଲୁ ରୋଗ ଦମନ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ। ଦିନରେ ବାୟୁମଣ୍ଡଳର ଉତ୍ତାପ ଅଧିକ ଥିବାରୁ ବ୍ରଏଲର କୁକୁଡ଼ା ଚିଆଁ ପାଳନ ପାଇଁ କମ୍ ଉତ୍ତାପ ଦିଅନ୍ତୁ (ଆବଶ୍ୟକ ୩୫୦ ସେଣ୍ଟିଗ୍ରେଡ୍)। କୁକୁଡ଼ା ଛୁଆମାନେ ଉତ୍ତାପ ଉତ୍ସ ତଳେ ରହିଲେ ଉତ୍ତାପ ବଢ଼ାନ୍ତୁ ଓ ଉତ୍ତାପ ଉତ୍ସଠାରୁ ଦୂରରେ ରହିଲେ ଉତ୍ତାପ କମ୍ କରିଦିଅନ୍ତୁ। ୭ ଦିନର କୁକୁଡ଼ା ଛୁଆମାନଙ୍କୁ ରାଣୀକ୍ଷେତ ରୋଗ ଓ ୧୫ ଦିନର ଛୁଆମାନଙ୍କୁ ଆଇବିଡି ରୋଗ ଟିକା ଦିଅନ୍ତୁ। ନିମ୍ନଲିଖିତ ଲକ୍ଷଣମାନ ଦେଖାଦେଲେ ବାର୍ଡଫ୍ଲୁ ରୋଗ ହେବା ସୂଚନା ମିଳିଥାଏ। କୁକୁଡ଼ା ଦୁର୍ବଳ ଦେଖାଯାଏ, ପର ଅସଜଡ଼ା ପରି ଲାଗେ, ଅଣ୍ଡାଦିଆ କୁକୁଡ଼ା ଅଣ୍ଡା ଦେବା କମ୍ କରିଦିଏ, ନାକରୁ ପତଳା ସିଘାଂଣି ବାହାରିବା ସହ ଛିଙ୍କ ତଥା ପତଳା ପାଣି ପରି ଝାଡ଼ା ହୁଏ, ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କ ଚୂଳ, ୱାଟଲ୍ ଓ ଆଖି ଚାରିପାଖ ଫୁଲିଯାଏ, ଚୂଳ ନୀଳ ପଡ଼ିବା ସହି ରକ୍ତଛିଟା ଚିହ୍ନ ଦେଖାଦେଲେ କିମ୍ବା ମୁହଁ ବା ମୁଣ୍ଡ ଫୁଲିଯିବା ଆଦି ଉପସର୍ଗ ମାନ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

ଧରିତ୍ରୀ
DHARITRI
ଧରିତ୍ରୀ 52 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଫେବୃଆରୀ ୪/୨୦୨୬ Bhubaneswar, Wednesday, February 4/ 2026




# ଅନୁରାଧା ବିଶ୍ୱାଳଙ୍କୁ ସମ୍ମାନସୂଚକ ଡକ୍ଟରେଟ୍




ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ଅଲିମ୍ପିଆନ ଆଥଲେଟ୍ ଅନୁରାଧା ବିଶ୍ୱାଳଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରୁଛନ୍ତି । ନିକଟରେ ଅଛନ୍ତି ରାଜ୍ୟପାଳ ହରିବାବୁ କମ୍ଭମ୍ପାଟି ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ଏଥିରେ ଅନୁରାଧା ଖୁସି ଜାହିର କରିବା ସହ ପ୍ରଭୁ ଜଗନ୍ନାଥ, ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ନିଯୁକ୍ତି ସଂସ୍ଥା ନାଲ୍କୋ, ମା' ନିବେଦିତା ଏବଂ ପରିବାରବର୍ଗଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ବେଙ୍ଗାଲୁରୁ-ଦିଲ୍ଲୀ ଫାଇନାଲ

**ଭଦୋଦରା,୩।୨**

ଚଳିତ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ମଙ୍ଗଳବାର ଖେଳାଯାଇଥିବା ଏଲିମିନେଟର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୭ ଉଇକେଟରେ ଗୁଜରାଟ ଜାଏଣ୍ଟ୍ସକୁ ପରାସ୍ତ କରିଛି । ଏହି ବିଜୟ ସହ ଦିଲ୍ଲୀ ରେକର୍ଡ ଚତୁର୍ଥ ଥର ପାଇଁ ଫାଇନାଲରେ ପ୍ରବେଶ କରିଛି । ୫ ତାରିଖରେ ହେବାକୁ ଥିବା

**ଡବ୍ଲ୍ୟୁପିଏଲ୍**

ଫାଇନାଲରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ଦିଲ୍ଲୀ ଭେଟିବ ।

ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୬୮ ରନ କରିଥିଲା । ଦଳ ପାଇଁ ଓପନର ବେଥ ମୁନି ୫୧ ବଲ୍‌ରେ ଅପରାଜିତ ୬୨ (୬ ଚୌକା), ଜର୍ଜିଆ ୱାରେହାମ ୨୫ ବଲରେ ୩୫ (୩ ଚୌକା ଓ ୧ ଛକା), କାଶଭି ଗୌତମ ୧୮ (୩ ଚୌକା) ରନ କରିଥିଲେ । ଦିଲ୍ଲୀ ପାଇଁ ବୋଲିଂରେ ଚିନେଲ ହେନରୀ ୩ ଓ ନନ୍ଦିନୀ ଶର୍ମା ୨ ଉଇକେଟ ନେଇଥିଲେ । ଜବାବରେ ଦିଲ୍ଲୀକୁ ଲିଜେଲ ଲି ଓ ଶେଫାଳି ବର୍ମା ୮୯ ରନର ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ । ଦୁଇ ଓପନରଙ୍କୁ ୱାରେହାମ ଅଷ୍ଟମ ଓଭରରେ ପାଭିଲିଅନ ପଠାଇଥିଲେ । ଲିଜେଲ ୨୪ ବଲରେ ୪୩ (୮ ଚୌକା ଓ ୧ ଛକା) ଓ ଶେଫାଳି ୨୧ ବଲରେ ୩୧ (୭ ଚୌକା) ରନ କରି ଆଉଟ୍ ହୋଇଥିଲେ । ଏହାପରେ ଲୌରା ୱୋଲଭାର୍ଡଟ ଓ ଅଧିନାୟିକା ଜେମିମା ରୋଡ୍ରିଗ୍ସ ତୃତୀୟ ଉଇକେଟରେ ୭ ଓଭରରେ ୬୮ ରନ ଯୋଡ଼ି ଦଳର ବିଜୟ ନିଶ୍ଚିତ କରିଥିଲେ । ଜେମିମା ୨୩ ବଲରେ ୪ ଚୌକା ଓ ୧ ଛକା ସହ ୪୩ ରନ କରି ଆଉଟ୍ ହୋଇଥିବା ବେଳେ ୱୋଲଭାର୍ଡଟ ଅପରାଜିତ ୩୨ (୨ ଚୌକା ଓ ୧ ଛକା) ରନ କରି ଦଳକୁ ଜିତାଇଥିଲେ । ଦିଲ୍ଲୀ ୧୫.୪ ଓଭରରେ ୩ ଉଇକେଟ ହରାଇ ୧୬୯ ରନ କରି ନେଇଥିଲା ।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଜେମିମା ରୋଡ୍ରିଗ୍ସ ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଜାଏଣ୍ଟ୍ସ: ୨୦ ଓଭରରେ ୧୬୮/୭ (ବେଥ ମୁନି-୬୨*, ଜର୍ଜିଆ ୱାରେହାମ-୩୫, ଚିନେଲ ହେନରୀ-୩/୩୫, ନନ୍ଦିନୀ ଶର୍ମା-୨/୪୪) । ଦିଲ୍ଲୀ କ୍ୟାପିଟାଲ୍ସ: ୧୫.୪ ଓଭରରେ ୧୬୯/୩ (ଲିଜେଲ ଲି-୪୩, ଜେମିମା ରୋଡ୍ରିଗ୍ସ-୪୧, ଶେଫାଳି ବର୍ମା-୩୧, ଲୌରା ୱୋଲଭାର୍ଡଟ-୩୨*, ଜର୍ଜିଆ ୱାରେହାମ-୨/୨୮) ।

# ପିସିବି ବିରୋଧରେ ପ୍ରସାରଣକାରୀ ସଂସ୍ଥା କୋର୍ଟଙ୍କ ଦ୍ୱାରସ୍ଥ ହୋଇପାରେ

**ନୂଆଦିଲ୍ଲୀ/କରାଚୀ,୩।୨(ପି.ଟି.)**

ଆସନ୍ତା ୧୫ ତାରିଖରେ ଭାରତ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚ୍ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିବା ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ବିରୋଧରେ ପ୍ରସାରଣକାରୀ ସଂସ୍ଥା ଜିଓଷ୍ଟାର କୋର୍ଟଙ୍କ ଦ୍ୱାରସ୍ଥ ହୋଇପାରେ । ଏ ନେଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଚେତାବନୀ ଦେଇଛି । ସରକାରଙ୍କ ନିର୍ଦ୍ଦେଶକ୍ରମେ ପାକିସ୍ତାନ ଭାରତ ବିପକ୍ଷ ମ୍ୟାଚ୍‌କୁ ବୟକଟ୍ କରିବାକୁ ନିଷ୍ପତ୍ତି ନେଇଛି । ହେଲେ ଏପର୍ଯ୍ୟନ୍ତ ମ୍ୟାଚ୍ ବର୍ଜନ ପଛର କାରଣ ପ୍ରକାଶ କରାଯାଇନାହିଁ ।

ଏକ ରିପୋର୍ଟ ମୁତାବକ, ପାକିସ୍ତାନକୁ ମିଳୁଥିବା ବାର୍ଷିକ ରାଜସ୍ୱର ଅଂଶକୁ ସମ୍ପୂର୍ଣ୍ଣ ରୂପେ ଆଇସିସି କାଟ୍ କରିପାରେ, ଯାହାକି ପାଖାପାଖି ୩୫ ମିଲିଅନ ଆମେରିକୀୟ ଡଲାର । ଏହି ଅର୍ଥକୁ ପ୍ରସାରଣକାରୀ ସଂସ୍ଥାକୁ ଦିଆଯାଇପାରେ । ଯଦି ପାକିସ୍ତାନ ନିଜ ଜିଦ୍‌ରେ ଅଟଳ ରୁହେ ଓ ଭାରତ ବିପକ୍ଷରେ ଖେଳିବାକୁ ମନାକରେ, ତେବେ ପିସିବିକୁ ଆର୍ଥିକ ପ୍ରତିବନ୍ଧକ ସହ ପ୍ରସାରଣକାରୀ ସଂସ୍ଥା ସହ ଆଇନଗତ ଲଢ଼େଇ କରିବାକୁ ପଡ଼ିବ । କିନ୍ତୁ ଆଇସିସି ଡିସ୍‌ପ୍ୟୁଟ୍ ରିଜୋଲ୍ୟୁଶନ କମିଟି(ଡିଆର୍‌ସି)ରେ କରାଯାଇଥିବାର ଆବେଦନ ବିଫଳ ହେବ । ଆଇସିସିର ଡିଆର୍‌ସି ଏକ ଆନ୍ତଃ କମିଟି, ଯାହା ବୋର୍ଡ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିର ଶୁଣାଣି କରେନାହିଁ । ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପିସିବିକୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ । ପ୍ରଥମତଃ, ସେମାନେ ନ୍ୟୁଟ୍ରାଲ ଭେନ୍ୟୁରେ ଖେଳୁଛନ୍ତି, ଯାହାକି ପାକିସ୍ତାନର ଇଚ୍ଛା ଥିଲା । ଦ୍ୱିତୀୟତଃ, ଭାରତ ସରକାର କୌଣସି ଦଳକୁ ପାକିସ୍ତାନରେ ଖେଳିବାକୁ ଅନୁମତି ଦେଉ ନ ଥିଲେ ମଧ୍ୟ ଏସିଆ କପ୍ କିମ୍ବା ଆଇସିସି ଇଭେଣ୍ଟରେ ପାକିସ୍ତାନ ବିପକ୍ଷରେ ଖେଳିବାକୁ ମନା କରିନାହିଁ । ଭାରତ ବିପକ୍ଷ ମ୍ୟାଚ୍ ବର୍ଜନ କରିବା ସମ୍ପର୍କରେ ପିସିବି ଏପର୍ଯ୍ୟନ୍ତ ଆଇସିସିକୁ ଲିଖିତ ଆକାରରେ ଜଣାଇନାହିଁ । ଆଇସିସି ପକ୍ଷରୁ ୪ ବର୍ଷ ମଧ୍ୟରେ ହେବାକୁଥିବା ସମସ୍ତ ଇଭେଣ୍ଟ ଲାଗି ପ୍ରସାରଣକାରୀ ସଂସ୍ଥା ସହ ଚୁକ୍ତି କରିଥିଲା । ଏହି ଚୁକ୍ତିରେ ଭାରତ ଓ ପାକିସ୍ତାନ ମ୍ୟାଚ୍ ସାମିଲ ଥିଲା ।

# ଭାରତରେ ହେବ ଏସିଆନ ଅଲିମ୍ପିକ୍ କ୍ୱାଲିଫାଇଂ ଚାମ୍ପିୟନଶିପ୍

**ନୂଆଦିଲ୍ଲୀ, ୩।୨(ପି.ଟି.)**

ଆସନ୍ତା ବର୍ଷ ଦିଲ୍ଲୀରେ ହେବ ଏସିଆନ ରାଇଫଲ/ପିସ୍ତଲ ଚାମ୍ପିୟନଶିପ୍ । ଏଥିରେ ଲସ୍‌ଏଞ୍ଜେଲ୍ସ ୨୦୨୮ ଅଲିମ୍ପିକ୍ସ ପାଇଁ ୮ କୋଟା ନିରୂପିତ ହେବ । ଦେଶର ଶୁଟିଂ କ୍ୟାଲେଣ୍ଡରରେ ଏହା ପ୍ରଥମ । ଏହା ବ୍ୟତୀତ ଆସନ୍ତାବର୍ଷ ଏପ୍ରିଲ ୨୧ରୁ ୩୦ ଦିଲ୍ଲୀରେ ହେବାକୁଥିବା ବିଶ୍ୱକପ୍ (ରାଇଫଲ/ପିସ୍ତଲ/ଶଟ୍‌ଗନ୍)ରେ ୧୨ଟି କୋଟା ହାସଲର ସୁଯୋଗ ରହିଛି । ଭାରତକୁ ଏସିଆନ୍ ଇଭେଣ୍ଟ ଆୟୋଜନର ଅଧିକାର ମିଳିଥିବା ବିଷୟ ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ(ଏନ୍‌ଆର୍‌ଏଆଇ) ସଭାପତି କଳିକେଶ ସିଂଦେଓଙ୍କୁ ଏସିଆନ ଶୁଟିଂ କନ୍‌ଫେଡେରେଶନ ଏକ ଚିଠି ଜରିଆରେ ସ୍ପଷ୍ଟ କରିଦିଆଯାଇଛି ।

# ସାବାଲେଙ୍କା ନମ୍ବର ୱାନ୍ ରହିଲେ

**ମେଲ୍‌ବୋର୍ନ, ୩।୨(ଏପି)**

ଅଷ୍ଟ୍ରେଲିଆନ୍ ଓପନ୍ ଫାଇନାଲରେ ୨୪ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ନୋଭାକ୍ ଜୋକୋଭିଚ୍‌ଙ୍କ ବିପକ୍ଷରେ ବିଜୟ ହାସଲ କରିବା ପରେ କାର୍ଲୋସ ଅଲ୍‌କାରାଜ ସିଙ୍ଗଲ୍ସରେ ଏକ କ୍ୟାରିୟର ଗ୍ରାଣ୍ଡସ୍ଲାମ ପୂରା କରିଥିଲେ । ମାତ୍ର ମ୍ୟାଚ୍ ପରାଜୟ ସତ୍ତ୍ୱେ ଜୋକୋଭିଚ୍‌ଙ୍କୁ ଏକ ସାନ୍ତ୍ୱନା ମିଳିଛି । ୨୦୨୪ ଅଗଷ୍ଟ ପରେ ଏହି ୩୮ ବର୍ଷୀୟ ସର୍ବୀୟ ଟେନିସ୍ ଷ୍ଟାର ପ୍ରଥମଥର ଶ୍ରେଷ୍ଠ ୩ ମଧ୍ୟରେ ସ୍ଥାନ ପାଇଛନ୍ତି । ଅଲ୍‌କାରାଜ ପ୍ରଥମ ସ୍ଥାନ ବଜାୟ ରଖିଥିବା ବେଳେ ଜାନିକ ସିନର ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ମେଲବୋର୍ନ ପାର୍କରେ ସେମିଫାଇନାଲରେ ସିନରଙ୍କୁ ପରାସ୍ତକରି ଜୋକୋଭିଚ୍ ଫାଇନାଲରେ ପ୍ରବେଶ କରିଥିଲେ । ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସ ଫାଇନାଲରେ ଏଲିନା ରିବାକିନାଙ୍କଠାରୁ ଆରିନା ସାବାଲେଙ୍କା ପରାଜିତ ହୋଇଥିଲେ ସୁଦ୍ଧା ଡବ୍ଲ୍ୟୁଟିଏ ଟୁର୍‌ରେ ତାଙ୍କ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି । ରିବାକିନା ଦୁଇ ସ୍ଥାନ ପଦୋନ୍ନତି ସହ ୩ୟ ସ୍ଥାନ ଅଧିକାର କରିଥିବା ବେଳେ ଇଗା ସ୍ୱିଟେକ୍ ଦ୍ୱିତୀୟ ସ୍ଥାନରେ ଅଛନ୍ତି । ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ରେ ସ୍ୱିଟେକ୍‌ଙ୍କ ପଛକୁ ୩ଜଣ ଆମେରିକୀୟ ଅଛନ୍ତି । ସେମାନେ ହେଲେ ଆମାଣ୍ଡା ଆନିସିମୋଭା(୪ର୍ଥ), କୋକୋ ଗଫ୍(୫ମ) ଓ ଅଷ୍ଟ୍ରେଲିଆନ୍ ଓପନ୍ ସେମିଫାଇନାଲିଷ୍ଟ ଜେସିକା ପେଗୁଲା । ମେଲ୍‌ବୋର୍ନ ପାର୍କଠାରେ ସାବାଲେଙ୍କାଙ୍କଠାରୁ ସେମିଫାଇନାଲରେ ପରାଜିତ ହୋଇଥିବା ଏଲିନା ସ୍ୱିତୋଲିନା ଦୁଇ ସ୍ଥାନ ପଦୋନ୍ନତି ସହ ୧୦ମ ସ୍ଥାନ ଅଧିକାର କରିଛନ୍ତି ।

# ପ୍ରୀତିଶାଙ୍କୁ ଡବ୍ଲ୍ୟୁଆଇଏମ୍ ଟାଇଟଲ




ପ୍ରୀତିଶାଙ୍କୁ ଡବ୍ଲ୍ୟୁଆଇଏମ୍ ଟାଇଟଲ ପ୍ରମାଣପତ୍ର ପ୍ରଦାନ କରାଯାଉଛି ।

**ଭୁବନେଶ୍ୱର, ୩।୨(ତପନ ସ୍ୱାଇଁ)**

ସମ୍ପ୍ରତି ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଦିଲ୍ଲୀର ପ୍ରୀତିଶା ଗୁପ୍ତାଙ୍କୁ ମଙ୍ଗଳବାର ବିଧିବଦ୍ଧଭାବେ ମହିଳା ଅନ୍ତର୍ଜାତୀୟ ମାଷ୍ଟର (ଡବ୍ଲ୍ୟୁଆଇଏମ୍) ଟାଇଟଲ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ମାତ୍ର ୧୪ ବର୍ଷ ବୟସରେ ଏହି ସଫଳତା ପାଇଥିବା ପ୍ରୀତିଶା ୨୦୨୫ ଜୁଲାଇରେ ଅନୁଷ୍ଠିତ ଟ୍ରୋଫେ ଡୋଲେ ପାସିନୋ ଗ୍ରାଣ୍ଡ ଓପନ ଟୁର୍ନାମେଣ୍ଟରେ ପ୍ରଥମ ଡବ୍ଲ୍ୟୁଆଇଏମ୍ ନର୍ମ ହାସଲ କରିଥିଲେ । ସର୍ବିୟାର ସେଣ୍ଟାରେ ଅନୁଷ୍ଠିତ ଗ୍ରାଣ୍ଡମାଷ୍ଟର୍ସ ମିକ୍ସ ୨୨ ଫାଣ୍ଟାଷ୍ଟିକୋ ପ୍ରତିଯୋଗିତାରେ ଦ୍ୱିତୀୟ ଏବଂ ଗ୍ରାଣ୍ଡମାଷ୍ଟର୍ସ ମିକ୍ସ ୧୩ ଫାଣ୍ଟାଷ୍ଟିକୋରେ ତୃତୀୟ ନର୍ମ ପାଇଥିଲେ । ଚେକ୍ ରିପବ୍ଲିକ୍‌ରେ ଅନୁଷ୍ଠିତ ଟେପଲିସ ଓପନ ଚେସ୍‌ରେ ୨୨୦୦ ଏଲୋ ରେଟିଂ ଅତିକ୍ରମ କରିଥିଲେ । ୨୦୨୫ ଅଗଷ୍ଟରେ ପ୍ରୀତିଶା ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ବିଶ୍ୱର ନମ୍ବରୱାନ୍ ର୍‍ୟାଙ୍କ୍‌ପ୍ରାପ୍ତ ହୋଇଥିଲେ । ୨୦୨୬ ଫିଡେ ରେଟିଂ ତାଲିକା ଅନୁସାରେ ଏବେ ସେ ୧୫ ବର୍ଷରୁ କମ୍ ବର୍ଗରେ ନଂ.୧ ଅଛନ୍ତି । ୨୦୨୫ରେ ସେ ୧୬ ବର୍ଷରୁ କମ୍ ରାଜ୍ୟଗୋଷ୍ଠୀ ଚେସ୍ ଚାମ୍ପିୟନ ହୋଇଥିଲେ । ଡବ୍ଲ୍ୟୁଆଇଏମ୍ ନର୍ମ ହାସଲ କରିଥିବାରୁ ପ୍ରୀତିଶାଙ୍କୁ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ ଅଭିନନ୍ଦନ ଜଣାଇଛନ୍ତି ।

**ଏସିଆନ୍ ଇନ୍‌ଡୋର ଆଥ୍‌ଲେଟିକ୍ସ**

# କିଟ୍‌ରୁ ଭାଗନେବେ ୯ ଆଥ୍‌ଲେଟ

**ଭୁବନେଶ୍ୱର, ୩।୨(ତପନ ସ୍ୱାଇଁ)**

ଚାଇନାର ଟିଆନଜିନ୍‌ରେ ଚଳିତ ମାସ ୬ରୁ ୮ ପର୍ଯ୍ୟନ୍ତ ହେବାକୁଥିବା ୧୨ଶ ଏସିଆନ୍ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ କିଟ୍ ବିଶ୍ୱବିଦ୍ୟାଳୟର ୯ ଆଥ୍‌ଲେଟ ଅଂଶଗ୍ରହଣ କରିବେ । ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ(ଏଏଫ୍‌ଆଇ) ପକ୍ଷରୁ ଘୋଷିତ ୧୭ ଜଣିଆ ଆଥ୍‌ଲେଟ୍ ଦଳରେ ଏହି ୯ ଜଣ ସାମିଲ । କିଟ୍ ଆଥ୍‌ଲେଟଙ୍କ ମଧ୍ୟରେ ମଣିକାନ୍ତ ହୋବିଲଧର ପୁରୁଷ ୬୦ ମିଟର ରେସ୍, ତେଜାଶ ଶିର୍‌ସେ ପୁରୁଷ ୬୦ ମିଟର ହର୍ଡଲ୍ସ, ପ୍ରଭିନ ଚିଥ୍ରାଭେଲ ପୁରୁଷ ଲଙ୍ଗ୍‌ଜମ୍ପ, ସମରଦୀପ ସିଂ ଗିଲ୍ ପୁରୁଷ ଶଟ୍‌ପୁଟ, ତାଜିନ୍ଦରପାଲ ସିଂ ତୁର୍ ପୁରୁଷ ଶଟ୍‌ପୁଟ୍, ତେଜସ୍ୱିନ ଶଙ୍କର ପୁରୁଷ ହେପ୍ଟାଥଲନ୍, ମୌମିତା ମଣ୍ଡଳ ମହିଳା ୬୦ ମିଟର ହର୍ଡଲ୍ସ ଓ ଲଙ୍ଗ୍‌ଜମ୍ପ, ପ୍ରଜ୍ଞା ପ୍ରଶାନ୍ତି ମହିଳା ୬୦ ମିଟର ହର୍ଡଲ୍ସ ଏବଂ ଆନ୍‌ସି ସୋଜାନ ଏଡାପ୍ପିଲି ମହିଳା ଲଙ୍ଗ୍‌ଜମ୍ପରେ ଭାଗନେବେ । ଏହି ସମସ୍ତ ଆଥ୍‌ଲେଟ୍‌ଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି ।



ପଞ୍ଜାବରେ ଅନୁଷ୍ଠିତ ୭ମ ଜାତୀୟ ଦିବ୍ୟାଙ୍ଗ ତୀରନ୍ଦାଜୀ ଚାମ୍ପିୟନଶିପର ୫୦ ମିଟର ଦୂରତା ବର୍ଗରେ ରୌପ୍ୟ ଓ ୫୦ ମିଟର କମ୍ପାଉଣ୍ଡ ଅଲିମ୍ପିକ୍ ରାଉଣ୍ଡରେ ବ୍ରୋଞ୍ଜ ପଦକ ହାସଲ କରିଥିବା ଓଡ଼ିଶାର ଦିବ୍ୟାଙ୍ଗ ତୀରନ୍ଦାଜ ପାୟଲ ନାଗ ।

**ଜାତୀୟ ପାରା ତୀରନ୍ଦାଜୀ**

# ପାୟଲଙ୍କୁ ରୌପ୍ୟ, ବ୍ରୋଞ୍ଜ ପଦକ

**କଟକ,୩।୨(କୁମାରଶ୍ରୀ)**

ସାହସ, ଦୃଢ଼ ଇଚ୍ଛାଶକ୍ତି ବଳରେ ଅସାଧାରଣ ପ୍ରଦର୍ଶନ କରି ୭ମ ଏନଟିପିସି ଜାତୀୟ ପାରା ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ବଲାଙ୍ଗୀରର ଝିଅ ପାୟଲ ନାଗ । ପଞ୍ଜାବର ପଟିଆଲାରେ ଆୟୋଜିତ ଏହି ଚାମ୍ପିୟନଶିପରେ ସେ କମ୍ପାଉଣ୍ଡ ରାଉଣ୍ଡର ର୍‍ୟାଙ୍କିଂ ଇଭେଣ୍ଟରେ ରୌପ୍ୟ ଏବଂ ବ୍ୟକ୍ତିଗତ ଅଲିମ୍ପିକ ଇଭେଣ୍ଟରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି । ବିଦ୍ୟୁତ ଆଘାତରେ ଉଭୟ ହାତ ଏବଂ ଗୋଡ ହରାଇଥିବା ପାୟଲ ଏବେ ଜଣେ ଉଦୀୟମାନ ତୀରନ୍ଦାଜ ତାରକା ଭାବେ ଉଭା ହୋଇଛନ୍ତି । ଏହି ସଫଳତା ନେଇ ଓଡ଼ିଶା ତୀରନ୍ଦାଜ ସଂଘ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ପାୟଲଙ୍କୁ ଅଭିନନ୍ଦନ ଜଣାଯାଇଛି । ପ୍ରକାଶଯୋଗ୍ୟ, ଖ୍ୟାତନାମା ପ୍ରଶିକ୍ଷକ କୁଲଦୀପ ଭେଦୱାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାୟଲ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି । କଠୋର ତାଲିମ ମାଧ୍ୟମରେ ତୀରନ୍ଦାଜୀର ଅନନ୍ୟ କଳାକୌଶଳ ସେ ହାସଲ କରିଛନ୍ତି ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ